# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୧/୨୦୨୧ (୨୦ ପୃଷ୍ଠା) | Bhubaneswar, Saturday, September 11/2021 | ★★★★

୪୭ଶ ଭାଗ ୨୮୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-





# 'ଦୁଷ୍ମନ୍ତ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ହେଉ'

ଭୁବନେଶ୍ୱର, ୧୦।୯(ବ୍ୟୁରୋ)

## ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁ କରିବାକୁ ଭାଜପାର ଦାବି

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସଙ୍କ ମୃତ୍ୟୁ ଘଟଣାକୁ ନେଇ ରାଜନୈତିକ ପାଣିପାଗ ସରଗରମ ହୋଇଛି। ସରକାରୀ ସହାୟତା ନ ପାଇବାର ଅଭିଯୋଗ ଆଣି ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରି କଟକ ବଡ଼ମେଡିକାଲରେ ଆଖିବୁଜିଥିଲେ ଦୁଷ୍ମନ୍ତ। ଏହି ଘଟଣା ବିରୋଧୀଙ୍କ ପାଇଁ ବଡ଼ ଅସ୍ତ୍ର ପାଲଟିଛି। ଦୁଷ୍ମନ୍ତଙ୍କ ମୃତଦେହକୁ କାହିଁକି ତରବରିଆ ଭାବେ ବ୍ୟବଚ୍ଛେଦ କରି ରାତିଅଧିଆ ପୁରୀ ସ୍ୱର୍ଗଦ୍ୱାରରେ ସତ୍କାର କରିଦିଆଗଲା, ତାହାକୁ ନେଇ ଭାଜପା ପ୍ରଶ୍ନ ଉଠାଇଛି। ନାନା ସନ୍ଦେହ ଉପୁଜିଥିବାରୁ ଘଟଣାର ସିବିଆଇ ତଦନ୍ତ ହେଉ ବୋଲି ଭାଜପା ଦାବି କରିଛି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତା ମନମୋହନ ସାମଲ କହିଛନ୍ତି, ଦୁଷ୍ମନ୍ତ ୨ ବର୍ଷ ହେଲା ଦୁର୍ଘଟଣା ଜନିତ କ୍ଷତ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ବହୁବାର ନିବେଦନ କରିବା ସହ ଦରଖାସ୍ତ ଲେଖିଥିଲେ। ୮ରୁ ୯ ମାସ ଧରି କଟକ ବଡ଼ମେଡିକାଲରେ ଚିକିତ୍ସା ହେବା ସହିତ ରାଜଧାନୀର ବିଭିନ୍ନ ଘରୋଇ ହସ୍ପିଟାଲର ଦ୍ୱାରସ୍ଥ ମଧ ହୋଇଥିଲେ। ଉକ୍ତ ଘରୋଇ ହସ୍ପିଟାଲରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଥିଲା। ତାଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ଲାଗି ଅର୍ଥ ବାଧକ ସାଜିଥିଲା। ଏଥିରୁ ପ୍ରମାଣିତ ହେଉଛି ଯେ, ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଅସମର୍ଥ। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ କାର୍ଯ୍ୟ କରୁନାହିଁ। ୨୦୧୮ରୁ ଦେଶରେ ଗରିବ ଲୋକଙ୍କୁ ପର୍ଯ୍ୟାପ୍ତ ସହାୟତା ଯୋଗାଉଥିବା 'ଆୟୁଷ୍ମାନ୍ ଭାରତ' ଯୋଜନାକୁ କାର୍ଯ୍ୟକାରୀ ନ କରି ରାଜ୍ୟ ସରକାର ଓଡ଼ିଶାବାସୀଙ୍କୁ ପ୍ରତାରିତ କରୁଛନ୍ତି। ଏହାସହ ଦୁଷ୍ମନ୍ତଙ୍କ ମୃତ୍ୟୁ ପରେ ରାତିଅଧିଆ ବ୍ୟବଚ୍ଛେଦ, ତାଙ୍କ ସ୍ତ୍ରୀ ଏବଂ ଅନ୍ୟମାନଙ୍କଠାରୁ କେତେଗୁଡ଼ିଏ କାଗଜରେ ଦସ୍ତଖତ କରାଇବା ସହ ତରବରିଆ ଭାବେ ଶବ ସତ୍କାର କରାଯିବା ସନ୍ଦେହଯୁକ୍ତ ଓ ତଦନ୍ତସାପେକ୍ଷ ବୋଲି ସାମଲ ଅଭିଯୋଗ ଆଣିଛନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ ସହ ଦୁଷ୍ମନ୍ତଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବା ପାଇଁ ସାମଲ ଦାବି କରିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟସେବା କେତେମାତ୍ରାରେ ବିଗିଡିଗଲାଣି ତାହା ସ୍ପଷ୍ଟ ଭାବେ ଦେଖାଯାଉଛି। ଲୋକଙ୍କୁ ଏମିତି ଚିକିତ୍ସା ସୁବିଧା ଦିଆଯାଉଛି ଯେ, ଲୋକମାନେ କେତେବେଳେ ଯାଇ ନବୀନ ନିବାସ ଆଗରେ ତ କେତେବେଳେ ବିଧାନସଭା ସମ୍ମୁଖରେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଛନ୍ତି। ଯଦି ସ୍ୱାସ୍ଥ୍ୟସେବା ଠିକ୍ ଲୋକଙ୍କୁ ମିଳୁଛି, ତେବେ ଲୋକମାନେ କାହିଁକି ଏମିତି ନିଷ୍ପତ୍ତି ନେଉଛନ୍ତି ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି।



ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ୯/୧୧ ରେ ସରକାର ଗଢ଼ିବ ତାଲିବାନ।




# ୧୩ରୁ ଖୋଲିବ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ

କୋରାପୁଟ,୧୦।୯(ସ୍ୱ.ପ୍ର.)

କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ୧୩ ତାରିଖରୁ ଖୋଲିବ ବୋଲି ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ରିସର୍ଚ୍ଚ ସ୍କଲାରମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଖୋଲାଯିବାକୁ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୦ରୁ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ପାଇଁ ଖୋଲିବ। ୨୦ ତାରିଖରୁ ସେମାନେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସକୁ ଆସିବାକୁ ଅନୁମତି ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କୁ ଆସିବା ସମୟରେ ମାସ୍କ, ସାନିଟାଇଜ, ଆଧାର କାର୍ଡ, ପରିଚୟ ପତ୍ର ଏବଂ ଅନ୍ୟାନ୍ୟ ଜରୁରୀ ଜିନିଷ ସାଙ୍ଗରେ ଆଣିବାକୁ ପଡିବ। ସେହିପରି ଦୂରଦୂରାନ୍ତରରୁ ଆସୁଥିବା ରିସର୍ଚ୍ଚ ସ୍କଲାର ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ହଷ୍ଟେଲ ଖୋଲାଯିବ। ମାତ୍ର ସେମାନେ କୋଭିଡ୍‌ର ଦ୍ୱିତୀୟ ଡୋଜ ଟିକା ନେଇଥିବା ଆବଶ୍ୟକ। ସେମାନେ ଆସିବାର ୩ ଦିନ ମଧ୍ୟରେ କୋଭିଡ୍ ନେଗେଟିଭ ରିପୋର୍ଟ ସମ୍ପର୍କିତ ପ୍ରମାଣପତ୍ର ଦେଖାଇବାକୁ ପଡିବ। ଏଥିସହ ସମସ୍ତ ଦୂରଦୂରାନ୍ତର ଛାତ୍ରୀଛାତ୍ର ଆସିବା ପରେ ହଷ୍ଟେଲରେ ୭ଦିନିଆ ସଙ୍ଗରୋଧରେ ରହିବାକୁ ବାଧ୍ୟତାମୂଳକ କରାଯାଇଛି ବୋଲି ଡ.ଭୋଇ ପ୍ରକାଶ କରିଛନ୍ତି।

# ବଂଶଧାରାରେ ବୁଡ଼ିଗଲେ ୨ ନାବାଳକ

କାଶୀନଗର,୧୦।୯(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ବଂଶଧାରା ନଦୀରେ ଗୁରୁବାର ସନ୍ଧ୍ୟାରେ ୨ ନାବାଳକ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ରାତିରେ ଜଣଙ୍କ ମୃତଦେହ ଠାବ କରାଯାଇଥିବା ବେଳେ ୨୪ ଘଣ୍ଟା ପରେ ବି ଅନ୍ୟ ଜଣଙ୍କ ପତ୍ତା ମିଳିନାହିଁ। ମୃତକ ହେଲେ କାଶୀନଗର ମେନ୍‌ରୋଡ଼ ଅଞ୍ଚଳର ଚନ୍ଦ୍ରଶେଖର ସ୍ୱାଇଁଙ୍କ ପୁଅ ରଞ୍ଜନ (୧୪)। ତାଙ୍କ ପଡ଼ୋଶୀ ହାସବା ଲିଙ୍ଗନଙ୍କ ପୁଅ ବନାମ ଗଣେଶ (୧୪)ଙ୍କୁ ନଦୀରେ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଖୋଜାଖୋଜି କରିଥିଲେ ମଧ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ପାଇନାହାନ୍ତି। ପ୍ରକାଶ ଯେ, ଦୁଇ ସାଙ୍ଗ ରଞ୍ଜନ ଓ ବନାମ ଗୁରୁବାର ଅପରାହ୍ନରେ ଖେଳିବାକୁ ଯାଉଛନ୍ତି କହି ଘରୁ ବାହାରିଥିଲେ। ସନ୍ଧ୍ୟାରେ ବଂଶଧାରା ନଦୀଘାଟରେ ସାଇକେଲ ରଖି ଉଭୟେ ଗାଧୋଇବାକୁ ଯାଇଥିଲେ। କୌଣସି ପ୍ରକାରେ ଜଣକ ପରେ ଜଣେ ନଦୀରେ ବୁଡ଼ିଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ରଞ୍ଜନ ଓ ବନାମଙ୍କ ପରିବାର ଲୋକ ସେମାନଙ୍କୁ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ନ ମିଳିବାରୁ କାଶୀନଗର ଥାନାରେ ଜଣାଇଥିଲେ। ନଦୀଘାଟରେ ଗୋଟିଏ ସାଇକେଲ ଓ ଦୁଇହଳ ଚପଲ ରହିଥିବାରୁ ସେମାନେ ଭାସିଯାଇଥିବା ସନ୍ଦେହ କରାଯାଇଥିଲା। ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଏ ନେଇ ଦମକଳ କେନ୍ଦ୍ରକୁ ସୂଚନା ଦେଇଥିଲେ। ଗୁରୁବାର ରାତିରେ ଦମକଳ କର୍ମଚାରୀମାନେ ଖୋଜାଖୋଜି କରି ନଦୀରୁ ରଞ୍ଜନଙ୍କ ମୃତଦେହ ଠାବ କରିଥିଲେ। ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ କାଶୀନଗର ଥାନାରେ ନଂ. ୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବାପାଙ୍କ ଗୁଳିମାଡ଼ରେ ପୁଅ ମୃତ

ବାରଙ୍ଗ,୧୦।୯(ଡି.ଏନ୍.ଏ.)

## ଟଙ୍କାକୁ ନେଇ ପାଟିତୁଣ୍ଡ ହୋଇଥିଲା

ବାରଙ୍ଗ ଥାନା ଅଧୀନ ବେଣ୍ଟୁଆ ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଗୁଳିକାଣ୍ଡ ହୋଇଛି। ବାପାଙ୍କ ଗୁଳିମାଡ଼ରେ ୧୬ବର୍ଷ ପୁଅର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବ ମୁଣ୍ଡା। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ତେବେ ପାରିବାରିକ କଳହକୁ ନେଇ ଏଭଳି ଅଭାବନୀୟ ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ ସୂଚନା ଅନୁଯାୟୀ, ଗାଁପାଖ ଜଙ୍ଗଲରେ ଯଦୁମଣି ମୁଣ୍ଡା ଓ ପୁଅ ଶିବ ମିଶି ବାଇଗଣ ଚାଷ କରିଥିଲେ। ଏଥିସହ ଶିବ ଏକ ଘରୋଇ ଅନୁଷ୍ଠାନର ଆଦିବାସୀ ସ୍କୁଲରେ ପାଠ ମଧ ପଢୁଥିଲେ। ତେବେ ଶୁକ୍ରବାର ସକାଳୁ ବାପପୁଅ ବାଇଗଣ ତୋଳିବା ସହ ବଜାରରେ ନେଇ ବିକ୍ରି କରିଥିଲେ। ବାଇଗଣ ବିକ୍ରିରେ ରୋଜଗାର ହୋଇଥିବା ଟଙ୍କାକୁ ନେଇ ଦ୍ୱିପ୍ରହରରେ ବାପା ପୁଅ ମଧ୍ୟରେ ବଚସା ହୋଇଥିଲା। ପାଟି ଶୁଣି ପଡ଼ୋଶୀମାନେ ଆସି ବାପପୁଅଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସନ୍ଧ୍ୟାରେ ଯଦୁମଣି ମଦ୍ୟପାନ କରି ଘରକୁ ଫେରି ପୁଅ ସହ ପୁଣି ପାଟିତୁଣ୍ଡ ଆରମ୍ଭ କରିଥିଲେ। ଯାହାକୁ ନେଇ ବାପପୁଅ ମଧ୍ୟରେ ମାରପିଟ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯଦୁମଣି ଘରେ ରଖିଥିବା ଦେଶୀବନ୍ଧୁକ ଆଣି ପୁଅ ଉପରକୁ ଦୁଇରାଉଣ୍ଡ ଗୁଳି ଚଳାଇଥିଲେ। ଗୁଳି ପୁଅର ଛାତିରେ ବାଜିବାରୁ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ପ୍ରବଳ ରକ୍ତସ୍ରାବ ହେବାରୁ ଶିବଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପୁଅର ମୃତ୍ୟୁ ହୋଇଯାଇଥିବା ଜାଣିବା ପରେ ବାପା ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଯଦୁମଣିଙ୍କ ପାଖରେ ବନ୍ଧୁକ କେଉଁଠୁ ଆସିଲା ସେନେଇ ପୋଲିସ ତଦନ୍ତ ଚଳାଇଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିଲା।

# ଟିକା ପାଇଁ ଠେଲାପେଲା

ପାଟଣା,୧୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୋଲିଥିବା କୋଭିଡ୍ ଟିକାକରଣ କେନ୍ଦ୍ରରେ ଶୁକ୍ରବାର ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିଯୋଗୁ ଜଣେ ଯୁବତୀ ସଂଜ୍ଞାହୀନ ହୋଇ ପଡ଼ିଥିବା ବେଳେ ଜଣେ ବୃଦ୍ଧା ଆହତ ହୋଇଥିବା ସୂଚନା ମିଳିଛି।

## ଯୁବତୀ ସଂଜ୍ଞାହୀନ, ବୃଦ୍ଧା ଆହତ

ସୂଚନାଯୋଗ୍ୟ, ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଟିକାକରଣ କେନ୍ଦ୍ରକୁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏଥିଯୋଗୁ କେନ୍ଦ୍ର ସମ୍ମୁଖରେ ପ୍ରବଳ ଭିଡ଼ ଲାଗି ରହିଥିଲା। ହଠାତ୍ ଗେଟ୍ ଖୋଲିବାରୁ ଠେଲାପେଲା ହୋଇ ଲୋକେ ଭିତରକୁ ପ୍ରବେଶ କରିବା ପାଇଁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଯୁବତୀ ତଳେ ପଡ଼ିଯିବାରୁ ତାଙ୍କ ଉପରେ ଲୋକେ ମାଡ଼ିଦଳି ଚାଲି ଯାଇଥିଲେ। ଫଳରେ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଜଣେ ବୃଦ୍ଧା ମଧ ଆହତ ହୋଇଥିଲେ। ଏସଂକ୍ରାନ୍ତରେ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ଦୀପକ କୁମାର ନାୟକଙ୍କୁ ପଚାରିବାରୁ ଲୋକେ ଧାଡ଼ିରେ ନ ଆସିବାରୁ ଏହି ଘଟଣା ଘଟିଲା। ସମସ୍ତେ ନିୟମ ମାନିଲେ ଏଭଳି ପରିସ୍ଥିତି ଉପୁଜିବ ନାହିଁ ବୋଲି ସେ କହିଛନ୍ତି।


ଟିକା ନେବାକୁ ଲୋକେ ଭିଡ଼ ଲଗାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଶୁକ୍ରବାର ପାଟଣା ବ୍ଲକର ବିଭିନ୍ନ ଟିକାକରଣ କେନ୍ଦ୍ରରେ ୨ହଜାର ଟିକା ବ୍ୟବସ୍ଥା ହୋଇଥିବା ବେଳେ ସବୁ କେନ୍ଦ୍ରରେ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ପାଟଣା ଟିକାକରଣ କେନ୍ଦ୍ରରେ ୫ଶହ ଭ୍ୟାକ୍ସିନ ଥିବା ବେଳେ ୧ହଜାରରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ। ୫ଶହରୁ ଊର୍ଦ୍ଧ୍ୱ ଲୋକ ଟିକା ନ ପାଇ ନିରାଶରେ ଫେରିଥିଲେ। ଅନୁରୂପ ଭାବେ ଏହି ବ୍ଲକ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚାଲିଥିବା ଟିକାକରଣ କେନ୍ଦ୍ରରେ ମଧ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଉଭୟ ପାଟଣା ଓ ତୁରୁମୁଙ୍ଗା ଟିକାକରଣ କେନ୍ଦ୍ରରେ କରୋନା ଗାଇଡ୍‌ଲାଇନକୁ ଲୋକେ ଉଲ୍ଲଂଘନ କରି ବିନା ମାସ୍କରେ ଠେଲା ପେଲା ହେଉଥିବା ଦେଖିବାକୁ ମିଳିଛି। ତୁରୁମୁଙ୍ଗା କେନ୍ଦ୍ରରେ ୫୦୦ ଟିକା ଉପଲବ୍ଧ ଥିବା ବେଳେ ୧୫୦୦ ଲୋକ ଆସିଥିବାରୁ ଉତ୍ତେଜନା ଦେଖା ଦେଇଥିଲା। ପାହାନ୍ତାରୁ ଆଧାରକାର୍ଡ, ବ୍ୟାଗ, ପଥର, ଇଟା ଥୋଇ ଲୋକେ ଧାଡ଼ି ବାନ୍ଧୁ ଥିବା ଦେଖିବାକୁ ମିଳୁଛି।



ଧରିତ୍ରୀ
DHARITRI
ଶନିବାର, ସେପ୍ଟେମ୍ବର ୧୧/୨୦୨୧ Saturday, September 11/2021



**ରାଡୁକାନୁ ୟୁଏସ୍ ଓପନ ଫାଇନାଲରେ**

ୟୁଏସ୍ ଓପନ୍ ଟେନିସ ପଦାର୍ପଣରେ ବ୍ରିଟିଶ ଖେଳାଳି ଇମା ରାଡୁକାନୁ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୬

୧୨

**ରିଲିଜ ହେଲା 'ଅନ୍ତିମ'ର ପ୍ରଥମ ଗୀତ**

ଗଣେଶ ପୂଜା ଅବସରରେ ସଲମାନ ଖାନ୍‌ଙ୍କ ଆଗାମୀ ଫିଲ୍ମ 'ଅନ୍ତିମ: ଦ ଫାଇନାଲ ଟ୍ରୁଥ'ର ପ୍ରଥମ ଗୀତ ବିଘ୍ନହର୍ତ୍ତା ରିଲିଜ ହୋଇଛି।




## 'ନୂଆଁଖାଇ'-୨୦୨୧ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

DADLS-16

ସୁଖ, ଶାନ୍ତି, ମୈତ୍ରୀ ଓ ଆନନ୍ଦର ପବିତ୍ର ପରମ୍ପରା ଓ ପର୍ବ 'ନୂଆଁଖାଇ' ପାଳନ ଅବସରରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଏହା ଏକ କୃଷିଭିତ୍ତିକ ପର୍ବ; ମୁଁ ରାଜ୍ୟର କୃଷକ ଭାଇଭଉଣୀମାନଙ୍କର ସୁଖ ସମୃଦ୍ଧି କାମନା କରିବା ସହ କୃଷି କ୍ଷେତ୍ରରେ ଓଡ଼ିଶାକୁ ଏକ ଅଗ୍ରଣୀ ଓ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବାକୁ ଆହ୍ୱାନ ଜଣାଉଛି ।

'କରୋନା' ମହାମାରୀ ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହୋଇ ଆବଶ୍ୟକ ସରକାରୀ ନିର୍ଦ୍ଦେଶ ଓ ପରାମର୍ଶ ପାଳନ ପୂର୍ବକ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ଗଣେଶୀ ଲାଲ)

OIPR-15001/13/0035/2122

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆଁଖାଇ ଶୁଭେଚ୍ଛା

DADLS-16

ପବିତ୍ର ନୂଆଁଖାଇ ପରବ୍ ଲାଗି ଆପଣମାନ୍‌ଙ୍କୁ ମୋର ଜୁହାର୍ । ଇ ଅବସର୍ ଥି ମୁଇଁ ଆପଣ୍ ଓ ଆପଣଙ୍କର୍ ପରିବାର୍‌ର ସୁଖ ଓ ସମୃଦ୍ଧି କାମନା କରୁଛେଁ।

ମା' ସମଲେଶ୍ୱରୀ ସମସ୍ତଙ୍କୁ ଭଲ୍‌ରେ ରଖୁନ୍ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0035/2122

## 'ନୂଆଁଖାଇ' ପାଳନ ଅବସରରେ ବାର୍ତ୍ତା

DADLS-16

ସ୍ନେହ, ଶ୍ରଦ୍ଧା, ସମ୍ମାନ ଓ ଭାଇଚାରାର ଅନନ୍ୟ କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ' ଉପଲକ୍ଷେ ମୁଁ ପଶ୍ଚିମ ଓଡ଼ିଶା ତଥା ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । 'ନୂଆଁଖାଇ' ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି ଆଣିଦେଉ ଏହା ହିଁ ମୁଁ ମା' ସମଲେଶ୍ୱରୀଙ୍କଠାରେ ପ୍ରାର୍ଥନା କରୁଛି ।

କୋଭିଡ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ସତର୍କ ଓ ସୁରକ୍ଷିତ ରହି 'ନୂଆଁଖାଇ' ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0035/2122




# ଧରିତ୍ରୀ
DHARITRI

ଶନିବାର, ସେପ୍ଟେମ୍ବର ୧୧/୨୦୨୧ | Saturday, September 11/2021 | ପୃଷ୍ଠା-୧


## ନୂଆଁଖାଇ ଜୁହାର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକାପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

# ପଶ୍ଚିମ ଓଡ଼ିଶାର ଶିଘା ତିହାର୍ ନୂଆଁଖାଇ

ସମ୍ବଲପୁର,୧୦ା୯ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଶିଘା ତିହାର ନୂଆଁଖାଇ। ପୁରପଲ୍ଲୀ ସବୁଠି ଉତ୍ସବମୁଖର। ରାତି ପାହିଲେ ଇଷ୍ଟଦେବୀ ସମଲେଇଙ୍କଠାରେ ଧାର୍ଯ୍ୟ ଲଗ୍ନ ଅନୁସାରେ ନବାନ୍ନ ଲାଗିହେବ। ପରେ ପଶ୍ଚିମ ଓଡ଼ିଶାବାସୀ ଘରେ ଘରେ ନୂଆଁ ଖାଇବେ। ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ରୀତିନୀତି ଅନୁସାରେ ପାଳନ କରାଯିବ। ପରମ୍ପରା ଅନୁସାରେ ନୂଆଁ ଖାଇବା ପରେ ଜୁହାରଭେଟ ହେବ। ଛୋଟ ପିଲାମାନେ ଗରୁଜନମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଭିକ୍ଷା କରନ୍ତି।

ଚଳିତବର୍ଷ କୋଭିଡ୍ କଟକଣା ଯୋଗୁ କେବଳ ପରମ୍ପରା ରକ୍ଷା କରି ପାଳନ କରାଯିବ। ବିଭିନ୍ନ ସ୍ଥାନରେ ଭେଟଘାଟ କାର୍ଯ୍ୟକ୍ରମ ହେବ ନାହିଁ। ନୂଆଁଖାଇ ଉପଲକ୍ଷେ ମାଁ ସମଲେଙ୍କ ସମେତ ପାର୍ଶ୍ୱ ଦେବଦେବୀଙ୍କ ସିନ୍ଦୂର ନୀତି ସମ୍ପନ୍ନ ହୋଇଛି। ସକାଳ ୮ଟାରେ ୧୧୫ ଦେବଦେବୀଙ୍କୁ ସ୍ନାନ କରାଯାଇଛି। ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ଓ ଜଡାତେଲ ମିଶ୍ରଣ କରି ସିନ୍ଦୂର ପ୍ରସ୍ତୁତ କରିଥିଲେ। ପ୍ରଥମେ ଶୀତଳା ଦେବୀଙ୍କୁ ପୂଜକମାନେ ସିନ୍ଦୂର ଅର୍ପଣ କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ ହୁଳହୁଳିରେ ଉଚ୍ଛୁଳି ପଡିଥିଲା ମନ୍ଦିର ଅଞ୍ଚଳ। କ୍ରମାନ୍ୱୟରେ ଦେବଦେବୀଙ୍କୁ ସିନ୍ଦୂର ଅର୍ପଣ କରି ପ୍ରଣିପାତ କରାଯାଇଥିଲା। ସିନ୍ଦୂର ଅର୍ପଣ ସହ ସମଲେଇଙ୍କ ଆଭୁଷଣ ପ୍ରସ୍ତୁତ କରାଯାଇଛି। ସନ୍ଧ୍ୟା ୬ଟାରେ ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ☞ପୃଷ୍ଠା-୧୧

## ଆଜିର ସମ୍ପାଦକୀୟ

### ଆରମ୍ଭରୁ ଆହ୍ୱାନ



ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୬ କୋଟି ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।

# ବଢ଼ିବନି ମୂର୍ତ୍ତି ଉଚ୍ଚତା

**ପାର୍ବଣ ପାଇଁ ବଳବତ୍ତର ରହିବ ଅଗଷ୍ଟ ୯ ଗାଇଡ୍‌ଲାଇନ**

ଭୁବନେଶ୍ୱର,୧୦ା୯(ବ୍ୟୁରୋ)

ବଢ଼ିବନି ମୂର୍ତ୍ତିର ଉଚ୍ଚତା। ସର୍ବାଧିକ ଉଚ୍ଚତା ସେହି ୪ ଫୁଟ ମଧ୍ୟରେ ହିଁ ସୀମିତ ରହିବ। ଏଥିସହ ପାର୍ବଣ ପାଇଁ ଜାରି ହୋଇଥିବା ଅଗଷ୍ଟ ୯ ଗାଇଡ୍‌ଲାଇନ୍ ନଭେମ୍ବର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପ୍ରଦୀପ ଜେନା ଶୁକ୍ରବାର କହିଛନ୍ତି।

ମୂର୍ତ୍ତି ଉଚ୍ଚତା ବୃଦ୍ଧି ନେଇ ହେଉଥିବା ଦାବି ଓ ଆନ୍ଦୋଳନ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ଏସ୍‌ଆର୍‌ସି ଜେନା ସ୍ପଷ୍ଟ କରିବା ସହ କହିଛନ୍ତି, କରୋନାର ଦ୍ୱିତୀୟ ଲହର ଏ ପର୍ଯ୍ୟନ୍ତ ଶେଷ ହୋଇନାହିଁ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ପୁଣି କରୋନା ପ୍ରଭାବ ବଢ଼ିଛି। ଦେଶରେ ଏବେ ବି ଦୈନିକ ୩୦ରୁ ୪୦ ହଜାର ନୂଆ ଆକ୍ରାନ୍ତ ବାହାରୁଛନ୍ତି। ବିଶେଷକରି କେରଳରେ ସ୍ଥିତି ଚିନ୍ତାଜନକ ରହିଛି। ଓନମ୍ ପରବର୍ତ୍ତୀ ସମୟରେ କେରଳରେ ପୁଣି ସଂକ୍ରମଣ ବଢ଼ିଛି। କୁମ୍ଭମେଳା ଏବଂ ଓନମ୍‌ରୁ ଆମକୁ ବହୁତ କିଛି ଶିଖିବାର ଅଛି। ପାର୍ବଣ ଋତୁ ଆସିଛି। ଦ୍ୱିତୀୟ ଲହର ଚାଲିଛି। ତୃତୀୟ ଲହର ଆସିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲୋକଙ୍କୁ ସତର୍କତା ଅବଲମ୍ବନ କରିବାକୁ ନିବେଦନ କରିଛନ୍ତି। ଆମକୁ ସମସ୍ତ କୋଭିଡ୍ ଗାଇଡ୍‌ଲାଇନ୍ ମାନି ପୂଜା ପାଳନ କରିବାକୁ ହେବ। ଆବଦ୍ଧ ମଣ୍ଡପରେ ବିନା ଦର୍ଶକରେ ମୂର୍ତ୍ତି ପୂଜା କରାଯିବ। ମଣ୍ଡପରେ କର୍ତ୍ତା, ପୂଜକ ଓ ସହଯୋଗୀଙ୍କୁ ମିଶାଇ ଏକ ସମୟରେ ସର୍ବାଧିକ ୭ଜଣ ଉପସ୍ଥିତ ରହିବେ। ଆମେ ଏବେ ଅତି କଠିନ ସମୟ ଦେଇ ଗତି କରୁଛେ। ଏ ବର୍ଷ ନିରାଡମ୍ବର ଭାବେ ପୂଜା ପାଳିବା। ମା'ଙ୍କୁ ପ୍ରାର୍ଥନା କରିବା, ଆଗାମୀ ବର୍ଷ ଯେମିତି ସବୁ ଭଲରେ ହେବ। ଶନିବାର ପଶ୍ଚିମ ଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ପାଳନ କରାଯାଉଛି। ଏଥର କୋଭିଡ୍ ଗାଇଡ୍‌ଲାଇନ୍ ମାନି ନୂଆଖାଇ ପାଳନ ☞ପୃଷ୍ଠା-୧୧




# ଆଜି ଚାଷୀଙ୍କ ଆକାଉଣ୍ଟକୁ ଯିବ କାଳିଆ କିସ୍ତି

**ବାଦ୍ ପଡିବ ପୁରୀ ଜିଲା**

ଭୁବନେଶ୍ୱର, ୧୦ା୯(ବ୍ୟୁରୋ)

ରାଜ୍ୟ ସରକାର କାଳିଆ ଯୋଜନାର ଷଷ୍ଠ କିସ୍ତି ଶନିବାର ଚାଷୀଙ୍କୁ ପ୍ରଦାନ କରିବେ। ସନ୍ଧ୍ୟା ୫ଟା ୩୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୩୭ ଲକ୍ଷ ଚାଷୀଙ୍କୁ ଏହି ଯୋଜନାରେ ଅର୍ଥ ପ୍ରଦାନ କରିବେ। ରବି ଫସଲ ୨୦୨୧ ପାଇଁ ଚାଷୀଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଲେଖାଏ ପଠାଯିବ। ଏହା ଚାଷୀଙ୍କ ଲାଗି ନୂଆଁଖାଇ ଭେଟି ହେବ ବୋଲି ସରକାରୀ ସ୍ତରରେ ଆଲୋଚନା ହେଉଛି। କେବଳ ପୁରୀ ଜିଲା ଚାଷୀଙ୍କୁ ଏହି କିସ୍ତିର ଟଙ୍କା ମିଳିବ ନାହିଁ। କାରଣ ପିପିଲି ଉପନିର୍ବାଚନ ଲାଗି ଆଚରଣବିଧି ଲାଗୁ ହୋଇସାରିଥିବାରୁ ଜିଲାର ଚାଷୀଙ୍କ କିସ୍ତି ଅର୍ଥ ପଠାଯିବ ନାହିଁ। ପରବର୍ତ୍ତୀ ସମୟରେ ପୁରୀ ଜିଲାର ଚାଷୀଙ୍କୁ କାଳିଆ ଯୋଜନାର ଷଷ୍ଠ କିସ୍ତି ଦିଆଯିବ ବୋଲି ଜଣାପଡିଛି।

## ଆଜିର ମନ୍ତବ୍ୟ

"କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କ ନିଷ୍ପତ୍ତି ଯୋଗୁ ମା' ଲକ୍ଷ୍ମୀ, ସରସ୍ୱତୀ ଓ ଦୁର୍ଗା ମାତାଙ୍କ ଶକ୍ତି ହ୍ରାସ ପାଇଛି।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା




# ହିସାବ ନ ଦେଇ ଅନୁଦାନ ବୋହୁଛନ୍ତି

- ସିଏଜି ଝାଡ଼ିଲେ ଅସନ୍ତୋଷ
- ୩୭ ବିଭାଗ ଦେଇନାହାନ୍ତି ୩୬,୧୯୩.୮୯ କୋଟିର ୟୁସି
- ଫେଲ୍ ମାରିଛି ଆଇଏଫ୍‌ଏମ୍‌ଏସ୍

ଭୁବନେଶ୍ୱର, ୧୦ା୯(ବ୍ୟୁରୋ)

ରାଜ୍ୟ ସରକାର ବିଭିନ୍ନ ବିଭାଗ ପାଇଁ ବଜେଟରେ ବ୍ୟୟବରାଦ କରୁଛନ୍ତି। ସେହି ଅର୍ଥରୁ ବିଭାଗଗୁଡ଼ିକ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ତାହାର ହିସାବ ରଖୁନାହାନ୍ତି। ବିନିଯୋଗ ପ୍ରମାଣପତ୍ର (ୟୁସି) ମଧ୍ୟ ଦାଖଲ କରୁନାହାନ୍ତି। ଗତ ୧୭ ବର୍ଷ ଧରି ଏଭଳି ଧାରା ଜାରିରହିଛି। ୨୦୨୦ ଜୁନ୍ ୩୦ ସୁଦ୍ଧା ବିଭାଗଗୁଡ଼ିକ ୧୬,୩୦୧.୬୮ କୋଟି ଟଙ୍କାର ୟୁସି ଦାଖଲ କରିନାହାନ୍ତି। ସେହି ଅର୍ଥ କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ କରାଯାଇଛି କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ଅଡିଟ୍ ବେଳେ ତାହାର କିଛି ଥଳକୂଳ ପାଇନାହାନ୍ତି। କେବଳ ସେତିକି ନୁହେଁ ୨୦୦୩–୦୪ରୁ ୨୦୨୦ ମାର୍ଚ୍ଚ ସୁଦ୍ଧା ୩୭ଟି ବିଭାଗ ୩୬,୧୯୩.୮୯ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇ ନ ଥିବା ସିଏଜି ଦର୍ଶାଇଛନ୍ତି। ବିତ୍ତୀୟ ପରିଚାଳନାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଉପରେ ସିଏଜି ପ୍ରଶ୍ନ ଉଠାଇବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ବ୍ୟକ୍ତିଗତ ଜମା (ପିଡି) ଆକାଉଣ୍ଟରେ ରଖାଯାଇଥିବା ବହୁକୋଟି ଟଙ୍କା ଆତ୍ମସାତ କିମ୍ବା ଜାଲିଆତି ହେବା ନେଇ ସିଏଜି ଆଶଙ୍କା କରିଛନ୍ତି।

ବିଧାନସଭାରେ ଉପସ୍ଥାପିତ ହୋଇଥିବା ସିଏଜି ରିପୋର୍ଟ ଅନୁଯାୟୀ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୧୩,୭୫୩.୨୫ କୋଟି ଟଙ୍କାର ୟୁସି ଦାଖଲ କରି ନ ଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ୬,୪୩୬.୮୩ କୋଟି, ଯୋଜନା ଓ ସଂଯୋଜନ ବିଭାଗ ୨,୯୬୩.୧୭ କୋଟି, ସ୍କୁଲ ଓ ଗଣଶିକ୍ଷା ବିଭାଗ ୨,୯୬୧.୧୪ କୋଟି ଏବଂ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ୨,୫୫୩.୧୭ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ କରିନାହାନ୍ତି। ୨୦୨୦ ମାର୍ଚ୍ଚ ସୁଦ୍ଧା ରାଜ୍ୟ ସରକାରଙ୍କ ୧୦ଟି ପ୍ରମୁଖ ବିଭାଗ ୧୦ ବର୍ଷ ହେବ ୧,୩୮୮.୭୪ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦାଖଲ କରିନାହାନ୍ତି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ୪୦୩.୩୩ କୋଟି ଟଙ୍କାର ୟୁସି ବକେୟା ରଖିଥିବା ବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ୩୧୭.୯୦, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ୨୧୮.୬୭, ଯୋଜନା ଓ ସଂଯୋଜନ ବିଭାଗ ୨୧୪.୩୫, ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ୯୦.୪୯, ଶକ୍ତି ୫୮.୨୫, ପର୍ଯ୍ୟଟନ ଓ ସଂସ୍କୃତି ୧୯.୧, ଉଚ୍ଚଶିକ୍ଷା ୧୬.୨୧, ବିଦ୍ୟାଳୟ ଓ ଗଣଶିକ୍ଷା ୧୪.୧୯ ଏବଂ କୌଶଳ ବିକାଶ ବିଭାଗ ୧୦.୬୪ କୋଟି ଟଙ୍କାର ଖର୍ଚ୍ଚ ହିସାବ ଦେଇନାହାନ୍ତି। ଦୀର୍ଘବର୍ଷ ହେବ ବିଭାଗଗୁଡ଼ିକ ୟୁସି ଦେଉ ନ ଥିବାରୁ ଅର୍ଥ ବିଭାଗ ୨୦୧୩ ଡିସେମ୍ବର ୪ରେ ଟାଟା କନ୍‌ସଲଟାନ୍ସି ସହିତ ଏକୀକୃତ ଅର୍ଥ ପରିଚାଳନା ପ୍ରଣାଳୀ (ଆଇଏଫ୍‌ଏମ୍‌ଏସ୍) ମଡ୍ୟୁଲ କାର୍ଯ୍ୟକାରୀ କରିବା ପାଇଁ ଏକ ଚୁକ୍ତିନାମା କାର୍ଯ୍ୟକାରୀ କରିଥିଲା। ଏହାଦ୍ୱାରା ଅର୍ଥ ବିଭାଗ ୟୁସି ଦେଉ ନ ଥିବା ବିଭାଗଗୁଡ଼ିକ ଉପରେ ନଜର ରଖି ପାରିଥାଆନ୍ତା। ୨୦୧୮ ଏପ୍ରିଲ ସୁଦ୍ଧା ଏହି ମଡ୍ୟୁଲ କାର୍ଯ୍ୟକାରୀ କରିବାକୁ ସର୍ତ୍ତ ରଖାଯାଇଥିଲା। ମାତ୍ର ୩ ବର୍ଷ ପରେ ମଧ୍ୟ ଆଇଏଫ୍‌ଏମ୍‌ଏସ୍ କାର୍ଯ୍ୟକାରୀ ହୋଇପାରି ନ ଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ଏହାକୁ ବାଦ୍‌ଦେଲେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଅନୁଦାନ (ଜିଆଇ) ଆକାରରେ ଦେଇଥିବା ଅର୍ଥର ମଧ୍ୟ କୌଣସି ହିସାବ ନାହିଁ। ୨୦୧୯–୨୦ରେ ରାଜ୍ୟ ସରକାର ବିଭିନ୍ନ ଅନୁଷ୍ଠାନକୁ ୧,୬୮୮.୦୬ କୋଟି ଟଙ୍କାର ଅନୁଦାନ ଦେଇଥିଲେ। ତାହାକୁ କେଉଁ ଉଦ୍ଦେଶ୍ୟରେ ବିନିଯୋଗ କରାଯାଇଛି, ତାହା ସ୍ପଷ୍ଟ ଉଲ୍ଲେଖ କରା ନ ଯାଇ ଅନ୍ୟାନ୍ୟ ଖର୍ଚ୍ଚ ଭାବେ ଦର୍ଶାଇବାକୁ ନେଇ ସିଏଜି ସନ୍ଦେହ ପ୍ରକାଶ କରିଛନ୍ତି। କେବଳ ସେତିକି ନୁହେଁ, ବ୍ୟକ୍ତିଗତ ଜମା (ପିଡି) ଖାତାରେ ମଧ୍ୟ ଅନିୟମିତତା ଦେଖାଦେଇଛି। ଓଡ଼ିଶା କୋଷସଂହିତା ଅନୁଯାୟୀ ☞ପୃଷ୍ଠା-୧୧

# ଟାର୍ଗେଟରେ ବ୍ରିଟେନ୍

*୨୦୦୧ ସେପ୍ଟେମ୍ବର ୧୧ରେ ଆମେରିକା ଦେଖିଥିଲା ସବୁଠୁ ଘାତକ ଆତଙ୍କବାଦୀ ଆକ୍ରମଣ। ଅଲକାଏଦା ଆତଙ୍କବାଦୀ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଟୁଇନ୍ ଟାୱାର ଓ ପେଣ୍ଟାଗନ୍ ବିଲ୍ଡିଂରେ ମାଡ଼ କରିଥିଲେ ଅପହୃତ ହେଲିକପ୍ଟର। ଧରାଶାୟୀ ହୋଇଥିଲା ବିଶାଳକାୟ ଅଟ୍ଟାଳିକା। ପ୍ରାଣ ହରାଇଥିଲେ ୩ ହଜାର, ଆହତ ହୋଇଥିଲେ ୨୫,୦୦୦ରୁ ଊର୍ଦ୍ଧ୍ୱ। ଏହି ସ୍ମୃତି ଆଜି ବି ବିଶ୍ୱମାନସରେ ସତେଜ ହୋଇରହିଥିବାବେଳେ ଆଫଗାନିସ୍ତାନରେ ସରକାର ଗଢ଼ିଛି ତାଲିବାନ୍। ବିଦ୍ରୂପ କଲାଭଳି ସେହି ୯/୧୧ରେ ତାଲିବାନ ସରକାର ଶପଥ ନେବ ବୋଲି ଘୋଷଣା କରିବା ପାଶ୍ଚାତ୍ୟ ଜଗତକୁ ଚ୍ୟାଲେଞ୍ଜ କଲା ଭଳି ସ୍ଥିତି ସୃଷ୍ଟି କରିଛି। ଗୋଟିଏ ଦେଶରେ କଠୋରପନ୍ଥୀଙ୍କ ସରକାର ସମଗ୍ର ବିଶ୍ୱ ପାଇଁ ବିପଦ। ଏହା ଆତଙ୍କବାଦୀଙ୍କ ମନୋବଳ ବଢ଼ାଇଛି। ଆମେରିକା ଭଳି ବ୍ରିଟେନ ମାଟିରେ ମଧ୍ୟ ଆତଙ୍କବାଦୀ ନରସଂହାର ରଚିପାରନ୍ତି ବୋଲି ଚେତାଇଛନ୍ତି ଏମ୍‌ଆଇ୫ ଗୋଇନ୍ଦା ମୁଖ୍ୟ କେନ୍ ମ୍ୟାକୁଲମ୍।*

**ଏମ୍‌ଆଇ ୫ ଗୋଇନ୍ଦା ମୁଖ୍ୟଙ୍କ ଚେତାବନୀ**

**କଠୋରପନ୍ଥୀଙ୍କ ମନୋବଳ ବଢ଼ାଇଛି ତାଲିବାନ୍**

ଲଣ୍ଡନ, ୧୦ା୯

ଆଫଗାନିସ୍ତାନ ଦଖଲ ପରେ ସେଠାରେ ତାଲିବାନ୍‌ର ସରକାର ଗଠନ କଠୋରପନ୍ଥୀଙ୍କୁ ପ୍ରୋତ୍ସାହିତ କରିଛି। ଏଣିକି ଇସ୍‌ଲାମୀୟ


କେନ୍ ମ୍ୟାକୁଲମ୍

ଆତଙ୍କବାଦୀ ଗୋଷ୍ଠୀ ଏବଂ ଅନ୍ୟ କଠୋରପନ୍ଥୀ ସଙ୍ଗଠନ ଆଫଗାନିସ୍ତାନ ମାଟିରୁ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଆକ୍ରମଣ ପାଇଁ ଯୋଜନା କରିପାରନ୍ତି। ଆମେରିକା ଭଳି ବ୍ରିଟେନରେ ମଧ୍ୟ ଆକ୍ରମଣ ହେବା ଯଥେଷ୍ଟ ଆଶଙ୍କା ରହିଛି ବୋଲି କହିଛନ୍ତି ବ୍ରିଟେନ ଏମ୍‌ଆଇ୫ ଗୋଇନ୍ଦା ମୁଖ୍ୟ କେନ୍ ମ୍ୟାକୁଲମ୍। ୯/୧୧ ଆକ୍ରମଣର ୨୦ ବର୍ଷ ପୂରଣ ଅବସରରେ ଏକ ସାକ୍ଷାତ୍‌କାରରେ ମ୍ୟାକୁଲମ୍ କହିଛନ୍ତି, କଠୋରପନ୍ଥୀ ଓ ଆତଙ୍କବାଦୀଙ୍କ ବିରୋଧରେ ସମଗ୍ର ବିଶ୍ୱ କ୍ରମାଗତ ଭାବେ ଲଢ଼େଇ ଜାରି ରଖିଛି। ଆଗକୁ ମଧ୍ୟ ମାନବିକତା ବିରୋଧୀ କାର୍ଯ୍ୟକଳାପ ରୋକିବା ଦିଗରେ ବ୍ରିଟେନ୍ ମିଳିତ ଭାବେ ପ୍ରୟାସ ଜାରି ରଖି। ପୂର୍ବାପେକ୍ଷା ଅଧିକ ସତର୍କ ରହି ଏଭଳି ଗୋଷ୍ଠୀ କବଳରୁ ମାନବ ସମାଜକୁ ମୁକ୍ତ ରଖିବାକୁ ପଡ଼ିବ ବୋଲି ସେ କହିଛନ୍ତି। ୨୦୧୭ରେ ବ୍ରିଟେନ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିଲା। ଜଣେ ଆତ୍ମଘାତୀ ମାଞ୍ଚେଷ୍ଟରରେ ଚାଲିଥିବା ଏକ କାର୍ଯ୍ୟକ୍ରମକୁ ଧସେଇ ପଶିବା ସହ ଲଣ୍ଡନରେ ଦୁଇଟି ବ୍ରିଜ୍‌କୁ ଟାର୍ଗେଟ କରିଥିଲେ। ସେବେଠାରୁ ୪ ବର୍ଷ ମଧ୍ୟରେ ☞ପୃଷ୍ଠା-୧୧




> ଯଦି ତୁମେ ସତ୍ୟ ଓ ଉତ୍କୃଷ୍ଟତମ କଳା ଚାହଁ- ତେବେ ଏହା ଏକ ଦିବ୍ୟଜଗତର ଏଇ ଜଡଭୂମିକୁ ଅବତରଣ କରିବାର ଅଭିବ୍ୟକ୍ତି ହେବା ଉଚିତ।... କଳା ହେଉଛି ଏକ ଜୀବନ୍ତ ସଙ୍ଗତି ଓ ସୌନ୍ଦର୍ଯ୍ୟ, ଯାହାକି ଆମର ଜୀବନଚର୍ଯ୍ୟାରେ ସର୍ବଦା ପ୍ରକାଶ ପାଇବା ଉଚିତ। -ଶ୍ରୀମା

# ଆରମ୍ଭରୁ ଆହ୍ୱାନ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ ବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଧ୍ୟକ୍ଷ ଭାବେ ୧୯୮୫ ବ୍ୟାଚ୍ ଆଇଆର୍‌ଏସ୍ ଅଧିକାରୀ ଜଗନ୍ନାଥ ମହାପାତ୍ରଙ୍କ ନିଯୁକ୍ତି ନିଶ୍ଚିତ ହୋଇଛି। ଏହି ପଦବୀରେ ରହି ଆରାମରେ କାର୍ଯ୍ୟ କରିବାକୁ ତାଙ୍କ ନିକଟରେ କମ୍ ସମୟ ରହିଛି, କାରଣ ଆୟକର ରିଟର୍ନ ପୋର୍ଟାଲ ଏକ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ମହାପାତ୍ରଙ୍କ ପୂର୍ବରୁ ଏହି ପଦବୀରେ ଥିବା ପି.ସି.ମୋଦିଙ୍କ ବର୍ଦ୍ଧିତ କାର୍ଯ୍ୟକାଳ ଶେଷ ହେବାର ୩ ମାସ ପରେ ତାଙ୍କୁ ଏହି ଦାୟିତ୍ୱ ମିଳିଲା। ଏବେ ଆୟକର ପୋର୍ଟାଲ ସମସ୍ୟା ସମାଧାନ କରିବା ମହାପାତ୍ରଙ୍କ ପାଇଁ ବଡ଼ ଆହ୍ୱାନ । ଖୁବ୍ ଧୁମଧାମରେ ଏହି ପୋର୍ଟାଲ ଆରମ୍ଭ କରାଯିବାର ଦୁଇ ମାସ ପରେ ଏଥିରେ ତ୍ରୁଟି ଲାଗିରହିଛି। ଅଧ୍ୟକ୍ଷ ଭାବେ ମହାପାତ୍ରଙ୍କ ନିଯୁକ୍ତି ହେବ ବୋଲି ଅଧିକ ଆଶା କରାଯାଉଥିଲା। ଏହି ପଦବୀ ଲାଗି ତାଙ୍କ ବ୍ୟାଚ୍‌ମେଟ୍ ଅନୁଜା ଷଡ଼ଙ୍ଗୀ ଥିଲେ ଏକ ମାତ୍ର ପ୍ରତିଦ୍ୱନ୍ଦ୍ୱୀ। ମୋଟ ଉପରେ ମହାପାତ୍ରଙ୍କ ପାଇଁ ପଥ ସମ୍ପୂର୍ଣ୍ଣ ପରିଷ୍କାର ଥିଲା। ତେବେ ତାଙ୍କ ନିଯୁକ୍ତିକୁ ନେଇ କେତେକେ ଏକ ଅଜବ କଥା ସାମ୍ନାକୁ ଆଣିଛନ୍ତି। ସେମାନେ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଦ୍ୱାରା ଜାରି କରାଯାଇଥିବା ନିଯୁକ୍ତି ପ୍ରତ୍ରରେ କାର୍ଯ୍ୟକାଳ ସମ୍ପର୍କରେ ଉଲ୍ଲେଖ ନ ଥିବା ବିଷୟ କହୁଛନ୍ତି। କିନ୍ତୁ ପର୍ଯ୍ୟବେକ୍ଷକମାନେ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ସେମାନଙ୍କ ମତରେ, ଆସନ୍ତା ବର୍ଷ ଏପ୍ରିଲ୍‌ରେ ମହାପାତ୍ର ଅବସର ନେବାକୁ ଥିଲେ ବି ତା' ପରେ ସେ କାର୍ଯ୍ୟ କରିପାରନ୍ତି ବୋଲି ସରକାର ନିଯୁକ୍ତି ପତ୍ରରେ ପରୋକ୍ଷରେ ସୂଚାଇ ଦେଇଛନ୍ତି । ଏଭଳି ଉଦାହରଣ ମଧ୍ୟ ପୂର୍ବରୁ ଦେଖିବାକୁ ମିଳିଥିଲା। ମହାପାତ୍ରଙ୍କ ପୂର୍ବରୁ ମୋଦି ଏବଂ ସୁଶୀଲ ଚନ୍ଦ୍ରା ସିବିଡିଟିର ଅଧ୍ୟକ୍ଷ ପଦରୁ ଅବସର ନେବା ପରେ ତାଙ୍କ କାର୍ଯ୍ୟକାଳକୁ ବଢ଼ାଯାଇଥିଲା।

### ଲଢ଼େଇ ଲାଗିଛି

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ୍ ଖଟ୍ଟର ଏବଂ ଗୃହ ମନ୍ତ୍ରୀ ଅନିଲ ଭିଜ୍‌ଙ୍କ ମଧ୍ୟରେ ଲାଗି ରହିଥିବା ଲଢ଼େଇର ପ୍ରଭାବ ରାଜ୍ୟ ଅମଲାତନ୍ତ୍ରରେ ଦେଖିବାକୁ ମିଳୁଛି। ବହୁ ସମୟରେ ବିଭିନ୍ନ ନୀତି ସହ ଅଧିକାରୀଙ୍କ ବଦଳି ଓ ପ୍ରମୁଖ ପଦବୀରେ ନିଯୁକ୍ତିକୁ ନେଇ ଉଭୟେ ମୁହାଁମୁହିଁ ହେଉଛନ୍ତି। ନିକଟରେ ଏଭଳି ଏକ ବିବାଦ ସାମ୍ନାକୁ ଆସିଛି। ଭିଜ୍‌ଙ୍କ ପ୍ରସ୍ତାବକୁ ଅସ୍ୱୀକାର କରି ଖଟ୍ଟର ଆଇପିଏସ୍ ଅଧିକାରୀ କାଲା ରାମଚନ୍ଦ୍ରନଙ୍କୁ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେବା ଲାଗି ନିର୍ଦ୍ଦେଶ ଦେଲା ପରେ ଏଭଳି ବିବାଦ ଉଠିଛି। ବାସ୍ତବରେ ପରିବହନର ପ୍ରମୁଖ ସଚିବ ପଦବୀରେ ଆଇଏଏସ୍ ଅଧିକାରୀ ରହନ୍ତି। କେବଳ ଏତିକି ନୁହେଁ, ରାମଚନ୍ଦ୍ରନଙ୍କୁ ଏହି ପଦବୀ ସହ ଆଡିସନାଲ ଡାଇରେକ୍ଟର ଜେନେରାଲ ଫର୍ କ୍ରାଇମ୍ ଏଗେନ୍ଷ୍ଟ ଓମ୍ୟାନର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସୂତ୍ରରୁ ଜଣାପଡ଼ିଛି , ଆଇଏଏସ୍‌ଙ୍କ ଲାଗି ଉଦ୍ଦିଷ୍ଟ କ୍ୟାଡର ପଦବୀରେ ଆଇପିଏସ୍ ଅଧିକାରୀଙ୍କ ନିଯୁକ୍ତିକୁ ଭିଜ୍ ବିରୋଧ କରିଥିଲେ। ଆଇଏଏସ୍ କ୍ୟାଡର ନିୟମ ଅନୁଯାୟୀ ଏଭଳି ନିଯୁକ୍ତି ଦେବା ପୂର୍ବରୁ କେନ୍ଦ୍ର ସରକାରଙ୍କ ଅନୁମତି ଦରକାର ବୋଲି ସେ ଦର୍ଶାଇଥିଲେ। ମୁଖ୍ୟ ଶାସନ ସଚିବ ବିଜୟ ବର୍ଦ୍ଧନ ମଧ୍ୟ ଆଇଏଏସ୍‌ଙ୍କ କ୍ୟାଡର ପଦବୀରେ ଅଣ କ୍ୟାଡର ଅଧିକାରୀଙ୍କ ନିଯୁକ୍ତିକୁ ବିରୋଧ କରିବା ସହ ଏଭଳି ନିଯୁକ୍ତି ନ ଦେବା ଲାଗି ପରାମର୍ଶ ଦେଇଥିଲେ। କିନ୍ତୁ ଖଟ୍ଟର ମୁଖ୍ୟ ସଚିବଙ୍କ ପରାମର୍ଶକୁ ଅଣଦେଖା କରିଥିଲେ। ଖଟ୍ଟର ଏଭଳି ନିଯୁକ୍ତି ଦେବାରେ ଅଭ୍ୟସ୍ତ। ପୂର୍ବରୁ ସେ ୯ ଜଣ ଆଇପିଏସ୍, ଆଇଏଫ୍‌ଏସ୍ ଏବଂ ଆଇଆର୍‌ଏସ୍ ଅଧିକାରୀଙ୍କୁ ଆଇଏଏସ୍‌ଙ୍କ ଲାଗି ଉଦ୍ଦିଷ୍ଟ ପଦବୀରେ ନିଯୁକ୍ତି ଦେଇଥିଲେ। ଫଳରେ କେନ୍ଦ୍ର ହରିୟାଣା ସରକାରଙ୍କୁ ଏହା ଉପରେ ସ୍ପଷ୍ଟୀକରଣ ମାଗିଥିଲା।

### ଚାପରେ ଅଧିକାରୀ

କେରଳ କୋଭିଡ୍ ମହାମାରୀ ମୁକାବିଲା କରିବା ସହ ପ୍ରଶାସନିକ ସ୍ତରରେ ଆଇଏଏସ୍ ଅଧିକାରୀଙ୍କ ଅଭାବ ଭଳି ପରିସ୍ଥିତିକୁ ସାମ୍ନା କରୁଛି। ମୁଖ୍ୟତଃ ସଚିବ ପାହ୍ୟାର ଅଧିକାରୀମାନଙ୍କ ଅଭାବ ଯୋଗୁ ସାମ୍ପ୍ରତିକ ପରିସ୍ଥିତିରେ ମୁଖ୍ୟ ଶାସନ ସଚିବ ଭି.ପି.ଜୟ ଅଧିକ ଅଧିକାରୀ ଆବଶ୍ୟକ କରୁଛନ୍ତି। ଅତ୍ୟଧିକ ଦାୟିତ୍ୱ ବୋଝ ସମ୍ଭାଳୁଥିବା ତଥା ଚାପଗ୍ରସ୍ତ ଅଧିକାରୀଙ୍କ ଟିମ୍‌କୁ ନେଇ ସେ କାର୍ଯ୍ୟ କରୁଛନ୍ତି। ରାଜ୍ୟ ପାଇଁ ନିର୍ଦ୍ଧାରିତ ସଂଖ୍ୟକ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ ମାତ୍ର ୬୨ ପ୍ରତିଶତ ଏବଂ ଆଇପିଏସ୍‌ଙ୍କ ମଧ୍ୟରୁ ୫୨ ପ୍ରତିଶତଙ୍କୁ ନେଇ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ସ୍ୱୀକାର କରିଛନ୍ତି । ଇଣ୍ଡିଆନ୍ ଫରେଷ୍ଟ ସର୍ଭିସ (ଆଇଏଫ୍‌ଏସ୍) ଅବସ୍ଥା ମଧ୍ୟ ଭଲ ନାହିଁ। ରାଜ୍ୟ ପାଇଁ ଉଦ୍ଦିଷ୍ଟ ୧୦୭ ଆଇଏଫ୍‌ଏସ୍ ପଦବୀରୁ କେବଳ ୬୨ ପ୍ରତିଶତ ପୂରଣ ହୋଇଛି। ଏଭଳି ପରିସ୍ଥିତି ପାଇଁ ବହୁ କାରଣ ରହିଛି। ପ୍ରଥମତଃ ପଦବୀ ପୂରଣ କରା ନ ଯାଇ ବର୍ଷ ବର୍ଷ ଧରି ସ୍ୱାଭାବିକ ଭାବେ ପଦବୀ ସଂଖ୍ୟା ବଢ଼ାଯାଉଛି। ସବୁଠୁ ବଡ଼ କାରଣ ହେଉଛି ଅଧିକ ସଂଖ୍ୟକ ଆଇଏଏସ୍ ଅଧିକାରୀ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତି କିମ୍ବା ଇଣ୍ଟର-କ୍ୟାଡର ଡେପୁଟେଶନରେ ସେମାନଙ୍କ ହୋମ୍ କ୍ୟାଡରକୁ ଯିବାକୁ ପସନ୍ଦ କରୁଛନ୍ତି। ଜଣାପଡ଼ିଛି ଯେ, ୨୨ ଜଣ ଆଇଏଏସ୍ ଅଧିକାରୀ ଏବେ କେନ୍ଦ୍ରୀୟ ଡେପୁଟେଶନରେ ରହିଥିବାବେଳେ ୨ ଜଣ ସେମାନଙ୍କ ରାଜ୍ୟ କ୍ୟାଡରରେ କାମ କରୁଛନ୍ତି। ସେହିଭଳି ୨୩ ଜଣ ଆଇପିଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଥିବାବେଳେ ଜଣେ ଇଣ୍ଟର୍-କ୍ୟାଡର ଡେପୁଟେଶନରେ ଅଛନ୍ତି। କେରଳରେ ଏବେ କେବଳ ୧୦ ଜଣ ସଚିବ ପାହ୍ୟାର ଅଧିକାରୀ ଏବଂ ୧୨ ଜଣ ପ୍ରମୁଖ ସଚିବ ରହିଛନ୍ତି। ନିଜ ମୂଳ ପଦବୀ ବ୍ୟତୀତ ଏମାନେ ସମସ୍ତେ ଅନେକ ପଦବୀର ଦାୟିତ୍ୱ ସମ୍ଭାଳୁଛନ୍ତି।

Email: dilipcherian@gmail.com

### su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | 8 | | 5 |
| | | 7 | | | | | 2 | 1 |
| 6 | | | 5 | | | | | |
| | | | | | 2 | | | 9 |
| | | | | 6 | 1 | | | |
| 4 | | | 3 | | 5 | 7 | | |
| | 8 | | | | | 1 | | |
| | | | 4 | | 7 | | 6 | |
| | 2 | | | | 3 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 9 | 6 | 8 | 1 | 2 | 4 | 5 |
| 1 | 4 | 6 | 9 | 5 | 2 | 7 | 8 | 3 |
| 5 | 2 | 8 | 7 | 4 | 3 | 1 | 9 | 6 |
| 3 | 8 | 7 | 5 | 2 | 6 | 9 | 1 | 4 |
| 4 | 9 | 5 | 1 | 3 | 7 | 6 | 2 | 8 |
| 2 | 6 | 1 | 4 | 9 | 8 | 3 | 5 | 7 |
| 8 | 1 | 4 | 3 | 7 | 9 | 5 | 6 | 2 |
| 9 | 7 | 2 | 8 | 6 | 5 | 4 | 3 | 1 |
| 6 | 5 | 3 | 2 | 1 | 4 | 8 | 7 | 9 |

ଗତକାଲିର ଉତ୍ତର

# ଦାୟିତ୍ୱ ଖସାଇବାର ପ୍ରୟାସ



ବିଚିତ୍ର ବିଶ୍ୱାଳ

ବୁଢ଼ାଲୋକ ଜଣକ ଜୀବନସାରା କଠିନ ପରିଶ୍ରମ କରି ନିଜ ପରିବାର ପାଇଁ କିଛି ସମ୍ପତ୍ତି ଅର୍ଜନ କରିଥିଲେ। ସେହି ସମ୍ପତ୍ତିମଧ୍ୟରେ ଜମି, ଗାଡ଼ି, ଘର, ଡଙ୍ଗା, ଟେଲିଫୋନ୍, ହୋଟେଲ୍ ବ୍ୟବସାୟ ଓ ଆହୁରି ଅନେକ ଜିନିଷ ଥିଲା। ସେହି ବୁଢ଼ାଲୋକ ଜଣକର ପୁଅ ଯୋଗ୍ୟ ହୋଇ ନ ଥିବାରୁ ତାଙ୍କ ବ୍ୟବସାୟ ବାରମ୍ବାର କ୍ଷତି ହେଉଥିଲା ଓ ଅନ୍ୟାନ୍ୟ ସମ୍ପତ୍ତି ବାଡ଼ିରୁ ସେ ଆଶାନୁରୂପକ ଲାଭ ପାଉ ନ ଥିଲେ। ପ୍ରକୃତରେ ଏପରି ଅଭିଯୋଗ ବୁଢ଼ାଙ୍କ ଅପେକ୍ଷା ତାଙ୍କ ପୁଅ ବେଶି କରୁଥିଲା।

ଦିନେ ସକାଳୁ ବୁଢ଼ାଲୋକ ଜଣକ ନିଦରୁ ଉଠି ଦେଖିଲେ ତାଙ୍କ ଅର୍ଜିତ ସମ୍ପତ୍ତି ବାଡ଼ି ଆଉ କିଛି ନାହିଁ। ବାହାର ଲୋକମାନେ ତା' ଉପରେ କବ୍‌ଜା କରି ବସିଛନ୍ତି। ବୁଢ଼ା ଆଶ୍ଚର୍ଯ୍ୟ ହୋଇ ପୁଅକୁ ଚାହିଁଲେ। ପୁଅ କାଳବିଳମ୍ବ ନ କରି କହିପକେଇଲା- ବାପା, ମୁଁ ସେସବୁ ଜିନିଷର ମୁଦ୍ରୀକରଣ କରିଦେଇଛି। ପ୍ରଥମେ ତ ପୁଅ କହୁଥିବା ମୁଦ୍ରୀକରଣର ଅର୍ଥ ବୁଢ଼ା କିଛି ବୁଝିପାରିଲେ ନାହିଁ। ଆବା କାବା ହୋଇ ପୁଅକୁ ଚାହିଁଲେ। କିଛି ସମୟ ପରେ ବୁଢ଼ା ବୁଝିଲେ ଯେ, ଟଙ୍କା ପାଇଁ ପୁଅ ସେସବୁ ସମ୍ପତ୍ତିକୁ ବାହାର ଲୋକମାନଙ୍କୁ ଭଡ଼ାରେ ଦେଇଛି ଓ ବିକି ଦେଇଛି। ବୁଢ଼ାଙ୍କ ପାଦ ତଳୁ ମାଟି ଧସିଯିବା ପରି ଲାଗିଲା। ପୁଅ କହିଲା, ବ୍ୟସ୍ତ ହୁଅନାହିଁ। ଏହାଦ୍ୱାରା ଆମକୁ ଟଙ୍କା ମିଳିବ। ସେହି ଟଙ୍କାରେ ଆମେ ଆହୁରି ସମ୍ପତ୍ତି ବଢ଼େଇବା। ଏହାଦ୍ୱାରା ଆମର ବିକାଶ ହିଁ ବିକାଶ ହେବ। ବୁଢ଼ାଙ୍କ ପାଟିରେ ଆଉ ଭାଷା ନଥିଲା।

ଏହି ଗପଟି ସହିତ ବର୍ତ୍ତମାନ ଆମ ଦେଶର ଅବସ୍ଥା ପୂରା ଖାପ୍ ଖାଇଯାଉଛି। ଅଗଷ୍ଟ ୨୩ରେ କେନ୍ଦ୍ର ସରକାର 'ନ୍ୟାଶନାଲ୍ ମନିଟାଇଜେଶନ୍ ପାଇପ୍‌ଲାଇନ୍' ନାମକ ଏକ ଯୋଜନା ଘୋଷଣା କରିଛନ୍ତି। କାନକୁ ଭାରି ବଢ଼ିଆ ଶୁଭୁଥିବା ଏହି ଯୋଜନା ମାଧ୍ୟମରେ ସରକାର ଆମ ଦେଶର ୧୩ଟି ରାଷ୍ଟ୍ରାୟତ୍ତ କ୍ଷେତ୍ରର ସମ୍ପତ୍ତି ସବୁକୁ ଘରୋଇ କମ୍ପାନୀମାନଙ୍କୁ ଲିଜ୍ ଆକାରରେ ଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଠିକ୍ ଗପରେ ଥିବା ବୁଢ଼ାର ପୁଅ ପରି ସରକାର ଘୋଷଣା କରିଛନ୍ତି, ଏହି ଯୋଜନା ଦ୍ୱାରା ଆସନ୍ତା ଚାରି ବର୍ଷରେ ଆମକୁ ୬ଲକ୍ଷ କୋଟି ଟଙ୍କା ମିଳିବ, ଯେଉଁଥିରେ ଆମେ ଆହୁରି ଢାଞ୍ଚାଗତ ବିକାଶ କରିପାରିବା। ସରକାରଙ୍କ ପାଖରେ ବର୍ତ୍ତମାନ ଥିବା ରାଷ୍ଟ୍ରାୟତ୍ତ ସମ୍ପତ୍ତି ଓ ସେବା କ୍ଷେତ୍ରକୁ ଘରୋଇ କମ୍ପାନୀକୁ ଲିଜ୍ ଦେଇ ବା ବିକ୍ରି କରି ସେଥିରୁ ଟଙ୍କା ରୋଜଗାର କରିବା, କିପରି ବିକାଶ ବୁଝିହେଉନାହିଁ। ଏହା ବିକାଶର ସୂଚନା ନା ଦେବାଳିଆର ଲକ୍ଷଣ, ବିଚାରଯୋଗ୍ୟ ବିଷୟ। ଆମେ ଜାଣିଛେ, ବାପ ଅଜାଙ୍କ ଅର୍ଜିତ ସମ୍ପତ୍ତିକୁ ବିକୁଥିବା ପୁଅ କେବେହେଲେ ଯୋଗ୍ୟ ପୁଅ ନୁହେଁ। ଅଯୋଗ୍ୟ ପଣେ ହିଁ ସମ୍ପତ୍ତି ବିକିବାର ଚିନ୍ତାଧାରା ମୁଣ୍ଡକୁ ଆସେ। ଏ କ୍ଷେତ୍ରରେ ବି ଠିକ୍ ସେହିପରି ସରକାର ରାଷ୍ଟ୍ରାୟତ୍ତ ସମ୍ପତ୍ତିକୁ ଘରୋଇ କମ୍ପାନୀ ହାତକୁ ଟେକି ଦେବାର ନିଷ୍ପତ୍ତି ନେଇଛନ୍ତି। ଅବଶ୍ୟ ନିଜ ଦୋଷ ଓ ଅପାରଗପଣକୁ ଢାଙ୍କିବା ପାଇଁ ସରକାର ଏହାର ଗୋଟିଏ ଭଲ ନାଁ ଦେଇଛନ୍ତି। ଏ କ୍ଷେତ୍ରରେ ସରକାର ଶବ୍ଦର ଖେଳ ଖେଳି ସାଧାରଣ ଲୋକଙ୍କୁ ଠକିବାର ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି। ନାଁ ଯାହା ଦେଲେ ବି, ପ୍ୟାକିଙ୍ଗ୍ ଯେପରି କଲେ ବି ସରକାରଙ୍କର ଭିତିରି ଉଦ୍ଦେଶ୍ୟକୁ ବୁଝିବା ଆଉ ବାକି ନାହିଁ। କୋଭିଡ୍‌ର ପ୍ରଥମ ଲହର ବେଳେ ଅର୍ଥମନ୍ତ୍ରୀ ଘରୋଇକରଣ କରିବାର ଯେଉଁ ଧାରା ଆରମ୍ଭ କରିଥିଲେ, ସମ୍ପ୍ରତି କେନ୍ଦ୍ର ସରକାର ସେହି ଧାରାକୁ ଆହୁରି ଆଗକୁ ବଢ଼େଇଛନ୍ତି। ୨୦୧୪ରେ ମୋଦି ସରକାର ଆସିବା ପରଠାରୁ ତାଙ୍କର ନିଷ୍ଠା ଦେଶର ଜନସାଧାରଣଙ୍କ ଅପେକ୍ଷା କମ୍ପାନୀମାନଙ୍କ ପ୍ରତି ଅଧିକ ବୋଲି ବୁଝିବାରେ ଆଉ ବାକି ନାହିଁ। ପୂର୍ବରେ ସରକାର ବି ଏହାର ବ୍ୟତିକ୍ରମ ନ ଥିଲେ।

କେନ୍ଦ୍ର ସରକାର ଏହି ଯୋଜନା ମାଧ୍ୟମରେ ୨୬,୭୦୦ କି.ମି. ରାସ୍ତା, ଯାହାକି ଦେଶର ସମୁଦାୟ ରାଜରାସ୍ତାର ୨୨% ଘରୋଇ କମ୍ପାନୀଙ୍କ ହାତକୁ ଟେକିଦେବାର ବ୍ୟବସ୍ଥା କରିଛନ୍ତି। ୪୦୦ ରେଳ ଷ୍ଟେଶନ୍, ୯୦ଟି ରେଳଗାଡ଼ି, ୧୪୦୦ କି.ମି. ରେଳ ଟ୍ରାକ୍, ୧୫ଟି ରେଲୱେ ଷ୍ଟାଡ଼ିୟମ୍, ୨୬୫ଟି ରେଳ ଗୋଦାମ, ୮୧୫୪ କି.ମି. ଲମ୍ବର ପ୍ରାକୃତିକ ଗ୍ୟାସ୍ ପାଇପ୍‌ଲାଇନ୍, ପେଟ୍ରୋଲିଅମ୍ ଓ ପେଟ୍ରୋଲ୍‌ଜାତ ଦ୍ରବ୍ୟ, ଏକାଧିକ ସରକାରୀ ହୋଟେଲ୍, ସରକାରୀ ଗୋଦାମ ଘର, ଖଣି, ଷ୍ଟାଡ଼ିୟମ୍ ଆଦିକୁ ଘରୋଇ କମ୍ପାନୀଙ୍କ ହାତକୁ ଟେକିଦେବା ପାଇଁ ଯୋଜନା କରିସାରିଛନ୍ତି। ଏତଦ୍‌ବ୍ୟତୀତ ଶକ୍ତି, ଟେଲିକମ୍, ଜାହାଜ ଚଳାଚଳ, ବିମାନ ଚଳାଚଳ, ସହରାଞ୍ଚଳ ଓ ରିଅଲ୍ ଇଷ୍ଟେଟ୍ ଆଦି କ୍ଷେତ୍ରକୁ ମଧ୍ୟ ଘରୋଇ କମ୍ପାନୀଙ୍କୁ ଲିଜ୍ ଦେବାର ବ୍ୟବସ୍ଥା ହୋଇଛି। ଓଡ଼ିଶାର ପାରାଦୀପ ବନ୍ଦର, ଭୁବନେଶ୍ୱର ବିମାନ ବନ୍ଦର, ହୋଟେଲ୍ କଳିଙ୍ଗ ଅଶୋକ ବି ଏହି ତାଲିକାରେ ଅଛି। ଏହାଦ୍ୱାରା ଚାରି ବର୍ଷ ମଧ୍ୟରେ ସରକାର ୬ ଲକ୍ଷ କୋଟି ଟଙ୍କା ପାଇବେ। ଅର୍ଥାତ୍ ବର୍ଷକୁ ମାତ୍ର ୧.୫ ଲକ୍ଷ କୋଟି ଟଙ୍କା ପାଇଁ ଦେଶର ଏସବୁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କ ହାତକୁ ଟେକିଦେବା କେତେ ଦୂର ସମୀଚୀନ! ଏହି ଯୋଜନା ଘୋଷଣାର ମାତ୍ର ଆଠ ଦିନ ପୂର୍ବରୁ ସ୍ୱାଧୀନତା ଦିବସ ଦିନ ପ୍ରଧାନମନ୍ତ୍ରୀ ମୋଦି ଲାଲ୍‌କିଲ୍ଲା ଉପରୁ ସାଧାରଣ ଲୋକଙ୍କ ପାଇଁ ୧ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ୍ ଘୋଷଣା କରିଥିଲେ। ଯଦି ସରକାରଙ୍କ ପାଖରେ ଟଙ୍କା ନାହିଁ ଓ ଦେଶର ସମ୍ପତ୍ତି ଲିଜ୍ ଦେବା ପାଇଁ ପଡୁଛି, ତେବେ ପ୍ରଧାନମନ୍ତ୍ରୀଙ୍କ ଘୋଷଣା କ'ଣ ମିଛ ଥିଲା? ଦେଶର ସ୍ୱତନ୍ତ୍ରତା ଓ ଆତ୍ମନିର୍ଭରଶୀଳତାର କଥା କହୁଥିବା ପ୍ରଧାନମନ୍ତ୍ରୀ ସ୍ୱାଧୀନତା ଦିବସର ମାତ୍ର ଆଠ ଦିନ ପରେ ଦେଶର ସମ୍ପତ୍ତି ଓ ସେବା କ୍ଷେତ୍ରକୁ ଘରୋଇ କମ୍ପାନୀଙ୍କ ହାତକୁ ଟେକି ଦେବା କ'ଣ ସ୍ୱାଧୀନତାର ଆତ୍ମସମର୍ପଣ ନୁହେଁ?

ଏହି ସବୁ ସମ୍ପତ୍ତି ଓ ସେବା କ୍ଷେତ୍ର ଘରୋଇ ମାଲିକାନାକୁ ଗଲେ, ସେତେବେଳେ ଉପରୋକ୍ତ ସେବା ଓ ଦ୍ରବ୍ୟର ମୂଲ୍ୟ କେତେ ରହିବ, ସେ ବିଷୟରେ କିଛି ବି ଏହି ଯୋଜନାରେ କୁହାଯାଇନାହିଁ। ଏହା ପରୋକ୍ଷରେ ଲୋକଙ୍କ ପାଇଁ କାଳ ସାବ୍ୟସ୍ତ ହେବ। କାରଣ ଆମେ ସମସ୍ତେ ଜାଣିଛେ ଯେ, ଘରୋଇ କମ୍ପାନୀମାନେ କେବେ ବି ଜନକଲ୍ୟାଣ ପାଇଁ ଏହି ସବୁ ସମ୍ପତ୍ତି ଓ ସେବା କ୍ଷେତ୍ରକୁ ଲିଜ୍‌ରେ ନେବେ ନାହିଁ। ଲାଭ କରିବା ହିଁ ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ରହିବ। ଫଳସ୍ୱରୂପ ଏହି ସବୁ ସମ୍ପତ୍ତି ଓ ସେବାର ମୂଲ୍ୟ ଖୁବ୍ ଦ୍ରୁତ ଗତିରେ ବଢ଼ିବ, ଏଥିରେ ସନ୍ଦେହ ନାହିଁ। ଏହାର ବୋଝ ଆସନ୍ତା ଭବିଷ୍ୟତରେ ଦେଶର କୋଟି କୋଟି ସାଧାରଣ ଲୋକଙ୍କ ଉପରେ ପଡ଼ିବ। ପ୍ରକାରାନ୍ତରେ ଦରଦାମ୍ ଆହୁରି ବଢ଼ିବ। କରୋନାର ସଂକଟ ପରେ ମୁଦ୍ରୀକରଣର ସଂକଟ ଲୋକଙ୍କ ପାଇଁ ଭାରି ପଡ଼ିବ। ଯେଉଁ ଯେଉଁ କ୍ଷେତ୍ରଗୁଡ଼ିକ ଏହି ଯୋଜନା ମାଧ୍ୟମରେ ଲିଜ୍ ଦେବା ପାଇଁ ଚୂଡ଼ାନ୍ତ ହୋଇଛି, ସେସବୁ ସର୍ବସାଧାରଣଙ୍କ ସ୍ୱାର୍ଥ ସମ୍ବଳିତ କ୍ଷେତ୍ର। ସେସବୁ ଘରୋଇ କମ୍ପାନୀଙ୍କ ମାଲିକାନାକୁ ଗଲେ, ଲୋକମାନେ ସେହିସବୁ ସେବା ଉପଯୁକ୍ତ ଦାମ୍‌ରେ ପାଇବାରୁ ବଞ୍ଚିତ ହେବେ। ଘରୋଇ କମ୍ପାନୀମାନେ ନିଜ ଲାଭ ପାଇଁ ଅଧିକ ଦାମ୍ କଷିବେ। କାରଣ ଘରୋଇ କମ୍ପାନୀମାନଙ୍କ ପାଇଁ ସରକାର ଏହି ଯୋଜନାରେ ଦରଦାମ୍‌ର କୌଣସି ନିୟନ୍ତ୍ରଣ ରଖିନାହାନ୍ତି। ଦେଶର ଜନସାଧାରଣଙ୍କଠାରୁ ଲକ୍ଷ ଲକ୍ଷ କୋଟି ଟଙ୍କା ଘରୋଇ କମ୍ପାନୀମାନେ ଲୁଟିନେବେ। ଏତଦ୍‌ବ୍ୟତୀତ ଏପରି ଯୋଜନା ସରକାରୀ କ୍ଷେତ୍ରରେ ଦୁର୍ନୀତି ବଢ଼ାଇବ। ଏହା ନିଶ୍ଚିତ ଯେ, ଏହି ଯୋଜନା ମାଧ୍ୟମରେ ସରକାର ନିଜର ପ୍ରିୟ ତଥା ନିର୍ବାଚନୀ ଚାନ୍ଦା ଦେଉଥିବା କମ୍ପାନୀମାନଙ୍କୁ ହିଁ ଲିଜ୍ ଦେବା ପାଇଁ ଅଗ୍ରାଧିକାର ଦେବେ। ଏହାଦ୍ୱାରା ସରକାର ନିଶ୍ଚୟ ତାଙ୍କର ନିର୍ବାଚନ ଫଣ୍ଡିଙ୍ଗକୁ ଅଧିକ ଦୃଢ଼ କରିବାର ବ୍ୟବସ୍ଥା କରିବେ। ଯେତେବେଳେ କୁହାଯାଉଛି, ମାତ୍ର କିଛି ବର୍ଷ ପାଇଁ ଏସବୁ ସମ୍ପତ୍ତି ଲିଜ୍ ଦିଆଯିବ, ସେତେବେଳେ ଗୋଟିଏ କଥା ଭୁଲିଯିବା ଉଚିତ୍ ନୁହେଁ ଯେ, ଏହି କିଛି ବର୍ଷଟା ଆହୁରି ଅଧିକରୁ ଅଧିକ ବଢ଼ିବ। ପ୍ରତି ବର୍ଷ କମ୍ପାନୀମାନଙ୍କର ଲିଜ୍‌କୁ ନବୀକରଣ କରାଯିବ। ଥରେ ସମ୍ପତ୍ତି କମ୍ପାନୀମାନଙ୍କ ହାତକୁ ଚାଲିଗଲେ ଓ ସରକାର ନିଜ ଦାୟିତ୍ୱରୁ ଓହରିଗଲେ, ସେହି ଆଧାରରେ ସରକାର ଧୀରେ ଧୀରେ ଲିଜ୍‌କୁ ବିକ୍ରିରେ ପରିଣତ କରିଦେବେ। ତେଣିକି ସମ୍ପତ୍ତିର ସମ୍ପୂର୍ଣ୍ଣ ମାଲିକ ହୋଇଯିବେ ଘରୋଇ କମ୍ପାନୀ। ସେତେବେଳକୁ ଲୋକମାନଙ୍କର ବି ଅଭ୍ୟାସରେ ପରିଣତ ହୋଇଯାଇଥିବ। ଆଉ ପ୍ରତିବାଦ କି ବିଦ୍ରୋହ ଦେଖାଯିବ ନାହିଁ।

ସମୟ ଆସିବ ଦେଶ ତ ଆମର ହୋଇଥିବ, କିନ୍ତୁ ରେଳ ଷ୍ଟେଶନଟା ଘରୋଇ କମ୍ପାନୀର ହୋଇଥିବ। ଭୁବନେଶ୍ୱର ବିମାନବନ୍ଦର ଆମେରିକାର କେଉଁ ଗୋଟେ କମ୍ପାନୀର ହୋଇଥିବ। ଏହି ମୁଦ୍ରୀକରଣ ବ୍ୟବସ୍ଥା ପ୍ରକୃତରେ ରାଷ୍ଟ୍ରାୟତ୍ତ ସଂସ୍ଥା ସବୁକୁ ଦେଶୀ ବିଦେଶୀ କମ୍ପାନୀଙ୍କ ହାତକୁ ଟେକି ଦେବାର ଏକ ଚାଲ୍। କାଲି ସକାଳେ ରେଳ ଭଡ଼ା କମେଇବା ପାଇଁ ବା ଟୋଲ୍ ଗେଟ୍‌ରେ ଅଧିକ ଭଡ଼ା ନିଆଗଲେ ତାକୁ କମେଇବା ପାଇଁ ଲୋକମାନେ ଆଉ ସରକାରଙ୍କ ପାଖରେ ଦାବି କରିପାରିବେ ନାହିଁ। କାରଣ ସେସବୁ ଆଉ ସରକାରଙ୍କ ଅଧୀନରେ ନ ଥିବ। ଅସଲରେ ସରକାର ଧୀରେ ଧୀରେ ଜନକଲ୍ୟାଣକାରୀ ଭୂମିକାରୁ ବାହାରି ଯିବାକୁ ଚାହୁଁଛନ୍ତି। ତାଙ୍କ ଉପରେ ଥିବା ଦାୟିତ୍ୱ ଖସାଇବା ଲାଗି ପ୍ରୟାସ କରୁଛନ୍ତି। ସରକାର କେବଳ ଶାସନ କରିବେ ଓ ସେଥିପାଇଁ କେବଳ ପୋଲିସ ବାହିନୀ ରଖିବେ। ବାକି ସବୁ କାମ ଘରୋଇ କମ୍ପାନୀ ବୁଝିବେ। ତା'ପରେ ସରକାର ଘୋଷଣା କରିବେ, ଜୋର୍ ଯା'ର ମୁଲକ ତା'ର। ଯିଏ ବଞ୍ଚିପାରିବେ ବଞ୍ଚ, ବାକି ସବୁ ଘୁଞ୍ଚ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

# ଏକ ନିଆରା ପରମ୍ପରା



ମୋହନ ଚରଣ ବିଷି

ନୂଆଁଖାଇ ପଶ୍ଚିମ ଓଡ଼ିଶାର ଗଣପର୍ବ। ଉତ୍ପନ୍ନ ହେଉଥିବା ଖାଦ୍ୟଶସ୍ୟକୁ ନିଜେ ପ୍ରଥମେ ଭକ୍ଷଣ କରିବା ପୂର୍ବରୁ ଦିଅଁ ଦେବତା, ଠାକୁର, ଠାକୁରାଣୀ, ଗ୍ରାମ ଦେବଦେବୀଙ୍କୁ ନୈବେଦ୍ୟ କରି ପରିବାର ଏକତ୍ରିତ ହୋଇ ଭକ୍ଷଣ କରିବାକୁ ନୂଆଁଖାଇ କୁହାଯାଏ। ନୂଆଁଖାଇକୁ ନୂଆଖିଆ, ନବାନ୍ନ, ନୂଆତିହାର ମଧ୍ୟ କହନ୍ତି। ପୂର୍ବେ ଯେତେସବୁ କୃଷି ଦ୍ରବ୍ୟ ଉତ୍ପନ୍ନ ହେଉଥିଲା ତାକୁ ଅମଳ କରି ମଣିଷ ଦିଅଁଦେବତା ପାଖରେ ପ୍ରଥମେ ଅର୍ପଣ କରୁଥିଲା, ତା'ପରେ ତାକୁ ନିଜେ ଓ ପରିବାର ପାଇଁ ବ୍ୟବହାର କରୁଥିଲା। ବର୍ଷା ଋତୁରେ ଯେଉଁ ସବୁ ଚାଷ କରୁଥିଲା ପ୍ରଥମରେ ଗୁରୁଜି, ମାଣ୍ଡିଆ, ସୁଆଁ, କାଙ୍ଗ, କାକୁଡ଼ି, ପାଣିକଖାରୁ, ଜହ୍ନି, ବୋଇତାଳୁ ବାହାରୁଥିଲା, ଏସବୁକୁ ନିଜ ଦେବଦେବୀଙ୍କୁ ଭୋଗ ବାଢ଼ି ସେହି ଭୋଗକୁ ଖାଉଥିଲା। ସେହିଦିନଠାରୁ ଏହି ସବୁକୁ ନିୟମିତ ଭାବରେ ଆହାରରେ ବ୍ୟବହାର କରୁଥିଲା। ଏହି ସବୁର ଉତ୍ପନ୍ନ ପରେ ପୋରାଧାନ, ଟିଂଗେର ଧାନ, ସେଟକା ଧାନ ହେଉଥିଲା। ଧାନକୁ ମହାଲକ୍ଷ୍ମୀର ପ୍ରତୀକ ଭାବରେ ବିବେଚନା କରାଯାଏ। ଯେହେତୁ ଅନ୍ନ ମାଧ୍ୟମରେ ବର୍ଷ ତମାମ ମଣିଷ ଭୋକ ମେଣ୍ଟାଇ ଥାଏ ତେଣୁ ନୂଆଧାନରୁ ପ୍ରଥମ କରି ଅନ୍ନ ଭକ୍ଷଣ କରିବା ପୂର୍ବରୁ ନିଜ ଦିଅଁଦେବତା ଗ୍ରାମ ଦେବଦେବୀଙ୍କୁ ଅର୍ପଣ କରି ନିଜେ ଭକ୍ଷଣ କରିଥାଏ।

ଆଗକାଳରେ ଲୋକମାନେ ଘରେ ଚାଉଳ ତଥା ଅନ୍ୟାନ୍ୟ ଶସ୍ୟ ସାଇତିରଖି ପାରୁ ନ ଥିଲେ କାରଣ ଯେତେ ଉତ୍ପନ୍ନ ହେଉଥିଲା ତାହା ନିଅଣ୍ଟ ପଡୋ। ଜଣକ ପାଖରେ ଯଦି କିଛି ନାହିଁ ତା'ହେଲେ ନିଜର ଜମିବାଡ଼ିରେ ଯାହା ଅମଳ ହେଉଥିଲା ତାହା ତା' ଚୁଲିକୁ ଆସେ। ଯଦି ନୂଆଁଖାଇ ହେଇ ନ ଥିବ ସେମାନେ ନିଜର ଶସ୍ୟ ଅମଳ କରି ଖାଇପାରୁ ନଥିଲେ। ନିଜର ସ୍ୱାଭିମାନକୁ ବଞ୍ଚାଇ ରଖିବା କାହା ଆଗରେ ହାତପତାଇବା ନାହିଁ ଏହି ଉଦ୍ଦେଶ୍ୟରେ ଭାଦ୍ରବ ମାସର ତୃତୀୟ, ପଞ୍ଚମୀ, ସପ୍ତମୀ ତିଥିରେ ଶୁଭବେଳା ଦେଖି ନୂଆଁଖାଇ ପାଳନ କରୁଥିଲେ। ନୂଆଁଖାଇ ପାଳନ ହେବା ଆଗରୁ ଘରଦ୍ୱାର ଲିପାପୋଛା କରି ଘରର ପ୍ରତ୍ୟେକ ଜିନିଷପତ୍ରକୁ ଧୁଆଧୁଆ କରନ୍ତି। ପରିବାର ସମସ୍ତଙ୍କ ପାଇଁ ନୂଆଲୁଗା ଆସେ। ଝିଅ ଘରକୁ ଭାରିଆ ପିଠାପଣା, ଖଜା ଓ ନୂଆଲୁଗା ପଠାଯାଏ। ସାଂଗସାଥୀ, ମିତ, ମହାପ୍ରସାଦ, ମକର, ଭେଲୋକ, ଭଏନଲୋକ, ବେଲଗଜା, ଗଜାମୁଗ, ବଉଲମାନଙ୍କ ମଧ୍ୟରେ ଲୁଗାପଟା, ଖଜାମିଠା ଦିଆନିଆ ହୋଇଥାଏ। ଏହାକୁ ଯୋଗାର ଦିଆନିଆ କହନ୍ତି।

ଚିତାଲାଗି ଅମାବାସ୍ୟା ନୂଆଁଖାଇର ଆଦ୍ୟ ପର୍ବ ଭାବରେ ପାଳନ କରିଥାଏ। ଏହିଦିନ ଚଷା ବିଲକୁ ଯାଇ କେନ୍ଦୁଡାଳ ବା କେନ୍ଦୁବାଡ଼ି ଗାଡ଼ିବାର ପରମ୍ପରା ରହିଛି। ଏହାର ଅର୍ଥ ହେଲା ଧାନ ଗଛରେ ରୋଗ ପୋକ ଲାଗିବ ନାହିଁ। ଏହିଦିନ ଗାଁରେ ପୂଜାରୀ ରୋଗୋହଲା କରିବ। ଏହା କରିବା ଉଦ୍ଦେଶ୍ୟ ହେଲା ଗାଁରେ କାହାକୁ ମହାମାରୀ ପରି ମାରାତ୍ମକ ରୋଗ ହେବନାହିଁ। କମାର ମଧ୍ୟ ଏହିଦିନ ଘର ଘର ବୁଲି ଲୁହାକଣ୍ଟା ପୋତି ଥାଏ; ଯେମିତି ମହାମାରୀ ଘରକୁ ପ୍ରବେଶ କରିବ ନାହିଁ। ଏହା ପରେ ପରେ ପାଳନ କରାଯାଏ ସପ୍ତପୁରୀ ଅମାବାସ୍ୟା; ଯାହାକୁ ପୋରାଉଁଆସ ମଧ୍ୟ କହନ୍ତି। ଏହିଦିନରେ ଗ୍ରାମଦେବଦେବୀଙ୍କୁ ପୂଜାରୀ ପୂଜାକରି ଏମିତି ମଙ୍ଗଳ ମନାସି ଥାଏ- ନୂଆଁଖାଇ ଆସୁଛି, କାହାର କିଛି ଅସୁବିଧା ନ ହେଉ, ସୁରୁଖୁରୁରେ ତିହାର୍ ସରିଯାଉ।

### ନୂଆଁଖାଇ ଉପଲକ୍ଷେ

ପୁଅଝିଅମାନେ ଏହିଦିନ ଛୋଟ ଛୋଟ ବଳଦଗାଡ଼ି, ଘୋଡ଼ାଗାଡ଼ି ଟାଣି ଖେଳନ୍ତି। ଝିଅମାନେ ଛୋଟ ଛୋଟ ମାଟି ତିଆରି କଣିବୁଟିରେ ଖଇଲିଆ ଖଜା, ଠେଙ୍ଗା, ଗୁଲି ଭର୍ତ୍ତି କରି ବିଭିନ୍ନ କିସମର ଖେଳ ଖେଳିଥାନ୍ତି। ନୂଆଁଖାଇ କେଉଁଦିନ ହେବ ପଞ୍ଚ ବସି ଦିନଧାର୍ଯ୍ୟ କରାଯାଏ। ସମସ୍ତଙ୍କ ସୁବିଧା ହେଲାପରି ଏକ ଦିନକୁ ବଛାଯାଏ। ଡକନିଆ ଗାଁରେ ସମସ୍ତଙ୍କୁ ନୂଆଁଖାଇ ଦିନ ଜଣାଇଦିଏ। ବର୍ତ୍ତମାନ ଓଡ଼ିଶା ସରକାରଙ୍କ ଘୋଷଣା ଅନୁସାରେ ପ୍ରତିବର୍ଷ ଭାଦ୍ରବ ମାସ ଋଷିପଞ୍ଚମୀ ତିଥିରେ ନବାନ୍ନ ପାଇଁ ଧାର୍ଯ୍ୟ କରାଯାଇଛି। ଅଲେଖ ଧର୍ମାବଲମ୍ବୀ ଭକ୍ତମାନେ ଶ୍ରାବଣ ପୂର୍ଣ୍ଣିମାରେ ନବାନ୍ନ ପାଳନ କରିଥାନ୍ତି। ପଶ୍ଚିମ ଓଡ଼ିଶାରେ ମାଁ ସମଲେଶ୍ୱରୀ ପୀଠରେ ନୂଆଁଲାଗି ହେଲା ପରେ ସମସ୍ତେ ନବାନ୍ନ ଭକ୍ଷଣ କରିଥାନ୍ତି । ପୁରୀ ମୁକ୍ତିମଣ୍ଡପ ପଣ୍ଡିତମାନେ ମଧ୍ୟ ନବାନ୍ନ ପାଇଁ ଉପଯୁକ୍ତ ସମୟ ନିର୍ଣ୍ଣୟ କରିଥାନ୍ତି। ଏହାବାଦ ନିଜ ନିଜ ଗାଁ, ଅଞ୍ଚଳର ଦେବଦେବୀଙ୍କ ନୂଆଲାଗି ଅନୁସାରେ ନବାନ୍ନ ଭକ୍ଷଣ କରାଯାଏ। ଯେମିତି କଳାହାଣ୍ଡିରେ ଜୁନାଗଡ଼ ଦଧିବାମନ ମହାପ୍ରଭୁଙ୍କ ନୂଆଲାଗି ହେଲାପରେ ଅଞ୍ଚଳବାସୀ ନୂଆଁ ଖାଇଥାନ୍ତି। ପରମ୍ପରା ଅନୁସାରେ କଳାହାଣ୍ଡି ଗଡଜାତ ଅଞ୍ଚଳରେ ଦଶମୀ ଦିନ ନବାନ୍ନ ପାଳନ କରିଥାନ୍ତି।

ନୂଆଁଖାଇ ପୂର୍ବଦିନ ଦାଣ୍ଡସରା ନୀତି କରାଯାଏ। ଗାଁ ଦାଣ୍ଡ ପରିଷ୍କାର ପରିଚ୍ଛନ୍ନ କରାଯାଏ। ଏହିଦିନ ଗାଁ ଦେବଦେବୀ ପୀଠରେ ନୂଆଧାନ ଚାଉଳ/ଚୁଡ଼ା ଅର୍ପଣ କରାଯାଇଥାଏ। ନୂଆଁଖାଇ ପୂର୍ବ ରାତିରେ ଗାଁର ପୂଜାରୀ ଗୋଣ୍ଡିଆଘର ଜମିକୁ ଯାଇ ମାଟିହାଣ୍ଡିରେ ପାଣି ଆଣିଥାନ୍ତି। ସେହି ପାଣିରେ ନବାନ୍ନ ଦିନ ସମସ୍ତ ଭୋଗରାଗ ତିଆରି କରାଯାଏ। ଲୋକେ ବଡ଼ିଭୋରରୁ କ୍ଷେତରୁ ନୂଆ ଧାନ ସଂଗ୍ରହ କରିବା ପାଇଁ ଯାଆନ୍ତି। ଏହିଦିନ ଯିଏ ଯାହାର ଭଟାରୁ ଧାନ ନେଲେ ମନାକରନ୍ତି ନାହିଁ। ନୂଆଁଖାଇ ଦିନ ନାନା ପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଏ। ନୂଆଁକୁ କେବଳ କୁରେଇ ପତ୍ର ଖଲି କିମ୍ବା ଦନାରେ ପରଷା ଯାଏ। ସବୁ ନ ହେଲେ ଚଳିବ ଯଦି କୁରେଇ ପତ୍ର ହେବନାହିଁ ତା'ହେଲେ ନୂଆଁଖାଇ ମଧ୍ୟ ହେବ ନାହିଁ। ସମସ୍ତେ ନୂଆ ଲୁଗାପଟା ପରିଧାନ କରନ୍ତି। ଘରର ଦିଅଁଦେବତା ପାଖରେ ସମସ୍ତେ ବସନ୍ତି। ଘରର ମୁରବି ସମସ୍ତଙ୍କୁ ନବାନ୍ନ ବାଣ୍ଟିବା ପରେ ସମସ୍ତେ ଭକ୍ଷଣ କରନ୍ତି। ନୂଆଁଖାଇ ସାରି ଦିଅଁଦେବତାକୁ ମୁଣ୍ଡିଆ ମାରନ୍ତି। ସେହିପରି ପରିବାରର ସାନମାନେ ବଡ଼ମାନଙ୍କଠାରୁ ଆଶୀର୍ବାଦ ନିଅନ୍ତି। ପରିବାରରେ ଥିବା ରାଗ ଅଭିମାନ ସବୁ ଭୁଲି ଯାଇ ନୂଆଁଖାଇ ଦିନ ଏକାଠି ହୋଇଥାନ୍ତି। ଘର ଲୋକ ଯେତେଦୂରେ ରହୁଥିଲେ ମଧ୍ୟ ନୂଆଁଖାଇ ଦିନ ଘରକୁ ଆସିଥାନ୍ତି।

ନୂଆଁଖାଇ ପରଦିନକୁ ବାସି ତିହାର, ନୂଆଁଖାଇ ବାସି କହନ୍ତି। ଏହିଦିନ ସମସ୍ତେ ଜୁହାର ଭେଟ ହୁଅନ୍ତି, ଗାଁଟାସାରା ସତେ ମନେହୁଏ ଗୋଟେ ପରିବାର। ଗାଁରେ ନାଚଗୀତର ଆସର ଜମେ। ନୂଆଁଖାଇର ପରମ୍ପରା କେବଳ ପଶ୍ଚିମ ଓଡ଼ିଶା କି ଓଡ଼ିଶା ଭିତରେ ସୀମିତ ନୁହେଁ। ଭାରତବର୍ଷର ବିଭିନ୍ନ ରାଜ୍ୟଗୁଡ଼ିକରେ ମଧ୍ୟ ନୂଆଁଖାଇର ପରମ୍ପରା ରହିଛି। ନୂଆଁଖାଇ ପର୍ବ ଆତ୍ମସମର୍ପଣ ଓ ଆତ୍ମସନ୍ତୋଷର ପ୍ରତୀକ। ପ୍ରକୃତି ପ୍ରତି ଏହା ମଣିଷର ଗଭୀର ଆତ୍ମନିବେଦନ। କେଉଁ ଅନାଦି କାଳରୁ ଏହି ପରମ୍ପରା ପ୍ରଚଳିତ ହୋଇଆସୁଛି। ନୂଆଁଖାଇ ଏହି ନିଆରା ପ୍ରଥା, ପରମ୍ପରା ମଣିଷକୁ ସ୍ୱାବଲମ୍ବୀ ହେବାପାଇଁ ଶିକ୍ଷା ପ୍ରଦାନ ସହ ସଦ୍‌ଭାବନା, ଶାନ୍ତି, ମୈତ୍ରୀ, ଭ୍ରାତୃଭାବ ପ୍ରତିଷ୍ଠା ଦିଗରେ ସହାୟକ ହୋଇଥାଏ।

**ଅଧ୍ୟାପକ, ଗଡ଼ରାମାଳ, କୋକସରା, କଳାହାଣ୍ଡି**
**ମୋ:୯୭୭୭୪୬୮୮୪୧**

### ଏଇ ଭାରତରେ

ବର୍ଜ୍ୟ ଦେବେ ଓ ତା'ବଦଳରେ ପିଜା ପାଇବେ। ଏମିତି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, ହେଲେ ଏହା ସତ। ଅହମଦାବାଦରେ ଦେଖିବାକୁ ମିଳିଛି ଏମିତି ଘଟଣା। ହାର୍ଦ୍ଦିକ ଶାହା ପରିବେଶ ପ୍ରଦୂଷଣ ରୋକିବା ଲାଗି ଏଭଳି ଅଭିଯାନ ଆରମ୍ଭ କରିଛନ୍ତି। ହାର୍ଦ୍ଦିକ ଜଣେ କଣ୍ଟ୍ରୋଲ ଇଞ୍ଜିନିୟର। ସେ ଗ୍ରୀନ୍ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ମାଧ୍ୟମରେ ଏହି କାର୍ଯ୍ୟ କରୁଛନ୍ତି। ୨୦୧୭ରେ ଏହି କମ୍ପାନୀ ଆରମ୍ଭ କରିଥିଲେ। ୨୦୧୧ରେ ଜାପାନ ଯାଇଥିବା ସମୟରେ ଏହି କାର୍ଯ୍ୟ କରିବାକୁ ସେ ପ୍ରେରଣା ପାଇଥିଲେ। ବର୍ଜ୍ୟ ମୂଲ୍ୟରେ ଲୋକଙ୍କୁ ଜିନିଷ କିଣିବା ଲାଗି ଏକ ଆପ୍ ବିକାଶ କରିଛନ୍ତି। ଏଥିରେ ୫,୦୦୦ ସବ୍‌ସ୍କ୍ରାଇବର ରହିଛନ୍ତି। ଲୋକଙ୍କୁ ଜିନିଷ ଯୋଗାଇ ଦେବା ଲାଗି ଏବେ ସୁଦ୍ଧା ତାଙ୍କ ପାଖରେ ୮୦ ପ୍ରକାର ଭେଣ୍ଡର ରହିଛନ୍ତି। କେବଳ ପିଜା ନୁହେଁ, ଯେ କୌଣସି ଜିନିଷ ନେବା ପାଇଁ ବ୍ୟବସ୍ଥା କରାଯାଇଛି। ଏବେ ସୁଦ୍ଧା ହାର୍ଦ୍ଦିକଙ୍କ କମ୍ପାନୀ ୧୦୦ ଟନ୍ ବର୍ଜ୍ୟ ସଂଗ୍ରହ କରିସାରିଛନ୍ତି। ବର୍ଜ୍ୟ ସଂଗ୍ରହ କରିବାରେ ଓ ଲୋକଙ୍କ ପାଖରେ ତା'ମୂଲ୍ୟର ଜିନିଷ ପହଞ୍ଚାଇବାରେ ବହୁ ଲୋକ ମଧ୍ୟ ନିଯୁକ୍ତ ହୋଇଛନ୍ତି।

### ୨୫ ବର୍ଷ ତଳର ଧରିତ୍ରୀ

୧୧ ସେପ୍ଟେମ୍ବର ୧୯୯୬

- ନାମପେନ ସରକାରଙ୍କୁ ସ୍ୱୀକୃତି ଦେବା ପାଇଁ କାମ୍ବୋଡିଆର ନ୍ୟାସନାଲ ରିକନସିଲିଏସନ ଖମେରରୁଜର ବିଭାଜିତ ଗୋଷ୍ଠୀ ସହ ବୁଝାମଣା।
- କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଟେନିସ ତାରକା ରମେଶ କ୍ରିଷ୍ଣନ, ଆଥଲେଟ ବାହାଦୁର ପ୍ରସାଦ, ସୁଟର ଜଶପାଲ ରାଣା ଏବଂ ଭାରୋତ୍ତୋଳନକାରୀ କରନାମ ମାଲେଶ୍ୱରୀଙ୍କୁ ବିରଳା ପୁରସ୍କାର ପ୍ରଦାନ।
- ପୋଲିସ ଆକ୍ରମଣର ପ୍ରତିବାଦରେ ଆଇନଜୀବୀମାନେ କୋର୍ଟ ବର୍ଜନ କରିବା ଫଳରେ ରାଜ୍ୟ ସାରା କୋର୍ଟ କାର୍ଯ୍ୟ ଅଚଳ।

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଭୋଗୀଙ୍କୁ ସମାନ ସୁବିଧା ମିଳୁ

ମହାଶୟ,

ଚଳିତ ୨୦୨୧-୨୨ ବର୍ଷ ବଜେଟ ଉପସ୍ଥାପନ ସମୟରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୭୫ ବର୍ଷରୁ ଉର୍ଦ୍ଧ୍ୱ ପେନସନ୍‌ଭୋଗୀଙ୍କର ଆୟକର ଛାଡ଼ କରିଥିଲେ। ଆଶା କରାଯାଉଥିଲା, କରୋନା ଯୋଗୁ ସ୍ଥଗିତ ଥିବା ମହଙ୍ଗାଭତ୍ତା ମଞ୍ଜୁର କଲାବେଳେ କେନ୍ଦ୍ର ସରକାର ଅଣଆୟକରୀ ପେନ୍‌ସନଭୋଗୀ (୭୫ ବର୍ଷରୁ ଉର୍ଦ୍ଧ୍ୱ)ମାନଙ୍କୁ ତଦନୁରୂପ ଅଧିକ ମହଙ୍ଗାଭତ୍ତା ମଞ୍ଜୁର କରିବେ। କିନ୍ତୁ ୧୪ ଜୁଲାଇ ୨୦୨୧ରେ କେନ୍ଦ୍ର ସରକାର ଜାନୁୟାରୀ ୨୦, ଜୁଲାଇ ୨୦, ଜାନୁୟାରୀ ୨୧ର ସ୍ଥଗିତ ୧୧% ମହଙ୍ଗାଭତ୍ତା ମଞ୍ଜୁର କଲାବେଳେ ଅଣଆୟକରୀ ୭୫ ବର୍ଷରୁ ଉର୍ଦ୍ଧ୍ୱ ପେନ୍‌ସନଭୋଗୀମାନଙ୍କୁ କୌଣସି ସୁବିଧା ପ୍ରଦାନ କରି ନ ଥିବାରୁ ସେହି ବର୍ଗର ପେନ୍‌ସନଭୋଗୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେଉଛି। କେନ୍ଦ୍ର ସରକାର ଜୁଲାଇ ୨୧ରୁ ୪% ମହଙ୍ଗାଭତ୍ତା ମଞ୍ଜୁର କଲାବେଳେ ଆୟକର ଦେଉଥିବା ୭୫ ବର୍ଷରୁ ଉର୍ଦ୍ଧ୍ୱ ପେନ୍‌ସନଭୋଗୀଙ୍କୁ ଯେତେ ଶତକଡ଼ା ସୁବିଧା ଦେଉଛନ୍ତି ଅଣଆୟକରୀ ୭୫ ବର୍ଷରୁ ଉର୍ଦ୍ଧ୍ୱ ପେନ୍‌ସନଭୋଗୀମାନଙ୍କୁ ସେତିକି ଶତକଡ଼ା ଅଧିକ ମହଙ୍ଗାଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି। ରାଜ୍ୟ ସରକାର ତୁରନ୍ତ ୧୧% ମହଙ୍ଗା ପ୍ରଦାନ କରନ୍ତୁ।

**-ଶ୍ରୀନାଥ କବି ଶତପଥୀ,ସମ୍ପାଦକ, ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ସଂଘ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ଚିରନ୍ତନୀ

ସବୁ ସ୍ମୃତି ସବୁ ସୁଖ ଭାବନାର ଢେଉ
ଦିନେ ଏ ଅନ୍ତର ଦେଶେ ବାଜିଥିଲା ଯେହୁ
ବନ୍ଦ ଏ ଦୁଆରେ ଆଜି
ଫେରିଯାଉ ବାଜି ବାଜି,
ଏ ତମିସ୍ର କୋଣୁଁ ମୋର ସମ୍ବାଦ ନ ଦେଉ
ସେ ଦିନ ଅନ୍ତର ଦେଶେ ବାଜିଥିଲା ଯେହୁ।
-(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୨,୪୩,୨୪,୮୪୩ | ୪୬,୨୫,୦୫୭ | ୨୦,୦୯,୧୨,୮୨୭ |
| ଭାରତ | ୩,୩୨,୦୦,୩୯୧ | ୪,୪୨,୩୪୨ | ୩,୨୩,୫୭,୨୬୪ |
| ଓଡ଼ିଶା | ୧୦,୧୫,୦୮୩ | ୮୦୮୪(+୫୩) | ୧୦,୦୦,୫୪୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଏଣିକି ଦୈନିକ ୪ଲକ୍ଷ ଲୋକଙ୍କୁ ଟିକା

■ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ଟିକାକରଣ ଲକ୍ଷ୍ୟ
■ ଦିଆସରିଲାଣି ୨.୫ କୋଟିରୁ ଊର୍ଦ୍ଧ୍ୱ ଡୋଜ୍

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ରାଜ୍ୟରେ କୋଭିଡ୍ ଟିକାକରଣର ଦୈନିକ ସଂଶୋଧିତ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଣିକି ୩ଲକ୍ଷ ନୁହେଁ, ଦୈନିକ ୪ଲକ୍ଷ ଡୋଜ୍ ଟିକାକରଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ଜିଲାଗୁଡ଼ିକୁ ଲକ୍ଷ୍ୟ ପୂରଣ କରିବା ପାଇଁ କୁହାଯାଇଛି। କେଉଁ ଜିଲା କେତେ ଦୈନିକ ଟିକାକରଣ କରିବ ସେ ନେଇ ମଧ୍ୟ ତାଲିକା ପ୍ରସ୍ତୁତ ହୋଇସାରିଛି। ଏ ନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଦୈନିକ ୪,୧୩,୦୦୦ ଟିକାକରଣ ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସଂଶୋଧିତ ଲକ୍ଷ୍ୟ ଅନୁସାରେ, ଗଞ୍ଜାମ ଜିଲାକୁ ସର୍ବାଧିକ ୩୫ହଜାର, ପୁରୀ ୨୬ହଜାର, ବାଲେଶ୍ୱର ଓ କଟକକୁ ୨୫ହଜାର ଲେଖାଏ, ମୟୂରଭଞ୍ଜ ୨୪ହଜାର, ସୁନ୍ଦରଗଡ଼ ୨୧ହଜାର, ଯାଜପୁର ୨୦ହଜାର, କେଉଁଝର ୧୭ହଜାର, ବଲାଙ୍ଗୀର ୧୫ହଜାର, ଜଗତ୍‌ସିଂହପୁର ଓ ଢେଙ୍କାନାଳକୁ ୧୪,୫୦୦ ଲେଖାଏ, କଳାହାଣ୍ଡି, ବରଗଡ଼ ଓ ଭଦ୍ରକକୁ ୧୪ହଜାର ଲେଖାଏ, କେନ୍ଦ୍ରାପଡ଼ା ୧୩,୫୦୦, କୋରାପୁଟ, ଖୋର୍ଦ୍ଧା ଓ ଅନୁଗୋଳକୁ ୧୨ହଜାର ଲେଖାଏ, ନବରଙ୍ଗପୁର ୧୧ହଜାର, ସମ୍ବଲପୁର ୧୦ହଜାର, ରାୟଗଡ଼ା ଓ ନୟାଗଡ଼କୁ ୯ହଜାର ଲେଖାଏ, ସୁବର୍ଣ୍ଣପୁର ୭,୫୦୦, ଭୁବନେଶ୍ୱର ମହାନଗର ନିଗମକୁ ୭ହଜାର, ମାଲକାନଗିରି ଓ ଝାରସୁଗୁଡ଼ାକୁ ୬ହଜାର ଲେଖାଏ, ନୂଆପଡ଼ା ୫,୫୦୦, ବୌଦ୍ଧ ୪,୫୦୦ ଏବଂ ଦେବଗଡ଼ ଜିଲାକୁ ସର୍ବନିମ୍ନ ୩ହଜାର ଡୋଜ୍ ଟିକା ଦୈନିକ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୋଭିଡ୍ ଟିକା ପାଇଁ ସିରିଞ୍ଜ ଅଭାବକୁ ଦୂର କରିବା ପାଇଁ ଜିଲାପାଳମାନଙ୍କୁ ରାଜ୍ୟ ଔଷଧ ନିଗମରୁ ଉଧାର ନେବାକୁ କୁହାଯାଇଛି।

ସେପଟେ ଟିକାକରଣରେ ରାଜ୍ୟ ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିଛି। ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି , ରାଜ୍ୟବାସୀଙ୍କ ସହଯୋଗରୁ ଏପର୍ଯ୍ୟନ୍ତ ୨କୋଟି ୫୦ଲକ୍ଷ ୧୧ହଜାର ୨୩୩ଟି ଡୋଜ୍ ଟିକାକରଣ ହୋଇସାରିଛି। ଏଥିମଧ୍ୟରୁ ୧କୋଟି ୮୮ଲକ୍ଷ ୨୧ହଜାର ୭୨ଜଣଙ୍କୁ ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ୬୧ଲକ୍ଷ ୯୦ହଜାର ୧୬୧ଜଣ ଦ୍ୱିତୀୟ ଡୋଜ୍ ଟିକା ନେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ୮୦୯ କେନ୍ଦ୍ରରେ ଟିକା ଦିଆଯାଉଛି। ରାଜ୍ୟରେ ଦୈନିକ ୪ଲକ୍ଷ ଓ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ଟିକାକରଣ ଲକ୍ଷ୍ୟ ରହିଛି। ଏବେ ସୁଦ୍ଧା ୬୦% ପ୍ରଥମ ଡୋଜ୍ ଟିକାକରଣ ସରିଛି ବୋଲି ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ଆଜି ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଶନିବାର ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ଶୁକ୍ରବାରଠାରୁ ରାଜ୍ୟର କିଛି ସ୍ଥାନରେ ଲଘୁଚାପଜନିତ ବର୍ଷା ହୋଇଛି। କୋରାପୁଟରେ ସର୍ବାଧିକ ୩୫ ମିମି ବର୍ଷା ହୋଇଥିବାବେଳେ ନୟାଗଡ଼ରେ ୨୪.୩, ପାରଳାଖେମୁଣ୍ଡିରେ ୨୨, ଦାରିଙ୍ଗବାଡ଼ିରେ ୨୦, ଗୋପାଳପୁରରେ ୧୩, ମାଲକାନଗିରିରେ ୧୦.୪ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ୧୧ ତାରିଖରୁ ଧୀରେ ଧୀରେ ବର୍ଷା ପରିମାଣ ବଢ଼ିପାରେ। ମୁଖ୍ୟତଃ ଉପକୂଳ ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ଅଧିକ ବର୍ଷା ହୋଇପାରେ। ଖୋର୍ଦ୍ଧା, ଜଗତ୍‌ସିଂହପୁର, କଟକ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ଅଧିକ ବର୍ଷିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୧୧ ତାରିଖରେ ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍.ଆର୍. ବିଶ୍ୱାସ କହିଛନ୍ତି, ୧୨ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତଦିନ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କଟକ, ଗଞ୍ଜାମ, ନୟାଗଡ଼, ଭଦ୍ରକ ଓ ଯାଜପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଢେଙ୍କାନାଳ, ନବରଙ୍ଗପୁର, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ ଓ କନ୍ଧମାଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୩ରେ ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, ସମ୍ବଲପୁର, ବରଗଡ଼ ଓ ଦେବଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।




# ବିଭିନ୍ନ ପ୍ରକଳ୍ପ କାମ ୨୦୨୨ ଜୁଲାଇ ସୁଦ୍ଧା ଶେଷ କର




ରାମଲିଙ୍ଗମ ପାର୍କ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ଅଧିକାରୀମାନେ ।

## ଗଞ୍ଜାମରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର(ବ୍ୟୁରୋ)/ବ୍ରହ୍ମପୁର ଅଫିସ/ପୁରୁଷୋତ୍ତମପୁର/ହିଞ୍ଜିଳିକାଟୁ(ଡି.ଏନ୍.ଏ)୧୦।୯

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଗଞ୍ଜାମ ଜିଲା ଗସ୍ତ କରି ସେଠାର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଉକ୍ତ ପ୍ରକଳ୍ପଗୁଡିକର ଅଗ୍ରଗତି ଅନୁଧ୍ୟାନ କରିବା ଏବଂ ପ୍ରକଳ୍ପ କେତେ ବାକି ରହିଛି ଓ କିପରି ଚାଲିଛି ସେସବୁର ବାସ୍ତବ ସ୍ଥିତି ବୁଲି ଦେଖିଛନ୍ତି। ଏହାସହ ଘଟକେଶ୍ୱର ବହୁମୁଖୀ ଯୋଜନା ଏବଂ ତାରାତାରିଣୀ ମନ୍ଦିରର ଉନ୍ନୟନମୂଳକ କାର୍ଯ୍ୟ ଓ ଜାନିବିଲି ପ୍ରକଳ୍ପ କାର୍ଯ୍ୟ ସମୀକ୍ଷା ମଧ୍ୟ କରିଛନ୍ତି। ଉକ୍ତ ବହୁମୁଖୀ ଯୋଜନାଗୁଡିକର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ଜଣାପଡିଛି। ଏଥିସହ ବ୍ରହ୍ମପୁରରେ ରିଂ ରୋଡ କାର୍ଯ୍ୟ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। କୁକୁଡାଖଣ୍ଡି ବ୍ଲକ ରୁଷିକୂଲ୍ୟା ବେସିନର ଘଡକ ନଦୀକୁ ନେଇ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପ ମାଧ୍ୟମରେ ବ୍ରହ୍ମପୁରର ୭୫ ହଜାର ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳକୁ ଦୈନିକ ୮.୨୫ ମିଲିୟନ ଲିଟର ଜଳ ପ୍ରଦାନ କରିବ। ଏହାଦ୍ୱାରା କୁକୁଡାଖଣ୍ଡି ଏବଂ ରଙ୍ଗେଇଲୁଣ୍ଡା ବ୍ଲକର ଲୋକମାନେ ବିଶେଷ ଉପକୃତ ହେବେ। ଏହାଛଡା କୁକୁଡାଖଣ୍ଡି ତହସିଲର ୬୦୦ ହେକ୍ଟର ଜମି ଜଳସେଚିତ ହେବ। ଏଥିଲାଗି ୧୭୨ କୋଟି ଟଙ୍କା ଖର୍ଚ୍ଚ ହେବାର ଆକଳନ କରାଯାଇଛି। ୨୦୨୨ ଜୁଲାଇ ପୂର୍ବରୁ ସମସ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ କରିବା ଲାଗି ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ଏହି ଅବସରରେ ତାରାତାରିଣୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନତୀକରଣ କାର୍ଯ୍ୟ ବୁଲି ଦେଖିଛନ୍ତି। ତୃଣମୂଳସ୍ତରରେ ରହିଥିବା ସମସ୍ୟାଗୁଡିକ ତୁରନ୍ତ ଶେଷ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ସେ ମନ୍ଦିରର ସେବାୟତମାନଙ୍କ ସହ ଆଲୋଚନା କରିଛନ୍ତି। ପରେ ଐତିହାସିକ ଜଉଗଡ଼ ଓ ବଡ଼ଖରିଡ଼ା ତାଳେଶ୍ୱର ମନ୍ଦିର ପରିସରରେ ହୋଇଥିବା ପାର୍କ ବୁଲି ଦେଖିଥିଲେ। ସେଠାରୁ ହିଞ୍ଜିଳିକାଟୁ ଗସ୍ତରେ ଯାଇ ରୂପାନ୍ତରିତ ହୋଇଥିବା ଶାସନଆମ୍ବଗାଁ ଆଦର୍ଶ ବିଦ୍ୟାଳୟ ଓ ଦୁର୍ବନ୍ଧ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସନ୍ଧ୍ୟାରେ ବ୍ରହ୍ମପୁର ରାମଲିଙ୍ଗମ ପାର୍କ ପରିସରରେ ଜିଲାର ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତିଭାସନ, ଦକ୍ଷିଣାଞ୍ଚଳ ଆରଡ଼ିସି ଟି.ଆଓ, ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଧାର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

**୬ କୋଟି ଟଙ୍କା, ନିଯୁକ୍ତିପତ୍ର ପ୍ରଦାନ**

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଟୋକିଓ ପାରାଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ପ୍ରମୋଦ ଭଗତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ୬ କୋଟି ଟଙ୍କାର ଅର୍ଥରାଶି ପୁରସ୍କାର ଏବଂ ଗ୍ରୁପ-ଏ ଚାକିରି ପାଇଁ ନିଯୁକ୍ତିପତ୍ର ମଧ୍ୟ ପ୍ରଦାନ କରିଛନ୍ତି।

ପ୍ରମୋଦଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ତୁମର ଅସାଧାରଣ କୃତିତ୍ୱକୁ ସମ୍ବର୍ଦ୍ଧିତ କରିବା ନେଇ ଆନନ୍ଦିତ। ଏହି ବିଜୟ ସମଗ୍ର ଦେଶ ପାଇଁ ଏକ ଗର୍ବର ମୁହୂର୍ତ୍ତ ଏବଂ ଏହା ସବୁଦିନ ପାଇଁ କୀର୍ତ୍ତି ହୋଇ ରହିବ। କ୍ରୀଡ଼ା ଜୀବନକୁ କିଭଳି ବିକଶିତ ଓ ସଶକ୍ତ କରେ ତାହା ସେ କରି ଦେଖାଇ ପାରିଛନ୍ତି। ଆଗାମୀ ପିଢ଼ିର କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣା ଦେବା ସହ ପାରା କ୍ରୀଡ଼ାବିତ୍‌ଙ୍କୁ ନିଜର ଭାଗ୍ୟ ଗଢ଼ିବା ପାଇଁ ଏହା ପ୍ରୋତ୍ସାହିତ କରିବ। ଏହି କୃତିତ୍ୱ ପାଇଁ ମୁଖ୍ୟମନ୍ତ୍ରୀ ପ୍ରମୋଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଲିମ୍ପିକ ଯାତ୍ରା ପାଇଁ ସହାୟତା ଓ ସହଯୋଗ ଲାଗି ପ୍ରମୋଦ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ, ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ବ୍ୟାପାର ବିଭାଗ ସଚିବ ଆର. ଭିନିଲକ୍ରିଷ୍ଣା ଏବଂ କ୍ରୀଡ଼ା ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୧୦୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନସୁଗାର ଜବତ:୪ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୦।୯:** ଜଗତ୍‌ସିଂହପୁର ଥାନା ପୋଲିସ ଶୁକ୍ରବାର ସ୍ଥାନୀୟ ଗୋପାଳସାଗରର ୨ ସ୍ଥାନରେ ଚଢ଼ାଉ କରି ୧୦୦ ଗ୍ରାମରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ କରିଛି। ଏହି ଅଞ୍ଚଳରେ ପ୍ରଥମ ଚଢ଼ାଉ ସମୟରେ ୫୧.୩୦ ଗ୍ରାମ ବ୍ରାଉନସୁଗାର ସମେତ ୧୭,୩୦୦ ଟଙ୍କା, ଗୋଟିଏ ମୋବାଇଲ, ୨ ସୁନା ମୁଦି ଓ ଗୋଟିଏ ସୁନା ଲକେଟ୍ ପୋଲିସ ଜବତ କରିଛି। ଏହି ଅଭିଯୋଗରେ ସ୍ଥାନୀୟ ଅଞ୍ଚଳର ଆଲୋକ ଦାସ ଓରଫ ଗିଲା (୩୨) ଓ ତାଙ୍କ ସ୍ତ୍ରୀ ଲିଲି ଦାସ (୨୨)ଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା (ନଂ.୪୪୭/୨୧) ରୁଜୁ ହୋଇଛି। ସେହିପରି ମାର୍କଣ୍ଡେଶ୍ୱର ମନ୍ଦିର ନିକଟରୁ ୦.୮୧ ଗ୍ରାମ ଓ ନିକଟରେ ଥିବା ପଲିଥିନ୍ ପ୍ୟାକେଟ୍‌ରୁ ୫୪.୫୯ ଗ୍ରାମ ବ୍ରାଉନ୍‌ସୁଗାର ସହ ଗୋଟିଏ ବାଇକ୍ ଜବତ କରାଯାଇଛି। ଏନେଇ ସ୍ଥାନୀୟ ଅଞ୍ଚଳର ପ୍ରତାପ ଦାସ ଓରଫ ଲିପୁନ(୨୧) ଓ ତାଙ୍କ ସ୍ତ୍ରୀ ଦମୟନ୍ତୀ ଦାସ ଓରଫ ମାମା (୨୦)ଙ୍କୁ ଗିରଫ କରାଯାଇଛି। ଏସ୍‌ଆଇ ରାଜେନ୍ଦ୍ର ଭୋଳ ଏବଂ କର୍ମଚାରୀଙ୍କ ଅଭିଯୋଗ ଆଧାରରେ ମାମଲା (ନଂ. ୪୪୮/୨୧) ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ପି ଅଖିଳେଶ୍ୱର ସିଂ ସୂଚନା ଦେଇଛନ୍ତି।

### ଗୋରେଖନାଥ ହୁଣ୍ଡିରୁ ଚୋରି, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ, ୧୦।୯:** କେରେକେରାସ୍ଥିତ ଗୋରେଖନାଥ ମନ୍ଦିର ହୁଣ୍ଡିରୁ ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଦଲ ଜୋଗଣିଆ, ଗୁନା ମହାରଣା ଏବଂ ନାରାୟଣ ସ୍ୱାଇଁ। ଏନେଇ ଗତ ୭ ତାରିଖରେ ରଘୁନାଥପୁର ଥାନାରେ ମାମଲା ରୁଜୁ କରାଯାଇଥିଲା।

### ରାଜପୁରୋହିତଙ୍କ ପରଲୋକ

**ରାଜନଗର,୧୦।୯(ଡି.ଏନ.ଏ.):** ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁର ଶାସନ ଗାଁର ମନମୋହନ ତ୍ରିପାଠୀ(୮୪)ଙ୍କ ପରଲୋକ ହୋଇଯାଇଛି। ୪ଦିନ ତଳେ ସେ ହୃଦ୍‌ଘାତରେ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମନମୋହନ କନିକା ରାଜପରିବାରର ରାଜପୁରୋହିତ ଥିଲେ। କେରେଡାଗଡ଼ରେ ଥିବା ଶ୍ରୀଜଗନ୍ନାଥ ମନ୍ଦିରର ରାଜପୁରୋହିତ ଭାବେ ସେ ପୂଜା ନୀତି ସମ୍ପନ୍ନ କରୁଥିଲେ।

### ମଦ ବୋଝେଇ କାର୍ ଜବତ

**ଯାଜପୁର ସଦର,୧୦।୯(ଡି.ଏନ.ଏ.):** ଯାଜପୁର ସଦର ଥାନା ଝାଲପଡ଼ା ଛକରେ ଏକ କାରରେ ଚୋରା ମଦ ଚାଲାଣ ହେଉଥିବା ବେଳେ ପୋଲିସ ଚଢ଼ାଉ କରି କାର୍‌କୁ ଜବତ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ବରୁହାଁରୁ ଝାଲପଡା ଅଭିମୁଖେ ଆସୁଥିବା ଉକ୍ତ କାରରେ ମଦ ଚାଲାଣ ହେଉଥିବା ନେଇ ଖବର ମିଳିଥିଲା। ପୋଲିସ ଝାଲପଡା ଛକରେ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ବିଦେଶୀ ମଦ ଥିବା ଜାଣିବାକୁ ପାଇଥିଲା। ଅଟକ ଯୁବକ ଝାଲପଡା ଗ୍ରାମର ବୋଲି ଜଣାପଡ଼ିଛି।

# ବିଇଓଙ୍କ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି

**ନାଉଗାଁ,୧୦।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକର ବ୍ଲକ ଶିକ୍ଷାଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଫଳରେ ଏଠାରେ ସରକାରଙ୍କ ତରଫରୁ ପ୍ରଣୟନ କରାଯାଇଥିବା ସର୍ବଶିକ୍ଷା ଯୋଜନା କିପରି କାର୍ଯ୍ୟକାରୀ ହେଉଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହି କାର୍ଯ୍ୟାଳୟରେ ଗୋଟିଏ ବ୍ଲକ ଶିକ୍ଷାଧିକାରୀ ପଦବୀ, ୩ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପଦବୀ ,୩ କିରାଣି ପଦବୀ ରହିଛି। ତେବେ ଦୀର୍ଘ ଦିନ ହେବ ବିଇଓଙ୍କ ପଦବୀ ସମେତ ୨ ଲେଖାଏ ଅତିରିକ୍ତ ବିଇଓ ଏବଂ କିରାଣି ପଦବୀ ଖାଲି ପଡିଛି। ଫଳରେ ଅନେକ ସମୟରେ ସର୍ବଶିକ୍ଷା ଯୋଜନାରେ କରାଯାଉଥିବା କାର୍ଯ୍ୟ ହୋଇପାରୁ ନାହିଁ।

ଏପ୍ରିଲ ୨୦୨୧ରୁ ବ୍ଲକ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିବା ମାଗୁଣି ଚରଣ ମହାନ୍ତି ଅବସର ନେଇଛନ୍ତି। ଏହାପରେ ବାଲିକୁଦା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀଙ୍କୁ ନାଉଗାଁ ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ପବିତ୍ର ମୋହନ କରଙ୍କ ୮ ମାସ ହେବ ବଦଳି ହୋଇଯାଇଛି। ତାଙ୍କ ସ୍ଥାନରେ ସବିତା ଦାସ ଯୋଗ ଦେଇଥିଲେ। ମାତ୍ର ୨ ମାସ କାର୍ଯ୍ୟ କରିବା ପରେ ସବିତାଙ୍କୁ ରଘୁନାଥପୁର ବ୍ଲକକୁ ସ୍ଥାନାନ୍ତରିତ କରାଯାଇଛି। ସେହିପରି ଅନ୍ୟତମ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗିରିଜା ଶଙ୍କର ମହାପାତ୍ରଙ୍କୁ ବାଲିକୁଦା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଛି।

ସବିତାଙ୍କ ବଦଳରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ଦୀପକ ଜେନା ଓ ଗିରିଜାଙ୍କ ବଦଳରେ କନକପୁରସ୍ଥିତ ଶାରଦା ଏକାଡେମୀରୁ ସଞ୍ଜୀବ ରଞ୍ଜନ ଗୋଚ୍ଛାୟତଙ୍କୁ ନାଉଗାଁ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ଜିଲା ଶିକ୍ଷାଧିକାରୀଙ୍କ ଚିଠି (ନଂ.୨୧୯/୧୩ ଓ ୨୨୨/୧୩)ରେ ଉଲ୍ଲେଖ ରହିଛି। କିନ୍ତୁ ଦୀର୍ଘ ୮ ମାସ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କେହି ଜଣେ ବି ଯୋଗ ଦେଇନାହାନ୍ତି। ସେହିପରି ୩ କିରାଣିଙ୍କ ମଧ୍ୟରୁ ଅରୁଣ କୁମାର ବିହାରୀ ଉକ୍ତ କାର୍ଯ୍ୟାଳୟରେ ଥିବାବେଳେ ଅନ୍ୟ ୨ ଜଣଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଛି।

ସର୍ବଶିକ୍ଷା ଯୋଜନାରେ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ, ବିଭିନ୍ନ ତାଲିମ୍, ମଧ୍ୟାହ୍ନ ଭୋଜନ ଆଦି ତଦାରଖ ଓ ପରିଦର୍ଶନ କରିବା କାର୍ଯ୍ୟ ଏବିଓଙ୍କର ହୋଇଥିବା ବେଳେ ଉକ୍ତ ଯୋଜନାରେ କରାଯାଉଥିବ ବିଲ୍ ଗୁଡିକୁ କିରାଣିମାନେ କରିଥାନ୍ତି। ତେବେ ଦୀର୍ଘ ଦିନ କାର୍ଯ୍ୟାଳୟରେ ବିଭିନ୍ନ ପଦବୀ ଖାଲି ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ବିଷୟରେ ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଧିକାରୀ ବାଇଧର ତ୍ରିପାଠୀ କୁହନ୍ତି, ପଦବୀ ଖାଲି ବିଷୟରେ ଉପରିସ୍ଥ ପ୍ରଶସାନିକ ଅଧିକାରୀଙ୍କୁ ଅବଗତ କରାଯାଇଛି।



ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ।

## ଅନିରୁଦ୍ଧଙ୍କ ପରିବାରକୁ ଭେଟିଲା ଜିଲା ପ୍ରଶାସନ

**ଚଣ୍ଡିଖୋଲ,୧୦।୯(ଡି.ଏନ.ଏ.):** ଚଣ୍ଡିଖୋଲ ଅଞ୍ଚଳର ଖବରଦାତା ସ୍ୱର୍ଗତ ଅନିରୁଦ୍ଧ ସାମନ୍ତରାୟଙ୍କ ପରିବାରକୁ ଜିଲା ପ୍ରଶାସନ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ ଓ ଦର୍ପଣ ତହସିଲଦାର ପ୍ରଦୀପ ସେଠୀଙ୍କ ସମେତ ବହୁ ଅଧିକାରୀ ତାଙ୍କ ବଡ଼ଚଣା ବ୍ଲକ ସୁଙ୍ଗୁଡାସ୍ଥିତ ବାସଭବନରେ ପହଞ୍ଚି ସାମନ୍ତରାୟଙ୍କ ସ୍ତ୍ରୀ ଭାରତୀଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ୨ ବର୍ଷ ତଳେ ଅନିରୁଦ୍ଧଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିଲା। ସରକାରଙ୍କ ସହାୟତା ପ୍ରଦାନକୁ ବଡ଼ଚଣା ପ୍ରେସଫୋରମ ପକ୍ଷରୁ ମହେଶ୍ୱର ବଳ, ପ୍ରଦୀପ୍ତ ପୃଷ୍ଟି, ଭକ୍ତଚରଣ ସାହୁ, ମନମୋହନ ରାଉତ, ବସନ୍ତ ପଲେଇ, ତ୍ରୈଲୋକ୍ୟ ନାୟକ, ଉତ୍କଳ ପ୍ରଧାନ, ଭାରତଭୂଷଣ ପଣ୍ଡା, ପ୍ରଫୁଲ୍ଲ ପଣ୍ଡା, ସୋମ୍ୟରଞ୍ଜନ ସାହୁ, ବ୍ରଜଗୋପାଳ ଦାସ ପ୍ରମୁଖ ସ୍ୱାଗତ କରିଛନ୍ତି।

# ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ



ଅମୃତ ମହୋତ୍ସବରେ ଯୋଗଦେଇଥିବା ଅତିଥି ଓ ସ୍ଥାନୀୟ ଲୋକମାନେ।

**ଡେରାବିଶ,୧୦।୯(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ଅଧୀନ ସଲାରୋସ୍ଥିତ ଗାନ୍ଧୀସ୍ମୃତି ଭବନ ପରିସରରେ ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳିତ ହୋଇଯାଇଛି। ଆଞ୍ଚଳିକ ଜନକଲ୍ୟାଣ ସମିତି ଓ ଗାନ୍ଧୀସ୍ମୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ଜୟଭାରତୀ ସାଥୀସମାଜର ସମ୍ପାଦକ ନିରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଭ୍ରମରବର ରାଉତ, ମୁଖ୍ୟବକ୍ତା ଅବସରପ୍ରାପ୍ତ ଶିକ୍ଷକ ବାନାମ୍ବର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ପ୍ରକାଶ କୁମାର ପରିଡ଼ା,ଅବସରପ୍ରାପ୍ତ ଶିକ୍ଷକ ଗାନ୍ଧୀବାଦୀ ଝରି ପ୍ରଧାନ, ଅଧ୍ୟାପକ ପ୍ରତାପ ଚନ୍ଦ୍ର ମହାପାତ୍ର, ବଂଶୀଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ,ମହାତ୍ମା ଗାନ୍ଧୀ ୧୯୩୪ ମେ ମାସର ହରିଜନ ପଦଯାତ୍ରା ଅବସରରେ କେନ୍ଦ୍ରାପଡ଼ା ଆସି ରାତ୍ରିଯାପନ କରିଥିଲେ। ସେହି ସଲାରୋ ମଠକୁ ଗାନ୍ଧିସ୍ମୃତି ଭବନ ନାମରେ ନାମିତ କରାଯାଇଛି।

## ନାବାଳିକାଙ୍କୁ ଅପହରଣ: ଜଣେ ଗିରଫ

**କଳିଙ୍ଗନଗର,୧୦।୯(ଡି.ଏନ.ଏ.):** ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଟମକା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଢେଙ୍କାନାଳ ଜିଲା ନିହଲପ୍ରସାଦ ଥାନା ଫୁଲଝରିର ଗଙ୍ଗା ଦେଓଗାମ୍ (୨୦)। ଏନେଇ ଥାନାରେ ଏକ ମାମଲା ନଂ. ୯୬/୨୧ ରୁଜୁ ହୋଇଛି। ସୂଚନାଯୋଗ୍ୟ, ଟମକା ଥାନା ଅଞ୍ଚଳର ସମ୍ପୃକ୍ତ ନାବାଳିକାଙ୍କ ଗଙ୍ଗାଙ୍କ ମଧ୍ୟରେ ଚିହ୍ନାଜଣା ଥିଲା। ଏହାର ସୁଯୋଗ ନେଇ ଗଙ୍ଗା ନାବାଳିକାଙ୍କୁ ଅପହରଣ କରିଥିଲେ। ଏନେଇ ଗତ ଏପ୍ରିଲରେ ନାବାଳିକାଙ୍କ ବାପା ଟମକା ଥାନାରେ ଅଭିଯୋଗ କରିଥିଲେ। ଏହାପରେ ନାବାଳିକାଙ୍କୁ ଗଙ୍ଗା ଅପହରଣ କରିଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଅପହରଣ ପରେ ନାବାଳିକା ଏବଂ ଗଙ୍ଗାଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ଗଢ଼ିଉଠିଥିଲା। ଏବେ ନାବାଳିକା ୫ ମାସର ଅନ୍ତଃସତ୍ତ୍ୱା। ଏକଥା ଜଣାପଡ଼ିବା ପରେ ନାବାଳିକାଙ୍କୁ ତାଙ୍କ ଘର ନିକଟରେ ଛାଡି ଗଙ୍ଗା ଫେରାର ହୋଇଯାଇଥିଲେ। ପୋଲିସକୁ ଜଣାଇବା ପରେ ପୋଲିସ ଗଙ୍ଗାଙ୍କୁ ଗିରଫ କରିଥିଲା।

# ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି



ପୋଲିସ କର୍ମଚାରୀ ଦୋକାନରେ ତଦନ୍ତ କରୁଛନ୍ତି।

**ନାଉଗାଁ,୧୦।୯(ସ୍ୱ.ପ୍ର.)**

ନାଉଗାଁ ଥାନା ଅନ୍ତର୍ଗତ ଡେରିକି ବଜାରରେ ଗୁରୁବାର ରାତିରେ ଏକ ମୋବାଇଲ ଦୋକାନରୁ ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି ହୋଇଛି। ଏନେଇ ଶୁକ୍ରବାର ଦୋକାନ ମାଲିକ ସୁବାସ ଜେନା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସବୁଦିନ ପରି ସେ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ପରଦିନ ସକାଳେ ଦୋକାନରେ ପହଞ୍ଚିବା ପରେ ଏହାର ଆଜବେଷ୍ଟସ୍ ଭଙ୍ଗା ଯାଇଥିବା ଦେଖିଥିଲେ। ଏଥିସହ ଦୋକାନରୁ ୪୦ ସ୍ମାର୍ଟ ମୋବାଇଲ୍ ଓ ୩୦ କି ପ୍ୟାଡ଼ ମୋବାଇଲ ଚୋରି ହୋଇଥିବା ଦେଖିଥିଲେ। ଏହାର ଆନୁମାନିକ ମୂଲ୍ୟ ୭ରୁ ୮ ଲକ୍ଷ ଟଙ୍କା ହେବ ବୋଲି ଜେନା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ଥାନା ପକ୍ଷରୁ ପ୍ରାଥମିକ ତଦନ୍ତ କରାଯାଇଛି। ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ଫରେନସିକ ଟିମ୍ ଜରିଆରେ ତଦନ୍ତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୮୩/୨୧) ରୁଜୁ କରାଯାଇଛି।

# ବେଆଇନ କଳାପଥର ଖାଦାନରେ ଦୁର୍ଘଟଣା

### ଓଲଟିଲା ଟ୍ରାକ୍ଟର: ଚାଳକ ଗୁରୁତର

**ଧର୍ମଶାଳା/ଜେନାପୁର, ୧୦।୯(ଡି.ଏନ.ଏ.)**

ଧର୍ମଶାଳା ତହସିଲ ଅଧୀନ ଚକ୍ରଧରପୁର ପଞ୍ଚାୟତ ବାଘୁଆ ୩ ନମ୍ବର କଳାପଥର ଖାଦାନରେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ମୁକୁନ୍ଦପୁର ଗ୍ରାମର ଅଚ୍ୟୁତାନନ୍ଦ ଓଝା(୨୦)। ଶୁକ୍ରବାର ସକାଳେ ଉକ୍ତ ଟ୍ରାକ୍ଟର ବେଆଇନ ଖାଦାନରୁ ପଥର ବୋଝେଇ କରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଖାଦାନ ତଳକୁ ଖସି ପଡ଼ିଥିଲା। ଫଳରେ ଚାଳକ ଟ୍ରାକ୍ଟର ତଳେ ଚାପି ହୋଇ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦୁର୍ଘଟଣାରେ ଅଚ୍ୟୁତଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଏପରି କି ତାଙ୍କ ଡାହାଣ ହାତଟି କହୁଣି ଉପର ଅଂଶରୁ ସମ୍ପୂର୍ଣ୍ଣ କଟିଯାଇଥିବା ଜଣାଯାଇଛି। ଦୁର୍ଘଟଣା ଘଟିଥିବା ଖାଦାନ ଅଞ୍ଚଳ ବେଆଇନ ହୋଇଥିବା ବେଳେ ଏହାକୁ ଜଣେ ବ୍ୟକ୍ତି ଦୀର୍ଘ ଦିନ ଧରି ଚଳାଇ ଆସୁଛନ୍ତି। ଟ୍ରାକ୍ଟର ମାଲିକ ସୁଶାନ୍ତ ସାହୁ ବେଆଇନ ଖାଦାନରୁ କଳାପଥର ଉତ୍ତୋଳନ କରି ଅନ୍ୟତ୍ର ପରିବହନ କରିଥାନ୍ତି ବୋଲି ଅଭିଯୋଗ ହୋଇଛି। ଜେନାପୁର ପୋଲିସ ନଂ. ୨୭୦/୨୧ରେ ଏକ ମାମଲା ରୁଜୁ କରିଛି। ଥାନାଧିକାରୀ ଶ୍ରବଣ କୁମାର ମହାରଣା ଘଟଣାର ତଦନ୍ତ ଜାରି ରଖିଛନ୍ତି। ବେଆଇନ ପରିବହନ ରୋକିବା ଦିଗରେ ଯାଜପୁର ଜିଲା ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।


ଓଲଟି ପଡ଼ିଥିବା ଟ୍ରାକ୍ଟର।

# 'ଉପେନ୍ଦ୍ର ତ୍ରିପାଠୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱ'



ଅତିଥି ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଧର୍ମଶାଳା,୧୦।୯(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଉତ୍କଳଚନ୍ଦ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ୧୧୮ ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ପୌରୋହିତ୍ୟ କରିଥିଲେ। ସାହିତ୍ୟିକ ଡ. ସୂର୍ଯ୍ୟମଣି ଖୁଣ୍ଟିଆ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀ, ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ନିଖିଳ ଉତ୍କଳ ଶିଶୁ ମେଳା ସମିତି ସମ୍ପାଦକ ଡ. ପ୍ରିୟନାଥ ମହାପାତ୍ର ଯୋଗ ଦେଇଥିଲେ। ଶିଶୁଙ୍କ ସ୍ୱପ୍ନ, କଳ୍ପନା ଓ ଅଭିଳାଷକୁ ବଢ଼ାଇବାରେ ପଣ୍ଡିତ ତ୍ରିପାଠୀ ଥିଲେ ଅସାଧାରଣ ବ୍ୟକ୍ତିତ୍ୱ। ତାଙ୍କ ଗ୍ରନ୍ଥାବଳୀ କାଳଜୟୀ ବୋଲି ଅତିଥି ଓ ବକ୍ତାମାନେ ମତପ୍ରକାଶ କରିଥିଲେ। ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଉପସଭାପତି ମାଧୁରୀ ଶତପଥୀ ମନ୍ତ୍ର ପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ସଂଗ୍ରାମ କେଶରୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଜୟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଡ. ମହେଶ୍ୱର ମହାନ୍ତିଙ୍କ ସମ୍ପାଦନାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ 'ବାଣୀପୁତ୍ର ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ' ପୁସ୍ତକ ଓ ଶିଶୁ ସାହିତ୍ୟ ସ୍ରଷ୍ଟା ଡ. ପ୍ରିୟନାଥ ମହାପାତ୍ରଙ୍କ ଦ୍ୱାରା ରଚିତ 'ପିଲାଙ୍କ ଶିଷ୍ଟାଚାର' ପୁସ୍ତକକୁ ଅତିଥି ଉନ୍ମୋଚନ କରିଥିଲେ। ଡ. ମହାପାତ୍ର ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଶିଶୁ ସାହିତ୍ୟିକ ବିଦ୍ୟାଧର ସାହୁ, ସହସମ୍ପାଦକ ନାରାୟଣ ନନ୍ଦ, ଡ. ତୁହିନାଂଶୁ ରଥ, ଡ. ଇନ୍ଦୁପ୍ରଭା ସାମଲ, ଡ. ସଞ୍ଜୟ ରାୟ, ଡ. ବିଧୁଭୂଷଣ ପଣ୍ଡା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରଦୀପ ସାମଲ, ମନୋଜ ରଣା, ସୁଭାଷ ଚନ୍ଦ୍ର ବେହେରା, ଆଇନଜୀବୀ ନୀଳମାଧବ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ଅନ୍ୟତମ ଉପସଭାପତି ମିନତି ସାହୁ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କଠାରୁ ଚୋରି ଉଦ୍ୟମ

**ରାଜନଗର,୧୦।୯(ଡି.ଏନ.ଏ.):** ରାଜନଗର ଥାନା ମହୁଲିଆ ପଞ୍ଚାୟତ କଣି ଗାଁର ନବଘନ ବାରିକଙ୍କ ଘରେ ଜଣେ ଯୁବକ ରାତିରେ ପଶି ତାଙ୍କ ସ୍ତ୍ରୀ ଜୟନ୍ତୀଙ୍କ କାନଫୁଲ ଚୋରି ଉଦ୍ୟମ କରିଥିଲେ। ଜୟନ୍ତୀ ଉଠିପଡ଼ିବାରୁ ଯୁବକ ଜଣକ ୨ଟି ମୋବାଇଲ ନେଇ ପଳାଇଥିଲେ।

# ଚେୟାରମ୍ୟାନଙ୍କ ସହ ୫ଜଣିଆ ଟିମ୍‌ର ତଦନ୍ତ


ଚେୟାରମ୍ୟାନ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

### ୧୧କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକଙ୍କ ମୃତ୍ୟୁ ଘଟଣା

**ରଘୁନାଥପୁର,୧୦।୯(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୁର୍ତ୍ତାଙ୍ଗ କଲେଜ ନିକଟରେ ନୂତନ ବିଦ୍ୟୁତ୍ ଖୁଣ୍ଟ ବସିବାବେଳେ ଗୁରୁବାର ଦୁର୍ଘଟଣା ଘଟିଥିଲା। ୧୧ କେଭି ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ହୋଇଥିଲେ। ଶୁକ୍ରବାର ଟିପିସିଓଡିଏଲ ଚେୟାରମ୍ୟାନ ନରେଶ କାପୁରଙ୍କ ସହ ଏହାର ନିରାପତ୍ତା ବିଭାଗ ମୁଖ୍ୟ ସନ୍ତୋଷ ଡାଙ୍ଗେ ଓ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଟିକିନିଖି ତଦନ୍ତ କରିଛନ୍ତି। ସେମାନେ ଜଗତସିଂହପୁର ନିର୍ବାହୀ ଯନ୍ତ୍ରୀ ବିରଜା ପ୍ରସାଦ ପାଢ଼ୀ, ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ, ଜେଇ ଭବାନୀ ପ୍ରସାଦ ମହାନ୍ତି ଓ ଲାଇନମ୍ୟାନ ବିଜୟ ନାୟକଙ୍କୁ ପଚରାଉଚରା କରିଛନ୍ତି। ତଦନ୍ତ ସମ୍ପର୍କରେ ଚେୟାରମ୍ୟାନ କାପୁର କୌଣସି ତଥ୍ୟ ଦେଇ ନ ଥିବା ବେଳେ ଆଗକୁ ଯେପରି ଏପରି ଦୁର୍ଘଟଣା ନ ଘଟେ ସେନେଇ କର୍ମଚାରୀଙ୍କୁ ତାଗିଦ୍ କରିଛନ୍ତି।

# ହଟିଲେ ନୀଳମଣି, ରାଜନଗର ସମ୍ପାଦକଙ୍କୁ ଅତିରିକ୍ତ ଦାୟିତ୍ୱ

**ରାଜନଗର,୧୦।୯(ଡି.ଏନ.ଏ.)**

### ଧାନ ବିକ୍ରି ପଞ୍ଜୀକରଣରୁ ଚାଷୀ ବଞ୍ଚିତ ହେବା ଘଟଣା

ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତି ସଦସ୍ୟମାନେ ଧାନ ବିକ୍ରି ପାଇଁ ଅନ୍‌ଲାଇନ ପଞ୍ଜୀକରଣରୁ ବଞ୍ଚିତ ହେବା ଘଟଣାରେ ଏଆରସିଏସ୍ ପଦକ୍ଷେପ ନେଇଛନ୍ତି। ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତିର ଦାୟିତ୍ୱରେ ଥିବା ଭାଟପଡ଼ା ସେବା ସମବାୟ ସମିତିର ସମ୍ପାଦକ ନୀଳମଣି ପ୍ରଧାନଙ୍କୁ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିରୁ ପ୍ରତ୍ୟାହାର କରି ନିଆଯାଇଛି। ପ୍ରଧାନ କେବଳ ଭାଟପଡ଼ା କୃଷି ସେବା ସମବାୟ ସମିତିରେ ସମ୍ପାଦକ ଭାବେ କାମ କରିବେ। ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତିର ସମ୍ପାଦକ ଭାବେ ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଚାନ୍ଦିବାଉଁଶମୂଳ ସେବା ସମବାୟ ସମିତି ଦାୟିତ୍ୱରେ ଥିବା ପ୍ରଶାସକଙ୍କୁ ଚିଠି ଯୋଗେ ଅବଗତ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୧-୨୨ ନିମନ୍ତେ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତି ଅଧୀନରେ ଥିବା ଶତାଧିକ ଚାଷୀ ଅମଳ ଧାନ ବିକ୍ରି ପାଇଁ ଅଗ୍ରିମ ପଞ୍ଜୀକରଣ ନିମନ୍ତେ ସମବାୟ ସମିତିରେ ଆବଶ୍ୟକ କାଗଜପତ୍ର ସହ ଆବେଦନ କରିଥିଲେ। କିନ୍ତୁ ଅତିରିକ୍ତ ଦାୟିତ୍ୱରେ ଥିବା ଭାଟପଡ଼ା ପ୍ରାଥମିକ କୃଷି ସେବା ସମବାୟ ସମିତି ସମ୍ପାଦକ ନୀଳମଣି ପ୍ରଧାନ ଏବଂ ପିଅନ ପ୍ରଭାତ ରାଉତ ଚାଷୀମାନଙ୍କ ନାମ ପଞ୍ଜୀକରଣ କରିବାରେ ବିଫଳ ହୋଇଥିଲେ। ଏହି ସେବା ସମବାୟ ସମିତିରେ ୯୧୨ଜଣ ଚାଷୀ ଧାନ ବିକିବା ପାଇଁ ପଞ୍ଜୀକରଣ ନିମନ୍ତେ ଆବେଦନ କରିଥିବା ବେଳେ ମାତ୍ର ୪୩୨ଜଣ ନାମ ପଞ୍ଜୀକରଣ କରିଥିଲେ। ଏ ସମ୍ପର୍କରେ ଗୁରୁବାର ଚାନ୍ଦିବାଉଁଶମୂଳ ପଞ୍ଚାୟତର ବସନ୍ତ କୁମାର ସ୍ୱାଇଁ, ମଦନ ମୋହନ ବାରିକ, ପାରେଶ୍ୱର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, ସର୍ବେଶ୍ୱର ରାଉତ, ବୁଦ୍ଧଦେବ ସେଠୀ, ଭରତ ଚରଣ ରାଉତ ପ୍ରମୁଖ ଶତାଧିକ ଚାଷୀ ରାଜନଗର ଥାନାରେ ପହଞ୍ଚି ଏତଲା ଦେଇଥିଲେ। ଏହାପରେ ଚାନ୍ଦିବାଉଁଶମୂଳ ପ୍ରାଥମିକ କୃଷି ସେବା ସମବାୟ ସମିତିରୁ ନୀଳମଣିଙ୍କୁ ହଟାଇ ଜ୍ଞାନରଞ୍ଜନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ସୋସାଇଟିର ସମ୍ପାଦକ, ସହସମ୍ପାଦକ ଏବଂ ଡାଟା ଏଣ୍ଟ୍ରି ଅପରେଟର ନିଲମ୍ବିତ ହେବା ପରେ ଏପରି ଅବସ୍ଥା ସୃଷ୍ଟି ହୋଇଛି।

# ସଙ୍କଟରେ ସଁପୁର ସୂତା କାରିଗର

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଇ ପର୍ବରେ ଲୋକେ ନୂଆଁଲୁଗା ପିନ୍ଧିଥାନ୍ତି। ନୂଆଁଲୁଗା ପିନ୍ଧି ପରିବାରର ମୁରବି ଦେବଦେବୀ ଓ ପିତୃପୁରୁଷଙ୍କୁ 'ଚୁରାକୁଁଡା' ଅର୍ପଣ କରିବାର ବିଧି କୋଉ କାଳରୁ ରହିଆସିଛି। ଏହାସହିତ ନୂଆଁଖାଇରେ ପରିବାର ସମସ୍ତେ ନୂଆଁଲୁଗା ପରିଧାନ କରି ନୂଆଁ ଖାଇବା ସହ ଭେଟ୍‌ଘାଟ ହୋଇଥାନ୍ତି। ହେଲେ ଗଲା ବଛରଠୁ ବଜାରରେ ନୂଆଁଲୁଗାର ଚାହିଦା କରୋନା ପାଇଁ କମିଯାଇଛି। ଚାହିଦା କମିଛି ତ ବିକ୍ରି କମିଛି। ତା ସାଙ୍ଗକୁ କମିଛି କାରିଗରଙ୍କ ମଜୁରି। ସାଉକାର ପାଖରେ ମଜୁରି ବି ବାକି। ଗଲାବର୍ଷଠୁ ସଙ୍କଟରେ ଅଛନ୍ତି ସଁପୁର ସୂତାର କାରିଗର। ନାଁ ନୀତିକୁ ବୌଦ୍ଧ ଜିଲା ଗବଜୋର ଗାଁର ହଜାରେ ଉପରେ ବୁଣାକାର ପାଳନ କରୁଛନ୍ତି ନୁଆଁଖାଇ। ହେଲେ ନୂଆଁଖାଇର ଉସନାକୀ ନାଇଁ।

## ସବୁ ବଢିଛି, ମଜୁରି ଛିଡିଛି

ବଜାରରେ ସବୁ ବଢିଛି। ଚାଉଳଗଉଳ, ଲୁଣତେଲ ସବୁକିଛି। ବୁଣାକାର ସୁମନ୍ତ ମେହେର କହନ୍ତି, ଦଶଟଙ୍କାର ତେଲ ଗୁଟେ କାନେ ପଶିଯିବା। ଇ ମହର୍ଗ ସମିଆରେ ସବୁ ଜିନିଷ ବଢିଥିଲେ ବି ବୁଣାକାରର ବଜୁରି ଛିଡିଛି। କେବଳ ସୁମନ୍ତ ନୁହନ୍ତି, କୋଦଣ୍ଡ ମେହେର ଓ ଅନ୍ୟ ବୁଣାକାରଙ୍କ କହିବା କଥା ହେଲା ଯୋଉ ଶାଢି ବଜାରରେ ୭ ହଜାର ଟଙ୍କା ବିକ୍ରି ଥିଲା ସେଇ ଶାଢୀ ଏବେ ଛଅ ହଜାର ଟଙ୍କା। ଲୋକଙ୍କ ଚାହିଦା କମିଛି ସତ, ତା ସାଙ୍ଗକୁ ବଢିଛି ପାଟସୂତା ଆଉ ରଙ୍ଗର ଦର। ସେଥିପାଇଁ ସିଧାସଳଖ ମଜୁରି


ତନ୍ତଶାଳରେ ନିମଗ୍ନ କାରିଗର।

ଉପରେ ମାଡ ପଡୁଛି। ଆଗ ଯେଉଁ ଶାଢୀରେ ୨ ହଜାରରୁ ପଚିଶ ଶହ ମଜୁରି ମିଳୁଥିଲା ସେଇ ଶାଢି ଉପରେ ଏବେ ଷୋଳଶହଠୁ ଦୁଇ ହଜାର ମଜୁରି। ଯାହାର ପାଞ୍ଚ ପରାଣୀ କୁଟମ୍ବ ସେଇ ପରିବାର ଚଳିବା ମୁସ୍କିଲ ହୋଇ ପଡୁଛି। ନୂଆଁଖାଇ ବଜାର ବି ମାନ୍ଦା। କରୋନା ସମିଆ ଆଗର କମାଣୀ ନାଇଁ। ବୁଣାକାର ପରିବାର ପାଇଁ ନୂଆଁଖାଇ ଫିକା ପଡିଯାଉଛି।

## କେବେ ଫେରିବ ସେଇ ରଙ୍ଗିନ ସମିଆ

ଏଇ ଗାଁର ତନ୍ତରୁ ଦେଶ ବିଦେଶକୁ ଯାଉଥିଲା କେତେ ରଙ୍ଗୀନ ପାଟ ଶାଢି। ବମକେଇ, ଫିରା ମିନିବୁଟା ବମକେଇ। ପୁଣି ସମ୍ବଲପୁରୀ ପାଟର ପେପର ବାନ୍ଧନ୍, ଧଡି ସପଟା, ବଡି ସପଟା। ସଁପୁର ସୂତାରେ ପୁଣି କେତେ ମୟୁର, କଣ୍ଡେଇଙ୍କ ଛବି ଓ ଭାତିଭାତି ଡିଜାଇନ ଫୁଟଉଥିଲା ଏଇ ଗାଁର ବୁଣାକାର। ହେଲେ ଏବେ ତାର ନିଜ ଛୁଆଙ୍କ ଦିହକୁ କନା ନିଅଣ୍ଟ। ବହୁତ ଦୁଃଖର ସହ ବୁଣାକାର ପ୍ରକାଶ ମେହେର ତାଙ୍କ ଛ ବର୍ଷର ଝିଅକୁ ଦେଖେଇ କହନ୍ତି, ମୋର ଛୁଆର ପିନ୍ଧନା ଦେଖନ୍, ଇ ବଛର ନୂଆଁଖଣ୍ଡେ ଘିନି ନାଇଁପାରି। ସାଉକାର ପାଶେ ମଜୁରି ବାକି ପଡିଛେ। ବାଟେଘାଟେ ଧାର ଉଧାର ଚରିଗଲାନ। ବାସ୍ତବରେ ପ୍ରକାଶଙ୍କ ପରି ଅନେକ ବୁଣାକାର କରୋନା ପରବର୍ତ୍ତୀ ଗୋଟେ ସଙ୍କଟଜନକ ସମୟରେ ଗତି କରୁଛନ୍ତି। ପ୍ରାୟ ବୁଣାକାର ସାଉକାରଙ୍କଠାରୁ ସୂତା ଆଣି ଲୁଗା ବୁଣନ୍ତି ଓ ମଜୁରି ଆଣନ୍ତି। ଆଉ ସେଇ ମଜୁରି ଯାହା ଛିଡିଛି ତ ଛିଡିଛି। ଏଇ ନୂଆଁଖାଇରେ ବି ବାକି ପଡିଛି। ଏ ସମ୍ପର୍କରେ ଗାଁର ବର୍ଷୀୟାନ ଡିଜାଇନର ସମାରୁ ମେହେର କୁହନ୍ତି, ଗଲା ଦୁଇ ବଛର ହେଲା କାଏଁ ଠାକରାନୀ ଆଇଲେ ଯେ, ହାତ ବାନ୍ଧିକରି ବସବାର ଅବସ୍ଥା ହେଲାନ। କେଜେ ସୂତାରେ ରଙ୍ଗ ମାଜଲେ ଆଠ ଶହ ହେବା, ତହିଁକେ ସବୁ ବଢିଛେ। କିଏ ଜାନେ କେନ୍ତା ଲୋକ ଚଲବେ। ହଁ, ଖାଇସନ ବଲି ନୂଆଁ ଖାଇବାର କଥା।

### ନୂଆଁଖାଇର ଉସ୍‌ନାକୀ ନାଇଁ

## ଜୀଁ ଜାଗିଥିଲେ ବଛରେ

କେବେ ଶେଷ ହେବ କରୋନାର ସମିଆ। କାହା ପାଖରେ ଉତ୍ତର ନାଇଁ। ଗୋଟେ ବଛର ଯାଇ ଆଉ ଗୋଟେ ବଛରକୁ ଭେଟ। ଜୀବନ ଜୀବିକାର ସଂଘର୍ଷରେ ଗଣପର୍ବର ଉସନାକୀ ଫିକା ପଡି ଯାଉଛି। ହେଲେ ବି ଦୂର ଦୂରାନ୍ତରେ ଥିବା ବୁଣାକାରଙ୍କ ପୁଅ ଗାଁକୁ ଫେରୁଛି।

**ରିପୋର୍ଟ: ଆଦିତେଶ୍ୱର ମିଶ୍ର, କନ୍ଧମାଳ**

# ନୂଆ ରୂପରେ ନୂଆଁଖାଇ

ପଶ୍ଚିମ ଓଡିଶାର ଭିନ୍ନ ଏକ ପରମ୍ପରା ହେଉଛି କୃଷିଭିତ୍ତିକ ଗଣପର୍ବ ନବାନ୍ନ (ନୂଆଁଖାଇ)। ଏହି ପର୍ବକୁ ପଶ୍ଚିମ ଓଡିଶାବାସୀ ମୁଖ୍ୟପର୍ବ ଭାବେ ପାଳନ କରିଥାନ୍ତି। ଅନ୍ୟ ପର୍ବ ପର୍ବାଣିଠାରୁ ଏହା ଏକ ନିଆରା ପର୍ବ। ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ସ୍ଥାନୀୟ ଇଷ୍ଟ ଦେବୀଙ୍କ ରାଶି ନକ୍ଷତ୍ର ଅନୁସାରେ ନବାନ୍ନ ଲାଗି ପରେ ଲୋକେ ନବାନ୍ନ ଗ୍ରହଣ କରିଥାନ୍ତି। ସାଧାରଣତଃ ମାସକ ଆଗରୁ ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ମହିଳାମାନେ ଘର ଦ୍ୱାର ଲିପାପୋଛା କରି ସଫା କରିଥାନ୍ତି। ପରେ ବିଭିନ୍ନ ରଙ୍ଗ ତଥା ଲାଲ୍ ରଙ୍ଗର ମାଟି ଏବଂ ଧଳା ଚୁନ ମାଟିରେ ଘରକୁ ରଙ୍ଗ ବେରଙ୍ଗ କରିଥାନ୍ତି ଏବଂ ତାହା ଉପରେ ବିଭିନ୍ନ ପ୍ରକାର ଚିତ୍ର ଆଙ୍କିଥାନ୍ତି। ଯିଏ ଯେଉଁଠି ଥାଉନା କାହିଁକି ନବାନ୍ନ ଦିନ ସମସ୍ତେ ଘରେ ପହଞ୍ଚି ନିଜ ମଧ୍ୟରେ ରହିଥିବା ରାଗରୋଷ ଭୁଲି ଏକାଠି ହୋଇଥାନ୍ତି। ଗରିବଙ୍କ ଠାରୁ ଆରମ୍ଭ କରି ଧନି ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ନବାନ୍ନରେ ନୂଆ ବସ୍ତ୍ର ଆସିଥାଏ। ଖରିଫ ଋତୁରେ ଚାଷ ହୋଇଥିବା ପ୍ରଥମ କଷି ଧାନକୁ ଆଣି ତାକୁ ନୂଆ ମାଟି ହାଣ୍ଡିରେ ଭାଜି ଚୁଡା ତିଆରି କରାଯାଏ। ସେହି ଚୁଡାରେ ଦେଶୀ ପାଣି ଗୁଡ ମିଶାଇ ନବାନ୍ନ ପ୍ରସ୍ତୁତ କରାଯାଏ ଏବଂ ତାକୁ ନୂଆଁଖାଇ ଦିନ କୁରେ ପତ୍ରରେ ଇଷ୍ଟ ଦେବୀଙ୍କ ଠାରେ ଲାଗି କରାଯାଏ। ଏହାକୁ ଘରେ ଘରେ ତିଆରି କରାଯାଇଥିବା ବିଭିନ୍ନ ରକମର ପିଠା ତଥା ଅନ୍ୟାନ୍ୟ ଖାଦ୍ୟରେ ମିସାଇ କୁରେ, ଶାଳ ଏବଂ ଭେଲୁଆ ପତ୍ରରେ ଲୋକେ ଖାଇଥାନ୍ତି। ଅପରାହ୍ନରେ ନିଜ ନିଜ ସମ୍ପର୍କୀୟଙ୍କ ପାଖକୁ ଯାଇ ବଡମାନଙ୍କୁ ସାନମାନେ ମୁଣ୍ଡିଆ ମାରି ଆଶୀର୍ବାଦ ଲାଭ କରିଥାନ୍ତି। ଏହି ସମୟରେ ବିଭିନ୍ନ ପ୍ରକାର ଖେଳର ଆୟୋଜନ କରାଯାଉଥିବାବେଳେ ରାତିରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ପରଦିନ ନବାନ୍ନ ବାସି ପାଳନ ପରମ୍ପରା ରହିଛି। ବାସିଦିନ ଲୋକେ ଘରେ ଘରେ ମାଂସ ଭୋଜି କରି ଖାଇବା ପରମ୍ପରା ରହିଆସିଛି।

> ଖରିଫ ଋତୁରେ ଚାଷ ହୋଇଥିବା ପ୍ରଥମ କଷି ଧାନକୁ ଆଣି ତାକୁ ନୂଆ ମାଟି ହାଣ୍ଡିରେ ଭାଜି ଚୁଡା ତିଆରି କରାଯାଏ। ସେହି ଚୁଡାରେ ଦେଶୀ ପାଣି ଗୁଡ ମିଶାଇ ନବାନ୍ନ ପ୍ରସ୍ତୁତ ହୁଏ ଏବଂ ତାକୁ ନୂଆଁଖାଇ ଦିନ କୁରେ ପତ୍ରରେ ଇଷ୍ଟ ଦେବୀଙ୍କ ଠାରେ ଲାଗି କରାଯାଏ।

– ଭୁବନେଶ୍ୱର ବାରିକ, ଲାଠୋର

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ଟାଟା 4018
ପଞ୍ଜୀକରଣ ନଂ. - OD16E4092
ନିର୍ମାଣ ବର୍ଷ - 2018
2) ଟାଟା ଏଲ୍‌ପିଏସ୍ 4018
ପଞ୍ଜୀକରଣ ନଂ. - OD16E4259
ନିର୍ମାଣ ବର୍ଷ - 2018
3) ଟାଟା ଏଲ୍‌ପିଏସ୍ 4018
ପଞ୍ଜୀକରଣ ନଂ. - OD16E4091
ନିର୍ମାଣ ବର୍ଷ - 2018
4) ଇନ୍ଟ୍ରୋ_6037S
ପଞ୍ଜୀକରଣ ନଂ. - OD16E5671
ନିର୍ମାଣ ବର୍ଷ - 2018
5) ସୁପ୍ରୋ_ଭ୍ୟାନ୍
ପଞ୍ଜୀକରଣ ନଂ. - OD33N8048
ନିର୍ମାଣ ବର୍ଷ - 2017
6) ଏଲ୍‌ପିଟି_3718
ପଞ୍ଜୀକରଣ ନଂ. - OD16E2701
ନିର୍ମାଣ ବର୍ଷ - 2018
7) ଏଲ୍‌ପିଟି_3718
ପଞ୍ଜୀକରଣ ନଂ. - OD16E3161
ନିର୍ମାଣ ବର୍ଷ - 2018
8) ଆଇଚର୍ ପ୍ରୋ 6037
ପଞ୍ଜୀକରଣ ନଂ. - OD16E5335
ନିର୍ମାଣ ବର୍ଷ - 2018
9) ଟାଟା ଏସି
ପଞ୍ଜୀକରଣ ନଂ. - OD22H8944
ନିର୍ମାଣ ବର୍ଷ - 2017

ମେସର୍ସ କୋଟକ ମହିନ୍ଦ୍ରା ବ୍ୟାଙ୍କ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ "ଯେପରି ଅଛି ଯେଉଁଠି ଅଛି ସ୍ଥିତି" ଭିତ୍ତିରେ ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ 7 ଦିନ ମଧ୍ୟରେ ସେମାନଙ୍କର କୋଟେସନ୍ ଶାଖା ଠିକଣା:
କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍,
184, ତଳ ମହଲା, ଜନପଥ,
ଭୁବନେଶ୍ୱର, ଓଡ଼ିଶା-751001
ଠିକଣାରେ ପଠାଇପାରିବେ କିମ୍ବା
ଯୋଗାଯୋଗ: ତାପସ ମହାନ୍ତି / ଶ୍ରୀଧର ଜେଠୀ
**କୋଟାକ ମହିନ୍ଦ୍ରା ବ୍ୟାଙ୍କ ଲିଃ**
ଯୋଗାଯୋଗ ନଂ. 9861502061/9583041006

# ଗାଁ–ଘର୍‌ଫେରା ତିହାର୍

ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଓଡିଶାର ପଶ୍ଚିମ ପ୍ରାନ୍ତ ବା କୋଶଳାଞ୍ଚଳରେ ଧୁମ୍‌ଧାମ୍‌ରେ ପାଳନ କରାଯାଏ ଗଣପର୍ବ ନୂଆଁଖାଇ। ବହୁ ଦିଗରୁ ଏହା ଏକ ଅନନ୍ୟ ପର୍ବ ବା ତିହାର୍। ମୁଖ୍ୟତଃ ଏହା ଏକ କୃଷିପର୍ବ ହୋଇଥିଲେ ମଧ୍ୟ ପରମ୍ପରା କ୍ରମେ ଏହା ପଶ୍ଚିମ ଓଡିଶାବାସୀଙ୍କ ସାମାଜିକ ଏବଂ ସାଂସ୍କୃତିକ ପରିଚିତିର ତିହାର୍ ପାଲଟି ଯାଇଛି। ଭାଦ୍ରବ ମାସରେ ଆସେ ନୂଆଁଖାଇ ତିହାର୍। ଆଁଟ୍, ମାଲ୍, ବେର୍ଣ୍ଣା ଭଳି ଉଚ୍ଚ ଜମିରେ କମ୍ ଅବଧିର ଧାନଚାଷ କରାଯାଏ। ସରିଆଁ ଧାନ୍ ଏହି କିସମ୍‌ର ଧାନ ମଧ୍ୟରୁ ଅନ୍ୟତମ। କଥାରେ ଅଛି– ଭୁଦୋ ମାସର୍ ଖରା, ବାଘ ନାଇଁ ଖାଏ ଚରା। ଏଭଳି ଏକ କଷ୍ଟସାଧ ସମୟରେ ଚାଷୀ ମୁହଁରେ ହସ ଭରିଦିଏ କ୍ଷେତରେ ଲହସି ଉଠୁଥିବା ଧାନକେଣ୍ଡା। ଚାଷୀ ପ୍ରଥମ ଅନ୍ନକୁ ଇଷ୍ଟଦେବୀ, ଗ୍ରାମ ଦେବାଦେବୀ ଏବଂ ପୂର୍ବପୁରୁଷଙ୍କୁ ଅର୍ପଣ କରେ। ପରେ ପରିବାରର ସମସ୍ତ ସଦସ୍ୟ ମିଳିମିଶି ନୂଆଁ ଅନ୍ନ ବା ନୂଆଁକୁଣ୍ଡା ସେବନ କରନ୍ତି। ପରିବାରରେ ବଡ ମାନଙ୍କୁ ଛୋଟମାନେ ମୁଣ୍ଡିଆ ମାରି ସମ୍ମାନ ଓ ଭକ୍ତି ପ୍ରକାଶ କରନ୍ତି। ବଡମାନେ ସ୍ନେହ ଓ ଆଶୀର୍ବାଦ ଅଜାଡି ଦିଅନ୍ତି। ପରେ ଆରମ୍ଭ ହୁଏ ଜୁହାର୍ ଭେଟ୍ ପର୍ବ।



ନୂଆଁଖାଇ ବାସ୍ତବରେ ଏକ ଆକର୍ଷଣର ତିହାର୍। ଯେତେ ଦୂରଦୂରାନ୍ତରରେ ଥିଲେ ମଧ୍ୟ ପରିବାର ଲୋକେ ନୂଆଁଖାଇ ପାଇଁ ଗାଁ ଓ ଘର ମୁହାଁ ହୁଅନ୍ତି। ଘରକୁ, ଗାଁକୁ ଫେରିବାକୁ ଯେମିତି ବ୍ୟାକୁଳ ହୁଅନ୍ତି। ଏଣୁ ନୂଆଁଖାଇକୁ ଗାଁ ଓ ଘର ଫେରା ତିହାର୍ ବୋଲି ମଧ୍ୟ କୁହାଯାଏ। ଏହି ସମୟରେ ନିଜ ଗାଁ ଓ ସହରକୁ ପ୍ରାୟ ସମସ୍ତେ ଫେରୁଥିବାରୁ ପିଲାଦିନର ସାଙ୍ଗସାଥୀ, ଭାଇବନ୍ଧୁଙ୍କ ଏହା ଏକ ମହାମିଳନ ପର୍ବ ହୋଇଥାଏ। ଗାଁ ଓ ଘର ଚଳଚଞ୍ଚଳ ହୋଇଉଠେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନୃତ୍ୟଗୀତର ଆସର ଜମେ। ଭାଦ୍ରବର ତୀକ୍ଷ୍ଣ ଖରା ଭଳି ଝଲସି ଉଠେ ମାନବୀୟ ସମ୍ବେଦନ। ଧାନ କିଆରିରେ ଲହସୁ ଥାଏ ନୂଆକେଣ୍ଡା ଧରିଥିବା ଧାନଗଛ। ଠିକ୍ ସେହିପରି ମଣିଷର ଭାବୋଚ୍ଛ୍ୱାସରେ ଲହସୁ ଥାଏ ଘର, ଗାଁ ରାସ୍ତାଘାଟ। ମଣିଷ କର୍ମମୁଖର ହୋଇ ଯେଉଁଠି ଥିଲେ ବି ଜନ୍ମମାଟି, ଘର, ଗାଁକୁ ଯେ ଭୁଲିପାରେ ନାହିଁ ଏହି ଅନୁଭବ ଦେଇଥାଏ ନୂଆଁଖାଇ।

ସମୟ ବଦଳୁଛି। ତା' ସହ ବଦଳୁଛି ଆଚାର, ବ୍ୟବହାର, ପ୍ରଥା, ପରମ୍ପରା ଓ ସଂସ୍କୃତି। ବିଭିନ୍ନ କାରଣରୁ ଅନେକ ଲୋକ ଆଉ ଗାଁକୁ ଫେରୁନାହାନ୍ତି। କର୍ମସ୍ଥଳରେ କିମ୍ବା କେଉଁ ଏକ ବଡ ସହରରେ ଘରଟିଏ କରି ରହିଯାଉଛନ୍ତି। ଅନେକଙ୍କର ଇଚ୍ଛା ଥିଲେ ବି ପରିସ୍ଥିତି ଚାପରେ ପଡି ଗାଁକୁ ଆଉ ଫେରିପାରୁ ନାହାନ୍ତି। ସମୟର ଧାବମାନ ସ୍ରୋତରେ ମଣିଷ ସହ ପ୍ରଥା ପରମ୍ପରା ବି ବଦଳି ଚାଲିଛି। ହେଲେ ନୂଆଁଖାଇ ତିହାର୍‌ର ମୌଳିକତା ନଷ୍ଟ ହୋଇନାହିଁ। ଆଜିବି ଏହା ଏକ ଅନନ୍ୟ ଆକର୍ଷଣର ପର୍ବ ହୋଇ ଆସିରହିଛି।

**– ବୀରେନ୍ଦ୍ର କୁମାର ଝାଙ୍କର, ବଲାଙ୍ଗୀର**

# ଭାବର ପର୍ବ

**ଭଟଲି,୧୦।୯(ଡି.ଏନ.ଏ):** ଜିଁ ଜାଗିଥିଲେ ବଛରେ। ବଛର ଟାକର୍ ତିହାର ଆଏ ନୂଆଁଖାଇ। ଇଟା ଭାବର୍ ତିହାର ଆଏ। ଇ ତିହାର ସମ୍ପର୍କ କେ ବଢ଼ାସି ଦୁରେଇ ଯାଇଥିଲ। ଲୁକ୍‌କୁ ପାଖ୍‌କେ ଟାନି ଆନ୍‌ସି। ସେଥିର ଲାଗି ତ କହେସନ୍ ଇଟା ଭାବର୍ ତିହାର୍ ଆରୁ ମିଳିମିଶି ଆସରେ ଭାଇ ଖାଏମା ନୂଆଁଖାଇ ବଲି। ଭାବ ଓ ସମ୍ପର୍କକୁ ଯୋଡ଼ି ରଖୁଥିବା ଏହି ପର୍ବକୁ ପଶ୍ଚିମ ଓଡ଼ିଶାର ଗଣପର୍ବ ତଥା ଭାବର ପର୍ବ ବୋଲି କୁହାଯାଏ। ଏହି ପର୍ବକୁ ପଶ୍ଚିମ ଓଡ଼ିଶାବାସୀ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ଭାଦ୍ରବ ମାସ ଆରମ୍ଭ ପରଠୁ ଏହି ଅଞ୍ଚଳବାସୀଙ୍କ ମନରେ ଉନ୍ମାଦନା ଭରି ରହିଥାଏ। କେବେ ଆସିବ ନୂଆଁଖାଇ ଏବଂ ଆମେ ସମସ୍ତେ ମିଶି ମଜାମଜଲିସ୍ କରିପାରିବୁ। କେବଳ ମଜା ତ ନୁହଁ ଏହି ପର୍ବ ସହିତ ଜଡ଼ିତ ରହିଛି ଅନେକ ପୌରାଣିକ ତଥା ସମାଜିକ ତଥ୍ୟ। ଚାଷୀର ପରମ୍ପରା ରହିଛି ସେ ତାର ପ୍ରଥମ ଉତ୍ପାଦିତ ଶସ୍ୟକୁ ଇଷ୍ଟଦେବୀଙ୍କୁ ସମର୍ପଣ କରିବ। ଜମିରେ ଶସ୍ୟ ଫଳିବା ଆରମ୍ଭ ହେବା କ୍ଷଣି ସେହି ଶସ୍ୟକୁ କେହି ଖାଇବା ପୂର୍ବରୁ ଦେବୀଙ୍କୁ ଅର୍ପଣ କଲେ ଅମଳ ଭଲ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେପଟେ ଏହି ଦିନ ନିଜ ଇଷ୍ଟଦେବଦେବୀଙ୍କୁ ସ୍ମରଣ କରି ଚାଷୀ ସମେତ ସମସ୍ତ ପ୍ରଜା ନବାନ୍ନ ଭକ୍ଷଣ କରନ୍ତି। ତେଣୁ ପଶ୍ଚିମ ଓଡ଼ିଶାବାସୀଙ୍କ ପାଇଁ ଏହି ପର୍ବ ପାଳନର ଅନେକ ଗୁରୁତ୍ୱ ରହିଛି। ନୂଆଁଖାଇ ପୂର୍ବଦିନ ଘରର ବୋହୁମାନେ ଘର ସଫା କରି ଏହି ଦିନ ପ୍ରତ୍ୟୁଷରୁ ପିଠାପଣା ପ୍ରସ୍ତୁତ କରି ମହାପ୍ରଭୁଙ୍କ ପାଖରେ ଭୋଗ ଲଗାନ୍ତି। ଏହାପରେ ନିର୍ଦ୍ଧାରିତ ଲଗ୍ନରେ ଘରର ବୟୋଜ୍ୟେଷ୍ଠଙ୍କ ଦ୍ୱାରା ଇଷ୍ଟଦେବୀଙ୍କ ପାଖରେ ନବାନ୍ନ ଲାଗି କରାଯାଏ। ପରେ ଘରର ସମସ୍ତେ ଇଷ୍ଟଦେବୀଙ୍କୁ ସ୍ମରଣ କରି ନବାନ୍ନ ଭକ୍ଷଣ କରିଥାନ୍ତି। ସନ୍ଧ୍ୟାରେ ପିଠାପଣା ଖାଇବା ସହିତ ବିଭିନ୍ନ ପ୍ରକାର ପାରମ୍ପରିକ ଖେଳ ଓ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥାଏ।

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱର ରେ ଘରୋଇ ଗାଡି ଚଳାଇବା ନିମନ୍ତେ ଡ୍ରାଇଭର ଆବଶ୍ୟକ
ମାସିକ ଦରମା ୧୨,୦୦୦/-
(ରହିବା ସୁବିଧା ଅଛି)
Ph : 6370950484
(Call Timing : 10.00 pm - 2.00 pm ମଧ୍ୟରେ)

**WANTED**
A Lady for Clerical work in a Office. Free accommodation & 10000/-.
Mob. No.7809525452

**ସିକ୍ୟୁରିଟି ଗାର୍ଡ ପଦବୀରେ ଆସିଲା ନିଯୁକ୍ତି**
ବିନା ପରୀକ୍ଷାରେ ଚାକିରି ଶୀଘ୍ର ଆବେଦନ କରନ୍ତୁ। ଯୋଗ୍ୟତା- ସପ୍ତମ ପାସ୍, ଓଡିଶାର ସମସ୍ତ ପ୍ରାର୍ଥୀ ଆବେଦନ କରିପାରିବେ।
ମାସିକ ଦରମା
୯,୦୦୦/- ରୁ ୧୬,୦୦୦/-
Contact
8984897600, 8917637741

**APPOINTMENT**
ରୋଷେଇ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପାର୍ଟଟାଇମ୍ ବା ଫୁଲ୍‌ଟାଇମ୍ ବ୍ରାହ୍ମଣ ସ୍ତ୍ରୀଲୋକ ଆବଶ୍ୟକ କରୁଛୁ। ଟଙ୍କପାଣି ରୋଡ୍, ଭୁବନେଶ୍ୱରରେ ଯୋଗାଯୋଗ କରନ୍ତୁ। ସକାଳ ୧୦ଟାରୁ ସନ୍ଧ୍ୟା ୭ ମଧ୍ୟରେ।
ମୋବାଇଲ: 9437025551

A leading Retail House
Of Consumer Durables, Bhubaneswar
**WE'RE LOOKING FOR SALES PERSONNEL**
( BOTH GIRLS AND BOYS )
Qualification : Min. +2 and above
Experience : 1-2 years in FMCG sector
**WALK-IN-INTERVIEW**
Date : 11th & 12th Sept 2021 | Timing : 11am to 2pm
**SHREE SAI AGENCY**
4th Floor, Plot No : 516/1755,Maruti Corner,
Near Patia Big Bazaar, Chandrasekharpur,Bhubaneswar,
Ph : 7381030720

**GOVERNMENT OF ODISHA**
**OFFICE OF THE SPECIAL PLANNING AUTHORITY, BARIPADA**
**AT: Town Planning Unit, Baripada - 757002**
No. 1109/SPA, BPD, Date: 09.09.2021
**QUOTATION/TENDER CALL NOTICE No. 01/2021-22**

Sealed Quotations/Tenders are invited from interested reputed Travel Agencies/Tour Operators or private individuals for providing **1 (One) No. of non AC/AC Diesel driven Mahindra Bolero / TUV 300 or equivalent vehicle** which shall conform to the Terms and conditions (Annexure-II) for official use in the office of the Special Planning Authority, Baripada on monthly rent basis.

**1.** The vehicle must be in road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, proof of up to date tax payments etc. which are mandatory for plying of vehicles. **2.** The driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle. **3.** The driver should be well behaved, gentle and obedient in nature. **4.** A sum of **Rs.5000/-** shall be deposited by the intending bidders in shape of Account Payee Bank Draft drawn in favour of the **Special Planning Authority, Baripada** payable at Baripada and submitted along with the tender as security deposit. After completion of tender process, the amount will be refunded to unsuccessful bidders. **5.** The monthly rate of hire charge be quoted separately in the general bid information (excluding cost of fuel which is to be paid separately basing on actual consumption and lubricants as per existing Govt. norms). **6.** The vehicle must achieve a minimum fuel efficiency of 10 KMs per Litre. **7.** The details of the make and year of manufacture of the vehicle, Registration No., Mileage (Kms covered per litre) and name of the driver with Driving License No. and period of validity should be specifically provided in the general bid information to be furnished with the quotation / tender (Annexure-III). **8.** The Quotation completed in all respect should reach the office of the undersigned on or before dt.**28.09.2021** by **2.00 P.M.** and shall be opened on the **same day** at **4.00 P.M.** in presence of the bidders or their authorized representatives. **9.** The application form of quotation / tender containing General Bid information and term and conditions for Hiring of Vehicles etc. will be available in the office of the Special Planning Authority, Baripada on payments of **Rs.200/-** (Rupees two hundred) only during office hours from dt.**13.09.2021** to dt.**27.09.2021**.

The Authority reserves the right to accept or reject any or all quotation without assigning any reason thereof.

**Sd./- Special Planning Authority, Baripada**

# କୃଷିଭିତ୍ତିକ ଗଣପର୍ବ

ପଶ୍ଚିମ ଓଡିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ପୁରପଲ୍ଲି ସବୁଠି ସବୁ ବର୍ଗର ଲୋକେ ଆନନ୍ଦ ଉଲ୍ଲାସରେ ଏହା ପାଳନ କରିଥାନ୍ତି। ଏହି ପର୍ବ ଆଧୁନିକ ସମାଜକୁ ଅନେକ ବାର୍ତ୍ତା ଦେଇଥାଏ। ଦୈନନ୍ଦିନ ଜୀବନ, ବ୍ୟବହାର, ଐତିହ୍ୟ, ସଂସ୍କୃତି, ଚାଲିଚଳନ, ପରିଧାନ, ଖାଦ୍ୟପେୟ ଉପରେ ମାର୍ଗଦର୍ଶନ ଦେଇଆସୁଛି। ପରମ୍ପରା ସହିତ ନିବିଡ ଭାବେ ଜଡିତ ରହିଛି ଏହି ନିଆରା ପର୍ବ। ନୂଆଖାଇବା (ନବାନ୍ନ ଭକ୍ଷଣ) ଓ ପରେ ଛୋଟ ପିଲାମାନେ ବଡମାନଙ୍କୁ ମୁଣ୍ଡିଆ ମାରିବା (ନୂଆଁଖାଇ ଜୁହାର) ଭଳି ପରମ୍ପରା ରହିଛି। ଏହି ପରମ୍ପରା କେବଳ ପରିବାର ଭିତରେ ସୀମିତ ନ ଥାଏ। ପଡା, ଗ୍ରାମ, ଘରକୁଘର ବୁଲି ଜୁହାର ଭେଟ ହେବାର ବିଶେଷ ପରମ୍ପରା ରହିଛି। ମନ ଭିତରେ ଯାହା ଅଭିମାନ, ରାଗ ଥିଲେ ମଧ୍ୟ ପରିବାର ପରିଜନ ସମସ୍ତେ ଏହି ଦିନରେ ଭୁଲି ଯାଆନ୍ତି। ତେଣୁ ଏହାକୁ ଏକତାର ପର୍ବ ମଧ୍ୟ କୁହାଯାଏ। ନୂଆଁଖାଇ ଆସିବା ପୂର୍ବରୁ ଗାଁ, ସହର, ଦେବାଳୟଗୁଡିକରେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ମହିଳାମାନେ ଘର ସଫେଇ କରିଥାନ୍ତି। ପୂର୍ବରୁ ଚାଷ କରିଥିବା ଗ୍ରାମର ଝାଙ୍କର ନୂଆଁଖାଇ ଲାଗି କ୍ଷେତରେ ସରିଆ ଧାନ ପରିବାରକୁ ଆଣି ଦେଇଥାନ୍ତି। କେତେକ ସ୍ଥାନରେ ଚାଷୀମାନେ ଅମଳ କରିଥିବା ବେଳେ ବଜାରରେ ମଧ୍ୟ ଏହା ମିଳିଥାଏ। ଜାତି ଅନୁଯାୟୀ ଦେବୀ ପାଖରେ ନବାହ୍ନ ଲାଗି ଲଖାଇବା ଜଙ୍ଗଲ ପତ୍ର ସଂଗ୍ରହ କରନ୍ତି ନ ହେଲେ ବଜାରରୁ କିଣିନେଇଥାନ୍ତି। ବ୍ରାହ୍ମଣମାନେ ସର୍ଗିପତ୍ର, କୁଲତା ଜାତି ମହୁଲ ପତ୍ର, କ୍ଷତ୍ରିୟମାନେ କୁରେଇ ପତ୍ର ବ୍ୟବହାର କରିଥାନ୍ତି। ପୂର୍ବଦିନ ବନ୍ଧୁ ପରିଜନଙ୍କ ଘରକୁ ନୂଆଁଖାଇ ଭାର ଆସିବାର ପରମ୍ପରା ରହିଛି। ଏଥିରେ ନୂଆଁ ବସ୍ତ୍ର, ନଡିଆ, ପନିପରିବା, ଡାଲି, ଗୁଡ, ଚିନି, ସୁଜି, ଅଟା ପ୍ରଭୃତି ବ୍ୟଞ୍ଜନ ସାମଗ୍ରୀ ରହିଥାଏ। ଅତୀତରେ ଗଉଁତିଆ, ଜମିଦାରମାନେ ହଳିଆଙ୍କୁ ନୂଆଁଖାଇ ବେଭାର ଦେଉଥିଲେ। ପାଖ ପଡୋଶୀଙ୍କୁ ମଧ୍ୟ ଜାତିଭେଦ ନ କରି ଭାର ଆଦାନପ୍ରଦାନ କରୁଥିଲେ। ତେଣୁ ଭାଇଚାରାର ପର୍ବ ବୋଲି କୁହାଯାଇଥାଏ। ପ୍ରତ୍ୟେକ ପରିବାର ନିଜ ଇଷ୍ଟଦେବୀ ପାଖରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରନ୍ତି। ଧାର୍ଯ୍ୟ ସମୟ ଅନୁସାରେ ଘରେ ପୂଜା ହୋଇଥାଏ। ପରେ ଘରର ମୁରବୀ ନିଜ କ୍ଷେତକୁ ଯାଇଥାନ୍ତି। ସେଠାରେ ଦୁବ ଫଳ ଦିପ ଦେବା ପରେ କ୍ଷୀର ଢାଳି ଧରା ପୃଷ୍ଟକ ପୂଜା କରନ୍ତି। ଗୁହାଳ ଓ ଗୋରୁଙ୍କୁ ମଧ୍ୟ ପୂଜା କରାଯାଇଥାଏ।

> ପରମ୍ପରା ସହିତ ନିବିଡ ଭାବେ ଜଡିତ ରହିଛି ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ନୂଆଁଖାଇବା (ନବାନ୍ନ ଭକ୍ଷଣ) ଓ ପରେ ଛୋଟ ପିଲାମାନେ ବଡମାନଙ୍କୁ ମୁଣ୍ଡିଆ ମାରିବା (ନୂଆଁଖାଇ ଜୁହାର) ଭଳି ପରମ୍ପରା ରହିଛି।

**– ଶୁଭାଶୀଷ ପାଢ଼ୀ, ସମ୍ବଲପୁର**



## ସଂକ୍ଷେପରେ

### କଲେଜ ଅଧକ୍ଷଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାଟଣା,୧୦।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ପଞ୍ଚାୟତ ଝାରବେଡ଼ା ଗ୍ରାମର ଗଜେନ୍ଦ୍ର ନାରାୟଣ ସାହୁଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ପଛ ପାର୍ଶ୍ୱ ଝରକା ଗ୍ରୀଲ ତାଡ଼ି ଘରେ ପଶି ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫ ହଜାର ଟଙ୍କା ଲୁଟି ନେଇ ଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଚମ୍ପୁଆ ବ୍ଲକ ସଡ଼ଙ୍ଗୀ ସ୍ଥିତ ଏମ୍‌କେ ଗାନ୍ଧୀ କଲେଜରେ ଅଧକ୍ଷ ଥିବା ଗଜେନ୍ଦ୍ର ଉକ୍ତ ଘରେ ତାଲା ପକାଇ ପାର୍ଶ୍ୱ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ କଳା କନା ବୁଲାଇ ପଳାଇଯାଇଛନ୍ତି। ଚୋରି ହୋଇଥିବା ଅଳଙ୍କାର ମଧ୍ୟରେ ୨ଟି ସୁନା ଚେନ, ଦୁଇ ହଳ କାନ ଫୁଲ, ୩ଟି ମୁଦି, ୨ଟି ଲକେଟ ରହିଛି। ଥାନାଧିକାରୀ ବୈଦ୍ୟନାଥ ସାହୁ ମାମଲା(ନଂ. ୯୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ସହାୟତା

ପଦ୍ମପୁର, ୧୦।୯(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପ୍ରଶାସନ ପକ୍ଷରୁ ମା' ଆଙ୍ଗୁଡ଼େଶ୍ୱରୀ ଆଞ୍ଚଳିକ ମହାସଂଘକୁ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ଔପଚାରିକତା ପ୍ରକ୍ରିୟାକରଣ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଛି। ମହାସଂଘ ଅଧୀନ ବିନାୟକପୁର ବନଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା କବିତା ବାରିକଙ୍କୁ ବିଡିଓ ପ୍ରଣବ କୁମାର ବେହେରା ୪୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜିଲାରେ ପ୍ରଥମ ଏହି ବ୍ଲକରେ ଯୋଜନାର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ଜୀବିକା ମିଶନର ବିପିଏମ୍ ବୀଣାପାଣି ପଣ୍ଡା, ବିଏଲ୍‌ସି ଅମିୟ ମହାପାତ୍ର ଓ ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଧରାପଡ଼ିଲା ଆନ୍ତଃଜିଲା ସିନ୍ଧିଚୋର ଗ୍ୟାଙ୍ଗ

- ୫ ଚୋର ସମେତ ୯ ଗିରଫ
- ୩୧୨ଗ୍ରାମ ସୁନା, ୪ କେଜି ରୁପା ଜବତ

**ଭଦ୍ରକ ଅଫିସ, ୧୦।୯**

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଗୁରୁବାର ଏକ ଆନ୍ତଃ ଜିଲା ସିନ୍ଧିଚୋର ଗ୍ୟାଙ୍ଗକୁ ଧରିଛି। ସେମାନଙ୍କ ନିକଟରୁ ବହୁ ପରିମାଣର ଅଳଙ୍କାର ଜବତ ସହ ୫ ସିନ୍ଧି ଚୋର ଓ ୪ କ୍ରେତାଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭଣ୍ଡାରିପୋଖରୀ କଣ୍ଟି ଗାଁର ଶ୍ରୀକାନ୍ତ ବେହେରା, ଧାମନଗର ଦକ୍ଷିଣବାଡ଼ର ସଂଗ୍ରାମ ଜେନା, ଚିଲପଟୀର ସୁଦର୍ଶନ ରାଉତ, ଡିଗିର ଅତୁଲ ବେହେରା ଓ ବାସୁଦେବପୁର ମନ୍ଦାରୀ ଗାଁର ବୃନ୍ଦାବନ ବେହେରା, କ୍ରେତା ଭଦ୍ରକ ଟାଉନର ମଦନମୋହନ ମହାପାତ୍ର, ବନ୍ତର ସନ୍ତୋଷ ସାହୁ, ଯାଜପୁରର ପ୍ରଭାତ କୁମାର ସାହୁ ଏବଂ ଯାଜପୁର ମଙ୍ଗଳପୁରର ଆନନ୍ଦ ଚନ୍ଦ୍ର ସାହୁ। ସେମାନଙ୍କ ପାଖରୁ ୩୧୨ଗ୍ରାମ ସୁନା, ୪ କେଜି ରୁପା ସହ ଲୁଟ୍‌ରେ ବ୍ୟବହୃତ ବାଇକ୍, ମୋବାଇଲ, ଖେଳନା ବନ୍ଧୁକ ଆଦି ଜବତ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

ପ୍ରକାଶ ଯେ, ଗତ ଜୁଲାଇ ୨୨ରେ ଏହି ଥାନା ଅଧୀନ ଦେଉଳପାଳ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ କ୍ରମେ ପୋଲିସ ମାମଲା(ନଂ.୩୦୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଚୋରମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିଲା ପୋଲିସ। ଚୋରମାନେ ବିଭିନ୍ନ ଅଳଙ୍କାର ଦୋକାନରେ ଚୋରି ସାମଗ୍ରୀ ବିକ୍ରି କରିଥିଲେ। ପୋଲିସ ଟିମ୍ ଦ୍ୱାରା ଧରାପଡ଼ିଥିବା ଏହି ଗ୍ୟାଙ୍ଗ ଭଦ୍ରକ, ଯାଜପୁର, ଢେଙ୍କାନାଳ, ଖୋର୍ଦ୍ଧା ଓ ବାଲେଶ୍ୱର ସମେତ ବିଭିନ୍ନ ଜିଲାରେ ଲୋକଙ୍କ ଘରେ ପଶି କଳାକନା ବୁଲାଉଥିଲେ। ବିଭିନ୍ନ ଅଳଙ୍କାର ଚୋରି କରି ଦୋକାନରେ ବିକ୍ରି କରୁଥିଲେ। ଏପରିକି ଚୋରି ସାମଗ୍ରୀକୁ ବନ୍ଧକ ରଖି ଗୋଲ୍ଡ ଲୋନ୍ ନେଇଥିବା ପୋଲିସ ଜାଣିବାକୁ ପାଇଛି। ଗିରଫ ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଗ୍ୟାଙ୍ଗରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯତୀନ ପଣ୍ଡା କହିଛନ୍ତି।


ଗିରଫ ଅଭିଯୁକ୍ତମାନେ।

# ଅକ୍ସିଜେନ ପ୍ଲାଣ୍ଟ ଲୋକାର୍ପିତ

**ବାରିପଦା ଅଫିସ,୧୦।୯**

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ଡାକ୍ତରଖାନାରେ ନୂତନ ଭାବେ ସ୍ଥାପିତ ହୋଇଥିବା ଏକହଜାର ଲିଟର କ୍ଷମତା ବିଶିଷ୍ଟ ଅକ୍ସିଜେନ ପ୍ଲାଣ୍ଟ(ପିଏସ୍‌ଏ)କୁ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଶୁକ୍ରବାର ଉଦଘାଟନ କରିଛନ୍ତି। କୋଭିଡ-୧୯ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ପ୍ରଧାନମନ୍ତ୍ରୀ କେୟାର ଫଣ୍ଡରୁ ଏହି ପ୍ଲାଣ୍ଟ ନିର୍ମାଣ କରାଯାଇଛି। ଉଚ୍ଚ କ୍ଷମତା ସମ୍ପନ୍ନ ପିଏସଏ ପ୍ଲାଣ୍ଟରେ ମିନିଟକୁ ୧ହଜାର ଲିଟର ଅକ୍ସିଜେନ ଉତ୍ପାଦନ ହେବା ସହିତ ରୋଗୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଅକ୍ସିଜେନ ମିଳିପାରିବ ବୋଲି ଜଣାପଡ଼ିଛି। ନୂତନ ଭାବେ ନିର୍ମାଣ ଚାଲିଥିବା ମେଡିକାଲ କୋଠାର ୧୮୦ ଶଯ୍ୟା ଓ ଆଇସିୟୁରେ ଥିବା ୩୦ଶଯ୍ୟାକୁ ପାଇପ୍ ଯୋଗେ ଅକ୍ସିଜେନ ଯୋଗାଇ ଦିଆଯିବାର ବ୍ୟବସ୍ଥା ରହିଛି। କୋଭିଡ୍ ନିୟମ ପାଳନ ପୂର୍ବକ ମନ୍ତ୍ରୀ ଟୁଡୁ ଫିତା କାଟି ଏହାର ଲୋକାର୍ପଣ କରିଥିଲେ। । ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ପୂର୍ବତନ ମନ୍ତ୍ରୀ ତଥା ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବରିଷ୍ଠ ନେତା ଜୀବନ ସାହୁ, ଲକ୍ଷ୍ମୀଧର ହାବୋଡ଼ା, କୁମାର ମଙ୍ଗଳମ୍‌ଙ୍କ ବହୁ କର୍ମକର୍ତ୍ତା ଓ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଡା.ଏନ୍. ଆର୍. ଦାସ, ହସପିଟାଲ ମ୍ୟାନେଜର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ଥିଲେ ।


ଲୋକାର୍ପଣ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ସହ ଅନ୍ୟ ଅତିଥି।

# ଭଞ୍ଜସେନାର ନୂଆ କର୍ମକର୍ତ୍ତା

**ବାରିପଦା ଅଫିସ, ୧୦।୯**

ମୟୂରଭଞ୍ଜ ଜିଲାରେ ଥିବା ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ କ୍ରମେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ଜିଲା ସଭାପତି ଭାବେ ପିଣ୍ଟୁ ମାଇତି, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ ଓ ସୁମନ୍ତ ମହାନ୍ତ, ସାଧାରଣ ସମ୍ପାଦକ ମୋହିତ ବିଶୋଇ, ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଆଦିବାସୀ ଶାଖା କାର୍ଯ୍ୟକାରୀ ସଭାପତି ଶିବ ସିଂ ଓ ଲକ୍ଷ୍ମଣ ଟୁଡୁ, ମହିଳା ଶାଖା ସଭାନେତ୍ରୀ ଚନ୍ଦନା ଦାସ, ଓବିସି ଶାଖା ସଭାପତି ରାକେଶ ବେହେରା, କୁଡୁମୀ ଶାଖା ସଭାପତି ଭାବେ ଜି.ଏସ୍ ମାଇକେଲ ମହାନ୍ତ, ସଂଖ୍ୟାଲଘୁ ଶାଖା ସଭାପତି ଇଂ. ରମଜାନ ବେଗ, ଯୁବଶାଖା ସଭାପତି ମାନସ ବେହେରା, ଛାତ୍ରଶାଖା ସଭାପତି ଭାବେ ସୌମ୍ୟରଞ୍ଜନ ମିଶ୍ରଙ୍କ ନାମ ଘୋଷଣା କରାଯାଇଛି। ୪ଉପଖଣ୍ଡ ସଭାପତିଙ୍କ ମଧ୍ୟରେ ବାମନଘାଟିର ସୌମିତ ବଳ, ପାଞ୍ଚପୀଢ଼ର ଦକ୍ଷିଣା ମହାନ୍ତ, କପ୍ତିପଦାର ରବୀନ ମହାନ୍ତି ଓ ବାରିପଦାର ଜ୍ୟୋତିରଞ୍ଜନ ପୃଷ୍ଟି ଓ ଜିଲା ମୁଖପାତ୍ର ଅତିରିକ୍ତ ଦାୟିତ୍ୱ, ଜିଲା ସଂଯୋଜକ ଜିତେନ୍ଦ୍ର ହେମ୍ବ୍ରମ, ଜିଲା ଯୁବ ଛାତ୍ର ସଂଯୋଜକ ଏସ୍.କେ ରାଜାଖାନ, ଜିଲା ସଂଗଠନ ସମ୍ପାଦକ ଧନଞ୍ଜୟ ସାହୁ, ସହର ସଭାପତି ବାରିପଦାର ପ୍ରୀତମ ପଣ୍ଡା ଓ ରାଇରଙ୍ଗପୁରର ମୃତ୍ୟୁଞ୍ଜୟ ଡାଙ୍ଗୁଆ ରହିଛନ୍ତି। ସଙ୍ଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ କର୍ମକର୍ତ୍ତା କମିଟିକୁ କିଛି ଦିନ ପୂର୍ବରୁ ଭାଙ୍ଗି ଦିଆଯାଇଥିଲା । ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ସଙ୍ଗଠନର ସଭାପତିଙ୍କ ନାମ ଘୋଷଣା କରାଯାଇଥିବା ବେଳେ ଆଗାମୀ ଦିନରେ ଅବଶିଷ୍ଟ ସମସ୍ତ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

### କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ବୈଶିଙ୍ଗା,୧୦।୯(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ବୈଶିଙ୍ଗା ଟୋଲ୍ ପ୍ଲାଜା ନିକଟରେ ଶୁକ୍ରବାର ସକାଳେ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଳିଆପିଟା ଗ୍ରାମର କଟ ସିଂ (୬୫)। ଆହତ ସେହି ଗ୍ରାମର ରାମ ଟୁଡୁଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟ ସାଇକେଲ ଯୋଗେ ବୈଶିଙ୍ଗା ବଜାରକୁ ଯାଉଥିବା ବେଳେ ଏକ ଦ୍ରୁତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଉଭୟଙ୍କୁ ସଂଗେସଂଗେ ବୈଶିଙ୍ଗା ଡାକ୍ତରଖାନା ନିଆ ଯାଇଥିଲେ ହେଁ ସେଠାରେ ଡାକ୍ତର କଟ ସିଂଙ୍କୁ ମୃତ ଘୋଷଣା କରିଥିଲେ।

CHIEF DISTRICT MEDICAL & PUBLIC HEALTH OFFICER, KEONJHAR
Advt. No. 2805/CDM&PHO, Keonjhar Date 07.09.2021
**TENDER CALL NOTICE**
No. E-419:- Sealed tenders are hereby invited from the intending manufacturers or their authorised stockiest/ Distributors for supply of Hospital Equipments (EIF) to (DHH, Keonjhar, SDH, Anandapur, SDH, Champua & Barbil CHC) for 2021-22 to Keonjhar District.
The eligible bidders may submit their tender papers on or before 07.10.2021 by 5.00 P.M. through Registered Post / Speed Post / Courier only to the undersigned. The Technical Bid documents will be opened on 08.10.2021 at 11.30 A.M. Those who will qualify in the Technical Bid, their Financial Bids will be opened on the same day. The details in this connection are available in the district NIC website: www.kendujhar.nic.in.
The authority will not be responsible for any postal delay. The undersigned has reserves the right to reject or cancelled any or all the tender without assigning any reason thereof.
Sd./- Chief District Medical & Public Health Officer, Keonjhar
OIPR-10033/11/0019/2122

# ୫ ମଣ୍ଡପ, ମନ୍ଦିରରେ ପୂଜା ପାଇଲେ ଗଜାନନ


କୁଆଁସସ୍ଥିତ ମନ୍ଦିରରେ ଗଜାନନ ପୂଜା ପାଉଛନ୍ତି ।

**ଭଦ୍ରକ ଅଫିସ,୧୦।୯**

ଚଳିତବର୍ଷ ଭଦ୍ରକ ସହରରେ ମାତ୍ର ୫ ମଣ୍ଡପ ଓ ମନ୍ଦିରରେ ପୂଜା ପାଇଛନ୍ତି ଗଜାନନ। ଶୁକ୍ରବାର ପୁରୁଣାବଜାରର ବୁଢ଼ା ଗଣେଶ, ଟୋକା ଗଣେଶ, କୁଆଁସର ପିଲା ଗଣେଶ, ଛୁଆ ଗଣେଶ ଓ କାଞ୍ଚନ ଗଣେଶ, କୁଆଁସ ମୁଖ୍ୟରାସ୍ତାରେ ଥିବା ସିଦ୍ଧିବିନାୟକ ମନ୍ଦିରରେ ବିଦ୍ୟାଦାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି। କୋଭିଡ୍ କଟକଣା ଅନୁଯାୟୀ ବାଉଁଶ ବନ୍ଧା ଯାଇଥିବା ବେଳେ ସର୍ବସାଧାରଣଙ୍କୁ ପୂଜା ସ୍ଥଳକୁ ଦର୍ଶନ ପାଇଁ ଛଡ଼ାଯାଉ ନାହିଁ। ସୂଚନା ଥାଉକି, ପୁରୁଣାବଜାର ବୁଢ଼ା ଗଣେଶ ଓ ଟୋକା ଗଣେଶ ପୂଜାରେ ଉଭୟ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଶ୍ରଦ୍ଧାଳୁମାନେ ସାମିଲ ହୋଇଥାନ୍ତି।

କୋଭିଡ୍ କଟକଣା ମଧ୍ୟରେ ଗଣେଶ ପୂଜା ଆୟୋଜନ କରାଯିବ ବୋଲି ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଭଦ୍ରକରେ ବୁଢ଼ା ଗଣେଶ, ଟୋକା ଗଣେଶ, ପିଲା ଗଣେଶ, ପେଟୁଆ ଗଣେଶ, ଛୁଆ ଗଣେଶ, କାଞ୍ଚନ ଗଣେଶ, ବାଲ୍ ଗଣେଶ, କୁନି ଗଣେଶ ଏଭଳି ବିଭିନ୍ନ ନାମରେ ପୂଜା ପାଇଥାନ୍ତି। କିନ୍ତୁ କୋଭିଡ୍ କଟକଣା ଯୋଗୁ ଚଳିତଥର ମାତ୍ର ୫ ମଣ୍ଡପ ଓ ଗୋଟିଏ ମନ୍ଦିରରେ ପୂଜା ଆୟୋଜନ କରାଯାଇଛି।

# ଖାଁ ଖାଁ ପୂଜା ମଣ୍ଡପ

**କେନ୍ଦୁଝର,୧୦।୯(ଡି.ଏନ.ଏ.)**

କେନ୍ଦୁଝର ଜିଲାର ବିଭିନ୍ନ ସ୍ଥାନରେ କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ଅଗ୍ରପୂଜ୍ୟ ଶ୍ରୀଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଛି। ପ୍ରଶାସନର କଟକଣାକୁ ଦୃଷ୍ଟିରେ ରଖି ଲୋକେ ଘରେ ଫଟୋ କିମ୍ବା ମୂର୍ତ୍ତି ଆଣି ପୂଜା ବିଧି ପାଳନ କରିଥିଲେ। ସେହିପରି ଅଳ୍ପ ପିଲାଙ୍କୁ ନେଇ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପୂଜା କରାଯାଇଥିଲା। ସନ୍ଧ୍ୟାରେ ପୂଜା ମଣ୍ଡପଗୁଡ଼ିକ ଖାଁ ଖାଁ ଦେଖିବାକୁ ମିଳିଥିଲା। ଜିଲାରେ ବିଶେଷ କରି ଶିକ୍ଷାନୁଷ୍ଠାନଗୁଡ଼ିକରେ ଗଣେଶ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଇଥାଏ। ପୂଜାକୁ ଆହୁରି ସୁନ୍ଦର କରିଥାଏ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ମେଳା ମହୋତ୍ସବ। କିନ୍ତୁ କରୋନା କଟକଣା ଯୋଗୁ ଗତବର୍ଷ ପରି ଚଳିତବର୍ଷ ମଧ୍ୟ ପୂଜା ଫିକା ପଡ଼ିଛି।



NATION TAX MARKET GST
COMMISSIONERATE OF CT & GST (Under Finance Department; GOVERNMENT OF ODISHA)
No. S-18
**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**
**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**
- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

**Help Desk**: 1800-345-6753 (Toll Free)
**email:** ctdho@odishatax.gov.in
ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ
OIPR-05006/11/0005/2122

GOVT. OF ODISHA No. O-666
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BHAWANIPATNA
Ph.: 06670-235504, E-mail: serwbpt@yahoo.com
Bid Identification No. BPT/Online-08/2021-22 Date: 08.09.2021
NOTICE INVITING TENDERS FOR ROAD WORKS IN ODISHA
NATIONAL COMPETITIVE BIDDING THROUGH e-Procurement
1. Name of the Work : Improvement of road works under BIJU KBK Plan for the year 2021-22 in the district of Kalahandi.
2. No. of Works : 01 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other detials :

| Availability of tender for Online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 16.09.2021 11.00 A.M. | 29.09.2021 5.00P.M. | 28.09.2021 | 30.09.2021 at 11.00 A.M. |

Further details can be seen from the website "www.tendersorissa.gov.in".
Sd./- Chief Construction Engineer
Rural Works Circle, Bhawanipatna
OIPR-25102/11/0008/2122

# କଟକଣାରେ ଗଣେଶ ପୂଜା

**ବାରିପଦା ଅଫିସ/ସାରସକଣା/ ବାଙ୍ଗିରିପୋଷି/ ଭଣ୍ଡାରିପୋଖରୀ/ ଢେଙ୍କିକୋଟ,୧୦।୯(ଡି.ଏନ.ଏ)**

କୋଭିଡ୍ କଟକଣା ମଧ୍ୟରେ ମୟୂରଭଞ୍ଜ, ଭଦ୍ରକ ଓ କେନ୍ଦୁଝର ଜିଲାରେ ଅଗ୍ରପୂଜ୍ୟ ଗଣେଶଙ୍କ ପୂଜା ପାଳିତ ହୋଇଛି। ବାରିପଦା ସହରରେ ବିଘ୍ନ ନାଶକ ବିନାୟକଙ୍କ ପୂଜା ଘରେ ଘରେ ନିରାଡ଼ମ୍ବରରେ ଅନୁଷ୍ଠିତ ହୋଇଛି। ଜିଲା ପ୍ରଶାସନର କଟକଣା ଯୋଗୁ ବାରିପଦା ସହର ସମେତ ସମଗ୍ର ଜିଲାରେ ସର୍ବସାଧାରଣ ପୂଜା ହୋଇପାରି ନାହିଁ। ସହରର ବିଭିନ୍ନ ସ୍ଥାନରେ ସାର୍ବଜନୀନ ପୂଜା ହୋଇ ନ ଥିବା ବେଳେ କମିଟି ପକ୍ଷରୁ ନିୟମକୁ ଦୃଷ୍ଟିରେ ରଖି ବାରିପଦା ଗାନ୍ଧୀ ମାର୍କେଟ, 'ଆସ ମିଶ କ୍ଲବ' ଓ ଲାଲ ବଜାର ରାଜା କମିଟି ପକ୍ଷରୁ ଘଟ ମାଧ୍ୟମରେ ରୀତିନୀତି ଅନୁଯାୟୀ ପୂଜା ସମ୍ପନ୍ନ କରାଯାଇଛି। ଛାତ୍ରୀଛାତ୍ର ନିଜ ଘରେ ବିନାୟକଙ୍କ ପୂଜା କରିଥିବା ଦେଖିବାକୁ ମିଳିଥିଲା। ସାରସକଣା ବ୍ଲକ ଝାରପୋଖରିଆ ସ୍ଥିତ ସୀମାନ୍ତ ସେନାର ଯୁବକମାନଙ୍କ ପକ୍ଷରୁ ଭିନ୍ନ ଢ଼ଙ୍ଗରେ ଗଣେଶ ପୂଜା ପାଳିତ ହୋଇଛି। ଯୁବକମାନେ ମଣ୍ଡପକୁ କୋଭିଡ୍ ହସ୍ପିଟାଲ ଭାବେ ସଜାଇଥିଲେ। ଗଣେଶଙ୍କୁ ଡାକ୍ତର ସଜାଇ ଏବଂ ମାସ୍କ ଲଗାଇବା ସହିତ ଜଣେ ରୋଗୀକୁ ଚିକିତ୍ସା କରୁଥିବା ମୂର୍ତ୍ତି ତିଆରି ହୋଇଥିବା ଦେଖିବାକୁ ମିଳିଛି। ବାଙ୍ଗିରିପୋଷି ବ୍ଲକରେ ନିରାଡମ୍ବର ଭାବେ ଗଣେଶ ପୂଜା ପାଳିତ ହୋଇଛି। ସରକାରଙ୍କର ନିର୍ଦ୍ଦେଶକୁ ମାନି ଲଭର୍ସ କ୍ଲବ ଓ ମା' ଦ୍ୱାରଶୁଣୀ କ୍ଲବ ସହ ଅନ୍ୟ କ୍ଲବର ସଦସ୍ୟମାନେ ଗଣେଶ ପୂଜା କରିଥିଲେ।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ବ୍ୟବସାୟୀ ପ୍ରତିଷ୍ଠାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ବିଜେଡି କାର୍ଯ୍ୟାଳୟ, ଶାରଦା ବିଦ୍ୟାମନ୍ଦିର, ଷୋଳମପୁର ଶିଶୁମନ୍ଦିର, ବିଭିନ୍ନ ଗ୍ରାମରେ ଥିବା ଯୁବକ ସଂଘ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ବିଭିନ୍ନ ସ୍ଥାନରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତିକୁ ସୁସଜ୍ଜିତ ମେଢ଼ରେ ସ୍ଥାପନା କରାଯାଇଥିଲା।

ସେହିପରି କେନ୍ଦୁଝର ଜିଲା ଢେଙ୍କିକୋଟର ବିଭିନ୍ନ ସ୍ଥାନରେ ଓ ଅନୁଷ୍ଠାନରେ ଗଣେଶ ପୂଜା କରାଯାଇଥିଲା। ମା' ତାରିଣୀ କ୍ଲବ, ମଣ୍ଡଳସାହି, ବିଜାର ସ୍ଥିତ ଆର୍ଯ୍ୟଭଟ୍ଟ କୋଚିଂ ସେଣ୍ଟର, ଜନମଙ୍ଗଳ ଯୁବକ ସଂଘ ସହ ବହୁ ବାଣିଜ୍ୟିକ ଅନୁଷ୍ଠାନରେ ପୂଜା କରାଯାଇ କରୋନା ଭୂତାଣୁକୁ ପ୍ରତିହତ ପାଇଁ ଗଜାନନଙ୍କୁ ଜଣାଇଥିଲେ। ସରକାରଙ୍କ କଟକଣା ଅନୁଯାୟୀ ମୂର୍ତ୍ତି ୪ ଫୁଟରୁ ଉଚ୍ଚ କରାଯାଇ ନ ଥିବାବେଳେ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକରେ ପୂଜା ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATNA, DIST.- KALAHANDI
Tel No.06670230209, e-mail: cetelbasinbhp@gmail.com
Government of Odisha
"e" Procurement Notice- CE&BM,TEL-06/2021-22
Bid Identification No. CETEL-ODD-06/2021-22
No. A-443: Online tenders are invited for EPC Contract for Construction of In-stream Storage Structure (Barrage) near village Mahulpali (Deoli) in the District Bargarh across river Ong including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commissioning of the project from perspective bidders.

| | | |
|---|---|---|
| 1. | Name of Work | Construction of In-stream Storage Structure (Barrage) near village Mahulpali (Deoli) in the District Bargarh across river Ong including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commissioning of the project |
| 2. | Period of Completion | 30 (Thirty) calendar months including rainy season. |
| 3. | Date & time of availability of bid document in the portal | Date 13.09.2021 from 10.00 A.M. to Date 18.10.2021 up to 5.00 P.M. |
| 4. | Last date/Time for receipt of bids in the portal | Date 18.10.2021 up to 5 P.M. |
| 5. | Name & address of the officer inviting Bid | Chief Engineer & Basin Manager, Tel Basin, Bhawanipatna, Dist.- Kalahandi - 766001, Odisha Telephone - 06670-230209 Email- cetelbasinbhp@gmail.com |

Further details can be seen from the e-procurement portal https://tendersodisha.gov.in.
Chief Engineer & Basin Manager,
Tel Basin, Bhawanipatna
OIPR-32317/11/0007/2122

OPHWC
OFFICE OF THE PROJECT MANAGER
THE ODISHA STATE POLICE HOUSING AND WELFARE CORPORATIN LTD.
(A Govt. of Odisha Undertaking)
BERHAMPUR DIVISION
PLOT NO. 80/81, AT-MEDICAL BANK COLONY, 1ST LANE, PO.- BERHAMPUR, DIST.- GANJAM, PIN-760004
Ph.No.: 0680-2282800, Fax No.: 0680-2282900,
E-mail: jmberhampur@yahoo.com
**PRE-QUALIFICATION NOTICE**
EMPANELMENT OF AGENCY FOR PREPARATION OF ESTIMATE & LINE PLAN FOR REPAIR & MAINTENANCE WORK UNDER OSPH & WC, BERHAMPUR DIVISION
(Firms empaneled with a State or Central Government agency with track record of three years of work can apply).
No.CAD-1155:- The Odisha State Police Housing & Welfare Corporation Ltd. (OSPH&WC), Berhampur Division invites application for empanelment of "Agency for Preparation of Estimate & Line Plan for Repair & Maintenance Work". These applications will be received & evaluated by The Odisha State Police Housing & Welfare Corporation Ltd., Berhampur Division for enlistment after successful evaluation of pre-qualification documents, the agency will be registered in OSPH&WC, Berhampur Division from the date of issue of enlistment letter.
The pre-qualification documents & application completed in all respect will be submitted along with non-refundable application fees for an amount of Rs.590/- (Five Hundred Ninety) only (incl. GST) in Demand Draft or Pay Order drawn onany Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd., Berhampur Division". The pre-qualification documents will also available from the website www.ophwc.nic.in and the same can be downloaded.
Application for empnanelment shall be submitted in a sealed cover superscribing **"Application for Pre-qualification of Agency for Preparation of Estimate & Line Plan for Repair & Maintenance work in OSPH&WC, Berhampur Division"** addressed to the Project Manager, Berhampur Division, Plot No. 80/81, medical Bank Colony, 1st Lane, P.O.-Berhampur, Dist.- Ganjam, Pin- 760004.
The pre-qualification document not submitted in prescribed format or otherwise than in the manner prescribed in the document shall be rejected.
**Last date for issue of pre-qualification document upto: 05.00 P.M., Dt.20.09.2021.**
**Last date for receipt upto : 02.00 P.M., Dt.21.09.2021**
**Date of opening at : 04.00 P.M., Dt.21.09.2021**
Sd./- Project Manager, Engg.(Civil)
OPHWC, Berhampur Division
OIPR-12082/11/0001/2122

# ସାର କଳାବଜାର ନେଇ କୃଷକ ସଙ୍ଗଠନ ଚିନ୍ତାରେ

କେନ୍ଦୁଝର, ୧୦।୯ (ସ୍ୱ.ପ୍ର.)

ଚଳିତବର୍ଷ ସାରର କଳାବଜାରୀ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ସରକାରୀ ନିର୍ଦ୍ଧାରିତ ଦର ଠାରୁ ୨୦୦ରୁ ୩୦୦ ଟଙ୍କା ଅଧିକ ଦରରେ କଳାବଜାରରେ ସାର ବିକ୍ରି ହେଉଛି । କେନ୍ଦୁଝର ଠାରେ ଏକ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି ନବ ନିର୍ମାଣ କୃଷକ ସଂଗଠନ । ଗତ ୧୦ ବର୍ଷ ଧରି ଚାଷୀ ଓ ଚାଷର ବିକାଶ ପାଇଁ ସ୍ୱର ଉତ୍ତୋଳନ କରିବା ସହ ଆନ୍ଦୋଳନ କରୁଥିବା ଏହି ସଂଗଠନ ସାର କଳାବଜାରୀ ବନ୍ଦ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚାଷୀ ମାନେ କହିଛନ୍ତି। ଜିଲାରେ ଚାଷ ପାଇଁ ୧,୧୭,୬୯୨ କ୍ୱିଣ୍ଟାଲ ସାର ମାର୍କଫେଡକୁ ଜିଲା ପ୍ରଶାସନ ମାଗିଥିବା କହିଛନ୍ତି। କିନ୍ତୁ ଜିଲାକୁ ୫୦,୩୪୬ କ୍ୱିଣ୍ଟାଲ ସାର ଆସିଛି । ଗତ ଏପ୍ରିଲ ୧୬ରେ ସାର ଆସିଥିବାବେଳେ ଅଗଷ୍ଟ ୧୫ ସୁଦ୍ଧା ସରିଯାଇଛି। ଫଳରେ ଚାଷୀ ମାନେ ସାର ମୁଠାଏ ପାଇପାରୁ ନ ଥିବାବେଳେ ପ୍ରଶାସନ ଯୋଗାଇବାରେ ବିଫଳ ହେଉଛି। ଏବେ କୌଣସି ସୋସାଇଟିରେ ସାର ନାହିଁ। ଏଣୁ ଚାଷୀ ମାନେ କିପରି ଚାଷ କାର୍ଯ୍ୟ ଆଗେଇବେ ସେ ନେଇ ଚିନ୍ତାରେ ରହିଥିବାବେଳେ କାଗଜ ପତ୍ର ସାର ଆସି କାଗଜ ପତ୍ର ରେ ସରିଗଲା । ଏଣୁ ଚାଷୀଙ୍କ ବିଲକୁ ସାର ପହଞ୍ଚିପାରିଲା ନାହିଁ ବୋଲି ରାଜ୍ୟ ସହ ସଂଯୋଜକ ଉମାକାନ୍ତ ରାଉତ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଯୋଜକ ଲକ୍ଷ୍ମୀଧର ପ୍ରଧାନ, ସହ ସଂଯୋଜକ ଶ୍ୟାମସୁନ୍ଦର ମହାନ୍ତ ଓ ଖଗେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ରାତି ପାହିଲେ ଗଛ ଚିନ୍ତା

- ପରିବେଶ ପ୍ରେମରେ ଶିକ୍ଷକ ବିଷ୍ଣୁପ୍ରସାଦ
- ଲଗାଇଲେଣି ୮ ହଜାରରୁ ଊର୍ଦ୍ଧ୍ୱ ଚାରା
- ଦରମାର ଏକତୃତୀୟାଂଶ ଖର୍ଚ୍ଚ କରୁଛନ୍ତି

ଭଦ୍ରକ ଅଫିସ,୧୦।୯

ପେସା ଶିକ୍ଷକତା, ନିଶା ସବୁଜବନାନୀ ସୃଷ୍ଟି କରିବା। ଶିକ୍ଷକତା ସମୟକୁ ବାଦ୍ ଦେଇ ଅନ୍ୟ ସମୟରେ ଗଛ ଲଗାଇଥାନ୍ତି। ତାଙ୍କର ଏଭଳି ରୁଚି ପାଇଁ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି ଶିକ୍ଷକ ବିଷ୍ଣୁପ୍ରସାଦ ପାଢ଼ୀ(୫୦)। ପରିବେଶ ପ୍ରେମରେ ପଡ଼ିଥିବା ଶିକ୍ଷକ ପାଢ଼ୀଙ୍କ ଘର ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ନାଆଁମୀ ଗ୍ରାମରେ। ପ୍ରତିମାସ ସେ ନିଜ ଦରମାର ଏକତୃତୀୟାଂଶ ଗଛ ଲଗାଇବା ନିମନ୍ତେ ଖର୍ଚ୍ଚ କରିଥାନ୍ତି।

ସେ କହନ୍ତି, ୧୯୯୯ ବାତ୍ୟା ପରଠାରୁ ଗଛ ଲଗାଇବା ପ୍ରତି ରୁଚି ଆରମ୍ଭ ହୋଇଥିଲା। ଏହାମଧ୍ୟରେ ପ୍ରାୟ ୮ ହଜାରରୁ ଊର୍ଦ୍ଧ୍ୱ ଗଛ ସେ ଲଗାଇ ସାରିଛନ୍ତି। ଏହାକୁ ବାଦ୍ ଦେଲେ ନିଜ ଘର ପାଖ ନାଆଁମୀ କଲେଜ ନିକଟସ୍ଥ ଜଙ୍ଗଲ କିସମ ୩ ଏକର ଜାଗାରେ ଏକ ଉଦ୍ୟାନ ସୃଷ୍ଟି କରିଛନ୍ତି। ମଞ୍ଜୁରିରୋଡ ଷ୍ଟେଶନଠାରୁ ୨ କି.ମି. ଓ ଛତାବର ଜାତୀୟ ରାଜପଥଠାରୁ ୮କି.ମି. ଦୂରରେ ଥିବା ଏହି ଉଦ୍ୟାନ ୨୦୧୬ ରଥଯାତ୍ରା ଦିନରୁ ସେ ଆରମ୍ଭ କରିଥିଲେ। ଏବେ ଉକ୍ତ ଉଦ୍ୟାନରେ ବିଭିନ୍ନ ଔଷଧୀୟ ବୃକ୍ଷଠାରୁ ଆରମ୍ଭ କରି ବିଭିନ୍ନ ଫଳ ଓ ସାଧାରଣ ଗଛ ରହିଛି। ହରିଡା, ବାହାଡା, ଶନି, ଅଶୋକ, ଅଶୋକା, ଲିମ୍ବ, ମହାଲିମ୍ବ, ୭ରୁ ୮ ପ୍ରକାର ଆମ୍ବ, ଆକାଶିଆ


ନିଜ ବଗିଚାରେ ବିଷ୍ଣୁପ୍ରସାଦ ପାଢ଼ୀ।

ଏହିଭଳି ପ୍ରାୟ ୩୦ ପ୍ରକାର ଗଛ ଦେଖିବାକୁ ମିଳେ ତାଙ୍କ ଉଦ୍ୟାନରେ। ସକାଳ ୫ଟାରୁ ଉଠି ବଗିଚାରେ ବିଭିନ୍ନ ଗଛର ଯତ୍ନ ନେବା ସହ ଔଷଧ ଓ ଖତ ପ୍ରଦାନ କରିଥାନ୍ତି। ସକାଳ ପ୍ରାୟ ୯ଟା ପର୍ଯ୍ୟନ୍ତ ଗଛର ଯତ୍ନ ନେଇଥାନ୍ତି। ସ୍କୁଲକୁ ୧୦ଟାରେ ଯାଇ ଅପରାହ୍ନ ୫ଟାରେ ଫେରିବା ପରେ ପୁଣି ଗଛ ପାଇଁ ସମୟ ଦିଅନ୍ତି। ରାତି ପ୍ରାୟ ୮ଟାରେ ଉକ୍ତ ବଗିଚା ମଧ୍ୟରେ ଥିବା ଘରେ ଭାଗବତ ଚର୍ଚ୍ଚା କରନ୍ତି। ଏଥିପାଇଁ ସେ ନଣ୍ଡା ଜେନା ନାମକ ଜଣେ ନିରାଶ୍ରୟ ବ୍ୟକ୍ତିଙ୍କୁ ଉଦ୍ୟାନ ଦେଖାଶୁଣା କରିବାକୁ ଦାୟିତ୍ୱ ଦେଇଛନ୍ତି। ଉଦ୍ୟାନ ଚାରିପାଖ ବାଡ଼ କରିବାକୁ ପ୍ରତି ଦୁଇବର୍ଷରେ ଥରେ ପ୍ରାୟ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୁଏ। ଗଛ ଲଗାଇବାକୁ ପରିବାର ଲୋକେ ତାଙ୍କୁ ଉତ୍ସାହିତ କରିଥାନ୍ତି ବୋଲି ସେ କହିଛନ୍ତି। ସେ ଏବେ କେନ୍ଦୁଝର ଜିଲା ଗେଡ଼େମା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଛନ୍ତି। ତେବେ ସେ ଯେଉଁ ଯେଉଁ ସ୍କୁଲରେ ଚାକିରି କରିଆସିଛନ୍ତି ସେଠାରେ ସବୁଜବନାନୀ ପାଇଁ ଉଦ୍ୟାନ ବା ବଗିଚା ସୃଷ୍ଟି କରି ଛାତ୍ରୀଛାତ୍ର ତଥା ସ୍ଥାନୀୟ ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ବିଭିନ୍ନ ମହଲରୁ ପ୍ରଶଂସା ସହ ସମ୍ମାନିତ ମଧ୍ୟ କରାଯାଇଛି।

# ଛାତ୍ରୀଛାତ୍ରଙ୍କୁ ପିଛା କରି ୨ ଯୁବକ ଅଟକ

କୁଳିଅଣା,୧୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକର ଚାନ୍ଦୁଆସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଟେମ୍ପୋରେ ବସି ପଢ଼ିବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ପିଛା କରୁଥିବା ୨ଯୁବକଙ୍କୁ ପୋଲିସ ଅଟକ ରଖିଛି। ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ଥିବା ଦର୍ଶାଇ ଅଭିଭାବକମାନେ କୁଳିଅଣା ଥାନାରେ ଏତଲା ଦେଇଛନ୍ତି। ଅନ୍ୟ ୩ ଯୁବକ ଘଟଣାସ୍ଥଳରୁ ପଳାଇ ଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦଶମ ଶ୍ରେଣୀର ୧୦ ଛାତ୍ରୀଛାତ୍ର ଟେମ୍ପୋରେ ଆଦର୍ଶ ବିଦ୍ୟାଳୟକୁ ପଢ଼ିବାକୁ ଯାଇଥାନ୍ତି। ୧୫ଦିନ ତଳେ ୨ ଯୁବକ ବାଇକ୍‌ରେ ଆସି ସେମାନଙ୍କ ପିଛା କରିଥିଲେ। ଟେମ୍ପୋ ଡ୍ରାଇଭର ଜାଣିପାରି ଏକ ଗାଁ ରାସ୍ତା ଦେଇ ପଳାଇ ଆସିଥିଲେ। ଶୁକ୍ରବାର ପୁଣି ୨ଟି ବାଇକ୍‌ରେ ୫ ଯୁବକ ପିଛା କରିଥିଲେ। ଟେମ୍ପୋ ଡ୍ରାଇଭର ଫୋନ ଯୋଗେ ଜଣାଇବା ପରେ ଅଭିଭାବକମାନେ ଶୁକୁଆପଡ଼ା ନିକଟରେ ଜଗି ରହି ଗୋଟିଏ ବାଇକ୍ ଅଟକାଇବା ସହ ସେଥିରେ ଥିବା ଦୁଇ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଅନ୍ୟ ଏକ ବାଇକ୍‌ରେ ଆସିଥିବା ୩ ଯୁବକ ଖସି ପଳାଇଥିଲେ। ଅଟକ ଯୁବକଦ୍ୱୟଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ଚାଲିଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଯାନୀ କହିଛନ୍ତି।

# ଅଟକି ରହିଲା ଗାଡ଼ି ମୋଟର

## ଆଗ୍ରିଆ ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି

ବୈଶିଙ୍ଗା,୧୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ଆଗ୍ରିଆ ରେଳ ଫାଟକରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଶୁକ୍ରବାର ମଧ୍ୟାହ୍ନରେ ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ରୂପ୍‌ସାରୁ ବାହାରି ଦକ୍ଷିଣ ପୂର୍ବ ରେଳବାଇର ଏକ ସ୍ୱତନ୍ତ୍ର ଟ୍ରେନ ବାଙ୍ଗିରିପୋଷି ଅଭିମୁଖେ ରାଜପଥ ଅତିକ୍ରମ କରୁଥିବା ସମୟରେ ଫାଟକ ପଡ଼ିଥିଲା। ଟ୍ରେନ ଯିବା ପରେ ରେଳ ଫାଟକ ଖୋଲି ନ ଥିଲା। ଯାନ୍ତ୍ରିକ ସମସ୍ୟା ଯୋଗୁ ବାରମ୍ବାର ଏପରି ହେଉଥିବା ଅଭିଯୋଗ ହେଉଛି। ଫାଟକ ନ ଉଠିବା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟଧରି ଶହ ଶହ ଯାନବାହନ ଅଟକି ରହିଥିଲା। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅଟକି ରହିଥିବା ଯାତ୍ରୀମାନେ ହୋହଲ୍ଲା କରିଥିଲେ। ପରେ ଯାନ୍ତ୍ରିକ ତ୍ରୁଟି ସୁଧୁରିବାରୁ ଫାଟକ ଉଠି ଥିଲା ଏବଂ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ବାରମ୍ବାର ରେଳ ଫାଟକରେ ତ୍ରୁଟି ଘଟୁଥିବା ଘଟଣାର ତଦନ୍ତ କରି ରେଳବାଇ କର୍ତ୍ତୃପକ୍ଷ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଶିଳାନ୍ୟାସ

କପ୍ତିପଦା,୧୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ପଥରସାହିଠାରେ ନିର୍ମାଣ ହେବାକୁ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବିଡିଓ ସତ୍ୟନାଥ ନାୟକ, ତହସିଲଦାର ସମରଜିତ କର, ଜିଲା ମଙ୍ଗଳ ଅଧିକାରୀ ଶରତ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ପାଚେରି, ହଷ୍ଟେଲ, କ୍ଲାସରୁମ ଓ କାର୍ଯ୍ୟାଳୟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୬କୋଟି ଟଙ୍କା ବ୍ୟୟବରାଦ ହୋଇଛି।

# ଚାଷୀ ପଞ୍ଜୀକରଣରେ ତ୍ରୁଟି ଅଭିଯୋଗ

ବନ୍ତ,୧୦।୯(ଡି.ଏନ.ଏ.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ସବୁବେଳେ ଚାଷୀମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି। ଗତଥର ଚାଷୀମାନେ ଟୋକନ ପାଇ ଧାନ ବିକ୍ରି କରିପାରି ନ ଥିବାବେଳେ ଚଳିତବର୍ଷ ପଞ୍ଜୀକରଣରେ ପୁଣି ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ପ୍ରକାଶ ଯେ, ଚଳିତ ଖରିଫ ଋତୁରେ ରାଜ୍ୟ ସରକାର ନୂତନ ଭାବେ ଚାଷୀ ପଞ୍ଜୀକରଣ ବ୍ୟବସ୍ଥା କରାଇଛନ୍ତି। ଏହି ବ୍ଲକର ୧୦ ସେବା ସମବାୟ ସମିତିରେ ଶତାଧିକ ଚାଷୀ ନିଜର ସମସ୍ତ କାଗଜପତ୍ର ସହ ଆବେଦନ କରିଥିଲେ। ପରେ ରାଜସ୍ୱ ନିରୀକ୍ଷକ, ଗ୍ରାମ୍ୟ କୃଷି ଅଧିକାରୀ ଓ ସମିତିର ସମ୍ପାଦକମାନେ ଘର ଘର ବୁଲି ଆବେଦନ କରିଥିବା ଚାଷୀଙ୍କ ସମସ୍ତ ତଥ୍ୟ ଠିକ୍ ଅଛି କି ନାହିଁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ହୋଇଥିଲା। ମାତ୍ର ସମ୍ପୃକ୍ତ ଅଧିକାରୀମାନେ ଅଫିସରେ ବସି କାଗଜକଲମରେ ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ପ୍ରଦାନ କରିଥିବା ଅଭିଯୋଗ ହେଉଛି।

ସେହିପରି ବିଭିନ୍ନ ସମିତିରେ ପଞ୍ଜୀକରଣ ଦାୟିତ୍ୱରେ ଥିବା ଅନଭିଜ୍ଞ ଡାଟାଏଣ୍ଟ୍ରି ଅପରେଟରଙ୍କ ପାଇଁ ବହୁ ତ୍ରୁଟି ପରିଲକ୍ଷିତ ହୋଇଛି। ଅନେକ ଚାଷୀଙ୍କର ଚାଷଜମିକୁ କମ୍ କରି ଅପ୍‌ଲୋଡ୍ କରାଯାଇଛି। ଫଳରେ ଧାନ ବିକ୍ରି ସମୟରେ ସମସ୍ୟା ଭୋଗିବେ ଚାଷୀମାନେ ପ୍ରକାଶ କରିଛନ୍ତି। ଏବେ ତ୍ରୁଟି ସଂଶୋଧନ ପାଇଁ ସରକାରୀ ଭାବେ କୌଣସି ସୁବିଧା ନ ଥିବାରୁ ଏହାର ସମାଧାନ କିପରି ହେବ ସେନେଇ ସମିତି ସମ୍ପାଦକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏଭଳି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ଉପ ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଭଦ୍ରକର ସତ୍ୟପ୍ରକାଶ ସେଠୀଙ୍କୁ ପଚାରିବାରୁ ବିଭିନ୍ନ ସମିତିରେ ଏଭଳି ସମସ୍ୟା ଦେଖାଯାଇଛି, ଏଡିଟ୍ ଅପ୍‌ସନ୍ ଆସିଲେ ଯାହା ହେବ ବୋଲି କହିଛନ୍ତି।

# ସେବା ଟ୍ରଷ୍ଟର ବ୍ଲକସ୍ତରୀୟ ବୈଠକ

ସାରସକଣା,୧୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଝାରପୋଖରିଆଠାରେ ମହିଳା ଶକ୍ତି ସେବା ଟ୍ରଷ୍ଟର ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଅଧ୍ୟକ୍ଷ ଅଂଶୁମାନ ମହାନ୍ତି ଏବଂ ସୁଶ୍ରୀ ସୁମିତା ଚୌବେଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଭିନ୍ନ ପଞ୍ଚାୟତରୁ ମହିଳା ଏବଂ ପୁରୁଷ ଯୋଗଦେଇଥିଲେ। ଝୁମିରାଣୀ ସିଂ, ବିଷ୍ଣୁପ୍ରିୟା ବେହେରା, ଭାନୁ ନାଏକ ପ୍ରମୁଖଙ୍କ ଉପସ୍ଥିତିରେ ବ୍ଲକ କମିଟି ଗଠନ କରାଯାଇଥିଲା।


## The Odisha Small Industries Corporation Ltd.

(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1156 OSIC GST No. 21AAACO2101M1Z1

### TENDER CALL NOTICE

Tender Notice No.3966/OSIC/MKT Dt.09.09.2021

The Managing Director, OSIC Ltd., Cuttack invites tender from experienced registered MSMEs / Distributors/ Dealers/ Authorised Vendors empanelled with OSIC with valid GST Registration and PAN for supply of furniture and utensils of MDM items for Odisha Adarsha Vidyalayas (OAVs) under Nayagarh District, Odisha. The detail specification and quantity of the items along with terms and conditions of supply is available in the website of OSIC i.e. **www.osicltd.in** and can be downloaded. Any corrigendum/ changes/modifications will appear in OSIC Ltd. website **www.osicltd.in** only.
Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

OIPR-14073/11/0038/2122 Sd/-MANAGER(MARKETING)



## OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in
cebuildings@rediffmail.com, Tel.: (0674) 2391523, Fax: (0674) 2395245

### INVITATIONS FOR BIDS (IFB)

File No. B-IV-H-(H&D)-39/2021 Lr. No. 34596 Bhubaneswar, the 8th Sept. 2021

No. B-386

### Invitation for Bids

Bid Identification No. CE(B) - 15/2021-22

| | | | |
|---|---|---|---|
| 1. | The Engineer-in-Chief (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in Double Cover System in ONLINE MODE only, for construction of Building works as detailed below. | | |
| 2. | Nature of Work | : | Building works |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Special / Super Class |
| 6. | Availability of Bid documents in the website | : | From Dt.15.09.2021 to 17.00 hours of Dt.05.10.2021 |
| 7. | Date of opening of Bid | : | Dt.07.10.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings), Odisha, Bhubaneswar
OIPR-34117/11/0043/2122



No. C-941

WATCO

## OFFICE OF THE CHIEF EXECUTIVE OFFICER, WATCO

Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444; E-mail- mail@watcoodisha.in; md@watcoodisha.in

### INVITATION FOR BID (IFB)

BID Identification No. WATCO (W) - 13/2021-22 Dtd. 04.09.2021

WATCO No. 5997/ Dt.04.09.2021

1. Name of the work :- "SUPPLY OF DRESS FOR SANITATION WORKERS FROM REGISTERED MANUFACTURERS/ SUPPLIERS/ DEALER OF GARMENTS."
2. Estimated Cost :- Rs.250.00 Lakh
3. Period of completion :- 3 (Three) Months.
4. Date & time of availability of bid document in the portal :- From 11.00 AM of Dt.13.09.2021 to 5.00 PM of 27.09.2021
5. Last date/time of receipt of bids in the portal :- 5.00 PM of 27.09.2021
6. Date & time of opening of technical bids :- 12.30 PM of 04.10.2021
7. Name and address of the Officer Inviting Bid :- Managing Director, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in

Sd./- (CEO), WATCO
OIPR-13083/11/0024/2122



## BOARD OF REVENUE, ODISHA, CUTTACK

(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)

E-mail: exam2.bor@gmail.com

File No. V-01/2021-916/Exam Dated: 08.09.2021

### NOTIFICATION

No. D-132: It is hereby notified for General Information that the 1st Half yearly Dpeartmental Examination of Officers, 2021 conducted by the Board of Revenue for all Departments of Govt. of Odisha will be held from **26.10.2021 to 30.10.2021 (WRITTEN EXAMINATION) & 08.11.2021 TO 25.11.2021 (VIVA-VOCE)** at the venues as per the programme enclosed. The details of examination schedule (Both written & viva-voce) can be downloaded from the website of Board of Revenue, Odisha, Cuttack **"boardodisha.nic.in"**.
The Viva-voce Examination will be held de-centrally as well as virtually through Video Conferencing from **08.11.2021 to 25.11.2021** at the respective District Headquarters according to the Rules of Departmental Examination of the respective services as per the programme enclosed.
The Forenoon and Afternoon sittings of the written examination will begin at 10.00 A.M. & 2.00 P.M. respectively.The officers must remain present at the examination hall 15 minutes before the commencement of the examination.
**For answering the written papers "with books", the officers will be allowed to use only Bare Acts and Rules brought by them. No other reference material shall be allowed inside the Examination Hall.**
Any candidate found indulging in any kind of malpractice during examination shall be debarred from appearing in the Departmental Examination for the next three years. Besides she/he shall also be recommended for Departmental action.

- **The 2nd Half yearly Departmental Examination of Officer, 2021 is cancelled.**
- **No candidate shall be allowed into the Examination Hall without ADMIT CARD, MASK & SANITIZER.**
- **Mobile phones & other electronic gadgets are strictly prohibited inside the Examination Hall.**
- **Candidates can download their Admit Cards by logging into Board's website "boardodisha.nic.in" 1 week before the Scheduled date of the Examination.**

By orders of Board of Examiners
Sd./- Secretary, Board of Revenue, Odisha, Cuttack
OIPR-24002/11/0005/2122



## GOVERNMENT OF ODISHA
## OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR

(E-Mail address - cerw_bbsr@yahoo.com) Lr. No. 25127 // Dt.6.09.2021

"e" Procurement Notice for bridge works in Odisha

No. O-668 (Online-04 (Bridge)/2021-22 dt. 06.09.2021)

1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.1455.00 lakh
4. Class of contractor : Super Class and Special Class as applicable
5. Period of completion : 18 (Eighteen) calendar months as applicable.
6. Other details :

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-04(Bridge) /2021-22 | 01 (One) No. | 20.09.2021 at 11.00 A.M. | 05.10.2021 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**

Sd./- Chief Engineer (Buildings & Bridges) Rural Works, Odisha, Bhubaneswar
OIPR-25123/11/0009/2122



## ZILLA SWASTHYA SAMITI, DHENKANAL
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

### WALK-IN-INTERVIEW

Advt. No.3077 Date: 06.09.2021

No. E-428: Walk-in-Interview will be conducted as per scheduled date below for filling up the following posts under National Health Mission, Dhenkanal on part time basis with remuenration as per Ama Clinic & Geriatric Clinic guidelines noted against each as per OSH&FW Society terms & conditions.

| Sl. No. | Name of the Post | No. of Vacancy | Remuneration (in Rs.) | Venue | Date of Registration/ Interview |
|---|---|---|---|---|---|
| 01 | O&G Specialist (Part Time) | 1 | 1500/- per session (Max. 2 Sessions in a day) | Conference Hall, New DHH, Dhenkanal | 21.09.2021 |
| 02 | Pediatric Specialit (Part Time) | 1 | | | |
| 03 | Medicine Specialit (Part Time) | 1 | | | |
| 04 | skin & VD Specialist (Part Time) | 1 | | | |
| 05 | ENT Specialist (Part Time) | 1 | | | |
| 06 | Eye Specialist (Part Time) | 1 | | | |
| 07 | Psychiatric Specialist (Part Time) | 1 | | | |
| 08 | Nutritionist (Part Time) | 1 | 500/- per session (Max. 2 sessions in a day) | | |

Interested candidates can log on to **www.dhenkanal.nic.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration on the date as mentioned against each post with duly filled application form. Registration timing will be from 10.00 A.M. to 11.00 A.M. only on Walk-in-Interview dates. No application will be entertained after scheduled timing of registration. The undersiged reserves the right to cancel the above posts without assigning any reason thereof.

Sd./- CDM & PHO cum DMD, Dhenkanal
OIPR-10059/11/0010/2122



## ODISHA PUBLIC SERVICE COMMISSION CUTTACK

### NOTICE

No. 6305/P.S.C., 1E-02-2021/22 (DR-III), Dt. 9.9.21

**No. D-125:-** In continuation to Notice No. 5864 /PSC dt.21.08.2021, it is for information of all concerned that, the physical verification of original certificates and Viva Voce test in respect of **20 (Twenty)** candidates for recruitment to the post of Assistant Conservator of Forest, Group-A(JB) & Forest Ranger, Group-B, pursuant to Advt. No.22 of 2018-19, scheduled to be held on 13.09.2021 has been postponed to **15.09.2021** due to Cuttack Bandh, as per the programme detailed below.

### PROGRAMME OF DOCUMENT VERIFICATION & VIVA VOCE TEST

| Sl. No. | Date | Time of verification | Time of Viva Voce test | Roll numbers of candidates | Boards |
|---|---|---|---|---|---|
| 1. | 15.09.2021 | 9.00 A.M. | 11.00 A.M. | 306047, 306068, 306104, 306195, 306214 & 306223 = **06 candidates** | Board-I |
| | | | | 400013, 400116, 400144, 400156, 400316 & 400373 = **06 candidates** | Board-II |
| | | 2.00 P.M. | 3.30 P.M. | 400374, 400395, 400396 & 400471 = **04 candidates** | Board-I |
| | | | | 400591, 400826, 400835 & 400848 = **04 candidates** | Board-II |

OIPR-12002/11/0085/2122 Sd./- Secretary



## ODISHA PUBLIC SERVICE COMMISSION CUTTACK

### NOTICE

No. 6357/PSC, (1R-26-21-22) (DR-V), Dt. 9.9.21

**No. D-129:-** It is for information of all concerned that, pursuant to the advertisement No. 08 of 2020-2021, **46 (Forty Six)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Journalism & Mass Communication**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **21.09.2021 & 22.09.2021** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 21.09.2021 | 10.30 AM | 00089634, 00086209, 00089096, 00092522, 00098883, 00091908, 00060842, 00100525, 00092122, 00092604, 00091363, 00094865 & 00096300 = **13 Candidates** |
| | 02.30 PM | 00090705, 00086165, 00087325, 00091364, 00088968, 00087846, 00078208, 00092679, 00092624 & 00097420 = **10 Candidates** |
| 22.09.2021 | 10.30 AM | 00080123, 00089768, 00076942, 00077077, 00089533, 00097088, 00099423, 00094286, 00096369, 00095191, 00092709, 00095214 & 00077410 = **13 Candidates** |
| | 02.30 PM | 00086783, 00095477, 00096611, 00091245, 00076700, 00095394, 00081117, 00091291, 00094183 & 00085789 = **10 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0089/2122 Sd./- Secretary

**ବାଣ କାରଖାନାରେ ବିସ୍ଫୋରଣ: ଜଣେ ମୃତ**

ତାମିଲନାଡୁର ବିରୁଧୁନଗର ଜିଲାରେ ଥିବା ଏକ ବେଆଇନ ବାଣ କାରଖାନାରେ ଶୁକ୍ରବାର ବିସ୍ଫୋରଣ ଘଟି ଜଣେ ଲୋକଙ୍କ ମୃତ୍ୟୁ ହେବା ସହ ଅନ୍ୟ ୭ ଜଣ ଆହତ ହୋଇଛନ୍ତି। ମୃତକ ୬୦ ବର୍ଷୀୟ ଶାନମୁଗାରାଜ ଉକ୍ତ ଅସ୍ଥାୟୀ ବାଣ କାରଖାନାରେ ରାସାୟନିକ ମିଶାଉଥିବାବେଳେ ବିସ୍ଫୋରଣ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ଉକ୍ତ ହସ୍ପିଟାଲରେ ଚିକିତ୍ସା କରାଯାଉଛି।



ନ୍ୟୁୟର୍କର ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରର ନର୍ଥ ଟାୱାରରେ ଆକ୍ରମଣ ପରର ଦୃଶ୍ୟ।

**୨୦୦୧ ସେପ୍ଟେମ୍ବର ୧୧ ପୂର୍ବାହ୍ନ ୮ଟା ୪୫। ଆତଙ୍କବାଦୀ ସଙ୍ଗଠନ ଅଲ୍‌କାଏଦାର ଭୟଙ୍କର ରୂପ ଦେଖିଥିଲା ବିଶ୍ୱର ସର୍ବଶକ୍ତିଶାଳୀ ରାଷ୍ଟ୍ର ଆମେରିକା। ଦୁର୍ଭେଦ୍ୟ ସୁରକ୍ଷା ବଳୟକୁ ଭେଦକରି ଆତଙ୍କବାଦୀ ଖେଳିଥିଲେ ରକ୍ତର ହୋଲି। ସେମାନଙ୍କ ଦ୍ୱାରା ହାଇଜାକ୍ କରାଯାଇଥିବା ଦୁଇଟି ବିମାନ ନ୍ୟୁୟର୍କର ଆର୍ଥିକ ବ୍ୟବସ୍ଥାର କେନ୍ଦ୍ରସ୍ଥଳ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟରକୁ ଘଣ୍ଟା ପ୍ରତି ୯୮୭.୬ କିଲୋମିଟର ବେଗରେ ଆସି ଦେଇଥିଲା ଧକ୍କା। ମାତ୍ର କେଇ ଘଣ୍ଟା ମଧ୍ୟରେ ଆକାଶକୁ ମୁହଁ କରି ଛିଡ଼ା ହୋଇଥିବା ବିଶାଳକାୟ ଅଟ୍ଟାଳିକା ହୋଇଯାଇଥିଲା ଧରାଶାୟୀ। ଏହାର କିଛି ସମୟ ପରେ ୱାଶିଂଟନ୍ ଡିସି ବାହାରେ ପେଣ୍ଟାଗନ୍‌ରେ ଅନ୍ୟ ଏକ ବିମାନକୁ କରାଯାଇଥିଲା ବିସ୍ଫୋରଣ। ୱାଶିଂଟନ୍ ଡିସିକୁ ଟାର୍ଗେଟ କରାଯାଇଥିବା ୪ର୍ଥ ବିମାନର ଚାଳକ ଏବଂ ଯାତ୍ରୀ ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଉଡ଼ାଜାହଜକୁ ନିୟନ୍ତ୍ରଣକୁ ଆଣିଥିଲେ ହେଁ, ପେନ୍‌ସିଲଭାନିଆ ନିକଟରେ ଏହା କ୍ରାଶ୍ ହୋଇଯାଇଥିଲା। ଆତଙ୍କବାଦୀଙ୍କ ଏହି ବର୍ବରକାଣ୍ଡର ବହୁମୂଲ୍ୟ ଦେଇଥିଲେ ଆମେରିକାବାସୀ। ଅକାଳରେ ଲିଭିଯାଇଥିଲା ୩୦୦୦ ଲୋକଙ୍କ ଜୀବନଦୀପ। ଆମେରିକା ଇତିହାସର କଳାଦିନ ଭାବେ ପରିଚିତ '୯/୧୧'ର ସେହି ଲୋମଟାଙ୍କୁରା ଘଟଣା ଦୀର୍ଘ ୨୦ ବର୍ଷ ପରେ ଯେତିକି ମର୍ମନ୍ତୁଦ ସେତିକି ସତେଜ।**



ବିମାନ ମାଡ଼ ପରେ ୱାଶିଂଟନ୍‌ର ପେଣ୍ଟାଗନ୍ ବିଲ୍ଡିଂ ଜଳୁଛି।

# ୯/୧୧କୁ କୋଡ଼ିଏ

**ୱାଶିଂଟନ୍, ୧୦।୯**

୧୧ ସେପ୍ଟେମ୍ବର ୨୦୦୧ ମଙ୍ଗଳବାର ସକାଳେ ନ୍ୟୁୟର୍କର ସବୁଠୁ ଉଚ୍ଚ ଅଟ୍ଟାଳିକା ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର(ଡବ୍ଲ୍ୟୁଟିସି) ନର୍ଥ ଟାୱାରରେ ମାଡ଼ ହୋଇଥିଲା ବୋଇଂ ୭୬୭ ବିମାନ। ପ୍ରାୟ ୧୦୦ ମିନିଟ୍ ଧରି ହୁ ହୁ ହୋଇ ଜଳିବାରେ ଲାଗିଥିଲା ଟାୱାରରେ ଥିବା ମହଲାଗୁଡ଼ିକ। ଏହାର ଠିକ୍ ୧୮ ମିନିଟ୍ ପରେ ସକାଳ ୯ଟା ୩ରେ ଡବ୍ଲ୍ୟୁଟିସିର ଅନ୍ୟ ଟାୱାରରେ ପିଟି ହୋଇଥିଲା ଆଉ ଏକ ବିମାନ। ୫୬ ମିନିଟ୍ ଧରି ଦ୍ୱିତୀୟ ଟାୱାର ଜଳିବାରେ ଲାଗିଥିଲା। ପରେ ଆଖିପିଛୁଳାକେ ଭୁସୁଡ଼ି ପଡ଼ିଥିଲା ଆଖି ପାଉ ନ ଥିବା ବିଶ୍ୱର ଅନ୍ୟତମ ଉଚ୍ଚତମ ଅଟ୍ଟାଳିକା। ନିଆଁ, ମୋଟା କଳା ଧୂଆଁରେ ଆଚ୍ଛାଦିତ ହୋଇଯାଇଥିଲା ଚାରିପାଖ। କିଛି ସମୟ ପରେ ଆଉ ଚିତ୍କାର ଶୁଭିବା ମଧ୍ୟ ବନ୍ଦ ହୋଇଯାଇଥିଲା। ଉଦ୍ଧାର କାମ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଆରମ୍ଭ ହେବାବେଳକୁ ପୁଣି ଶୁଭିଥିଲା ଆଉ ୨ ଟି ବିସ୍ଫୋରଣର ଶବ୍ଦ। ସେଥିରେ ଗୋଟିଏ ବିମାନ ୱାଶିଂଟନ୍ ଡିସିରେ ଥିବା ପେଣ୍ଟାଗନ୍ ବିଲ୍ଡିଂରେ ମାଡ଼ ହୋଇଥିବାବେଳେ ଚତୁର୍ଥ ଆକ୍ରମଣକାରୀ ବିମାନ ପେନ୍‌ସିଲଭାନିଆରେ ଏକ ପଡ଼ିଆରେ ପଡ଼ିଥିଲା। ଅଲ୍-କାଏଦା ୪ଟି ବିମାନ ଅପହରଣ କରି ଆକ୍ରମଣରେ ଲଗାଇଥିଲା। ଏତ୍‌ପାଇଁ ୧୯ ଆତଙ୍କବାଦୀ ନିୟୋଜିତ ହୋଇଥିଲେ। ଆତ୍ମଘାତୀ ବିସ୍ଫୋରଣରେ ଧ୍ୱଂସ ହୋଇଯାଇଥିଲା ୧୧୦ ମହଲା ବିଶିଷ୍ଟ ଡବ୍ଲ୍ୟୁଟିସି ଟୁଇନ୍ ଟାୱାର। ଲକ୍ଷାଧିକ ଟନ୍‌ର ବର୍ଜ୍ୟ ସେଠାରେ ଠୁଳ ହୋଇଯାଇଥିଲା। ମୃତ୍ୟୁସଂଖ୍ୟା ବଢ଼ି ପ୍ରାୟ ୩ ହଜାରରେ ପହଞ୍ଚିଥିଲା। ମୃତକଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କ ପରିଚୟ ଏବେ ବି ମିଳିପାରିନି। ମଙ୍ଗଳବାର ଆଉ ୨ ମୃତକ ଚିହ୍ନଟ ହୋଇଥିବାବେଳେ ବାକିଙ୍କୁ ଜାଣିବାକୁ ଅତ୍ୟାଧୁନିକ ଡିଏନ୍‌ଏ ଟେକ୍ନୋଲୋଜିରେ ଏହି ପ୍ରକ୍ରିୟା ଜାରି ରହିଛି। ଆହତଙ୍କ ମଧ୍ୟରୁ ଅନେକେ ଏବେ ବି ସୁସ୍ଥ ଜୀବନ ବଞ୍ଚିବା ପାଇଁ ସଂଘର୍ଷରତ। ବିଶ୍ୱକୁ ଥରାଇ ଦେଇଥିବା ଏହି ଆକ୍ରମଣର ମାଷ୍ଟରମାଇଣ୍ଡ ଅଲ୍‌କାଏଦା ମୁଖ୍ୟ ଓସମା ବିନ୍ ଲାଡେନ୍‌ଙ୍କୁ ହତ୍ୟା କରିବାକୁ ଆମେରିକା ଯୋଜନା କରିଥିଲା। ଆକ୍ରମଣକାରୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଘୋଷଣା କରିଥିଲେ ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍। ୨୦୧୧ ମେ' ୨ରେ ପାକିସ୍ତାନରେ ଆମେରିକା କମାଣ୍ଡୋ ପଶି ଲାଡେନ୍‌ଙ୍କୁ ହତ୍ୟା କରିଥିଲେ। ସେପଟେ ଆମେରିକା ଲାଡେନ୍‌ଙ୍କୁ ଶରଣ ଦେଇଥିବା ତାଲିବାନ୍‌କୁ ୨୦୦୧ରେ ଆଫଗାନିସ୍ତାନ ଶାସନରୁ ହଟାଇଦେଇଥିଲା। ୨୦ ବର୍ଷ ପରେ ୱାଶିଂଟନ୍ ୯/୧୧ର ଅଭୁଲା ସ୍ମୃତିକୁ ମନେପକାଇ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଉଥିବାବେଳେ ଆମେରିକାକୁ ଅଟ୍ଟହାସ୍ୟ କଲାପରି ତାଲିବାନ୍ ଗୋଷ୍ଠୀ ଆତଙ୍କବାଦୀଙ୍କୁ ନେଇ ଆୟୋଜିତ କରିବାକୁ ଯାଉଛି ଦ୍ୱିତୀୟ ପାଳି ସରକାରର ଶପଥ ସମାରୋହ।

## ସଫଳ ହୋଇନି ମିଶନ

୯/୧୧ ଆକ୍ରମଣ ଆମେରିକାର ଜାତୀୟ ସୁରକ୍ଷା ବ୍ୟବସ୍ଥା ପ୍ରତି ଏକ ଶକ୍ତ ଧକ୍କା ଥିଲା। ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍ ଅଲକାଏଦାକୁ ମୂଳପୋଛ କରିବାକୁ ଶପଥ ନେବା ସହ ଆତଙ୍କବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲେ। ସମୟ ବିତିବା ସହ କ୍ରମେ ବଦଳିଥିଲା ଆହ୍ୱାନ ଓ ମିଶନର ଲକ୍ଷ୍ୟ। ଏକ ଲମ୍ବା ଯୁଦ୍ଧରେ ପ୍ରବେଶ କରିଥିଲା ଆମେରିକା। ଇରାକ୍ ଏବଂ ଆଫଗାନିସ୍ତାନରେ ଆମେରିକା ନେତୃତ୍ୱରେ ଚାଲିଥିବା ଲଢ଼େଇରେ ଲକ୍ଷ ଲକ୍ଷ ଜନସାଧାରଣ ନିହତ ହୋଇଛନ୍ତି। ଟ୍ରିଲିୟନ ଡଲାର ଅର୍ଥ ସରିଛି। ଏହା ସତ୍ତ୍ୱେ ଆତଙ୍କବାଦ ବିରୋଧୀ ଲଢ଼େଇରେ ଲକ୍ଷ୍ୟ ହାସଲ କରିପାରିନି ଆମେରିକା। ୨୦୦୧ ଭଳି ବଡ଼ ଧରଣର ଆକ୍ରମଣ ଆମେରିକାରେ ହୋଇ ନ ଥିଲେ ବି ଅଲ୍-କାଏଦା ଭଳି କଠୋରପନ୍ଥୀ ନୀତିଧାରୀ ସଙ୍ଗଠନ ସଂଖ୍ୟା କିନ୍ତୁ ବୃଦ୍ଧି ପାଇଛି। ବିଶେଷ କରି ମଧ୍ୟ ପ୍ରାଚ୍ୟ, ଏସିଆ ଏବଂ ଆଫ୍ରିକାରେ ଆତଙ୍କବାଦୀ ସେମାନଙ୍କ କାୟା ବିସ୍ତାର କରିବାରେ ଲାଗିଛନ୍ତି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହୃତ ହେବା ପରେ ଏହି ନେଟୱର୍କ ବ୍ୟାପକ ହେବାର ଆଶଙ୍କା ଘନେଇଛି। ବିଶେଷଜ୍ଞଙ୍କ ମତରେ ବର୍ଷ ବର୍ଷ ଧରି ସାମାନ୍ୟ ନିଷ୍କ୍ରିୟ ହୋଇଥିବା ଏହି ସଙ୍ଗଠନଗୁଡ଼ିକ ଏଣିକି ଆମେରିକା ତଥା ବିଶ୍ୱର ଅନ୍ୟ ପ୍ରାନ୍ତରେ ଆହୁରି ଭୟଙ୍କର ଆକ୍ରମଣ କରିବାରେ ସକ୍ଷମ ହେବେ।

# ଲମ୍ବା ଲଢ଼େଇରେ ଆମେରିକା

**ଆତଙ୍କବାଦୀ ରକ୍ତର ହୋଲି ଖେଳିବା ପରେ ନୂଆ ମିଶନ ଆରମ୍ଭ କରିଥିଲା ଆମେରିକା। ଆରମ୍ଭ ହୋଇଥିଲା ଇତିହାସର ସବୁଠୁ ଲମ୍ବା ଲଢ଼େଇ। ଆଫଗାନିସ୍ତାନରେ ୨୦ ବର୍ଷ ଧରି ରହିଥିଲେ ଆମେରିକୀୟ ସୈନ୍ୟ। ଯୁଦ୍ଧରେ ନିହତ ହୋଇଥିଲେ ୬୯ ହଜାର ଆଫଗାନ୍ ସୁରକ୍ଷା କର୍ମୀ। ପ୍ରାଣ ହରାଇଥିଲେ ୫୧ ହଜାର ଆଫଗାନ୍ ନାଗରିକ। ୨୫ଶହ ଆମେରିକୀୟ ସୈନ୍ୟଙ୍କ ସହ ନାଟୋ ସାମରିକ ମେଣ୍ଟର ୧,୧୪୪ ସୁରକ୍ଷା କର୍ମୀ ଏହି ଯୁଦ୍ଧରେ ଜୀବନ ହାରିଥିଲେ।**

## ଟାଇମ୍ ଲାଇନ୍

**୨୦୦୧ ସେପ୍ଟେମ୍ବର ୧୧:** ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର, ପେଣ୍ଟାଗନ୍ ଉପରେ ଅଲକାଏଦାର ଆକ୍ରମଣ।

**ଅକ୍ଟୋବର ୭ :** ଓସାମା ବିନ୍ ଲାଡେନ୍‌ଙ୍କୁ ତାଲିବାନ୍ ଶରଣ ଦେଇଥିବାରୁ ଆଫଗାନିସ୍ତାନରେ ଆମେରିକା ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କ 'ଅପରେଶନ ସ୍ଥାୟୀ ସ୍ୱାଧୀନତା' ଘୋଷଣା। ଆଫଗାନିସ୍ତାନକୁ ଆମେରିକାର ସୈନ୍ୟ ପ୍ରେରଣ ଆରମ୍ଭ।

**୧୭ ଏପ୍ରିଲ ୨୦୦୨:** ଶାସନରୁ ତାଲିବାନ୍‌କୁ ହଟାଇବା ପରେ ହମିଦ୍ କରଜାଇଙ୍କ ନେତୃତ୍ୱରେ ଆଫଗାନିସ୍ତାନରେ ସରକାର ଗଠନ।

**୨୦୦୯ରେ** ବାରାକ ଓବାମା ଆମେରିକା ରାଷ୍ଟ୍ରପତି ଥିବା ସମୟରେ ଇରାକ୍ ଓ ଆଫଗାନିସ୍ତାନରେ ଯୁଦ୍ଧ ଶେଷ ପାଇଁ ଯୋଜନା। ଆଫଗାନିସ୍ତାନରେ ଆମେରିକୀୟ ସୈନ୍ୟଙ୍କ ସଂଖ୍ୟା ୧ ଲକ୍ଷକୁ ବୃଦ୍ଧି।

**୨ ମେ ୨୦୧୧:** ପାକିସ୍ତାନରେ ଓସାମା ବିନ୍ ଲାଡେନ୍‌ଙ୍କୁ ହତ୍ୟା।

**ଜୁନ୍ ୨୦୧୧:** ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିବାକୁ ଓବାମାଙ୍କ ଘୋଷଣା। ଡିସେମ୍ବର ସୁଦ୍ଧା ଇରାକ୍‌ରୁ ସମସ୍ତ ସୈନ୍ୟ ପ୍ରତ୍ୟାହାର ଶେଷ କଲା ଆମେରିକା।

**ସେପ୍ଟେମ୍ବର ୨୦୧୪:** ଆମେରିକାର ୯,୮୦୦ ସୈନ୍ୟଙ୍କ ସମେତ ୧୨,୫୦୦ ବିଦେଶୀ ସୈନ୍ୟ ୨୦୧୫ ପର୍ଯ୍ୟନ୍ତ ଆଫଗାନିସ୍ତାନରେ ରହିବାକୁ ଆଫଗାନିସ୍ତାନ ସରକାରଙ୍କ ସହ ଚୁକ୍ତି।

**୬ ଜୁଲାଇ ୨୦୧୬:** ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ମନ୍ଥର କଲେ ଓବାମା। ୨୦୧୭ ପର୍ଯ୍ୟନ୍ତ ୮,୪୦୦ ଆମେରିକୀୟ ସୈନ୍ୟ ସେଠାରେ ରହିବାକୁ ଓବାମାଙ୍କ ଘୋଷଣା।

**୨୦୧୭:** ଆଫଗାନିସ୍ତାନରେ ୩ ହଜାର ସୈନ୍ୟ ସଂଖ୍ୟା ବୃଦ୍ଧି କଲେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍।

**୨୮ ଜୁନ୍ ୨୦୧୯:** ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ ତାଲିବାନ୍ ସହ ଦୋହାରେ ଆମେରିକାର ଚୁକ୍ତି ଘୋଷଣା।

୧୫ ଜାନୁୟାରୀ ୨୦୨୧– ଆଫଗାନିସ୍ତାନରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କଲେ ଟ୍ରମ୍ପ୍।

**୮ ଜୁଲାଇ ୨୦୨୧:** ବଗରାମ୍ ଏୟାରବେସ୍ ଛାଡ଼ିବା ପରେ ସୈନ୍ୟ ପ୍ରତ୍ୟାହାର ଶେଷ ତାରିଖକୁ ଦୁଇ ଦିନ ଘୁଞ୍ଚାଇଲେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍।

**୧୫ ଅଗଷ୍ଟ ୨୦୨୧:** ଆଫଗାନିସ୍ତାନ ରାଜଧାନୀ କାବୁଲ ଦଖଲ କଲା ତାଲିବାନ୍।

**୨୬ ଅଗଷ୍ଟ ୨୦୨୧:** କାବୁଲ ଏୟାର ପୋର୍ଟରେ ଆଇଏସ୍‌ଆଇଏସ୍-କେ ଆତଙ୍କବାଦୀ ଆକ୍ରମଣ। ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ୨୦୦ ନିହତ।

**୩୦ ଅଗଷ୍ଟ ୨୦୨୧:** ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ଶେଷ।

## ସଂକ୍ଷେପରେ

### ଟିକା ନେଇ ନ ଥିଲେ କର୍ମଚାରୀଙ୍କୁ ବାଧ୍ୟତାମୂଳକ ଛୁଟି

**ଚଣ୍ଡିଗଡ଼, ୧୦।୯:** ସେପ୍ଟେମ୍ବର ୧୫ ପରେ ପଞ୍ଜାବ ସରକାରଙ୍କ କୌଣସି କର୍ମଚାରୀ ଯଦି କୋଭିଡ୍ ଟିକାର ଗୋଟିଏ ଡୋଜ୍ ନେଇ ନ ଥାନ୍ତି, ତେବେ ତାଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଶୁକ୍ରବାର ଏହା ଘୋଷଣା କରିଛନ୍ତି। ମହାମାରୀରୁ ରାଜ୍ୟବାସୀଙ୍କ ସୁରକ୍ଷା ପାଇଁ ଏଭଳି କଠୋର ନିଷ୍ପତ୍ତି ନିଆଯାଇଛି। ଟିକାର ଫଳପ୍ରଦତା ପ୍ରମାଣିତ ହୋଇସାରିଥିବା ଉଚ୍ଚସ୍ତରୀୟ କୋଭିଡ୍ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଯଦି କୌଣସି କର୍ମଚାରୀ ଟିକା ନ ନିଅନ୍ତି, ତେବେ ତାଙ୍କୁ ଘରକୁ ପଠାଇ ଦିଆଯିବ ଏବଂ ପ୍ରଥମ ଡୋଜ୍ ଟିକା ନ ନେବା ପର୍ଯ୍ୟନ୍ତ ଅଫିସ ଆସିବାକୁ ଅନୁମତି ଦିଆଯିବ ନାହିଁ।

### ଓୱାଇସିଙ୍କ ବିରୋଧରେ ମାମଲା



**ଲକ୍ଷ୍ନୌ, ୧୦।୯:** ସାମ୍ପ୍ରଦାୟିକ ସଦ୍‌ଭାବ ନଷ୍ଟ କରିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ଏବଂ ଜାତୀୟ ପତାକାକୁ ଅସମ୍ମାନିତ କରିବା ଅଭିଯୋଗରେ ଏଆଇଏମ୍‌ଆଇଏମ୍ ଅଧକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏଆଇଏମ୍‌ଆଇଏମ୍‌ର ସାଧାରଣ ସଭା ପରେ ଗୁରୁବାର ରାତିରେ ଓୱାଇସି ଏବଂ ସଭା ଆୟୋଜକଙ୍କ ବିରୋଧରେ ବାରବାଙ୍କି ସିଟି ଥାନାରେ ୨ଟି ଏତଲା ଦାଏର ହୋଇଥିଲା। ପ୍ରଥମ ଏତଲାକୁ ନେଇ ଆଇପିସିର ଧାରା ୧୫୩ଏ( ଧର୍ମ ଆଧାରରେ ଶତ୍ରୁତାକୁ ପ୍ରୋତ୍ସାହନ ଦେବା), ୧୮୮, କୋଭିଡ୍ କଟକଣାର ଉଲ୍ଲଂଘନ ଏବଂ ମହାମାରୀ ଆଇନରେ ମାମଲା ରୁଜୁ ହୋଇଛି। ସେହିପରି ସାଧାରଣ ସଭାରେ ଜାତୀୟ ପତାକାକୁ ଅପମାନିତ କରିବା ନେଇ ଦ୍ୱିତୀୟ ମାମଲା ରୁଜୁ ହୋଇଛି।





ଆଫଗାନ୍ ଶରଣାର୍ଥୀମାନେ ତାଲିବାନ୍ ଶାସନ ବିରୋଧରେ ନୂଆଦିଲ୍ଲୀରେ ବିକ୍ଷୋଭ କରୁଛନ୍ତି।

## ପୂର୍ବତନ ୟୁପି ମନ୍ତ୍ରୀ ଆତ୍ମାରାମଙ୍କୁ ହତ୍ୟା

**ବାଗପତ୍ ୧୦।୯**

ଉତ୍ତରପ୍ରଦେଶର ପୂର୍ବତନ ମନ୍ତ୍ରୀ ଆତ୍ମାରାମ ତୋମାରଙ୍କୁ ତାଙ୍କ ବାସଭବନରେ ହତ୍ୟା କରାଯାଇଛି। ତୋମାର ତାଙ୍କ ଘରେ ଏକାକୀ ରହୁଥିଲେ। ଘର ବାହାରପଟୁ ତାଲା ପଡ଼ିଥିବାବେଳେ ଭିତରେ ତାଙ୍କ ମୃତଦେହ ବେଡ୍ ଉପରେ ପଡ଼ିରହିଥିଲା। ତାଙ୍କ ଗଳା ଚିପି ହତ୍ୟା କରାଯାଇଥିବା ପୋଲିସ ଏବଂ ପରିବାର ପକ୍ଷରୁ କୁହାଯାଇଛି। ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି, ଗୁରୁବାର ସନ୍ଧ୍ୟାରେ ୨ ଜଣ ଲୋକ ଏକ ମୋଟରସାଇକେଲରେ ଆସି ତୋମାରଙ୍କ ଘରେ ପ୍ରବେଶ କରିଥିଲେ।

## ମମତାଙ୍କ ବିରୋଧରେ ପ୍ରିୟଙ୍କା ଟିବ୍ରେୱାଲ ଭାଜପା ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୦।୯**



ପଶ୍ଚିମବଙ୍ଗର ଭବାନିପୁର ଉପନିର୍ବାଚନ ପାଇଁ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ଭାଜପା ଆଇନଜୀବୀ ପ୍ରିୟଙ୍କା ଟିବ୍ରେୱାଲଙ୍କୁ ପ୍ରାର୍ଥୀ କରିଛି। ପ୍ରିୟଙ୍କା ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବାବୁଲ ସୁପ୍ରିୟୋଙ୍କ ଆଇନ ପରାମର୍ଶଦାତା। ୨୦୧୪ରେ ସେ ଭାଜପାରେ ଯୋଗ ଦେଇଥିଲେ। ଗତ ନିର୍ବାଚନରେ ସେ ତୃଣମୂଳ କଂଗ୍ରେସ ପ୍ରାର୍ଥୀଙ୍କଠାରୁ ହାରିଯାଇଥିଲେ। ମମତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ବଜାୟ ରଖିବାକୁ ହେଲେ ଭବାନିପୁରରୁ ଉପନିର୍ବାଚନ ଜିତିବା ଜରୁରୀ ହୋଇଥିବାରୁ ୩୦ ତାରିଖରେ ଜୋରଦାର ଲଢ଼େଇ ହେବ। ଏହି ଆସନ ଉପରେ ସାରା ଦେଶର ନଜର ରହିଛି। ଶୁକ୍ରବାର ମମତା ଭବାନିପୁର ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି।

## ମହିଳାଙ୍କୁ ବଳାତ୍କାର ପରେ ବୀଭତ୍ସ ଆକ୍ରମଣ

**ମୁମ୍ବାଇ, ୧୦।୯**





ମୁମ୍ବାଇର ସାକିନାକା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ୩୨ ବର୍ଷୀୟା ମହିଳାଙ୍କୁ ବଳାତ୍କାର ପରେ ଅତି ଅମାନୁଷିକ ଭାବେ ତାଙ୍କ ଗୁପ୍ତାଙ୍ଗରେ ଲୁହା ରଡ୍ ପୂରାଇ ଦିଆଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ରାସ୍ତାରେ ଫିଙ୍ଗି ଦିଆଯାଇଥିଲା। ଏହି ଘଟଣା ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣାକୁ ମନେ ପକାଇଦେଇଛି। ପୀଡ଼ିତାଙ୍କୁ ଅତି ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଜଣକୁ ଗିରଫ କରିଥିବାବେଳେ ଏହି ଅପରାଧରେ ଏକାଧିକ ଲୋକ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ଡିସିପି ଏବଂ ଅତିରିକ୍ତ ପୋଲିସ କମିଶନର ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି। ସାକିନାକାର ଖଇରାନି ରୋଡ୍‌ରେ ଜଣେ ମହିଳା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅଚେତ ଅବସ୍ଥାରେ ପଡ଼ି ରହିଥିବା ନେଇ ଗୁରୁବାର ରାତି ୩ଟା ୩୦ରେ ପୋଲିସ କଣ୍ଟ୍ରୋଲ ରୁମ୍‌କୁ ଫୋନ୍ କଲ୍ ଆସିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଘଟକୋପାରସ୍ଥିତ ରାଜାୱାଡ଼ି ହସ୍ପିଟାଲକୁ ନେଇଯାଇଥିଲା। ମୁଖ୍ୟ ଅଭିଯୁକ୍ତ ମଧୁ ଚଭନ (୪୫)ଙ୍କୁ ଗିରଫ କରାଯିବା ସହ ଆଇପିସିର ଧାରା ୩୭୬, ୩୦୭ରେ ମାମଲା ରୁଜୁ ହୋଇଛି।

# ଆଜି ଶପଥ ନେବ ତାଲିବାନ୍ ସରକାର

### ଆମେରିକାକୁ ବିଦ୍ରୂପ

**କାବୁଲ, ୧୦।୯**

ଆମେରିକାରେ ୯/୧୧ ଆକ୍ରମଣର ୨୦ ବର୍ଷପୂର୍ତ୍ତି ଅବସରରେ ଆଫଗାନିସ୍ତାନରେ ନୂଆ ସରକାର ଗଢ଼ିଥିବା ତାଲିବାନ୍ ଶନିବାର ଶପଥ ସମାରୋହ ଆୟୋଜନ କରିପାରେ। ଏପରି କରି ତାଲିବାନ୍ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଭୋଗିଥିବା ଯନ୍ତ୍ରଣାକୁ ବିଦ୍ରୂପ କରିଛି। ଆମେରିକାର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଆତଙ୍କବାଦୀଙ୍କୁ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ସମାରୋହରେ ଚାଇନା, ତୁର୍କୀ, ପାକିସ୍ତାନ, ଇରାନ୍, କାତାର, ଭାରତ ସମେତ ଆମେରିକାକୁ ମଧ୍ୟ ତାଲିବାନ୍ ନିମନ୍ତ୍ରଣ କରିଥିବା ଜଣାପଡ଼ିଛି। ମଙ୍ଗଳବାର ତାଲିବାନ୍ ସୁପ୍ରିମ ଲିଡର ହିବାତୁଲ୍ଲା ଅଖୁନ୍ଦଜାଦାଙ୍କ ଅଧୀନରେ ଅନ୍ତରୀଣ ସରକାର ଗଢ଼ିଥିଲା। ମୁଲ୍ଲା ମହମ୍ମଦ ହାସନ୍ ଅଖୁନ୍ଦ ପ୍ରଧାନମନ୍ତ୍ରୀ ପଦରେ ବସିଛନ୍ତି। ଶପଥ ନେବା ପୂର୍ବରୁ ଅଖୁନ୍ଦ ପୂର୍ବ ସରକାରବେଳେ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ କାର୍ଯ୍ୟକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ଆଫଗାନିସ୍ତାନରେ ଏପରି ମୁହୂର୍ତ୍ତପାଇଁ ବହୁମୂଲ୍ୟ ଦେବାକୁପଡ଼ିଛି। ଏଣିକି ଆଫଗାନ୍ ମାଟିରେ ରକ୍ତପାତ ସମୟ ଶେଷ ହୋଇଛି ବୋଲି ଅଖୁନ୍ଦ କହିଛନ୍ତି।

## ଅମ୍‌ରୁଲ୍ଲାଙ୍କ ଭାଇଙ୍କୁ ହତ୍ୟା



ରୋହୁଲ୍ଲା ସାଲେହ

ପଞ୍ଜଶିରରେ ସଂଘର୍ଷ ବେଳେ ଆଫଗାନିସ୍ତାନର ପୂର୍ବତନ ଉପରାଷ୍ଟ୍ରପତି ଅମ୍‌ରୁଲ୍ଲା ସାଲେହଙ୍କ ଭାଇ ରୋହୁଲ୍ଲା ସାଲେହଙ୍କୁ ତାଲିବାନ ଲଢ଼ୁଆମାନେ ନିର୍ଯାତନା ଦେବା ସହ ହତ୍ୟା କରିଥିବା ଜଣାପଡ଼ିଛି। ଗୁରୁବାର ରାତିରେ ପଞ୍ଜଶିର ଉପତ୍ୟକାରେ ତାଲିବାନ ଲଢ଼ୁଆମାନେ ତାଙ୍କୁ ଚିହ୍ନଟ କରିଥିଲେ। ଉକ୍ତ ଉପତ୍ୟକାକୁ ତାଲିବାନ ସମ୍ପୂର୍ଣ୍ଣ ଦଖଲ କରିଥିବା ଦାବି କରିଆସୁଛି। ତେବେ ଜାତୀୟ ପ୍ରତିରୋଧ ସାମ୍ମୁଖ୍ୟ (ଏନ୍‌ଆର୍‌ଏଫ୍)ର ସମର୍ଥକମାନେ ତାଲିବାନର ଏହି ଦାବିକୁ ଖଣ୍ଡନ କରିଛନ୍ତି। ତାଲିବାନ ବିରୋଧରେ ଲଢ଼େଇ ଚଳାଇଥିବା ପ୍ରତିରୋଧୀ ବାହିନୀ ମୁଖ୍ୟ ଅହମଦ ମାସୁଦ୍ ଏବଂ ଅମ୍‌ରୁଲ୍ଲା ସାଲେହ ତାଜାକିସ୍ତାନ ପଳାଇଯାଇଥିବା ଖବର ପ୍ରକାଶ ପାଇଥିଲା। ତେବେ ତାଜିକିସ୍ତାନରେ ଥିବା ପୂର୍ବତନ ଆଫଗାନ୍ ସରକାରଙ୍କ ରାଷ୍ଟ୍ରଦୂତ ଏହାକୁ ଖଣ୍ଡନ କରିଛନ୍ତି।

## ପୂର୍ବତନ ସରକାରୀ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ

**କାବୁଲ, ୧୦।୯**

ଅଶ୍ରଫ୍ ଗନିଙ୍କ ସରକାର ସମୟରେ କାର୍ଯ୍ୟରତ ଥିବା ଅଫିସର ଓ କର୍ମଚାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ କାମଚଳା ତାଲିବାନ୍ ସରକାର ବନ୍ଦ କରିଦେଇଛି। ଅଗଷ୍ଟ ୧୫ରେ ତାଲିବାନ୍ କାବୁଲ ଦଖଲ କରିବା ପରେ ଅଧିକାଂଶ କର୍ମଚାରୀ ଦେଶ ଛାଡ଼ି ପଳାଇଯାଇଥିଲେ। କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟ ବନ୍ଦ ସମ୍ପର୍କରେ ତାଲିବାନ ସାଂସ୍କୃତିକ କମିଶନ ସଦସ୍ୟ ଅନାମୁଲ୍ଲା ସମଙ୍ଗାନୀ ଘୋଷଣା କରିଛନ୍ତି। ତେବେ ଏହା ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା କର୍ମଚାରୀମାନଙ୍କ ନାଁ ସେ ପ୍ରକାଶ କରିନାହାନ୍ତି। ଆଫଗାନିସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ଏନେଇ ଆନୁଷ୍ଠାନିକ ଭାବେ କୌଣସି ଘୋଷଣା ହୋଇନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ଆକ୍ରମଣ: ଯୁବକ ଗିରଫ

**କାଳିଆପାଣି,୧୦।୯(ଡି.ଏନ.ଏ.):** କାଳିଆପାଣି ଥାନା ଅଧୀନ ଘାଗିଆ ସାହିରେ ଜଣେ ମହିଳାଙ୍କୁ ଆକ୍ରମଣ ହୋଇଛି। ମହିଳା ଜଣକ ଘରେ ଥିବାବେଳେ ତାଙ୍କୁ ଜଣେ ଯୁବକ ଆକ୍ରମଣ କରିଛନ୍ତି। ଏନେଇ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କାମାକ୍ଷାନଗର ଥାନା ଅନ୍ତର୍ଗତ ଭାଲୁଟାଙ୍ଗର ଗ୍ରାମର ବାଦଲ ମାରାଣ୍ଡି(୪୦)। ୯ ତାରିଖ ରାତିରେ ସେ ଘାଗିଆସାହି ଗ୍ରାମର ମହିଳାଙ୍କୁ ଆକ୍ରମଣ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୯୦/୨୧ ରୁଜୁ ହୋଇଥିବା ଥାନା ଅଧିକାରୀ ରମାକାନ୍ତ ମୁଦୁଲି ପ୍ରକାଶ କରିଛନ୍ତି।

### ଘର ଭିତରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

**ସାଲେପୁର,୧୦।୯(ଡି.ଏନ.ଏ):** ସାଲେପୁର ଥାନା ଅଧୀନ ବାଲିସାହି ପଞ୍ଚାୟତ ଉତ୍ତର ବଟେଶ୍ୱର ଗ୍ରାମର ଏକ କୋଠା ଘରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛି। ମୃତକ ଜଣକ ହେଲେ ଉକ୍ତ ଗ୍ରାମର ପ୍ରଦୀପ୍ତ ମିଶ୍ର ( ୫୧)। ଘରର ଏକ କୋଠରୀରୁ ତାଙ୍କ ମୃତଦେହ ମିଳିଛି। ମୃତକଙ୍କ ଘର ପାଖରୁ ପଚା ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚିବାବେଳକୁ ଘରର ସମ୍ମୁଖ ଭାଗ କବାଟ ଭିତର ପଟୁ ବନ୍ଦ ରହିଥିଲା। ଏନେଇ କବାଟ ଭାଙ୍ଗି ସେମାନେ ଭିତରକୁ ପ୍ରବେଶ କରିଥିଲେ। ମୃତଦେହ ଜବତ ପରେ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୩/୨୧) ରୁଜୁ ହୋଇଛି। ପଦୀପ୍ତଙ୍କ ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବା ବେଳେ ସେ ଏହି ଘରେ ଏକୁଟିଆ ରହୁଥିବା ଜଣାପଡ଼ିଛି।

### ଚାଷୀଙ୍କୁ ବଣ୍ଟାଯାଉନି ଗଚ୍ଛିତ ସାର

**ଭଦ୍ରକ ଅଫିସ,୧୦।୯:** ଧାମନଗର ବ୍ଲକ ଭଗବାନପୁର ଶ୍ରୀଜଗନ୍ନାଥ ସମବାୟ ସମିତିରେ ସାର ଗଚ୍ଛିତ ଥାଇ ମଧ ଚାଷୀଙ୍କୁ ଦିଆ ନ ଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ଉକ୍ତ ସମିତିରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛି। ଉକ୍ତ ସମିତିରୁ ସାର ପାଇବାକୁ ନେଇ ବହୁଦିନ ଧରି ଚାଷୀମାନେ ହନ୍ତସନ୍ତ ହୋଇଆସୁଥିଲେ। ଗୁରୁବାର ସମିତି ଗୋଦାମ ସମ୍ମୁଖରେ ଏକ ଗାଡ଼ିରେ ସାର ବୋଝେଇ ହେଉଥିବା ଖବର ପାଇ ଚାଷୀମାନେ ପହଞ୍ଚିଥିଲେ। ସେମାନେ ପଚାରିବାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଉତ୍ତେଜନା ଦେଖାଦେଇଥିଲା।

# ମୂଳ ଘଟଣା ଏଡ଼ାଇବାକୁ ରାଜନୈତିକ ଲଢେଇ

## ଡାକ୍ତରଖାନା ଗଣ୍ଡଗୋଳ, ମୂର୍ତ୍ତିପଥର ଜବତ ଘଟଣା

**ଚଣ୍ଡିଖୋଲ,୧୦।୯(ଡି.ଏନ.ଏ.)**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅଧୀନ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ୭ ତାରିଖରେ ରୋଗୀଦେଖାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଠିକ ସେହିଦିନ କିଛି ସମୟ ପରେ ଏହି ଗୋପାଳପୁର ପଞ୍ଚାୟତର କଳାଶ୍ରୀଠାରେ ଦୁଇଟି ଚୋରା ମୂର୍ତ୍ତିପଥର ବୋଝେଇ ଟ୍ରାକ୍ଟରକୁ ନେଇ ମଧ ଗଣ୍ଡଗୋଳ ହୋଇଥିଲା। ଉକ୍ତ ୨ଟି ଘଟଣା ସମ୍ପର୍କରେ ବାଲିଚନ୍ଦ୍ରପୁର ଥାନାରେ ୪ଟି ଅଭିଯୋଗ ହୋଇଥିଲା। ବଡ଼ଚଣା ଛାତ୍ର ବିଜେଡି ଉପସଭାପତି ଅମିତାଭ ଜେନା ଭାଜପା ନେତା ତଥା ପଞ୍ଚାୟତ ସମିତି ଉପାଧ୍ୟକ୍ଷାଙ୍କ ସ୍ୱାମୀ ଯଶୋଦୀପ୍ତ ସାମଲଙ୍କ ସମେତ ତାଙ୍କର ଚାରି ସହଯୋଗୀଙ୍କ ନାମରେ ଅଭିଯୋଗ କରିଥିଲେ। ସେହିଭଳି ଭାଜପା ପକ୍ଷରୁ ଜିଲାପରିଷଦ ସଦସ୍ୟ ଓ ଡାକ୍ତରଙ୍କ ସମେତ ଅମିତାଭ ଏବଂ ତାଙ୍କର ସହଯୋଗୀଙ୍କ ନାମରେ ମଧ ଦୁଇଟି ଅଭିଯୋଗ ହୋଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ଭାଜପା ବିଜେଡି ମଧ୍ୟରେ ଆକ୍ଷେପ ଓ ପ୍ରତିଆକ୍ଷେପ ଚାଲିଥିବା ବେଳେ ଶୁକ୍ରବାର ବଡ଼ଚଣା ମହିଳା କଂଗ୍ରେସ ସଭାନେତ୍ରୀଙ୍କ ସ୍ୱାମୀଙ୍କୁ ପୋଲିସ ଏହି ଘଟଣାରେ ଅଟକ ରଖିଛି। ତେବେ ଚୋରା ମୂର୍ତ୍ତିପଥର ଘଟଣାରୁ ନଜର ହଟାଇବା ପାଇଁ ଏହା ବିଭିନ୍ନ ରାଜନୈତିକ ଦଳଙ୍କ ଏକ ଚାଲ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

ସୂଚନା ଥାଉକି, ଚଣ୍ଡିଆ ପାହାଡ଼ରୁ ବିରଳ ମୂର୍ତ୍ତି ତିଆରି ପଥର ମିଳିଥାଏ। ଏହାର ବଜାର ଚାହିଦା ବେଶ ଅଧିକ। ଗୋଟିଏ ଟ୍ରାକ୍ଟର ମୂର୍ତ୍ତି ପଥରକୁ ୨୫ରୁ୩୦ ହଜାର ଟଙ୍କାରେ ବିକ୍ରି କରାଯାଇଥାଏ। ଦୈନିକ ରାତିରେ ଏଠାରୁ ଚାରି ପାଞ୍ଚଟି ଟ୍ରାକ୍ଟରରେ ମୂର୍ତ୍ତି ପଥର ଚୋରାଚାଲାଣ କରାଯାଇଥାଏ। ୭ ତାରିଖରେ ଦୁଇଟି ଟ୍ରାକ୍ଟର ବେଆଇନ ମୂର୍ତ୍ତି ପଥର ଚାଲାଣ କରୁଥିବା ସମୟରେ କଳାଶ୍ରୀ ନିକଟରେ ଗଣ୍ଡଗୋଳ ହୋଇଥିଲା। ଦୁଇ ଟ୍ରାକ୍ଟରକୁ ବନବିଭାଗ ଜବତ କରିଥିଲା। ଚଣ୍ଡିଖୋଲ ବନ କାର୍ଯ୍ୟାଳୟ ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇଥିବା ବନପାଳ ଶଶିକାନ୍ତ ବେହେରା ସୂଚନା ଦେଇଛନ୍ତି। ତେବେ ନିକଟ ଅତୀତରେ ବାଲିଚନ୍ଦ୍ରପୁର ପୋଲିସ ଏହି ଚାରୋ ଚାଲାଣ ସମ୍ପର୍କରେ କୌଣସି ପଦକ୍ଷେପ ନେଇଥିବା ନଜିର ନାହିଁ। ଏହି ଘଟଣାକୁ ନେଇ ଏବେ ଆରୋପ ପ୍ରତ୍ୟାରୋପ ଦେଖାଦେଇଛି। ଛାତ୍ର ବିଜେଡି ତରଫରୁ ଗୁରୁବାର ବାଲିଚନ୍ଦ୍ରପୁର ଥାନାରେ ଭାଜପା ନେତାଙ୍କୁ ଗିରଫ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିବା ବେଳେ ଶୁକ୍ରବାର ଯୁବ କଂଗ୍ରେସ ପକ୍ଷରୁ ମଧ ଉଭୟ ବିଜେଡି ଓ ଭାଜପା କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଘଟଣାକୁ ଏଡାଇଯିବା ପାଇଁ ସମସ୍ତ ରାଜନୈତିକ ଦଳ ତାଙ୍କର ଗୋଟି ଚାଳନା କରୁଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ପୋଲିସ ମୂର୍ତ୍ତିପଥର ଚୋରାଚାଲାଣ ଘଟଣାରେ ପାଟି ଖୋଲିନାହିଁ। ଏନେଇ ଥାନାଧିକାରୀ ବିଜୟିନୀ ମଲ୍ଲଙ୍କୁ ପଚାରିବାରୁ ସେ କୁହନ୍ତି, ଜଣଙ୍କୁ ଅଟକ ରଖାଯାଇ ତଦନ୍ତ କରାଯାଉଛି।

# ପୂଜା ପାଇଲେ ଗଜାନନ



କୁକୁଡ଼ାଖାଳି ଗ୍ରାମରେ ପୂଜା ପାଉଥିବା ଗଜାନନ।

**ଗଡ଼ମଧୁପୁର,୧୦।୯(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ମଧୁପୁରଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଛି। କବାଟବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ପୂଜାରେ ଚିକିତ୍ସାଧିକାରୀ ଡ. ନିହାର ରଞ୍ଜନ କର କର୍ତ୍ତା ଭାବେ ଯୋଗ ଦେଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ପୂଜାରେ ଅଂଶଗ୍ରହଣ କରିଥିଲେ। ସେହିପରି କୁକୁଡ଼ାଖାଳି ଗାଁ ମଝି, ଭୁବନପୁର ସ୍କୁଲ ପାଖ, ବରଡ଼ା, ଚଢ଼େଇଧରା, ବାଲିସାହି, ଆରୁହା, ବିରିବାଟି, ମାଣ୍ଡିଆ, ପାଖର, ବାଟିଯୋଡ଼ା ଓ କୁରିକଣା ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ, ସରକାରୀ ଏବଂ ବେସରାକାରୀ ସଂସ୍ଥାରେ ପୂଜା ଅନୁଷ୍ଠିତ ହୋଇଛି। ଭୁବନପୁରଠାରେ ତିନି ଦିନି ଧରି ପୂଜା ଅନୁଷ୍ଠିତ ହେବ।

# ଗରିବ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାବୃତ୍ତି



ପିପୁଲ ଫର ଦି ନିଡ୍ଡିର ସଦସ୍ୟମାନେ।

**ରାଜନଗର,୧୦।୯(ଡି.ଏନ.ଏ.)**

ଅର୍ଥାଭାବରୁ ମେଧାବୀ ଛାତ୍ରୀଛାତ୍ର ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ପିପୁଲ ଫର ଦି ନିଡ୍ଡି ଗ୍ରୁପ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠାନ ପକ୍ଷରୁ ରାଜନଗରସ୍ଥିତ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଲିଜାରାଣୀ ପରିଡ଼ାଙ୍କୁ ଶିକ୍ଷାବୃତ୍ତି ପ୍ରଦାନ କରାଯାଇଛି। ଗରିବ ଛାତ୍ରୀଛାତ୍ରମାନେ ଯେପରି ଶିକ୍ଷାଦାନରୁ ବଞ୍ଚିତ ନ ହୁଅନ୍ତି ସେଥିପାଇଁ ଏହି ଗ୍ରୁପ ସହାୟତା ପ୍ରଦାନ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ବିବେକାନନ୍ଦ ରାଉତ, ଅନ୍ନପୂର୍ଣ୍ଣା ମହାନ୍ତି, ଶାନ୍ତନୁ ରଥ, ପ୍ରଭାତ ଯତି ପ୍ରମୁଖ କହିଛନ୍ତି।

## ପୋଖରୀରେ ବୁଡ଼ିଗଲେ ଯୁବକ

**ବସ୍ତା, ୧୦।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଦଣ୍ଡିକା ଗାଁର ଗଣପତି ହେମ୍ବ୍ରମ ନାମକ ଯୁବକ ଶୁକ୍ରବାର ସ୍ଥାନୀୟ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ବିଲରୁ କାମ ସାରି ପୋଖରୀକୁ ଧୋଇ ହେବାକୁ ଯାଇଥିବା ବେଳେ ତାଙ୍କ ଗୋଡ ଖସିଯାଇଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ। ବସ୍ତା ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ମୃତ ଚାଷୀଙ୍କ ପରିବାରକୁ ସହାୟତା ପ୍ରତିଶ୍ରୁତି




ବିଧାୟିକାଙ୍କ ପ୍ରତିନିଧି ଓ ଅନ୍ୟମାନେ ମୃତ ଚାଷୀଙ୍କ ପରିବାର ସହ ଆଲୋଚନା ହେଉଛନ୍ତି।

## ଭେଟିଲେ ପ୍ରଶାସନିକ ଅଧିକାରୀ, ରାଜନେତା

**ବରୀ,୧୦।୯(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ବୋଦୁଅ ପଞ୍ଚାୟତ କନ୍ତିଆ ଗ୍ରାମର ଚାଷୀ ଯଦୁନାଥ ମଲ୍ଲିକ(୫୫)ଙ୍କ ଆତ୍ମହତ୍ୟା ଖବର ଜଣାପଡ଼ିବା ପରେ ଶୁକ୍ରବାର ପ୍ରଶାସନିକ ଅଧିକାରୀ ଓ ରାଜନେତା ତାଙ୍କ ପରିବାର ନିକଟରେ ପହଞ୍ଚିଛନ୍ତି। ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ବ୍ଲକ୍ ବିଜେଡି ସଭାପତି କେଦାର ସାମଲ ମୃତକଙ୍କ ଘରେ ପହଞ୍ଚି ତାଙ୍କ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କା ବ୍ୟକ୍ତିଗତ ଭାବେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ସରକାରୀ ନିୟମ ମୁତାବକ ଏହି ପରିବାରକୁ ଯେଉଁ ସୁବିଧା ଯୋଗାଇ ଦିଆଯାଇ ପାରିବ ସେ କ୍ଷେତ୍ରରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଅର୍ଚ୍ଚନା ମଲ୍ଲିକ ପହଞ୍ଚି ସମବେଦନା ଜଣାଇଛନ୍ତି। ରାଜସ୍ୱ ନିରୀକ୍ଷକ ଯାଇ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। ସେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଯଦୁନାଥଙ୍କ ପରିବାର ବର୍ଗଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟପକ୍ଷରେ ଆର୍ଥିକ ବୋଝ ସହି ନ ପାରି ଜଣେ ଚାଷୀ ଯଦୁନାଥ ଆତ୍ମହତ୍ୟା କରିବା ଘଟଣାକୁ ବିରୋଧୀ ଦଳ ଗୁରୁତ୍ୱ ଦେଉ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବରୀ ଏକ କୃଷି ବହୁଳ ଅଞ୍ଚଳ ହୋଇଥିବାରୁ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ମରୁଡି ଏହି ଅଞ୍ଚଳ କୃଷକଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥାଏ। ଏଥିପ୍ରତି ସରକାର ଗୁରୁତ୍ୱ ଦେବାକୁ ଦାବି ହୋଇଛି। ସୂଚନାଯୋଗ୍ୟ, ଋଣ ବୋଝ ଚିନ୍ତାରେ ଥିବା ଚାଷୀ ଯଦୁନାଥ ଗୁରୁବାର ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ତାଙ୍କ ପୁଅ ଭକ୍ତବନ୍ଧୁ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ।

# ତଦନ୍ତ କରିବ ମଙ୍ଗଳାବାଗ ପୋଲିସ

## ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲା

**କଟକ ଅଫିସ,୧୦।୯**

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ମାମଲାରେ ନୂଆ ମୋଡ ଆସିଛି। ଏନେଇ କୁଜଙ୍ଗ ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲା ମଙ୍ଗଳାବାଗ ଥାନାକୁ ସ୍ଥାନାନ୍ତର ହୋଇଛି। ଏ ନେଇ ପୋଲିସ ଏକ ମାମଲା(ନଂ. ୨୨୧/୨୧) ରୁଜୁ କରିଛି। ଖୁବ୍‌ଶୀଘ୍ର ମଙ୍ଗଳାବାଗ ପୋଲିସ ଏହି ଘଟଣାର ତଦନ୍ତ କରିବ। କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରୁ ଡିସଚାର୍ଜ ହେବାପରେ ସେ କେଉଁ ପରିସ୍ଥିତିରେ ଓ କାହା ସହ ଭୁବନେଶ୍ୱର ଯାଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ସହ ସମସ୍ତ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯିବବୋଲି ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଦୁଷ୍ମନ୍ତ ବୁଧବାର ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଏସ୍‌ସିବିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ରାତାରାତି ମୃତଦେହ ବ୍ୟବଚ୍ଛେଦ କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏନେଇ କୁଜଙ୍ଗ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରିଥିଲା।

# ନିରାଡ଼ମ୍ବର ଗଣେଶପୂଜା

**ସିଂହପୁର,୧୦।୯(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକର ବିଭିନ୍ନ ସ୍ଥାନରେ ପ୍ରଭୁ ଗଜାନନଙ୍କ ପୂଜା ପାଳିତ ହୋଇଯାଇଛି। ସିଂହପୁର କ୍ଲବ ଦି ଲାୟୋନେଟ, ଖରସ୍ରୋତା ମହାବିଦ୍ୟାଳୟ, ରାଧାମୋହନ ଯୁବଶକ୍ତି କ୍ଲବ, ସିଂହପୁର ହାଇସ୍କୁଲ, ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଛକ, ବରୁଣେଇ ହାଇସ୍କୁଲ, ସିଂହପୁର ନୋଡାଲ ହାଇସ୍କୁଲ ସମେତ ବିଭିନ୍ନ କ୍ଲବ ଅନୁଷ୍ଠାନ ଓ ଶିକ୍ଷା ଅନୁଷ୍ଠାନରେ ପୂଜା ପାଳିତ ହୋଇଯାଇଛି। କରୋନା କଟକଣା ଯୋଗୁ ପୂଜାକୁ ନିରାଡମ୍ବରେ ପାଳନ କରାଯାଇଛି।



ଦି ଲାୟୋନେଟ କ୍ଲବରେ ପୂଜା ପାଉଥିବା ଗଣେଶ।

## ବଦଳିଲେ ଜିଆର୍‌ଏସ୍

**ବସ୍ତା, ୧୦।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାସୁଚକୁରାଇ ପଞ୍ଚାୟତର କାର୍ଯ୍ୟରତ ଜିଆର୍‌ଏସ୍ ଦୀପକ କୁମାର ରାଉତଙ୍କ ବଦଳି ପାଇଁ ଦାବି ହୋଇଥିଲା। ସରପଞ୍ଚ, ସମିତିସଭ୍ୟ ଓ ପଞ୍ଚାୟତବାସୀ ତାଙ୍କ ବଦଳି ପାଇଁ ବିଡ଼ିଓଙ୍କ ସମେତ ଜିଲାପାଳଙ୍କ ନିକଟରେ ଦାବି କରିଥିଲେ। ୬ତାରିଖରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ବିଡ଼ିଓ ତାଙ୍କୁ ଉଭୟ ବାସୁଚକୁରାଇ ଓ ଦୁଧହସା ପଞ୍ଚାୟତରୁ ବଦଳି କରାଯାଇଛି।

# ପଦଯାତ୍ରାରେ ସାମିଲ ହେବାକୁ ନିବେଦନ

## ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

**ସିଂହପୁର,୧୦।୯(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ନବନିର୍ମାଣ କୃଷକ ସଂଗଠନର ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଂଯୋଜକ ସନାତନ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଗଠନ ସହ ସଂଯୋଜକ ନିମାଇଁ ରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ତିନୋଟି କଳା ଆଇନକୁ ତୁରନ୍ତ ପ୍ରତ୍ୟାହାର ଓ ଚାଷୀଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଗାନ୍ଧୀ ଜୟନ୍ତୀରୁ ବିହାରର ଐତିହାସିକ ସଂଗ୍ରାମୀ ଭୂଇଁ ଚମ୍ପାରଣଠାରୁ ବନାରସ ପର୍ଯ୍ୟନ୍ତ ୩୬୦ କିଲୋମିଟର ବ୍ୟାପୀ ଚାଷୀ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ଶହଶହ ସଂଖ୍ୟାରେ ଚାଷୀ ଯୋଗଦାନ କରିବାକୁ ସେ କାର୍ଯ୍ୟକର୍ତ୍ତାଙ୍କୁ ନିବେଦନ କରିଥିଲେ। ପ୍ରତି ଚାଷୀ ପରିବାରକୁ ନିବେଦନ ପତ୍ର ବଣ୍ଟନ ସହିତ ଚାନ୍ଦା ସଂଗ୍ରହ ଓ ପଦଯାତ୍ରାରେ ଯୋଗଦେବା ନିମନ୍ତେ ଚାଷୀଙ୍କ ତାଲିକା ପ୍ରସ୍ତୁତି ଆସନ୍ତା ୧୫ ତାରିଖ ମଧ୍ୟରେ ସମାପ୍ତ କରିବାକୁ ପ୍ରସ୍ତାବ ରଖିଥିଲେ। ଏହାପରେ ବିଞ୍ଝାରପୁର ବ୍ଲକରେ କେତୋଟି ପଞ୍ଚାୟତରେ ଆସନ୍ନ ମରୁଡି ପରିସ୍ଥିତିକୁ ଦୃଷ୍ଟିରେ ରଖି ଅବିଳମ୍ବେ ଅଚଳ ଉଠାଜଳସେଚନ ପଏଣ୍ଟ ମରାମତି, ରବି ଋତୁରେ କୃଷି କାର୍ଯ୍ୟ ପାଇଁ ତୁରନ୍ତ ଚାଷୀଙ୍କୁ ସମବାୟ ସମିତି ଓ ବ୍ୟାଙ୍କରୁ ଋଣ ମଞ୍ଜୁର କରିବା, ୨୦୨୦ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ତୁରନ୍ତ ଚାଷୀଙ୍କ ଜମା ଖାତାକୁ ପଠାଇବା, ରବି ଚାଷ ପାଇଁ ଡାଲି ଜାତୀୟ ଫସଲର ବିହନ, ସାର ଓ କୀଟନାଶକ ରିହାତି ମୂଲ୍ୟରେ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଯୋଗାଇ ଦେବା ଆଦି ବିଭିନ୍ନ ପ୍ରସଙ୍ଗ ନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ବରିଷ୍ଠ ସାମାଜିକ କର୍ମୀ ରବୀନ୍ଦ୍ର ଜେନା ପଦଯାତ୍ରାକୁ ଶତ ପ୍ରତିଶତ ସଫଳ କରିବାକୁ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ବୈଠକରେ ଭୁବନାନନ୍ଦ ସାମଲ, ବଳରାମ ବଳ, ରବୀନ୍ଦ୍ର ଧଳ, ଧନେଶ୍ୱର ସାମଲ, କୁଞ୍ଜ ବିହାରୀ ବେହେରା, ନଟବର ଜେନା, ଉପେନ୍ଦ୍ର ରାଉତ, ରଣା ପ୍ରତାପ ମହାପାତ୍ର, ସରୋଜ ନାୟକ, ଅମରେନ୍ଦ୍ର ସାମଲ, ହରେକୃଷ୍ଣ ଦାସ, ପ୍ରଫୁଲ୍ଲ ପତି, ପ୍ରତାପ ଦାସ, ରଜନୀକାନ୍ତ ବାରିକ ଓ ବାପି ଜେନାପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।



ବୈଠକରେ ଯୋଗଦେଇଥିବା କୃଷକ ସଙ୍ଗଠନର କର୍ମକର୍ତ୍ତା।

# କ ବି ତା



## ନୂଆଖାଇ

ନୂଆଖାଇ ପର୍ବ ପାଳନ ପାଇଁ ତ
ହୁଏ ଖିରି ପିଠାପଣା,
ସଫା ସୁତୁରା ଦିଶେ ଘରଦ୍ୱାର
ହସଇ ଘର ଅଗଣା।
ନୂଆ ଚୁଡ଼ା ଓ ନବାନ୍ନର ଭୋଗ
ମନ୍ଦିରରେ ଲାଗି ହୁଏ,
ଖାଇ ଖୁଆଇବା ନୂଆ ପୋଷାକରେ
ଗୀତ ନାଚ ପୁଣି ହୁଏ।
ମାନ ମନାନ୍ତର ତୁଟିଯାଏ ସବୁ
ନୂଆଖାଇ ଜୁହାରରେ,
ଏକତାର ମନ୍ତ୍ର ଶିଖାଏ ଏପର୍ବ
ଅତୁଳନୀୟ ସଂସାରେ।
ମାଆ ସମଲେଇ ମାଆ ସୁରେଶ୍ୱରୀ
ମାଣିକେଶ୍ୱରୀ ଯେ ଦେବୀ,
ମନ୍ଦିରେ ଡାକନ୍ତି ଭକତି ଅନ୍ତରେ
ଭବିଷ୍ୟ କଥାକୁ ଭାବି।
ଗ୍ରାମ ଦେବତୀଙ୍କୁ ମନ କଥା କହି
ପୂଜନ୍ତି ନୂଆ ଦରବେ,
ଘଣ୍ଟ ଘୋଡ଼େଇ କି ରଖିଥିବ ମାଆ
କହନ୍ତି ଏଇ ପରବେ।

*–ଅରୂପ କୁମାର ବିଶ୍ୱାଳ*
*ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ, ପାରାଦୀପ, ଜଗତ୍‌ସିଂହପୁର*

## ଶରତ କାଳ

ଭାଦ୍ରବ ସରିଲେ ଆଶ୍ୱିନ ଆସେ,
ଷଡ଼ ଋତୁ ଚକ୍ରେ ଦୁନିଆ ହସେ।
ଭାଦ୍ରବ ଆଶ୍ୱିନ ଦୁଇଟି ମାସ,
ଶରତ ଋତୁର ହୁଏ ସମାସ।
ଛାଡ଼ିଛି ବରଷା ଆସିନି ଶୀତ,
ଧରାବକ୍ଷେ ରାଜ କରେ ଶରତ।
ଭୀଷଣ ବର୍ଷାର ନ ଥାଏ ଡର,
ନିର୍ମଳ ଦିଶଇ ନୀଳ ଅମ୍ବର।
ଆଶ୍ୱିନ ମାସରେ ହୁଏ ପାର୍ବଣ,
ନଗର ପଲ୍ଲୀରେ ସଜେ ତୋରଣ।
ଦେବୀ ଦୁର୍ଗାଙ୍କର ପୂଜା ହୁଅଇ,
ଧରାରେ ସୁଷମା ଚିତ୍ତ ଜିଣଇ।
ତଟିନୀ ପଠାରେ ଆଶ୍ୱିନ ମାସେ,
କାଶତଣ୍ଡୀ ଫୁଲ ମୁରୁକି ହସେ ।
ଶରଦ ଶଶିକୁ ନ ଜାଣେ କିଏ
ଜୋଛନାରେ ମନ ଜିଣଇ ସିଏ।

*–ମନସ୍ୱିନୀ ସାହୁ, ଏକାଦଶ ଶ୍ରେଣୀ, କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ*

## ବହୁ ଆଡ଼ମ୍ବର

ସରୀସୃପ ଆଉ ଜଳଚର କେତେ
ତା' ସଙ୍ଗେ କେତୋଟି ପକ୍ଷୀ
ତା' ସାଙ୍ଗରେ ଥିଲେ ବେଙ୍ଗ ଓ
ବେଙ୍ଗୁଲୀ ଭାଳେଣି କରିଲେ ବସି।

ବାହାଘରଟିଏ ଆୟୋଜନ କଲେ
କେମିତି ହୁଅନ୍ତା ସତେ
ବହୁ ଆଡ଼ମ୍ବରେ ଭୋଜି ରନ୍ଧାହେବ
ସଭିଏଁ ମିଶି ଖାଆନ୍ତେ।

ମାଟି ଗଦା କଲେ ପୋଖରୀ ହିଡ଼ରେ
ଧରିଲେ ସାରୁ ପତ୍ରଟି
କାହୁଁ ମାଡ଼ି ଆସେ କଳା କଳା ମେଘ
ଅନ୍ଧାର ହୋଇ ଗଲାଟି।

ବିଜୁଳି ମାରିଲା ଘଡ଼ଘଡ଼ି ଶବ୍ଦେ
ଚତୁର୍ଦ୍ଦିଗ କମ୍ପିଗଲା
ଝୁଉ ଝୁଉ ହୋଇ ବର୍ଷା କଚି ଦେଲା
ପାଣି ଜମା ହୋଇଗଲା।

ଫେରିଗଲେ ସବୁ ନିଜ ନିଜ ଘର
ଭାରି ମନ ଦୁଃଖ କରି
କାନ ମୋଡ଼ି ସବୁ ଚାପୁଡ଼ା ଖାଇଲେ
କରିବେ ନାହିଁ ଏପରି।

*–ରଶ୍ମିମୟୀ ପତି*
*୭୦୯, ଝାରପଡ଼ା, ଭୁବନେଶ୍ୱର*



## ଖିଲିଖିଲି ହସ

(ସ୍କୁଲରୁ ଫେରିବା ପରେ
ବାପା–ପୁଅ ମଧ୍ୟରେ କଥାବାର୍ତ୍ତା)

ପୁଅ–ବାପା, ଆଜି ମୋତେ ମୋ ପ୍ରୋଗ୍ରେସ ରିପୋର୍ଟ ମିଳିଛି।
ବାପା–ମୋର ଆଶା ତୁ ଏଥର ଭଲ ନମ୍ବର ରଖିଥିବୁ।
ପୁଅ–ସେ କଥା ଠିକ୍ ତ ବାପା, ଆଚ୍ଛା, ତମେ କ'ଣ ଅନ୍ଧାରରେ ଲେଖିପାରିବେ ?
ବାପା–ହଁ, କାହିଁକି ନୁହେଁ।
ପୁଅ–ଠିକ୍ ଅଛି ବାପା, ତାହାଲେ ଲାଇଟ୍ ବନ୍ଦ କରି ମୋ ପ୍ରୋଗ୍ରେସ୍ ରିପୋର୍ଟରେ ଦସ୍ତଖତ କରିଦିଅନ୍ତୁ ନା !

ଥରେ ଜଣେ ଲୋକ ମଦ ପିଇ ରାତି ୧୨ଟାରେ ରାସ୍ତାରେ ଯାଉଥାଏ। ତାକୁ ଦେଖି ପୋଲିସ୍ ପଚାରିଲା, ଆରେ ତୁ ଏତେ ରାତିରେ କୁଆଡ଼େ ଯାଉଛୁ ? ଏକଥା ଶୁଣି ମଦ ପିଇଥିବା ବ୍ୟକ୍ତି ଜଣକ କହିଲା, ଘରକୁ ଗଲେ ସବୁବେଳେ ପରିବାର ଲୋକ ମୋତେ କହୁଛନ୍ତି ଯେ, 'ମଦ ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ'। ସେକଥା ଶୁଣି ଶୁଣି ମୁଁ ବୋର୍ ହୋଇଗଲିଣି। ତେଣୁ ରାସ୍ତାରେ ବୁଲୁଛି।

## ମତାମତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା।
*–ରାଧାରାଣୀ ସାହୁ, ଯାଜପୁର*

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁ ପାରୁଛି।
*–ଶିମାନୀ ମହାନ୍ତି, ପୁରୀ*

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣି ହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
*–ଶେଖର କୁମାର ନାୟକ, ରେଢ଼ାଖୋଲ*

## ଚଗଲା ଭୀମୁ




ଆ ଇ ନା


ମୋକ୍ଷ ସାନ୍ନିଧ୍ୟ
୬ବର୍ଷ

ଶିଶୁ ପ୍ରତିଭା

## କୁନି ଚିତ୍ରକର

କଥାରେ ଅଛି–'ତୁଳସୀ ଦୁଇ ପତ୍ରରୁ ବାସେ।' ଠିକ୍ ସେହିପରି ଜଣେ କୁନି ପ୍ରତିଭା ହେଉଛନ୍ତି ଦିବ୍ୟଦୀପ ମହାନ୍ତି। ପ୍ରାକୃତିକ ଦୃଶ୍ୟରାଜିକୁ ନିଜର ତୂଳୀ ମାଧ୍ୟମରେ ପ୍ରକାଶ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ତା' ସହ ବିଭିନ୍ନ ପ୍ରକାର ବିଜ୍ଞାନ ପ୍ରୋଜେକ୍ଟ ପ୍ରସ୍ତୁତ କରି ସେ ନିଜ ପ୍ରତିଭାର ପରିଚୟ ଦେଇପାରିଛନ୍ତି। ଦିବ୍ୟଦୀପଙ୍କ ଘର କଟକ ଚୌଦ୍ୱାରର କପାଳେଶ୍ୱର ଅଞ୍ଚଳରେ। ବାପା ଦୀପକ ମହାନ୍ତି ହେଉଛନ୍ତି ଜଣେ ବ୍ୟବସାୟୀ ଏବଂ ମାଆ ମନସ୍ମିତା ଗୃହିଣୀ। ତେବେ ନିଜ ପରିକଳ୍ପନାକୁ ରୂପ ଦେବାପାଇଁ ସେ ସମସ୍ତ ପ୍ରେରଣା ପାଇଛନ୍ତି ତାଙ୍କ ଜେଜେମାଆ ଜୟଶ୍ରୀ ମହାନ୍ତି ଏବଂ ଜେଜେବାପା କାଶୀନାଥ ମହାନ୍ତିଙ୍କଠାରୁ। ଜଣେ ଶିକ୍ଷାବିତ୍ ହୋଇଥିବାରୁ ଜେଜେମାଆ ହିଁ ତାଙ୍କୁ ପାଠପଢ଼ା ସହ ଅନ୍ୟ ସମସ୍ତ ପ୍ରକାରର ସୃଜନାତ୍ମକ କାମ କରିବା ପାଇଁ ଆବଶ୍ୟକ ସାହାଯ୍ୟ ସହଯୋଗ ଯୋଗାଇ ଦେଇଥାନ୍ତି। ଚୌଦ୍ୱାରର କଳିଙ୍ଗ ପବ୍ଲିକ ହାଇସ୍କୁଲରେ ପଢୁଥିବା ଦିବ୍ୟଦୀପ ଏବେ ସ୍କୁଲ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତା'ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସେ ହାସଲ କରିଛନ୍ତି ଅନେକ ପୁରସ୍କାର। ଏହାବ୍ୟତୀତ ସ୍କୁଲସ୍ତରୀୟ ବିଭିନ୍ନ ବିଜ୍ଞାନ ମେଳାରେ ମଧ୍ୟ ସେ ତାଙ୍କ ଭିନ୍ନ ଚିନ୍ତାଧାରାକୁ ପରିପ୍ରକାଶ କରି ସମ୍ମାନିତ ହୋଇଛନ୍ତି। ଭବିଷ୍ୟତରେ କଳା ଓ ବିଜ୍ଞାନ କ୍ଷେତ୍ରରେ ଆହୁରି ସୃଜନାତ୍ମକ କାମ କରିବା ପାଇଁ ଯୋଜନା କରିଛନ୍ତି ଦିବ୍ୟଦୀପ।


ଦିବ୍ୟଦୀପ

ବିଜ୍ଞାନ କଥା

## ସ୍ୱର୍ଣ୍ଣିମ ପ୍ରକ୍ଷେପଣ ଓ ବିଜ୍ଞାନ

ନିକୁଞ୍ଜ ବିହାରୀ ସାହୁ

କେତେକ କ୍ରୀଡ଼ା ସହ ବିଜ୍ଞାନର ସଂଯୋଗ ରହିଛି। ଉଦାହରଣ ଭାବରେ ଜାଭେଲିନ୍‌କୁ ନିଆଯାଇ ପାରେ। ଜାଭେଲିନ୍‌କୁ ଆମ ଦେଶରେ ସାଧାରଣତଃ ବର୍ଚ୍ଛା କିମ୍ବା ଭାଲା ବୋଲି କୁହାଯାଏ। ନିକଟରେ ଟୋକିଓ ଅଲିମ୍ପିକରେ ଭାରତର ନୀରଜ ଚୋପ୍ରା ୮୭.୫୮ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିବା ପରଠାରୁ ଆମ ଦେଶରେ ଜାଭେଲିନ୍ ପ୍ରକ୍ଷେପଣ ଖେଳ ସମ୍ପର୍କରେ ଗଭୀର ଆଗ୍ରହ ଓ କୌତୂହଳ ସୃଷ୍ଟି ହୋଇଛି। ଜାଭେଲିନ୍ ଆମ ଦେଶର ଏକ ପାରମ୍ପରିକ ଖେଳ।

**ଜାଭେଲିନ୍ ପଛରେ ବିଜ୍ଞାନ:** ଜାଭେଲିନ୍ ଫିଙ୍ଗା ପ୍ରକୃତରେ ଶାରୀରିକ ସାମର୍ଥ୍ୟ, ପ୍ରକ୍ଷେପଣ କୌଶଳ ଓ ଗତିବିଜ୍ଞାନ ପ୍ରୟୋଗର ଏକ ଖେଳ। ଏକ ଉତ୍ତମ ପ୍ରକ୍ଷେପଣକୁ ପ୍ରଭାବିତ କରୁଥିବା ମୁଖ୍ୟ କାରକଗୁଡ଼ିକ ହେଲେ: ସଂବେଗର ସ୍ଥାନାନ୍ତର, ପ୍ରକ୍ଷେପଣ ବେଗ ଏବଂ ପ୍ରକ୍ଷେପଣ କୋଣ। ଫିଙ୍ଗାଳି ଫିଙ୍ଗିବା ନିମନ୍ତେ ଦ୍ରୁତ ଦୌଡ଼ିବା ଦ୍ୱାରା ନିଜ ଶରୀର ଯଥେଷ୍ଟ ସଂବେଗ ବହନ କରିଥାଏ। ଫିଙ୍ଗାଳିକୁ ନିଜ ଶରୀରର ମଧ୍ୟଭାଗରୁ ଦକ୍ଷତାର ସହ ପ୍ରାପ୍ତ ସଂବେଗକୁ ଚାବୁକ ଭଳି ଏକ ତରଙ୍ଗାୟିତ ପ୍ରକ୍ରିୟା ଜରିଆରେ କ୍ରମାନ୍ୱୟରେ ଅଣ୍ଟା, କାନ୍ଧ ଓ କହୁଣି ଦେଇ ଜାଭେଲିନ୍‌କୁ ସ୍ଥାନାନ୍ତରିତ କରିବାକୁ ପଡ଼େ। ପରିଶେଷରେ, ଫିଙ୍ଗାଳି ପଛ ଗୋଡ଼ ଉପରେ ଭରା ରଖି ଏବଂ ଦୁଇ ବାହୁକୁ ସିଧା ପ୍ରସାରିତ କରି ତଥା ଜାଭେଲିନ୍‌କୁ ଆଖି ସହିତ ଏକ ସରଳରେଖାରେ ରଖି ନିକ୍ଷେପ କରେ। ଜାଭେଲିନ୍ ର ସ୍ୱଳ୍ପ ବସ୍ତୁତ୍ୱ ହେତୁ ସଂବେଗର ସଂରକ୍ଷଣ ( Conservation of Linear Momentum) ନିୟମ ଅନୁସାରେ ଏହା ଉଚ୍ଚ ଗତି ପ୍ରାପ୍ତ ହୋଇ ଅଧିକ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ।

**ପ୍ରକ୍ଷେପଣ ବେଗ :** ପ୍ରକ୍ଷେପ ବେଗର ଦୁଇଟି ଉପାଦାନ ଥାଏ, ଯଥା ଭୂଲମ୍ବୀୟ ବେଗ ଏବଂ ଭୂସମାନ୍ତରୀୟ ବେଗ। ପ୍ରକ୍ଷେପର ଭୂଲମ୍ବୀୟ ବେଗ ଦ୍ୱାରା ଏହା ଉର୍ଦ୍ଧ୍ୱ ଗତି ପ୍ରାପ୍ତ ହେବାକୁ ସକ୍ଷମ ହେଉଥିଲାବେଳେ ଭୂସମାନ୍ତରୀୟ ବେଗ ଦ୍ୱାରା ହିଁ ଏହା ଭୂମି ଉପରେ ଦୂରତା ଅତିକ୍ରମ କରିବାକୁ ସକ୍ଷମ ହୋଇଥାଏ। ଗତିବିଜ୍ଞାନରେ ଏହି ଅତିକ୍ରାନ୍ତ ଦୂରତାକୁ ରେଞ୍ଜ୍ କହନ୍ତି। ସୁତରାଂ କୌଣସି ପ୍ରକ୍ଷେପିତ ବସ୍ତୁର ଅତିକ୍ରାନ୍ତ ଦୂରତା ବିଦ୍ଧ କରିବାକୁ ହେଲେ ଏହାକୁ ଅଧିକ ବେଗରେ ପ୍ରକ୍ଷେପ କରିବା ପାଇଁ ପଡ଼ିଥାଏ। ସେଥିପାଇଁ ଫିଙ୍ଗାଳି ଫିଙ୍ଗିବାର ଅବ୍ୟବହିତ ପୂର୍ବରୁ ଶରୀରକୁ ସ୍ପିଙ୍ଗ ଭଳି ପଛକୁ ବଙ୍କେଇ ନେଇ ଜାଭେଲିନ୍‌କୁ ନିକ୍ଷେପ କରେ। ଏହା ଦ୍ୱାରା ଫିଙ୍ଗାଳି ମାତ୍ର ୨୦ କି.ମି/ଘଣ୍ଟା ବେଗରେ ପ୍ରାରମ୍ଭରୁ ଦୌଡ଼ୁଥିଲେ ସୁଦ୍ଧା ଜାଭେଲିନ୍‌କୁ ଯଥେଷ୍ଟ ଅଧିକ ବେଗରେ, ଏପରି କି ପ୍ରାୟ ୧୦୦ କି.ମି./ଘଣ୍ଟା ଭଳି ଉଚ୍ଚ ବେଗରେ ଗତିଶୀଳ କରିବାକୁ ସକ୍ଷମ ହୁଏ। ସୁତରାଂ ପ୍ରକ୍ଷେପଣର ଏହି ଉଚ୍ଚ ପ୍ରାରମ୍ଭିକ ବେଗରେ ଜାଭେଲିନ୍ ଅଧିକ ଦୂରତା ଅତିକ୍ରମ କରିଥାଏ। ଉତ୍ତମ ଅତିକ୍ରାନ୍ତ ଦୂରତା ହାସଲ କରିବା ନିମନ୍ତେ ଜାଭେଲିନ୍‌କୁ କେବଳ ଅଧିକ ବେଗରେ ଫିଙ୍ଗିଲେ ହେବ ନାହିଁ ; ଏହାକୁ ମଧ୍ୟ ଏକ ନିର୍ଦ୍ଦିଷ୍ଟ କୋଣରେ ଫିଙ୍ଗିବା ଆବଶ୍ୟକ। ଗତିବିଜ୍ଞାନର ସୂତ୍ର ଅନୁସାରେ, ଉଭୟ ପ୍ରକ୍ଷେପ ବିନ୍ଦୁ ଓ ଅବତରଣ ବିନ୍ଦୁ ଗୋଟିଏ ଉଚ୍ଚତାରେ ଅବସ୍ଥାନ କରୁଥିଲେ ପ୍ରକ୍ଷେପିତ କୋଣର ପରିମାଣ ୪୫୦ ଡିଗ୍ରୀ ହେଲେ ଯାଇ ଅତିକ୍ରାନ୍ତ ଦୂରତା ସର୍ବାଧିକ ହୋଇଥାଏ। ମାତ୍ର ଜାଭେଲିନ୍ ଫିଙ୍ଗା କ୍ଷେତ୍ରରେ ପ୍ରକ୍ଷେପ ବିନ୍ଦୁ (ଫିଙ୍ଗାଳିର କାନ୍ଧ) ଅବତରଣ ବିନ୍ଦୁ (ଭୂମି)ଠାରୁ ଅଧିକ ଉଚ୍ଚତାରେ ରହୁଥିବାରୁ ଏହି ନିୟମ ସାମାନ୍ୟ ବଦଳି ପ୍ରକ୍ଷେପଣର କୋଣ ୩୨ ଡିଗ୍ରୀରୁ ୩୭ ଡିଗ୍ରୀ ମଧ୍ୟରେ ସୀମିତ ରହିଲେ ହିଁ ସର୍ବାଧିକ ଦୂରତା ପ୍ରାପ୍ତ ହୋଇଥାଏ।

ଏହାଛଡ଼ା ଜାଭେଲିନ୍ ଖେଳ ଆହୁରି ଅନେକ କାରକ ଯଥା ବାୟୁ ପ୍ରବାହର ଦିଗ, ବାୟୁ ପ୍ରବାହର ବେଗ, ଦଣ୍ଡ ଚାରିପଟେ ଅତିକ୍ରମ କରୁଥିବା ବାୟୁସ୍ରୋତର ରୂପରେଖ, ବାୟୁର ତାପମାତ୍ରା ଇତ୍ୟାଦି ଉପରେ ନିର୍ଭର କରେ। ସୁତରାଂ ଜାଭେଲିନ୍ ପ୍ରକ୍ଷେପଣ ଖେଳ ଏକ ଜଟିଳ ଓ ଉଚ୍ଚକୋଟୀର ପ୍ରତିଯୋଗିତା ଏବଂ ଏଥିରେ ପାରଦର୍ଶିତା ହାସଲ କରିବା ପାଇଁ ହେଲେ ଖେଳାଳିଙ୍କୁ ଯଥେଷ୍ଟ ଅଭ୍ୟାସ ଓ ବୈଜ୍ଞାନିକ କୌଶଳ ପ୍ରୟୋଗ ତଥା ପ୍ରଦର୍ଶନ କରିବାକୁ ପଡେ।

*–ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ : ୮୦୧୮୭୦୮୮୫୮*



ଗିନିଜ୍ ୱାର୍ଲ୍ଡ ରେକର୍ଡ

## ୧୦୩ ବର୍ଷ ବୟସରେ ପାରାଚୁଟରୁ ଲମ୍ଫ

ପିଲାମାନେ ତୁମେ ତ ପାରାଚୁଟ ଧରି ତଳକୁ ଡେଇଁବା ନିଶ୍ଚୟ ଦେଖିଥିବ। ଏହାକୁ ଦେଖିବାକୁ ଭାରି ମଜାଲାଗେ, ନୁହେଁ ? ଏହା ଏକ ଦୁଃସାହସିକ କାମ ବୋଲି ସମସ୍ତେ ଜାଣିଛନ୍ତି। କିନ୍ତୁ ୧୦୩ ବର୍ଷର ଜଣେ ବୃଦ୍ଧ ଯେ ପାରାଚୁଟ୍‌ରୁ ଲମ୍ଫ କରିପାରିବେ ଏକଥା ହୁଏତ ତୁମେ ଜାଣି ନ ଥିବ। କିନ୍ତୁ ଏମିତି ଏକ କାମ କରି ବିଶ୍ୱ ରେକର୍ଡ କରିପାରିଛନ୍ତି ଆଲଫ୍ରେଡ୍। ଆମେରିକାର ଏହି ବ୍ୟକ୍ତିଜଣକ ୧୪,୦୦୦ ଫୁଟ ତଳକୁ ପାରାଚୁଟରେ ଡେଇଁ ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ ପରିସରଭୁକ୍ତ କରିପାରିଛନ୍ତି। ତଳକୁ ଖସିବାବେଳେ ତାଙ୍କର ଘଣ୍ଟାପ୍ରତି ବେଗ ଥିଲା ୧୨୦ ମାଇଲ୍। ୨୦୧୭ ମସିହାରେ ସେ ଏଭଳି ପ୍ରୟାସ କରିଥିଲେ। ତେବେ ସେ ଜଣେ ଶତାୟୁ ହୋଇଥିବାରୁ ତାଙ୍କ ସହିତ ଜଣେ ବ୍ୟକ୍ତି ଏକତ୍ରଭାବେ ତଳକୁ ପାରାଚୁଟରେ ଖସିଥିଲେ।



## ତୁମ ପଢ଼ିବା ପାଇଁ

### ମୋ ଆଶା

ତ୍ରୟ ମାସିକ ଶିଶୁ–କିଶୋର ପତ୍ରିକା 'ମୋ ଆଶା'ରେ ସ୍ଥାନିତ ହୋଇଛି ଛୋଟ ପିଲାଙ୍କ ମନକୁ ଛୁଇଁଲା ଭଳି ଉପାଦେୟ ବିଷୟବସ୍ତୁ। ସେଗୁଡ଼ିକ ମଧ୍ୟରେ ରହିଛି, ଅବୁଝା ରାଜା, କୁବୁଜା ଉଦ୍ଧାର, ଆମ ଘର, ଚାଲାକ ହରିଣ, ସଫଳତା, ବେଙ୍ଗୁଲି ନାନୀ ଆଦି ବିଷୟବସ୍ତୁ । ସୁମନ୍ତ ମହାରଣାଙ୍କ ଦ୍ୱାରା ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୨୦ ଟଙ୍କା। **ଯୋଗାଯୋଗ ଠିକଣା :** ମୋ ଆଶା, ଲିଟିଲ୍ ଷ୍ଟାର୍ ଗ୍ରୁପ୍, ପାଟପୁର, ନିମାପଡ଼ା, ପୁରୀ–୭୫୨୧୦୬ ।




କୁନି ତୂଳୀରୁ


**ଆୟେଶା ସାହୁ**
କ୍ଲାସ– ୫, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଧାମନଗର, ଭଦ୍ରକ






**ଅସିତ୍ ପଣ୍ଡା**
କ୍ଲାସ– ୩, କ୍ରୀଷ୍ଟା ପବ୍ଲିକ ସ୍କୁଲ, କୋମନା, ନୂଆପଡ଼ା


**ତପସ୍ୱିନୀ ସାହୁ**
କ୍ଲାସ–୬, କୁମୁରିସିଂହା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଅନୁଗୋଳ






**ଅନନ୍ୟା ରୁପାଲି ତ୍ରିପାଠୀ**
କ୍ଲାସ– ୬, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋତେ ଯେ ମାଇଲା ତୁ ତାକୁ ନ ମାର,**
**ତାକୁ ମାରୁଥିବ ଆନମ**
**ଦେଖୁଥିବ ତୋର ଦୁଇ ନୟନରେ**
**ଶୁଣୁଥିବ ଦୁଇ କର୍ଣ୍ଣ ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେ ନା ଦିନେ ଭୋଗ କରିଥାଏ । ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ, ଅନୀତି ତଥା ଗର୍ବକୁ ସହିପାରି ନ ଥାନ୍ତି । ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

**ଟବଟ ଭାତରେ ଘିଅ ପରଷଇ**
**ଥାଳି ଫନ୍ଦ ଯାଏ ବୁଡ଼ି**
**ପରଘର ପାନ ସୁଆଦ ଏଣିକି**
**ହୋଇ ମୁଁ ଯିବାରୁ ବୁଢ଼ୀ ।**

ନିଜ ଘରର ରାନ୍ଧଣା ସବୁଦିନେ ଖାଇ ଖାଇ ପାଟିକୁ ଚିଟା ବା ଅରୁଚି ଲାଗିବା ସ୍ୱାଭାବିକ । ବୟସ ବେଳେ ପର ଘରର ରାନ୍ଧଣା ଭଲ ଲାଗେ, ତା'ର କାରଣ ପରିବର୍ତ୍ତନର ସ୍ୱାଦ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ଲୋକଙ୍କ ଭାବାବେଗ ପ୍ରତି କୁଠାରଘାତ

**ପାର୍ବଣ ଗାଇଡ୍‌ଲାଇନ୍‌କୁ ନେଇ ପ୍ରତିକ୍ରିୟା**

**କଟକ ଅଫିସ,୧୦।୯**

ପାର୍ବଣ ପାଇଁ ପୂର୍ବରୁ ଜାରି ହୋଇଥିବା ଗାଇଡ୍‌ଲାଇନ୍ ନଭେମ୍ବର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ଶୁକ୍ରବାର ସ୍ପଷ୍ଟ କରିଛନ୍ତି । ଏଭଳି ନିଷ୍ପତ୍ତି କଟକର ପୂଜା କମିଟି, ଶାନ୍ତି କମିଟି ଓ ବିଭିନ୍ନ ରାଜନୈତିକ ଦଳ ସହ ସାମାଜିକ ସଙ୍ଗଠନର କର୍ମକର୍ତ୍ତାଙ୍କ ମନରେ ନୈରାଶ୍ୟ ଭାବ ଖେଳିଯାଇଛି । ପାର୍ବଣ କଟକଣାକୁ ବିରୋଧ କରି ଭାଜପା ପକ୍ଷରୁ ଆସନ୍ତା ୧୩ ତାରିଖରେ କଟକ ବନ୍ଦ ଡାକରା ଦିଆଯାଇଥିବାବେଳେ ଶନିବାର ଏ ନେଇ ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି । ତେବେ ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ରାଜନୈତିକ ଦଳ ଓ ପୂଜା କମିଟି, ଶାନ୍ତି କମିଟି ପକ୍ଷରୁ ପ୍ରତିକ୍ରୀୟା ପ୍ରକାଶ ପାଇଛି ।

ପାର୍ବଣ କଟକଣାକୁ ବିରୋଧକୁ ଭାଜପା ପକ୍ଷରୁ ଆସନ୍ତା ୧୩ ତାରିଖରେ କଟକ ବନ୍ଦ ଡାକରା ଦିଆଯାଇଛି । ସରକାର ମୂର୍ତ୍ତିର ଉଚ୍ଚତାକୁ ନେଇ କାହିଁକି ଏତେ ଜିଦ୍‌ରେ ଅଛନ୍ତି, ତାହା ଜଣାପଡୁନାହିଁ । ଯେଉଁ ରାଜ୍ୟରେ ହିନ୍ଦୁଙ୍କ ସଂଖ୍ୟା ଅଧିକ, ସେଠାରେ ସରକାର ଲୋକଙ୍କ ଶ୍ରଦ୍ଧା ଓ ଭାବାବେଗକୁ କୁଠାରଘାତ କରୁଛନ୍ତି ।

**ଲଲାଟେନ୍ଦୁ ବଡୁ, କଟକ ନଗର ସଭାପତି, ଭାଜପା**

ସରକାର ଏତେ କଠୋର ହେବାର ଆବଶ୍ୟକ ନ ଥିଲା । ଲୋକଙ୍କ ଭାବାବେଗକୁ ସମ୍ମାନ ଜଣାଇବା ସହ ମୂର୍ତ୍ତିର ଉଚ୍ଚତା ସ୍ୱାଭାବିକ କରି କୋଭିଡ୍ ଗାଇଡ୍‌ଲାଇନ ମଧ୍ୟରେ ପୂଜା କରି ହେଇଥାନ୍ତା । ଯଦି ସରକାରୀ କାର୍ଯ୍ୟକ୍ରମରେ ଶହ ଶହ ଲୋକ ଏକାଠି ହୋଇପାରୁଛନ୍ତି, ତେବେ କଟକଣା ମଧ୍ୟରେ କାହିଁକି ପୂଜା କରାଯାଇ ପାରିବ ନାହିଁ । ସରକାର ଏହା ଉପରେ ପୁନଃ ବିଚାର କରନ୍ତୁ ।

**ମହମ୍ମଦ ମୋକିମ, ବିଧାୟକ, ବାରବାଟୀ-କଟକ**

ଦେଶର ଅନ୍ୟ ରାଜ୍ୟରେ କଟକଣା କୋହଳର କୁପରିଣତି ଏବେ ଦେଖିବାକୁ ମିଳୁଛି । କରୋନା ସଂକ୍ରମିତଙ୍କ ସଂଖ୍ୟା ପୁନଃ ବୃଦ୍ଧି ପାଇବାରେ ଲାଗିଛି । ସେଥିଲାଗି ସରକାର ସବୁ ଦିଗକୁ ବିଚାର କରି ଏପରି ନିଷ୍ପତ୍ତି ନେଇଛନ୍ତି । ସହରବାସୀ ସରକାରଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ସହଯୋଗ କରିବା ଆବଶ୍ୟକ ।

**ସୁବାସ ସିଂ, ରାଜ୍ୟ ସଭା ସଦସ୍ୟ**

ସରକାର ଜାରି କରିଥିବା ପାର୍ବଣ ଗାଇଡ୍‌ଲାଇନ୍ ପୁନଃବିଚାର କରିବାକୁ ଆମେ ଦାବି କରିଆସିଥିଲୁ । ସେଥିପାଇଁ ଆମକୁ ଡାକି ବୈଠକ କରିଥିଲେ । ହେଲେ ଶୁକ୍ରବାର ସରକାର ପୂଜାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବା ପରେ କଟକ ସହରର ୧୭୦ ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ନେଇ ଶନିବାର ଏକ ବୈଠକ କରିବୁ । ଏହାପରେ ଯାହାକିଛି ନିଷ୍ପତ୍ତି ନିଆଯିବ ।

**ଦେବେନ୍ଦ୍ର ସାହୁ, ସଭାପତି, କଟକ ମହାନଗର ଶାନ୍ତି କମିଟି**

କିଛିଦିନର ଆନ୍ଦୋଳନ, ପ୍ରତିବାଦ ଓ ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏଭଳି ନିଷ୍ପତ୍ତି କଟିକିଆଙ୍କୁ ନିରାଶ କରିଛି । ସରକାର ନିଜ ନିଷ୍ପତ୍ତିରେ ଅଟଳ ରହି ସହରବାସୀଙ୍କ ଭାବବେଗକୁ ଆଘାତ ଦେଇଛନ୍ତି ।

**ଜିତେନ୍ଦ୍ର ସାହୁ, ସୂଚନା ଅଧିକାରୀ କର୍ମୀ**

# ଜିନୋମ୍ ସିକ୍ୱେନ୍ସିଂ ଉପରେ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

**କୋଭିଡ୍ ସମୀକ୍ଷା ବୈଠକ**

ନୂଆଦିଲ୍ଲୀ, ୧୦।୯

ସେପ୍ଟେମ୍ବର-ଅକ୍ଟୋବରରେ ଦେଶରେ କୋଭିଡ୍-୧୯ର ତୃତୀୟ ଲହର ଆସିବାକୁ ଥିବାବେଳେ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରଧାନମନ୍ତ୍ରୀ କୋଭିଡ୍ ସ୍ଥିତି ଓ ଟିକାକରଣ ଅଭିଯାନର ଅଗ୍ରଗତି ଅନୁଧ୍ୟାନ କରିବା ସହ ତୃତୀୟ ଲହରର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଆଗାମୀ ମାସ ପାଇଁ ଟିକା ଉତ୍ପାଦନ, ଯୋଗାଣର ସମୀକ୍ଷା କରାଯାଇଥିଲା । ଅକ୍ସିଜେନ୍, କନ୍‌ସେଣ୍ଟ୍ରେଟର, ସିଲିଣ୍ଡର ଏବଂ ପିଏସ୍‌ଏ ପ୍ଲାଣ୍ଟ ବଢ଼ାଇବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କୋଭିଡ୍-୧୯ ଭୂତାଣୁ ବାରମ୍ବାର ରୂପ ବଦଳାଉଥିବାରୁ ନିୟମିତ ଜିନୋମ୍ ସିକ୍ୱେନ୍ସିଂ ଜାରି ରଖିବାକୁ ସେ କହିଥିବା ଜଣାପଡ଼ିଛି । ୫୮ ପ୍ରତିଶତ ସାବାଳକ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଏବଂ ୧୮% ଦ୍ୱିତୀୟ ଡୋଜ୍ ନେଇସାରିଥିବା ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା ।




ବିଧାନସଭା ନିକଟରେ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁବରଣ କରିଥିବା ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସଙ୍କ ପରିବାରକୁ କ୍ଷତିପୂରଣ, ସ୍ୱାସ୍ଥ୍ୟସେବା ଘରୋଇକରଣ ବନ୍ଦ କରିବା ଦାବି ନେଇ ଶୁକ୍ରବାର ଏସ୍‌ୟୁସିଆଇ(ସି) କଟକ ଜିଲା କମିଟି ପକ୍ଷରୁ ଶୁକ୍ରବାର ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ।

## ଡଙ୍ଗାବୁଡ଼ି ବାଳକ ନିଖୋଜ

କନ୍ଧମାଳ,୧୦।୯(ଡି.ଏନ.ଏ.): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଫାସେଡ ନିକଟ ତେଲ ନଦୀରେ ଶୁକ୍ରବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ଡଙ୍ଗା ବୁଡ଼ି ଜଣେ ବାଳକ ନିଖୋଜ ଥିବା ଜଣାଯାଇଛି । ସୂଚନା ଅନୁଯାୟୀ ଫାସେଡ ଗ୍ରାମର ପ୍ରାୟ ୨୦ଜଣ ଗ୍ରାମବାସୀ ବଲାଙ୍ଗୀର ଜିଲା ମହୀମୁଣ୍ଡାକୁ ଫୁଟବଲ ମ୍ୟାଚ ଦେଖିବାକୁ ଯାଇଥିଲେ । ସେମାନେ ଡଙ୍ଗାରେ ଫେରୁଥିବା ବେଳେ ନଦୀରେ ନୂଆକରି ତିଆରି ହେଉଥିବା ଏକ ପୋଲର ପିଲରରେ ବାଡେଇ ହୋଇ ଦୁର୍ଘଟଣା ଘଟିଥିଲା । ଏଥିରେ ଜଣେ ଆହତ ହୋଇଥିବାବେଳେ ୭ବର୍ଷର ବାଳକ ନିଖୋଜ ଥିବା କୁହାଯାଉଛି । ଆହତଙ୍କ ସମେତ ଡଙ୍ଗାରେ ଥିବା ଅନ୍ୟମାନେ ପାଣିରେ ପହଁରି କୂଳକୁ ଆସିଥିବା ଜଣାପଡ଼ିଛି । ଖବରପାଇ କନ୍ଧମାଳ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଖୋଜାଖୋଜି ଜାରି ରଖିଛନ୍ତି ।

# ଫୁଟ୍‌ପାଥରେ ରହୁଛନ୍ତି ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ନିକଟ ସମ୍ପର୍କୀୟ

କୋଲକାତା, ୧୦।୯

ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ଶାଳୀ ଇରା ବସୁ ୨ ବର୍ଷ ହେଲା ଉତ୍ତର ୨୪ ପ୍ରଗଣା ଜିଲା ବାରାବଜାର ଅଞ୍ଚଳର ଡନ୍‌ଲପ୍ ଷ୍ଟ୍ରିଟ୍ ଫୁଟ୍‌ପାଥରେ ରହୁଛନ୍ତି । ସେ ମଇଳା ପୋଷାକ ପିନ୍ଧି ଫୁଟ୍‌ପାଥରେ ଶୋଇବା ସହ ବୁଲା ବିକାଳିଙ୍କଠାରୁ ଖାଦ୍ୟ ନେଇ ଖାଉଛନ୍ତି । ଭାଇରୋଲୋଜିରେ ପିଏଚ୍‌ଡି କରିଥିବା ଇରା ଇଂଲିଶ ଓ ବେଙ୍ଗଲୀରେ ଭଲ ଭାଷଣ ଦେଇପାରନ୍ତି । ସେ ଜଣେ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍ । ବୁଦ୍ଧଦେବଙ୍କ ସ୍ତ୍ରୀ ମୀରାଙ୍କ ଭଉଣୀ ଇରା ଉତ୍ତର ୨୪ ପ୍ରଗଣା ଜିଲାର ପ୍ରିୟନାଥ ବାଳିକା ଉଚ୍ଚ ବିଦ୍ୟାଳୟରେ ଲାଇଫ ସାଇନ୍ସରେ ୩୪ ବର୍ଷ ଧରି ଶିକ୍ଷକତା କରୁଥିଲେ । ୨୦୦୯ ଜୁନ୍‌ରେ ସେ ଅବସର ନେଇଥିଲେ । ସେତେବେଳେ ସେ ବାରାନଗରରେ ରହୁଥିଲେ ଓ ପରେ ଖାରଡାସ୍ଥିତ ଲିଚୁ ବାଗାନ ଅଞ୍ଚଳକୁ ଚାଲିଯାଇଥିଲେ । କିଛିଦିନର ଅନ୍ତର୍ଦ୍ଧାନ ପରେ ତାଙ୍କୁ ଡନ୍‌ଲପ ରୋଡ୍ ଅଞ୍ଚଳରେ ଦେଖିବାକୁ ମିଳୁଛି । ଅବସର ପରେ ସେ କାଗଜପତ୍ର ଦାଖଲ ନ କରିବାରୁ ତାଙ୍କୁ ପେନ୍‌ସନ ମିଳୁ ନ ଥିବା ପ୍ରିୟନାଥ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି ।

# ରାସ୍ତାରୋକୋ, ଭୋଟ ବର୍ଜନ ନିଷ୍ପତ୍ତି

**ଚାଷୀଙ୍କୁ ମିଳୁନି ବୀମା ରାଶି**

**ସମ୍ବଲପୁର,୧୦।୯(ବ୍ୟୁରୋ)**

ଝୁଝୁମୁରା ତହସିଲ ଅଞ୍ଚଳରେ ଚାଷୀଙ୍କୁ ପ୍ରଧାମନ୍ତ୍ରୀ ଫସଲ ବୀମା ରାଶି ମିଳୁନି । ପ୍ରଶାସନ, ବୀମା କମ୍ପାନୀ କେହି ନ ଶୁଣିବାରୁ ଶେଷରେ ଚାଷୀମାନେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେପ୍ଟେମ୍ବର ୧୩ରେ ୫୫ନଂ. ଜାତୀୟ ରାଜପଥର ଝୁଝୁମୁରା ତହସିଲ ଅଫିସ ସମ୍ମୁଖରେ ରାସ୍ତାରୋକୋ କରିବାକୁ ଘୋଷଣା କରିଛନ୍ତି । ଏହାସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ପ୍ରଭାବିତ ୪ ପଞ୍ଚାୟତର ଜନସାଧାରଣ ଭୋଟ ବର୍ଜନ କରିବେ ।



ଅଞ୍ଚଳର କେହି ଜନପ୍ରତିନିଧି ଭାବେ ଭୋଟରେ ଭାଗ ନେବେ ନାହିଁ । କୌଣସି ନେତା, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳରେ ପୂରାଇଦେବେ ନାହିଁ ବୋଲି ଝୁଝୁମୁରା ବେହେରନବସା କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ବୈଠକରେ ଚାଷୀମାନେ କହିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି, ଝୁଝୁମୁରା ବ୍ଲକର ଅନ୍ୟ ପଞ୍ଚାୟତରେ ଚାଷୀମାନଙ୍କୁ ବୀମା ଟଙ୍କା ମିଳିଛି । ହେଲେ କୟାକୁଦ, ଲିପିଣ୍ଡା, ଗଡଲୁଇସିଂ, କେଶାପାଲି ପଞ୍ଚାୟତର ଚାଷୀମାନେ ଏଥିରୁ ବଞ୍ଚିତ ହୋଇଛନ୍ତି । ରାଜସ୍ୱ ବିଭାଗ, ପରିସଂଖ୍ୟାନ ବିଭାଗ ମିଳିତ ଭାବେ ସର୍ଭେ କରି ରିପୋର୍ଟ ପ୍ରଦାନ କରିଥିଲେ । ଅନ୍ୟ ପଞ୍ଚାୟତ ସହିତ ଏହି ୪ ପଞ୍ଚାୟତର ଚାଷୀମାନଙ୍କ ନାମ ପ୍ରକାଶ ପାଇଥିଲା । ହେଲେ ଚଞ୍ଚକତା କରି ଟଙ୍କା ଦିଆଯାଇ ନ ଥିଲା । ମକା ଚାଷୀମାନଙ୍କୁ ବୀମା ଦିଆଯାଇଥିବା ସଫେଇ ଦେଉଛନ୍ତି । ହେଲେ ଝୁଝୁମୁରା ଅଞ୍ଚଳରେ ମକା ଚାଷ ହୋଇ ନ ଥାଏ । ୨୦୨୦ ମସିହା ଖରିଫ ସମୟରେ ରୋଗ ପୋକ ସହ ନିଅଣ୍ଟ ବର୍ଷାରୁ ଧାନ ଅମଳ ହୋଇପାରି ନ ଥିଲା । ଏବେ ପୁଣି ଆସନ୍ନ ମରୁଡ଼ି ଦେଖାଦେଲାଣି । ଗତ ବୀମା ଟଙ୍କା ନ ପାଇବାରୁ ଚାଷୀମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି । ନିରଞ୍ଜନ ସାହୁ, ନବୀନ ବିଶ୍ୱାଳ, ରମା ବେହେରା, ଅଶୋକ ଭୋଇ, ବିଶ୍ୱାମିତ୍ର ବିଶ୍ୱାଳ, ପ୍ରଫୁଲ୍ଲ ରଣା, ଦସରଥ ପ୍ରଧାନ, ସଞ୍ଜୀବ ବିଶ୍ୱାଳ, କିଶୋର ପ୍ରଧାନ, ସରପଞ୍ଚ ଅଶ୍ୱିନୀ କୁମୁରା ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କୁ ଗୁଳିମାଡ଼, ଆଇଜିଏଚ୍‌ରେ ଭର୍ତ୍ତି

ରାଉରକେଲା ଅଫିସ୍, ୧୦।୯

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଲୱେ କଲୋନୀ ଅଞ୍ଚଳରେ ରାସ୍ତାରେ ଯାଉଥିବା ଜଣେ ଯୁବକଙ୍କୁ ଦୁର୍ବୃତ୍ତମାନେ ଗୁଳିମାଡ଼ କରି ଫେରାର ହୋଇଯାଇଛନ୍ତି । ଗୁଳିମାଡ଼ରେ ରେଲୱେ କଲୋନୀ ରିମ୍‌ଝିମ୍ ବସ୍ତିର ଗୋରେ ସା(୩୮) ଗୁରୁତର ହୋଇଛନ୍ତି । ତାଙ୍କୁ ଆଇଜିଏଚ୍‌ରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ୬ଟି ଗୁଳି ଓ ଦୁଇଟି କଟା ଅଙ୍ଗୁଳି ପଡିଛି । ପ୍ଲାଣ୍ଟସାଇଟ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛି ।

# ପଞ୍ଜାବରେ ପ୍ରଚାର ବନ୍ଦ କର

**ରାଜନୈତିକ ଦଳଗୁଡ଼ିକୁ ଚାଷୀ ନେତାଙ୍କ ଆହ୍ୱାନ**

ଚଣ୍ଡିଗଡ଼, ୧୦।୯

ଆସନ୍ତା ବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ପ୍ରଚାର ବନ୍ଦ କରିବା ପାଇଁ ପଞ୍ଜାବର ରାଜନୈତିକ ଦଳଗୁଡ଼ିକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଆହ୍ୱାନ ଦିଆଯାଇଛି । କେନ୍ଦ୍ରର କୃଷି ଆଇନ ବିରୋଧରେ ଚାଷୀମାନେ ୯ ମାସ ହେଲା ଆନ୍ଦୋଳନ ଚଳାଇଛନ୍ତି । ଶୁକ୍ରବାର ଭାଜପା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଦଳ ସହ ଆଲୋଚନା ହୋଇଥିବା ଭାରତୀୟ କିଷାନ ୟୁନିୟନ (ବିକେୟୁ) ନେତା ବଲବୀର ସିଂ ରାଜେୱାଲ ଗଣମାଧ୍ୟମକୁ କହିଛନ୍ତି । ନିର୍ବାଚନ ପର୍ଯ୍ୟନ୍ତ ବଡ଼ ରାଲି ନ କରିବାକୁ ଚାଷୀ ନେତାମାନେ ପରାମର୍ଶ ଦେଇଥିଲେ । ଚାଷୀ ଆନ୍ଦୋଳନକୁ ନେଇ କଂଗ୍ରେସ ଏବଂ ଶିରୋମଣି ଅକାଳୀ ଦଳ ସେମାନଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି । ପୂର୍ବରୁ ଚାଷୀ ନେତାମାନେ ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କ ସମେତ ଶିରୋମଣି ଅକାଳୀ ଦଳ ଏବଂ ଆମ୍ ଆଦ୍‌ମୀ ପାର୍ଟି ନେତାଙ୍କୁ ଭେଟିଥିଲେ ।

## ଆଫଗାନ୍ ମହିଳାଙ୍କ ଅଧିକାରକୁ ସମ୍ମାନ ଦିଅ

**■ ତାଲିବାନ୍‌କୁ ଜାତିସଂଘ ମହିଳା ମୁଖ୍ୟଙ୍କ ଆହ୍ୱାନ**

ଜାତିସଂଘ, ୧୦।୯

ମହିଳାମାନଙ୍କ ଅଧିକାରକୁ ସମ୍ମାନ ଦେବା ଲାଗି ଜାତିସଂଘର ମହିଳା ମୁଖ୍ୟ ଆଫଗାନିସ୍ତାନର ତାଲିବାନ୍ କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି । ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ଓ ହିଂସାମୁକ୍ତ ଜୀବନ ଜିଇଁବା ଅଧିକାର ମହିଳାମାନଙ୍କର ରହିଛି । ସେମାନଙ୍କ ଅଧିକାରକୁ ସମ୍ମାନ ଦେବା ସହ ସୁରକ୍ଷିତ ରଖିବା ତାଲିବାନ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ ବୋଲି ଜାତିସଂଘର ମହିଳା ପ୍ରଭାରୀ ପ୍ରମିଳା ପାଟେନ୍ କହିଛନ୍ତି । ଅଧିକାର ପାଇଁ ଲଢ଼େଇ କରୁଥିବା ମହିଳାମାନଙ୍କ ଉପରେ ଚାବୁକ୍ ଓ ଲାଠିମାଡ଼ କରାଯିବା ଘଟଣାରେ ସେ ମର୍ମାହତ । ମୌଳିକ ଅଧିକାରର ସୁରକ୍ଷା ଓ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିବା ଆଫଗାନ୍ ମହିଳାଙ୍କୁ ସେ ସମର୍ଥନ ଜଣାଉଥିବା ପ୍ରମିଳା କହିଛନ୍ତି ।

**ପ୍ରଥମ ପୃଷ୍ଠାରୁ...**

## ଟାର୍ଗେଟରେ ...

ବ୍ରିଟେନ୍‌ରେ ୩୧ ଥର ଆକ୍ରମଣ ଯୋଜନାକୁ ପୋଲିସ ଓ ଗୋଇନ୍ଦା ବିଭାଗ ବିଫଳ କରିଥିବା ମ୍ୟାକୁଲମ୍ କହିଛନ୍ତି । ଏପରିକି କରୋନା ଲକ୍‌ଡାଉନ୍‌ବେଳେ ମଧ୍ୟ ୬ ଆକ୍ରମଣ ଯୋଜନାକୁ ଶେଷ ମୁହୂର୍ତ୍ତରେ ପଣ୍ଡ କରାଯାଇଛି । ତାଲିବାନ୍ କ୍ଷମତାକୁ ଆସିବା ପରେ ସେହିଭଳି ଗୋଷ୍ଠୀ ଏବେ ପୁଣି ମାତିବେ ଏବଂ ଧନଜୀବନ ହାନି ହେବ । ଆଫଗାନିସ୍ତାନ ଆତଙ୍କବାଦୀଙ୍କ ଭୂ-ସ୍ୱର୍ଗ ପାଲଟିବ । ଆଗକୁ ପାଶ୍ଚାତ୍ୟରେ ମଧ୍ୟ ଆକ୍ରମଣ ଆଶଙ୍କା ବୃଦ୍ଧି ପାଇବ ବୋଲି ସେ ପ୍ରକାଶ କରିଛନ୍ତି ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୫ରେ କାବୁଲ ଦଖଲ କରିବା ପରେ ଆଫଗାନିସ୍ତାନରେ ସରକାର ଗଢ଼ିଛି ତାଲିବାନ । ନୂଆ ସରକାରରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ । ଆମେରିକା ୯/୧୧ ଆକ୍ରମଣର ୨୦ ବର୍ଷ ପୂର୍ତ୍ତି ଦିବସ ପାଳନ ଦିନ ହିଁ ତାଲିବାନ୍ ଶପଥ ସମାରୋହ ଆୟୋଜନ କରିବ । ଆମେରିକା ନିଜ ରକ୍ତରଞ୍ଜିତ ଇତିହାସକୁ ମନେ ପକାଇବାକୁ ଯାଉଥିବାବେଳେ ତାଲିବାନ୍ ଏହି ଶକ୍ତିଶାଳୀ ରାଷ୍ଟ୍ରକୁ ବିଦ୍ରୂପ କରିଛି ବୋଲି କୁହାଯାଇଛି ।

## ପଶ୍ଚିମ ଓଡ଼ିଶାର ...

ଘରେ ଦେବୀଙ୍କ ପ୍ରିୟ ସାରୁପତ୍ର ପହଞ୍ଚିଛି । ସାରୁ ପତ୍ରରେ ଶାଗ ପ୍ରସ୍ତୁତ କରି ସମଲେଇଙ୍କୁ ଅର୍ପଣ କରିବା ବିଧି ରହିଛି । ଏତଦ୍‌ବ୍ୟତୀତ ପଶ୍ଚିମ ଓଡ଼ିଶା ଅନ୍ତର୍ଗତ ବୌଦ୍ଧ ଜିଲାର ଭୈରବୀ, ନୂଆଁପଡାର ଟାନ୍‌ୱାଟ୍ କଣା ଭଇଁରା, ବରଗଡ଼ ଓ ଝାରସୁଗୁଡ଼ାର ସମଲେଇ, ସୁନ୍ଦରଗଡ ଜିଲାର ସମଲେଇ ଓ ଶିଖରବାସିନୀ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୋନପୁରର ସୁରେଶ୍ୱରୀ ପୀଠରେ ନୂଆଁଖାଇ ଲାଗି ପ୍ରସ୍ତୁତି ଚୂଡାନ୍ତ ହୋଇଛି । ଅନ୍ୟପକ୍ଷେ ଗାଁ ଓ ସହର ଛାଡି ଦୂରରେ ରହୁଥିବା ପରିବାରବର୍ଗ ଗୁରୁବାର ଆସି ପହଞ୍ଚିଛନ୍ତି । ଏଥିଲାଗି ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ରେଲଷ୍ଟେଶନ, ବସ୍‌ଷ୍ଟାଣ୍ଡ, ଅଟୋଷ୍ଟାଣ୍ଡ ଓ ରିକ୍ସାଷ୍ଟାଣ୍ଡରେ ଭିଡ ଲାଗିରହିଥିଲା । ସକାଳୁ ରାତ୍ରି ପର୍ଯ୍ୟନ୍ତ ସହରର ମୁଖ୍ୟବଜାର ଗୋଲବଜାର, ମୁଦିପଡା ଛକ ନିକଟ ପୁରୁଣା ବସ୍‌ଷ୍ଟାଣ୍ଡ, କମଳିବଜାର, ଫାର୍ମ ରୋଡ, ଭିଏସ୍‌ଏସ୍ ମାର୍ଗ, ଚାରଭାଟି ଛକ, ବୁଢ଼ାରଜା, ମ୍ୟୁନିସିପାଲିଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦଟୋଲା ବଡବଜାର, ମୁଦିପଡା ହଟଲି, ଲକ୍ଷ୍ମୀ ଟକିଜ୍ ଛକ, କଚେରି ଛକ, ରେମେଡ ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ବଜାର ବସିଥିଲା । ମହିଳା ଓ ପୁରୁଷ, ବାଳିକା ବାଳକମାନେ ନୂଆଁବସ୍ତ୍ର କିଣିବାକୁ ଦୋକାନଗୁଡିକରେ ଭିଡ଼ ଲଗାଇଥିବା ଦେଖିବାକୁ ମିଳିଥିଲା ।

## ବଢ଼ିବନି ମୂର୍ତ୍ତି ...

କରିବା । ମନ୍ଦିର ଭିତରେ ଭିଡ଼ କରିବା ନାହିଁ । ନିଜେ ସତର୍କ ରହିବା ସହ ପରିବାର, ଗାଁ, ଜିଲା ଓ ରାଜ୍ୟକୁ ସୁରକ୍ଷିତ ରଖିବା ବୋଲି ଏସ୍‌ଆର୍‌ସି କହିଛନ୍ତି ।

ସୂଚନାଯୋଗ୍ୟ, କେନ୍ଦ୍ର ସରକାରଙ୍କ ସତର୍କତା ପରେ ଗତ ଅଗଷ୍ଟ ୯ରେ ରାଜ୍ୟ ସରକାର ପାର୍ବଣ ଗାଇଡ୍‌ଲାଇନ୍ ଜାରି କରିଥିଲେ । ମୂର୍ତ୍ତି ଉଚ୍ଚତା, ସାଜସଜା, ଦର୍ଶନ ଆଦି ଉପରେ କଟକଣା ଲାଗୁ କରାଯାଇଥିଲା । ତେବେ ସବୁ କ୍ଷେତ୍ରରେ ସରକାର କଟକଣା କୋହଳ କରିଥିବାବେଳେ ପୂଜାପାର୍ବଣରେ ମାତ୍ରାଧିକ କଟକଣାକୁ ନେଇ ଅସନ୍ତୋଷ ଲାଗି ରହିଛି । ବିଶେଷକରି ମୂର୍ତ୍ତି ଉଚ୍ଚତା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ବିଭିନ୍ନ ପୂଜା କମିଟି ସରକାରଙ୍କ ନିକଟରେ ଦାବିକରି ଆସୁଛନ୍ତି । ଏଥିସହ କେତେକ ରାଜନୈତିକ ଦଳ ଓ ସଙ୍ଗଠନ ମଧ୍ୟ ଆନ୍ଦୋଳନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଆସନ୍ତା ୧୩ ତାରିଖରେ ଭାଜପା ମଧ୍ୟ କଟକ ବନ୍ଦ ଡାକରା ଦେଇଛି ।

## ହିସାବ ନ ଦେଇ ...

ମହାଲେଖାକାରଙ୍କ ବିନାନୁମତିରେ ଗୋଟିଏ ବି ବ୍ୟକ୍ତିଗତ ଜମାଖାତା ଖୋଲାଯାଇ ପାରିବ ନାହିଁ । ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ୮୩୦ଟି ପିଡି ଆକାଉଣ୍ଟଧାରୀଙ୍କର ୨୦,୮୯୯.୮୫ କୋଟି ଟଙ୍କା ରହିଛି । ସେଥିରୁ ୧୬,୭୫୮.୨୯ କୋଟି ଟଙ୍କା ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଗୋଟିଏ ପିଡି ଆକାଉଣ୍ଟରେ ଥିବା ବେଳେ ଅବଶିଷ୍ଟ ଟଙ୍କାରୁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୧୧୫ଟି ପିଡି ଆକାଉଣ୍ଟରେ ୧୮୮୭.୯୦ କୋଟି, ଗ୍ରାମୀଣ ସ୍ଥାନୀୟ ସଂସ୍ଥାର ୩୧୪ ପିଡି ଆକାଉଣ୍ଟରେ ୬୪୮.୦୭ କୋଟି, ଶିକ୍ଷାନୁଷ୍ଠାନଗୁଡ଼ିକର ୨୧୬ ପିଡି ଆକାଉଣ୍ଟରେ ୮୦.୭୬ କୋଟି, ସ୍ୱାସ୍ଥ୍ୟ ଓ ବଦାନ୍ୟ ଅନୁଷ୍ଠାନର ୪ ପିଡି ଆକାଉଣ୍ଟରେ ୧୧.୨୪ କୋଟି ଏବଂ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଭଳି ଅନ୍ୟ ସଂସ୍ଥାର ୧୧୦ ପିଡି ଆକାଉଣ୍ଟରେ ୧,୫୧୩.୫୯ କୋଟି ଟଙ୍କା ରହିଛି । ଏହାକୁ ରାଜ୍ୟ ରାଜକୋଷକୁ ଫେରାଇବା କଥା । ମାତ୍ର ତାହା କରା ନ ଯାଇ ଉକ୍ତ ପିଡି ଆକାଉଣ୍ଟରେ ବର୍ଷ ବର୍ଷ ରହିଥିବା ଦର୍ଶାଯାଇଛି । ଏହି ସବୁ ଅର୍ଥ ଜାଲିଆତି କିମ୍ବା ଆତ୍ମସାତ୍ ହୋଇଥିବା ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଲୋନ୍ ଧମାକା**
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି । ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ । ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ ।
ମୁଦ୍ରା ଫାଇନାନ୍ସ
9471160476 / 8282973756
Whatsapp : 9953557897

**KUBER FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
9452281017

**BIJAY FINANCE**
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ ।
ସୁଧ = 2%
M: 8280679220
M: 8280198227

**ବାବା ମୁବାରକ୍ ଖାନ୍**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା ଅଧୀନରେ
1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

**ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ**
ଭାରତର ଏକମାତ୍ର ବିଶ୍ୱସାନିୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ଦୀପାବଳି ପୂର୍ବରୁ ଆସିବ ଜିଓ ଫୋନ୍ ନେକ୍ସଟ**

ଜିଓ ଓ ଗୁଗଲ ପକ୍ଷରୁ ମିଳିତ ଭାବେ ଭାରତ ବଜାର ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ସ୍ମାର୍ଟଫୋନ ଜିଓଫୋନ ନେକ୍ସଟ ବର୍ତ୍ତମାନ ଚୂଡ଼ାନ୍ତ ପରୀକ୍ଷଣ ପର୍ଯ୍ୟାୟରେ ରହିଛି। ଏହା ଦୀପାବଳି ପୂର୍ବରୁ ବଜାରକୁ ଆସିବ ବୋଲି କମ୍ପାନୀ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ବିଶେଷକରି ପ୍ରଥମ ଥର ଇଣ୍ଟରନେଟ ଅନୁଭୂତି ହାସଲ କରିବାକୁ ଗ୍ରାହକଙ୍କୁ ନଜରରେ ରଖି ଏହା ପ୍ରସ୍ତୁତ ହୋଇଥିବା କମ୍ପାନୀ କହିଛି। ଚିପ୍ ଅଭାବ ଭଳି ପ୍ରମୁଖ କାରଣ ଲାଗି ଫୋନ ଲଞ୍ଚରେ ବିଳମ୍ବ ହୋଇଥିବା ମଧ୍ୟ କୁହାଯାଇଛି।

# ‘ଅଧିକ ଉଦ୍ୟୋଗ ସ୍ଥାପନ ପାଇଁ ଆହ୍ୱାନ’

ଭୁବନେଶ୍ୱର,୧୦।୯(ବ୍ୟୁରୋ)

ଉନ୍ନତ ସ୍ଥିତିରେ ଥିବା ବିଶ୍ୱର ଦେଶଗୁଡ଼ିକ ମଧ୍ୟ ନିଜ ଜନସଂଖ୍ୟାକୁ ନିଯୁକ୍ତି ଯୋଗାଣ ଦିଗରେ ସକ୍ଷମ ହୋଇ ପାରୁନାହାନ୍ତି। ବର୍ତ୍ତମାନ ନିଯୁକ୍ତି ଏକ ପ୍ରମୁଖ ଆହ୍ୱାନ ହୋଇଥିବା ବେଳେ ଏଥିଲାଗି ଅଧିକ ସଂଖ୍ୟକ ଉଦ୍ୟୋଗ ସ୍ଥାପନ ହେବାର ଆବଶ୍ୟକତା ରହିଛି। ଏହାକୁ ନଜରରେ ରଖି ଉଦ୍ୟୋଗ ବିକାଶ ଲାଗି ଆଗେଇବାକୁ ରାଜ୍ୟ ଶକ୍ତି ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଶୁକ୍ରବାର ଆହ୍ୱାନ ଜଣାଇଛନ୍ତି।

ସ୍ଥାନୀୟ ରାମଦାସପୁର ଶିଳ୍ପାଞ୍ଚଳରେ ଭାରତ ମସଲାର ୨୨ତମ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସେ କହିଛନ୍ତି, ରାଜ୍ୟରେ ନୂଆ ନୂଆ ଉଦ୍ୟୋଗ ସ୍ଥାପନ ହେଲେ ଅଧିକ ସଂଖ୍ୟକ ଲୋକଙ୍କୁ ନିଯୁକ୍ତି ଯୋଗାଣ ଦିଗରେ ଏହା ଯୋଗଦାନ ରଖିପାରିବ। ମନ୍ତ୍ରୀ ଭାରତ ମସଲାର ଉଦାହରଣ ଦେଇ କହିଥିଲେ, ମାତ୍ର ୫ ହଜାର ଟଙ୍କା ପୁଞ୍ଜିରୁ ଆରମ୍ଭ ହୋଇ ଏହା ଏବେ ୧ ହଜାର କୋଟି ଟଙ୍କା କାରବାର କରୁଥିବା କମ୍ପାନୀ ହୋଇପାରିଛି। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୧୫ ହଜାର ପରିବାରକୁ ରୋଜଗାର ଯୋଗାଣ ଲାଗି ସକ୍ଷମ ହୋଇଛି। ରାଜ୍ୟରେ ଉଦ୍ୟୋଗ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ନେଉଥିବା ସେ ମତ ରଖିଛନ୍ତି।

ସେ ପୁଣି କହିଛନ୍ତି, ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ଛୋଟ ଉଦ୍ୟୋଗ ଗୁଡ଼ିକ ବିକାଶ ରାସ୍ତାରେ ଏବେ ଆଗକୁ ବଢୁଛନ୍ତି। କୃଷି ଏବଂ କୃଷକଙ୍କ ବିକାଶ ଉପରେ ସେ ଗୁରୁତ୍ୱାରୋପ କରି କହିଛନ୍ତି, କୃଷକଙ୍କ ବିକାଶ ନ ହୋଇପାରିଲେ ରାଜ୍ୟର ବିକାଶ ଅଧୁରା ହୋଇଯିବ। କମ୍ପାନୀଗୁଡିକ କୃଷକଙ୍କ କୃଷିଜାତ ଉତ୍ପାଦ କ୍ରୟକରି ଏହାକୁ ଭାଲ୍ୟୁ ସଂଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ରାଜ୍ୟ ସରକାର କ୍ରୀଡ଼ାକୁ ପ୍ରୋତ୍ସାହନ ଦେଉଛନ୍ତି। କ୍ରୀଡ଼ାଭିତ୍ତିକ ଶିଳ୍ପ କିଭଳି ରାଜ୍ୟରେ ପୁଞ୍ଜିନିବେଶ କରିପାରିବେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କହିଛନ୍ତି, ରାଜ୍ୟ ସରକାର ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ସହ ଅନ୍ୟ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। ପ୍ରଶାସନିକ ସ୍ତରରେ ମଧ୍ୟ ବିଭିନ୍ନ ସହଯୋଗ ମିଳୁଛି, ଯାହା ଉଦ୍ୟୋଗ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ଯୋଗଦାନ ରଖୁଛି। କମ୍ପାନୀ ଆଗାମୀ ଦିନରେ ଟମାଟୋ କେଚପ୍ ସହ ଅନ୍ୟ ପ୍ରଡକ୍ଟ ଆଣିବ। ଏଥିଲାଗି ରାଜ୍ୟରୁ ଅଧିକ ମାତ୍ରାରେ କଞ୍ଚାମାଲ ସଂଗ୍ରହ ଉପରେ ଫୋକସ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କମ୍ପାନୀର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ଭାରତ ମସଲାର ସଂଘର୍ଷ ଯାତ୍ରା ସମ୍ପର୍କରେ ନିଜର ଅନୁଭୂତି ବଖାଣିଥିଲେ। କମ୍ପାନୀ ସହ ଯୋଡ଼ି ହୋଇଥିବା ବ୍ୟକ୍ତି ବିଶେଷ, ଅଂଶୀଦାରଙ୍କ ଚେଷ୍ଟା ଯୋଗୁ ଭାରତ ମସଲ ସଫଳତା ଶିଡ଼ି ଚଢ଼ି ଚାଲିଛି ବୋଲି ସେ ମତ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର, ବାଙ୍କି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କମ୍ପାନୀର ନିର୍ଦ୍ଦେଶକ ସିମନ୍ତ ପଣ୍ଡା, ସୁମନ୍ତ ପଣ୍ଡା, କମ୍ପାନୀର ବରିଷ୍ଠ ଅଧିକାରୀ ଅରୁଣ ନାୟକ ଏବଂ କଟକସ୍ଥିତ ଏମ୍ଏସ୍ଏମ୍ଇ ଡିଆଇର ନିର୍ଦ୍ଦେଶକ ପି.କେ. ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଭାରତ ମସଲାର ପ୍ରତିଭା ସମ୍ମାନ ପ୍ରଦାନ ଅବସରରେ ଅତିଥି ଓ ହକି ପ୍ରତିଭାମାନେ।

## ୪ ହକି ଖେଳାଳିଙ୍କୁ ଭାରତ ପ୍ରତିଭା ସମ୍ମାନ

**ବାରଙ୍ଗ,୧୦।୯(ଡି.ଏନ୍.ଏ.):** ଭାରତ ମସଲା ପକ୍ଷରୁ ଟୋକିଓ ଅଲିମ୍ପିକରେ ଭାଗ ନେଇଥିବା ୪ ହକି ଖେଳାଳିଙ୍କୁ ଭାରତ ପ୍ରତିଭା ସମ୍ମାନ -୨୦୨୧ରେ ସମ୍ମାନିତ କରାଯାଇଛି। ଅତିଥିମାନେ ଏହି ଅବସରରେ ପୁରୁଷ ହକି ଦଳର ଅମିତ ରୋହିଦାସ ଏବଂ ବୀରେନ୍ଦ୍ର ଲାକ୍ରାଙ୍କୁ ଭାରତ ଗୌରବ ସମ୍ମାନରେ ସମ୍ମାନିତ କରିଥିଲେ। ସେହିଭଳି ମହିଳା ହକି ଦଳର ନମିତା ଟପ୍ପୋ ଏବଂ ଦୀପ୍‌ଗ୍ରେସ ଏକ୍କାଙ୍କୁ କ୍ରୀଡ଼ା ଭାରତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅସୁସ୍ଥତା ଯୋଗୁ କାର୍ଯ୍ୟକ୍ରମରେ ଏକ୍କା ଯୋଗଦେବାକୁ ସକ୍ଷମ ନ ହେବାକୁ ତାଙ୍କ ଭଉଣୀ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୂଜ୍ୟପୂଜା ପରମ୍ପରାକୁ ସମ୍ମାନ ଜଣାଇ କମ୍ପାନୀ ଏଭଳି ଏକ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ରଖୁଥିବା ବ୍ୟକ୍ତିବିଶେଷଙ୍କୁ କମ୍ପାନୀ ପ୍ରତିବର୍ଷ ସମ୍ବର୍ଦ୍ଧିତ କରୁଛି। ଏହି ୪ ହକି ଖେଳାଳି ରାଜ୍ୟ ତଥା ଦେଶର ନାମକୁ ଗୌରବାନ୍ୱିତ କରିପାରିଛନ୍ତି।

# ରାଜ୍ୟଗୁଡ଼ିକୁ ୯,୮୭୧ କୋଟିର ଅନୁଦାନ

ନୂଆଦିଲ୍ଲୀ,୧୦।୯

ରାଜସ୍ୱ ନିଅଣ୍ଟ ଅନୁଦାନର ୬ଷ୍ଠ କିସ୍ତି ବାବଦ ୧୭ ରାଜ୍ୟକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୯,୮୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ପଞ୍ଚଦଶ ଅର୍ଥ କମିଶନଙ୍କ ସୁପାରିସ ଅନୁସାରେ ପ୍ରତି ମାସରେ ଏଭଳି ଅର୍ଥ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାରଙ୍କ ବ୍ୟୟ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି। ଚଳିତ ଆର୍ଥିକ ବର୍ଷ ଅଦ୍ୟାବଧି ଏହି ବାବଦକୁ ରାଜ୍ୟଗୁଡ଼ିକ ୫୯,୨୨୬ କୋଟି ଟଙ୍କାର ଅର୍ଥ ରାଶି ଲାଭ କରିଛନ୍ତି। ରାଜସ୍ୱ ସଂଗ୍ରହ ଏବଂ ଖର୍ଚ୍ଚର ବ୍ୟବଧାନକୁ ବିଚାର କରିବା ପରେ କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟଗୁଡିକ ମଧ୍ୟରେ ଆନ୍ଧ୍ର ପ୍ରଦେଶ, ଆସାମ, ହରିୟାଣା, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, କେରଳ,ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପଞ୍ଜାବ, ରାଜସ୍ଥାନ, ସିକିମ, ତାମିଲନାଡୁ, ତ୍ରିପୁରା, ଉତ୍ତରାଖଣ୍ଡ ଏବଂ ପଶ୍ଚିମବଙ୍ଗ ରହିଛି।

ତୃତୀୟ ବାର୍ଷିକୀ ଜନ୍ମଦିନ ଶୁଭେଚ୍ଛା



(ପିହୁ)
ସାନ୍‌ଭି ପ୍ରିୟଦର୍ଶିନୀ
ଦେଓକୋରି, (ବାଲିସାହି), ପଣ୍ଡୁଆ, ଜଗତ୍‌ସିଂହପୁର
ଆଜି ପବିତ୍ର ନୂଆଖାଇରେ ତୃତୀୟ ବାର୍ଷିକୀ ଜନ୍ମଦିନ ଉପଲକ୍ଷେ ଜଗତର ନାଥ ଜଗନ୍ନାଥ ଓ ଜଗତ ଜନନୀ ମାଆ ସାରଳା ତୋର ଚଲାପଥ ଚିର କୁସୁମିତ କରନ୍ତୁ। ଏହି ଅବସରରେ ତୋର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ। **ଶୁଭେଚ୍ଛା ସହ:** ବଡ଼ମାମା, ବାବା, ମାମା, ସୌମ୍ୟା ଦିଦି, ଗୁଡୁ ଭାଇ, ଜଗା ମାମୁ, ସୁନିତା ମାଇଁ, ଅମୁ ମାମୁ, ପାପାଲି ନାନା, ବସନ୍ତ ମାଆ, ମୀନା ମାଆ, ଶ୍ରୀମତୀ ମାଆ, ପ୍ରଫୁଲ୍ଲ ଜେଜେ, ଉଷା ଦିଦି, ସୁମନ୍ତ ପିଉସା, ବନ୍ଧୁ ଓ ପରିବାରବର୍ଗ।
ଧ-୨୧୬୧୦

# ଔଦ୍ୟୋଗିକ ଉତ୍ପାଦନ ୧୧.୫% ବଢ଼ିଲା

ଭୁବନେଶ୍ୱର,୧୦।୯

ଜୁଲାଇ ମାସରେ ଦେଶର ଔଦ୍ୟୋଗିକ ଉତ୍ପାଦନ ୧୧.୫% ବୃଦ୍ଧି ଘଟିଛି। ସରକାର ଏ ନେଇ ଶୁକ୍ରବାର ଡାଟା ଜାରି କରିଛନ୍ତି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ)ର ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ (ଆଇଆଇପି) ଡାଟା ମୁତାବକ ମାନୁଫାକ୍‌ଚରିଂ କ୍ଷେତ୍ର ଉତ୍ପାଦନ ୧୦.୫% ବୃଦ୍ଧି ହୋଇଛି। ସେହିଭଳି ଖଣି କ୍ଷେତ୍ର ଉତ୍ପାଦନ ୧୯.୫% ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ର ୧୧.୧% ବୃଦ୍ଧି ହୋଇଛି। ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ମଧ୍ୟରେ ଆଇଆଇପି ୩୪.୧% ବୃଦ୍ଧି ପାଇଛି। ଗତ ବର୍ଷ ସମାନ ସମୟ ଅବଧିରେ ଏହା ୨୯.୩% ହ୍ରାସ ହୋଇଥିଲା। କରୋନା ମହାମାରୀ ପାଇଁ ଗତ ବର୍ଷ ମାର୍ଚ୍ଚରେ ଶିଳ୍ପ କ୍ଷେତ୍ର ଉତ୍ପାଦନ ୧୮.୭% ଖସିଥିଲା। ସେହିଭଳି ଏପ୍ରିଲରେ ଏଥିରେ ୫୭.୩% ହ୍ରାସ ଦେଖାଯାଇଥିଲା। କରୋନା ଭାଇରସ୍‌କୁ ନିୟନ୍ତ୍ରଣ କରିବା ଲାଗି ଲକ୍‌ଡାଉନ ଯୋଗୁ ଆର୍ଥିକ କାର୍ଯ୍ୟକଳାପ ଠପ୍‌ହେବାକୁ ଏଭଳି ସ୍ଥିତି ଉପୁଜିଥିଲା।

## ଟ୍ରେଣ୍ଡସର ସେଲ୍‌ଫି ପ୍ରତିଯୋଗିତା

**ଭୁବନେଶ୍ୱର,୧୦।୯:** ଟ୍ରେଣ୍ଡସ୍ ପକ୍ଷରୁ ଗଣେଶ ଭଗବାନଙ୍କ ମୂର୍ତ୍ତି ସହ ସେଲ୍‌ଫି ପ୍ରତିଯୋଗିତା ଘୋଷଣା କରାଯାଇଛି। ଘରେ ଗଣେଶ ପୂଜାକୁ ନେଇ କରାଯାଇଥିବା ସାଜସଜ୍ଜା କିମ୍ବା ମୂର୍ତ୍ତି ସହିତ ସେଲ୍‌ଫି କିମ୍ବା ଫଟୋ ଉଠାଇ ଏଥିରେ ଭାଗ ନେବା ସହ ଆକର୍ଷଣୀୟ ପୁରସ୍କାର ଜିତି ହେବ। ଏଥିପାଇଁ ସମୟସୀମା ଚଳିତ ମାସ ୨୧ ତାରିଖ ରହିଛି।

# ମାଲାବାର ପକ୍ଷରୁ ଡାଇମଣ୍ଡସ୍ ଶୋ

ଭୁବନେଶ୍ୱର,୧୦।୯



ପବିତ୍ର ଗଣେଶ ଚତୁର୍ଥୀ ଅବସରରେ ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଶହୀଦନଗର ଷ୍ଟୋର ପରିସରରେ ଏକ ୧୦ଦିନିଆ ‘ମାଇନ ଡାଇମଣ୍ଡସ’ ଶୋ’ର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଗାୟିକା ଦୀପ୍ତିରେଖା ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଳଙ୍କାର ପ୍ରତିଟି ନାରୀର ସୁନ୍ଦରତାକୁ ବେଶ୍ ଆକର୍ଷଣୀୟ କରିଥାଏ ବୋଲି ଦୀପ୍ତିରେଖା ମତବ୍ୟକ୍ତ କରିଥିଲେ। ଏହି ଡାଇମଣ୍ଡସ ଶୋ ଓ ବିକ୍ରି ସମ୍ପର୍କରେ ଭୁବନେଶ୍ୱର ଷ୍ଟୋରର ମୁଖ୍ୟ ଅସନଫ କହିଥିଲେ, ଆଗାମୀ ପାର୍ବଣ ଓ ବିବାହ ଋତୁ ସମେତ ନିତ୍ୟ ବ୍ୟବହାର୍ଯ୍ୟ ପାଇଁ ବିଭିନ୍ନ ପ୍ରକାର ପ୍ରଡକ୍ଟ ଓ କଲେକ୍‌ସନ ଗ୍ରାହକଙ୍କ ପାଇଁ ଉପଲବ୍ଧ ରହିଛି। ଚଳିତ ମାସ ୧୦ରୁ ୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ଷ୍ଟୋର ପରିସରରେ ଏହି ଶୋ ଜାରି ରହିବ। ଗ୍ରାହକ ହୀରାଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ସହ ଅନ୍ୟାନ୍ୟ ସୁବିଧା ଓ ଏକ ବର୍ଷର ବୀମା ସୁବିଧା ପାଇପାରିବେ। ସେହିଭଳି କମ୍ପାନୀର ‘ୱାନ୍ ଇଣ୍ଡିଆ-ୱାନ୍ ଗୋଲ୍ଡ ରେଟ୍’ ଅଭିଯାନରେ ଗ୍ରାହକଙ୍କୁ ବିଭିନ୍ନ ସୁବିଧା ପ୍ରଦାନ କରାଯାଉଥିବା ସେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଷ୍ଟୋରର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଷ୍ଟୋରର ମାର୍କେଟିଂ ମ୍ୟାନେଜର ସିଦ୍ଧେଶ୍ୱର ରଥ କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଚ୍ଆଇଜି: ତୃତୀୟରେ ରହିବ ଭାରତ

ନୂଆଦିଲ୍ଲୀ,୧୦।୯

୨୦୩୦ ସୁଦ୍ଧା ଉଚ୍ଚ ଆୟ କରୁଥିବା ବର୍ଗ (ଏଚ୍ଆଇଜି) ବସବାସ କରୁଥିବା ଦେଶ ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିବ ବୋଲି ମ୍ୟାକେଞ୍ଜି ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ହୋଇଥିବା ଏକ ଆକଳନରେ ଏହା ପ୍ରକାଶ ପାଇଛି। ତାଲିକାରେ ଆମେରିକା ପ୍ରଥମ ଏବଂ ଏହା ପରେ ଚାଇନା ରହିବ। ଏହି ସମୟ ଅବଧିରେ ଏସିଆର ଚତୁର୍ଥ ସ୍ଥାନରେ ମୁମ୍ବାଇ ରହିପାରେ। ସାରା ବିଶ୍ୱର ଖାଉଟି ଚାହିଦାକୁ ବିଚାରକଲେ କେବଳ ଏସିଆର୍ ଖାଉଟିଙ୍କ ଅଂଶ ୫୦%ରୁ ଅଧିକ ରହିପାରେ। ଏସିଆରେ ଏ କ୍ଷେତ୍ରରେ ୧୦ ଲକ୍ଷ କୋଟି ଡଲାରର ଅତିରିକ୍ତ କାରବାର ଆକଳନ କରାଯାଇଛି। ଭାରତରେ ଅତିରିକ୍ତ କାରବାର ୧.୮ ଲକ୍ଷ କୋଟି ଡଲାର ଛୁଇଁପାରେ। କରୋନା ଯୋଗୁ ଏସିଆ ମହାଦେଶର ଖାଉଟିମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ମାତ୍ର ଆଗାମୀ ଦଶନ୍ଧିରେ ଏସିଆ ମୋଟ ଖାଉଟି ଚାହିଦାର ଏକ ପ୍ରମୁଖ ସ୍ଥାନରେ ରହିବ ବୋଲି ଏହି ରିପୋର୍ଟରେ ପ୍ରକାଶ ପାଇଛି।

# ପ୍ରାଥମିକ ଉପଚାର ଗୁରୁତ୍ୱପୂର୍ଣ୍ଣ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ବିଶେଷଭାବରେ ଯଦି କେବେ ଛୋଟ ଦୁର୍ଘଟଣାର ଶିକାର ହୁଅନ୍ତି ତେବେ ପ୍ରଥମେ ତାହାର ପ୍ରାଥମିକ ଉପଚାର ବା ଫାଷ୍ଟ ଏଡ୍ ପ୍ରତି ଗୁରୁତ୍ୱ ଦିଅନ୍ତୁ। ତା’ପରେ ନିକଟସ୍ଥ ହସ୍‌ପିଟାଲକୁ ଚିକିତ୍ସା ପାଇଁ ଯାଆନ୍ତୁ। ଏବେ ଘରେ ଫାଷ୍ଟ ଏଡ୍ ବକ୍ସ ରଖିବା ଏକ ସାଧାରଣ କଥା ପାଲଟି ଗଲାଣି। ହେଲେ କେତେକ ଏହାର ମହତ୍ତ୍ୱ ସମ୍ପର୍କରେ ଭଲ ଭାବରେ ଅବଗତ ନ ଥାନ୍ତି। ଫାଷ୍ଟ ଏଡ୍ ବିଷୟରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ସେପ୍ଟେମ୍ବର ୧୧ ତାରିଖକୁ ‘ବିଶ୍ୱ ଫାଷ୍ଟ ଏଡ୍ ଦିବସ’ ଭାବରେ ପାଳନ କରାଯାଇଥାଏ। ଚଳିତବର୍ଷ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ରେଡକ୍ରସ ଏବଂ ରେଡ୍ କ୍ରିସେଣ୍ଟ ସୋସାଇଟି ପକ୍ଷରୁ ଏହି ଦିବସର ସ୍ଲୋଗାନ୍ ରହିଛି ଘୋଷଣା କରାଯାଇଛି। ତାହା ହେଲା ‘ପ୍ରାଥମିକ ଉପଚାର ଏବଂ ସଡକ ସୁରକ୍ଷା’ (ଫାଷ୍ଟ ଏଡ୍ ଆଣ୍ଡ ରୋଡ୍ ସେଫ୍ଟି)। ଆଜିକାଲି ଅନେକ ସଡକ ଦୁର୍ଘଟଣା ହେଉଛି। ଏହାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିଙ୍କର ତୁରନ୍ତ ପ୍ରାଥମିକ ଉପଚାର କରାଯିବା ସହ ତାଙ୍କୁ ଡାକ୍ତଖାନାକୁ ପଠାଇବା ଦରକାର। ବାହାରକୁ ଯାଉଥିଲେ ସାଙ୍ଗରେ ଫାଷ୍ଟଏଡ୍ ବକ୍ସ ନେବାକୁ ଭୁଲନ୍ତୁ ନାହିଁ। ତା’ସହ ଯଦି ଘରେ ଫାଷ୍ଟ ଏଡ୍ ବକ୍ସ ରଖୁଛନ୍ତି ତେବେ ସେଥିରେ ଥିବା ଔଷଧର ଏକ୍ସପାୟେରୀ ଡେଟ୍ ବିଷୟରେ ଅବଗତ ହୁଅନ୍ତୁ। ଏହି ଦିବସ ଅବସରରେ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।




ଫୁରସତ୍

# ଫ୍ୟାକ୍ଟ୍ରିରେ ମଶା ଉତ୍ପାଦନ

**ମାରାତ୍ମକ ସଂକ୍ରାମକ ରୋଗର ବାହକ ଭାବେ ଦୁର୍ନାମ ମୁଣ୍ଡାଇଛି ମଶା। ଭାରତରେ ଏମାନଙ୍କ ବଂଶ ଦମନ କରିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଚାଇନାର ଫ୍ୟାକ୍ଟ୍ରିରେ ସପ୍ତାହକୁ ଉତ୍ପାଦନ କରାଯାଉଛି ୨ କୋଟି ‘ବୋଲବେଚିୟା ମଶା’। ଏହି ମଶା ପ୍ରାଣଘାତୀ ମଶାବଂଶ ସହ ଲଢ଼େଇ କରି ଜିନ୍ ପରିବର୍ତ୍ତନ କରିଦେଉଛନ୍ତି। ଫଳରେ ସେମାନଙ୍କ ନିକଟରେ ମାରକ କ୍ଷମତା ଶୂନ୍ୟସ୍ତରକୁ ହ୍ରାସ ପାଉଛି। ଏଭଳି କୌଶଳ ଦ୍ୱାରା ଚାଇନାରେ ମାରାତ୍ମକ ମଶାଙ୍କୁ ଅନେକାଂଶରେ ନିୟନ୍ତ୍ରଣ କରାଯାଇପାରିଛି।**



**ବେଜିଂ:** ମଶା ଦ୍ୱାରା ବ୍ୟାପୁଥିବା ରୋଗରେ ପଡ଼ି ସାରା ପୃଥିବୀରେ ପ୍ରତିବର୍ଷ କୋଟିଏରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟୁଛି। ସମ୍ପ୍ରତି ଭାରତର ବିଭିନ୍ନ ରାଜ୍ୟରେ ଡେଙ୍ଗୁ ସମେତ ଅନ୍ୟ ମାରାତ୍ମକ ଜ୍ୱର ବ୍ୟାପି ବହୁ ଲୋକଙ୍କ ଜୀବନ ଗଲାଣି। ଏଭଳି ପ୍ରାଣଘାତୀ ମଶାବଂଶର ମୂଳୋତ୍ପାଟନ କରିବାକୁ ଚାଇନା ଅଭିନବ କୌଶଳ ଆପଣାଇଛି। ଘାତକ ମଶା ପ୍ରଜାତିକୁ ଦମନ କରିବାକୁ ଫ୍ୟାକ୍ଟ୍ରିରେ ‘ବୋଲବେଚିୟା ମଶା’ ଉତ୍ପାଦନ କରାଯାଉଛି। ଏହି ପ୍ରଜାତିର ମଶାକୁ ସଂକ୍ରାମକ ମଶା ବହୁଳ ଅଞ୍ଚଳରେ ଛାଡ଼ି ଦିଆଯାଏ। ସେମାନେ ରୋଗ ସୃଷ୍ଟି କରୁଥିବା ମଶାଙ୍କ ବଂଶବୃଦ୍ଧିକୁ ରୋକିଥାଆନ୍ତି। ବିଶେଷଜ୍ଞମାନଙ୍କ ଦ୍ୱାରା ଦୀର୍ଘଦିନର ଗବେଷଣା ପରେ ଚାଇନା ଏହି ପଦ୍ଧତି ଆପଣାଇଛି।

ଚାଇନାର ଦକ୍ଷିଣପ୍ରାନ୍ତରେ ଅବସ୍ଥିତ ଗୁଆଙ୍ଗଝୋଉ ଅଞ୍ଚଳରେ ଏହି ମଶା ଉତ୍ପାଦନକାରୀ ଫ୍ୟାକ୍ଟ୍ରି ସ୍ଥାପନ କରାଯାଇଛି। ଏହି କମ୍ପାନୀରେ ପ୍ରତି ସପ୍ତାହରେ ୨ କୋଟି ମଶା ଉତ୍ପାଦନ ହେଉଛି। ଏକ ପ୍ରଜାତିର ବ୍ୟାକ୍ଟେରିଆ ‘ବୋଲବେଚିୟା’ ଦ୍ୱାରା ସଂକ୍ରମିତ ଏହି ପୁରୁଷ ମଶା ବିପଦ ସୃଷ୍ଟିକାରୀ ମାଈ ମଶାଙ୍କୁ ଦମନ କରିବା, ବଂଶବୃଦ୍ଧି ରୋକିବା, ପ୍ରଜନନ କ୍ଷମତା ହ୍ରାସ କରାଇବାରେ ସହାୟକ ହୋଇଥାଏ। ଚାଇନାର ସୁନ୍ ୟେତ୍ ୟୁନିଭରସିଟି ଏବଂ ମିସିଗାନ ୟୁନିଭରସିଟି ପକ୍ଷରୁ କରାଯାଇଥିବା ରିସର୍ଚ୍ଚରୁ ‘ବୋଲବେଚିୟା’ ବ୍ୟାକ୍ଟେରିଆର ସୁଫଳ ଜଣାପଡ଼ିବା ପରେ ଏହାକୁ କାର୍ଯ୍ୟରେ ଲଗାଇଛି ଚାଇନା।

୩୫୦୦ ବର୍ଗ ମିଟର ପରିମିତ ଅଞ୍ଚଳରେ ପରିବ୍ୟାପ୍ତ ଚାଇନାର ଏହି ମଶା ଉତ୍ପାଦନକାରୀ କମ୍ପାନୀ ପୃଥିବୀର ସବୁଠାରୁ ବଡ଼। ଏହା ମଧ୍ୟରେ ୪ ୱାର୍କଶପ ରହିଛି। ୨୦୧୫ରୁ ଚାଇନା ଏହି କୌଶଳ ଉପଯୋଗ କରି ଆସୁଛି। ‘ବୋଲବେଚିୟା ମଶା’ ଉତ୍ପାଦନ ପରେ ଚାଇନାରେ ଡେଙ୍ଗୁ ଭଳି ସଂକ୍ରାମକ ଜ୍ୱର ଆଶାତୀତ ଭାବେ ହ୍ରାସ ପାଇଛି। ଏବେ ଏହି ଫ୍ୟାକ୍ଟ୍ରିରୁ ମଶା ଉତ୍ପାଦନ କରି ଅନ୍ୟ ଅଞ୍ଚଳକୁ ମଧ୍ୟ ପଠାଯାଉଛି।

## ରିଲିଜ ହେଲା ଫିଲ୍ମ ଅନ୍ତିମର ପ୍ରଥମ ଗୀତ



**ମୁମ୍ବାଇ :** ବଲିଉଡ୍ ଅଭିନେତା ତଥା ଦବଙ୍ଗ ଖାନ୍ ସଲମାନଙ୍କ ଅପ୍‌କମିଙ୍ଗ୍ ଫିଲ୍ମ ‘ଅନ୍ତିମ: ଦ ଫାଇନାଲ ଟ୍ରୁଥ’ର ପ୍ରଥମ ଗୀତ ବିଘ୍ନହର୍ତ୍ତା ରିଲିଜ ହୋଇଛି। ଗଣେଶ ପୂଜାକୁ ଦୃଷ୍ଟିରେ ରଖି ଏହି ଗୀତଟିକୁ ରିଲିଜ କରାଯାଇଛି। ଦର୍ଶକ ଏହାକୁ ଖୁବ୍ ପସନ୍ଦ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଏହି ଆକ୍ସନ ଥ୍ରିଲର ଫିଲ୍ମକୁ ନିର୍ଦ୍ଦେଶନା ଦେଇଛନ୍ତି ମହେଶ ମଞ୍ଜରେକର। ଏଥିରେ ସଲମାନଙ୍କ ସମେତ ଆୟୁଷ ଶର୍ମା, ପ୍ରଜ୍ଞା ଜୈସୱାଲ ମୁଖ୍ୟ ଭୂମିକାରେ ଅଛନ୍ତି। ପୋଲିସ ଅଫିସର ଭୂମିକାରେ ନଜର ଆସିବେ ସଲମାନ। ଚଳଚ୍ଚିତ୍ରଟି ୨୦୧୮ ମରାଠୀ ଚଳଚ୍ଚିତ୍ର ମୁଲସି ପାଟର୍ନର ହିନ୍ଦୀ ରିମେକ୍।

## ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ଶାନ୍ତିଲତା ପ୍ରଧାନ
ଅବସରପ୍ରାପ୍ତ ଶିକ୍ଷୟିତ୍ରୀ
ଏଲ୍-୮୮, ପି.କେ. ଆର.ଆଇ.ଟି. କଲୋନୀ, ପୁରୀ
ଆବିର୍ଭାବ: ୦୧।୦୪।୧୯୩୮
ତିରୋଧାନ: ୨୩।୦୮।୨୦୨୦
ଆପଣଙ୍କର ସ୍ଥାନ ଅପୂରଣୀୟ, ବର୍ଷେ ହେଉ କି ଦଶବର୍ଷ ଶାନ୍ତି ଅପାଙ୍କର ଛବି ସର୍ବଦା ଅମର ରହିବ। ଆପଣଙ୍କର ଶିକ୍ଷା, ଭଲପାଇବା ଓ ଆଦର୍ଶ ସମସ୍ତଙ୍କର ହୃଦୟରେ ବାସ କରୁଛି ଏବଂ ଦିଗ୍‌ଦର୍ଶନ କରୁଛି। ଆପଣଙ୍କ ଆଶୀର୍ବାଦ ଆମମାନଙ୍କ ଉପରେ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପରିବାରବର୍ଗ: ମୟୁଖ (ବାବି), ସରୀତା (ରୁବି), ପ୍ରୀତିନନ୍ଦା (ନେହା), ଭଉଣୀମାନେ ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୭୦୭୩୩

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ମୟୁଖ ବିଦ୍ୟାଧର (ବାବି)
ଆଡିଶ୍ନାଲ୍ କମର୍ସିଆଲ୍ ଟାକ୍ସ ଓ ଜି.ଏସ୍.ଟି. ଅଫିସର
ଏଲ୍-୮୮ ପି.କେ. ଆର.ଆଇ.ଟି. କଲୋନୀ, ତାଳବଣିଆ, ପୁରୀ
ଆବିର୍ଭାବ- ୧୫।୦୭।୧୯୬୨
ତିରୋଧାନ- ୧୦।୦୧।୨୦୨୧
ପ୍ରତି ମୁହୂର୍ତ୍ତରେ ତୁମର ଅଭାବ ଏବଂ ଅନୁପସ୍ଥିତି ଅନୁଭବ ହେଉଛି। ଏତେ ସହଜ ନୁହେଁ, ଏଇ ଦୁଃଖ ଓ ପୀଡା କମ୍ ହେବା ତଥାପି ତୁମର ସ୍ନେହ, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ଓ ଆଶୀର୍ବାଦ ଆମକୁ ସର୍ବଦା ଅନୁପ୍ରାଣିତ କରିବ। ତୁମର ସ୍ମୃତି ଏବଂ ଶିକ୍ଷା ଆମ ଜୀବନ ପଥରେ ଶକ୍ତି ଏବଂ ପ୍ରେରଣାର ଆଧାର ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମାଁ ରାମଚଣ୍ଡୀଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମର ଶୋକସନ୍ତପ୍ତ ପରିବାରବର୍ଗ: ପ୍ରୀତିନନ୍ଦା (ନେହା), ସରୀତା (ରୁବି), ଭାଇ-ଭଉଣୀମାନେ, ମାଇଁ, ମାଉସୀମାନେ ମଉସା ଏବଂ ସମସ୍ତ ବନ୍ଧୁବାନ୍ଧବ।
ଧ-୭୦୭୩୪

ପ୍ରଥମ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସବିତା କୁମାରୀ ଦାଶ
ପ୍ଲଟ୍ ନଂ.-୨୩୧୦, ସନ୍ତୋଷୀ ମାଆ ନଗର ଲେନ୍-୨, ମାଣ୍ଡିଆପଲ୍ଲୀ, JN ଗଞ୍ଜାମ
ଆବିର୍ଭାବ: ୦୧।୦୪।୧୯୬୧
ତିରୋଧାନ: ୨୩।୦୮।୨୦୨୦
ଆମେ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛୁ ତାଙ୍କର ଚରଣ କମଳରେ ତମକୁ ଟିକିଏ ଜାଗା ଦିଅନ୍ତୁ। ତମେ ଯେଉଁଠାରେ ବି ଥାଅ, ଭଲରେ ଥାଅ। ତମ ଆତ୍ମାର ସଦ୍‌ଗତି ହେଉ
ତମର ଅଭାଗା ସ୍ୱାମୀ, ପୁତ୍ର, କନ୍ୟା, ଗିରୀଶ, ଦିପୁ, ଦୀପା ଏବଂ ପ୍ରିୟଜନମାନେ।
ଧ-୬୬୬୬୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶରତ କୁମାର ମହାନ୍ତି
Retd. D.S.P.
ପଲଟନ ପଡ଼ିଆ, ଖୋରଧା
ଆବିର୍ଭାବ : ୧୩.୦୩.୧୯୨୫
ତିରୋଧାନ : ୦୧.୦୯.୨୦୨୧
ଆଜି ଏକାଦଶାହ ଅବସରରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
-: ଶୋକସନ୍ତପ୍ତ :-
ପୁତ୍ର-ବୋହୂ : ନରେଶ-କବିତା,
ଝିଅ-ଜ୍ୱାଇଁ : କଳ୍ପନା-ରାଜୀବ, କଲ୍ୟାଣୀ-ମିହିର,
ନାତି-ନାତୁଣୀ ବୋହୂ : ବର୍ଣ୍ଣି-ପ୍ରଜ୍ଞା, ମୁନା, ଚନ୍ଦନ-ବିଜୟଲକ୍ଷ୍ମୀ,
ନାତୁଣୀ-ନାତୁଣୀ ଜ୍ୱାଇଁ : ମାମା-ପାଗୁଲ, ସୋନୁ, ଗୁଲୁଗୁଲି-ପ୍ରଣବ,
ଅଣନାତି : ଗୁଡୁଲ, ପ୍ରଣୟ ଓ ପରିବାରବର୍ଗ
ଧ-୨୧୬୧୩

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଯମୁନାବାଳା ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତିରୋଧାନ: ୧୧।୦୯।୨୦୨୦
ବୋଉଲୋ, ଗୋଟେ ବର୍ଷ ବିତିଗଲା। କେଉଁ ଅଫେରା ରାଇଜକୁ ଗଲୁଯେ ଆଉ ଫେରିଲୁନି। ଜନ୍ମହେଲେ ମୃତ୍ୟୁ ତ ନିଶ୍ଚିନ୍ତ ଜାଣିବି ତୋ କଥା ଭୁଲି ହୁଏନି ଲୋବୋଉ। ତୁ ଯେଉଁଠି ଥାଆ ଭଲରେ ଥାଆ, କାଳିଆ ନିକଟରେ ଏତିକି ପ୍ରାର୍ଥନା।
-:ତୋର ପରିବାର:-
ମନୋଜ, ଜୟନ୍ତୀ, ସରୋଜ, ସବିତା, ସୀମା, ଚନ୍ଦ୍ର, ଶମ୍ଭୁ, କସ୍ତୁରୀ, ରାଜା, ରାକ୍ଷୀ, ପୂଜା, ପୁଚି, ପ୍ରାଚୀ ଓ ରାହୁଲ।
ଧ-୭୧୭୦୪

# ଯାତ୍ରୀ ନିରାପତ୍ତା, ସୁବିଧାକୁ ଗୁରୁତ୍ୱ: ମନ୍ତ୍ରୀ

## ଏଲ୍ଏଚ୍‌ବି ରେକ୍ ସହ ଗଡ଼ିଲା ହୀରାଖଣ୍ଡ ଏକ୍ସପ୍ରେସ୍

**ଭୁବନେଶ୍ୱର,୧୦।୯:** ଉନ୍ନତ ରେଳ ସଂଯୋଗ ସହ ଯାତ୍ରୀମାନଙ୍କୁ ଅତ୍ୟାଧୁନିକ ସୁବିଧା ଯୋଗାଇବାକୁ ଉଭୟ କେନ୍ଦ୍ର ସରକାର ଓ ପୂର୍ବତଟ ରେଳପଥ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ପୂର୍ବତଟ ରେଳପଥ ଅଧୀନରେ ବର୍ତ୍ତମାନ ଚାଲୁଥିବା ପାରମ୍ପରିକ କୋଚଗୁଡ଼ିକୁ ବଦଳାଇ ଆଧୁନିକ ଲିଙ୍କେ-ହୋଫ୍‌ମାନ-ବୁଶ୍(ଏଲ୍ଏଚ୍‌ବି) କୋଚ ସହ ଭୁବନେଶ୍ୱର-ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ୍‌ର ସେବା ଆରମ୍ଭ ହୋଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସନ୍ଧ୍ୟାରେ ନୂଆଦିଲ୍ଲୀର ରେଳ ଭବନ ପରିସରରୁ ଭିଡିଓ କନ୍‌ଫରେନ୍ସରେ ହୀରାଖଣ୍ଡ ଏକ୍ସପ୍ରେସ୍‌ର ନୂତନ ଏଲ୍ଏଚ୍‌ବି ରେକ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ରେଳପଥରେ ସଂସ୍କାର ଆଣିବା ଆବଶ୍ୟକତା ସମ୍ବନ୍ଧରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଆସିଛନ୍ତି। ଭାରତୀୟ ରେଳପଥକୁ କେବଳ ବର୍ଦ୍ଧିତ ପରିବର୍ତ୍ତନ ନ କରି ଏହାକୁ ସୁଦୃଢ଼ ଭାବେ ପରିବର୍ତ୍ତନ କରିବା ହେଉଛି ଏହାର ମୂଳଲକ୍ଷ୍ୟ। ବର୍ତ୍ତମାନ କେନ୍ଦ୍ର ସରକାର ଏହି ପ୍ରକଳ୍ପଗୁଡ଼ିକୁ ଏକ ଏକ୍ସପ୍ରେସ୍ ମୋଡ୍‌ରେ ଅନୁସରଣ କରୁଛନ୍ତି। ପ୍ରତିବର୍ଷ ପ୍ରାୟ ୬ରୁ ୭ ହଜାର କୋଟି ଟଙ୍କା ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ବଜେଟରେ ମଞ୍ଜୁର କରାଯାଉଛି। ନିକଟରେ ଓଡ଼ିଶା ଗସ୍ତରେ ଥିବାବେଳେ ମନ୍ତ୍ରୀ ବୈଷ୍ଣବ ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ଯାତ୍ରୀମାନଙ୍କ ସହ ଯାତ୍ରା କରି ରେଳସେବା ସମ୍ପର୍କରେ ଆବଶ୍ୟକ ମତାମତ ନେଇଥିଲେ। ହୀରାଖଣ୍ଡ ଏକ୍ସପ୍ରେସ୍‌ରେ ନୂତନ ଆଧୁନିକ ଏଲ୍ଏଚ୍‌ବି ରେକ୍ ସଂଯୋଗ ହେବା ଦ୍ୱାରା ଯାତ୍ରୀମାନଙ୍କୁ ଉନ୍ନତ ତଥା ସୁଖଦ ଯାତ୍ରାର ଅଭିଜ୍ଞତା ଆଣିଦେବ ବୋଲି ବୈଷ୍ଣବ ମତବ୍ୟକ୍ତ କରିଛନ୍ତି।

ଏହା ବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ହୀରାଖଣ୍ଡ ଏକ୍ସପ୍ରେସ ଭୁବନେଶ୍ୱରରୁ ଜଗଦଲପୁର ପର୍ଯ୍ୟନ୍ତ ୭୮୪ କିଲୋମିଟର ଯାତ୍ରା କରୁଥିବା ବେଳେ ଏହା ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ୨୧ଟି ମଧ୍ୟବର୍ତ୍ତୀ ଷ୍ଟେଶନରେ ରହିବାର ବ୍ୟବସ୍ଥା କରାଯାଇଛି। ଏହି ଟ୍ରେନ୍‌ର ଅନ୍‌ବୋର୍ଡ ଯାତ୍ରୀମାନେ ବର୍ତ୍ତମାନ ଏକ ଭିନ୍ନ ଧରଣର ଅନୁଭୂତି ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ଉପଭୋଗ କରିପାରିବେ। ଏହି ଏଲ୍ଏଚ୍‌ବି କୋଚ୍‌ର ଅନେକ ବୈଶିଷ୍ଟ୍ୟ ରହିଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ରେଳପଥର ବିକାଶମୁଖୀ କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିବା ସହ ଓଡ଼ିଶାର ରେଳ ଭିତ୍ତିଭୂମି ତଥା ପ୍ରକଳ୍ପଗୁଡିକର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସହଯୋଗ ଯୋଗୁ ସମ୍ଭବପର ହୋଇପାରିଛି ବୋଲି କହିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜିଲାର ବିଧାୟକ ଓ ଏମ୍‌ପିଙ୍କ ସମେତ ପୂର୍ବତଟ ରେଳପଥର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ବରିଷ୍ଠ ଅଧିକାରୀ ରିଙ୍କେଶ ରାୟ ଉପସ୍ଥିତ ଅତିଥିମାନଙ୍କୁ ଧନ୍ୟବାନ ଦେଇଥିଲେ।




ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବରିଷ୍ଠ ରେଳ ଅଧିକାରୀ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।



# DIRECTORATE OF AYUSH

(Ayurveda, Yoga & Naturopathy, Unani, Siddha & Homoeopathy)
Department of Health & Family Welfare, Govt. of Odisha
Heads of Department Building, 3rd Floor (Annex building),
Unit-5, Bhubaneswar-751001, Tel: 0674-2394577, FAX: 06742391180
Email:directorayushodisha@gmail.com, Web: www.ayushodisha.nic.in
VI-S-II-Misc-13/2020 No. 6990 / DAYUSH, Dt.09.09.2021

## ADVERTISEMENT FOR REGISTRATION OF SELF EDUCATED (NON-INSTITUTIONALLY QUALIFIED) CLASS-A & CLASS-B NATUROPATHY PRACTITIONERS AS ONE TIME MEASURE

No. E-426: Applications are hereby invited, from self educated and Non-Institutionally qualified eligible candidates practicing Naturopathy system of medicines, for registration as Class-A and Class-B Naturopathy practitioners as onetime measure.

The detailed advertisement regarding eligibility, educational qualification and other required fees & documents along with detail procedure for submission of application can be downloaded from the website of Directorate AYUSH i.e. **www.ayushodisha.nic.in**.

The applications complete in all respect should be submitted to "The Director AYUSH, Odisha, Heads of Department Annex Building, 3rd Floor, Unit-5, Bhubaneswar-751001" via speed post/registered post/courier only so as to reach this Directorate by **dt. 25.10.2021, 5:30 P.M.** Applications received beyond the scheduled date and by other means than specified above, shall not be entertained. The applications accompanied with all relevant documents should be submitted in sealed envelope super scribed as **"APPLICATION FOR REGISTRATION AS NONINSTITUTIONALLY QUALLIFIED CLASS-A/ CLASS-B NATUROPATHY PRACTITIONER"**. After scrutiny of the applications and qualifying in the examination to be conducted for the purpose, the candidates are required to appear before a committee for physical verification of the documents submitted and registration in the State Register of Naturopathy Practitioners. Applications incomplete in any respect shall liable to be rejected.

**Director, AYUSH, Odisha**
**Bhubaneswar**
**OIPR-10056/11/0005/2122**

# ODISHA SCHOOL EDUCATION PROGRAMME AUTHORITY

No. n-48
**"SHIKSHA SOUDHA", UNIT - V, BHUBANESWAR - 751001**

## LETTER OF INVITATION

**RFP No. 8474/Ped/21** **Dated: 09.09.21**

1. **Nature of the Assignment:** Odisha School Education Programme Authority (OSEPA), Nodal Organization of School & Mass Education Department, Government of Odisha wants to engage a third party for development of e-content to be used by teachers for teaching in grades 9th & 10th. More details on the proposed assignment are provided at **Section-3: Scope of Work** of this RFP Document, RFP document is available in OSEPA website: **osepa.odisha.gov.in**.
2. A bidder will be selected under **Least Cost Selection** method as prescribed in the RFP Document in accordance with the procedures prescribed herewith in Office Memorandum No. 37323/F, Dated: 30.11.2018 of Finance Department, Govt. of Odisha.
3. The proposal complete in all respect as specified in the RFP Document must be accompanied with a **Non-refundable** amount of **Rs.5000/- (Rupees five thousand only)** towards **Bid Procesing Fee** along with a **Bid Security Declaration** failing which the bid will be rejected.
4. The proposal must be delivered at the specified address as per the Bidder Data Sheet by **Speed Post/Registered Post/Courier** only. OSEPA shall not be responsible for postal delay or any consequence. Submission of proposal through any other mode will be rejected.
5. The last date and time for submission of proposal compelte in all respect is on or before 5.30 P.M. of Dt.30.09.2021 and the date of opening of the technical proposal is at 11.00 A.M. of Dt.01.10.2021 at the specified address as mentioned in the Bidder Data Sheet. Representatives of the bidders may attend the meeting with due authorization letter on behalf of the bidder.
6. this RFP includes following sections:
   a. Letter of Invitation **[Section - 1]**
   b. Information to the Bidder **[Section - 2]**
   c. Scope of Work **[Section - 3]**
   d. Technical Proposal Submission Forms **[Section - 4]**
   e. Financial Proposal Submission Forms **[Section - 5]**
   f. Annexure
7. While all information/data given in the RFP are accurate within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder to check the validity of information/data included in this RFP. The client reserves the right to accept/reject any/ all proposals/cancel the entire selection process at any stage without assigning any reason thereof.

**Sd./- State Project Director, OSEPA**
**OIPR-27005/11/0006/2122**

# ODISHA PUBLIC SERVICE COMMISSION CUTTACK

## NOTICE

**No. 6318/PSC Dt.9.9.21**
**(1R-32-21-22) (DR-V)**

No. D-126: It is for information of all concerned that, pursuant to the advertisement No. 08 of 2020-2021, **27 (twenty seven)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Linguistics**.

The physical verification of original certificates/documents etc. in respect of those candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **21.09.2021** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 21.09.2021 | 10.30 A.M. | 00087727, 00092083, 00097326, 00089055, 00082346, 00094238, 00086293, 00096283, 00076960, 00096824, 00080658, 00096954, 00095280, 00088570, 00091262, 00083628 & 00094350 = **17 Candidates** |
| | 2.30 P.M. | 00097783, 00086075, 00088524, 00076899, 00078907, 00090760, 00086833, 00088820, 00090292, 00061340 = **10 Candidates** |

The candidates are required to submit the following documents at the time of verification.

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. with **original** as per Para -9 of the advertisement.
4. Duly filled in **"Attestation Form"** & **"Bio-data Form"** (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate(s) shall be allowed to face the interview subject to fulfilment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfilment of the terms and conditions laiddown in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

**Sd./- Secretary**
**OIPR-12002/11/0086/2122**

# ODISHA PUBLIC SERVICE COMMISSION CUTTACK

## NOTICE

**No. 6325/PSC Dt.9.9.21**
**(1R-8-21-22) (DR-V)**

No. D-127: It is for information of all concerned that, pursuant to the advertisement No. 08 of 2020-2021, **14 (Fourteen)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Bengali**.

The physical verification of original certificates/documents etc. in respect of those candidates will be held in the office of the Commission at 19, Dr. P.K. Parija Road, Cuttack - 753001 on **22.09.2021** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| 22.09.2021 | 10.30 A.M. | 00091058, 00094062, 00096561, 00088761, 00095842, 00093022, 000100741, 00088836, 00093363, 00094009, 00089715, 00092113, 00092254 & 00079621 = **14 Candidates** |

The candidates are required to submit the following documents at the time of verification.

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. with **original** as per Para -9 of the advertisement.
4. Duly filled in **"Attestation Form"** & **"Bio-data Form"** (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate(s) shall be allowed to face the interview subject to fulfilment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfilment of the terms and conditions laiddown in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

**Sd./- Secretary**
**OIPR-12002/11/0087/2122**

# ODISHA PUBLIC SERVICE COMMISSION CUTTACK

## NOTICE

**No. 6361/PSC, (1R-26-21-22) (DR-V),** **Dt. 9.9.21**

**No. D-130:-** It is for information of all concerned that, pursuant to the advertisement No. 08 of 2020-2021, **78 (Seventy Eight)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Psychology**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **23.09.2021, 24.09.2021, 27.09.2021 & 28.09.2021** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| **23.09.2021** | **10.30 AM** | 00086967, 00047551, 00095338, 00082897, 00088168, 00089224, 00089661, 00090687, 00079069, 00089792, 00091041, 00095279 & 00096387 = **13 Candidates** |
| | **02.30 PM** | 00088596, 00081552, 00097879, 00093039, 00083731, 00093052 & 00089501 = **07 Candidates** |
| **24.09.2021** | **10.30 AM** | 00088941, 00080246, 00092860, 00093841, 00093918, 00078985, 00090176, 00078258, 00088447, 00089705, 00091099, 00086141, 00095380 = **13 Candidates** |
| | **02.30 PM** | 00091046, 00088369, 00093966, 00088112, 00093204, 00097045 & 00080337 = **07 Candidates** |
| **27.09.2021** | **10.30 AM** | 00078103, 00078480, 00096484, 00093443, 00090591, 00099195, 00096731, 00078005, 00086160, 0090727, 00092279, 00098831 & 00090794 = **13 Candidates** |
| | **02.30 PM** | 00087762, 00089640, 00093447, 00092200, 00086735, 00088576 & 00092742 = **07 Candidates** |
| **28.09.2021** | **10.30 AM** | 00093000, 00091579, 00094719, 00032204, 00079930, 00085958, 00088586, 00089814, 00090870 & 00092501 = **10 Candidates** |
| | **02.30 PM** | 00088102, 00079519, 00096034, 00097135, 00016826, 00096193, 00096761 & 00070224 = **08 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfilment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0090/2122 **Sd./- Secretary**

# ODISHA PUBLIC SERVICE COMMISSION CUTTACK

## NOTICE

**No. 6365/PSC, (1R-6-21-22) (DR-V),** **Dt. 9.9.21**

**No. D-131:-** It is for information of all concerned that, pursuant to the advertisement No. 08 of 2020-2021, **72 (Seventy Two)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Anthropology**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **29.09.2021, 30.09.2021 & 01.10.2021** as per the programme mentioned below.

### PROGRAMME OF DOCUMENT VERIFICATION

| Date | Time of Verification | PPSAN |
|---|---|---|
| **29.09.2021** | **10.30 AM** | 00096195, 00087722, 00089148, 00089471, 00089655, 00096415, 00091023, 00088484, 00090414, 00090779, 00081061, 00098093, 00087137, 00098884 & 00101946 = **15 Candidates** |
| | **02.30 PM** | 00085016, 00077098, 00089921, 00101030, 00091667, 00083702, 00095976, 00092364 & 00099229 = **09 Candidates** |
| **30.09.2021** | **10.30 AM** | 00094096, 00095694, 00096065, 00095066, 00085987, 00086733, 00093312, 00093670, 00094048, 00094490, 00079892, 00049403, 00087014, 00091674 & 00094431 = **15 Candidates** |
| | **02.30 PM** | 00097193, 00078502, 00096595, 00087525, 00093815, 00086907, 00092840, 00058836 & 00086924 = **09 Candidates** |
| **01.10.2021** | **10.30 AM** | 00018164, 00077305, 00097931, 00093547, 00095907, 00093003, 00097057, 00089464, 00094585, 00095343, 00091291, 00092979, 00087761, 00096241 & 00089453 = **15 Candidates** |
| | **02.30 PM** | 00067061, 00065924 , 00089440, 00094916, 00060977, 00082170, 00089187, 00083980 & 00031488 = **09 Candidates** |

The candidates are required to submit the following documents at the time of verification:-

1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfilment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0091/2122 **Sd./- Secretary**

## ସଂକ୍ଷେପରେ

### ‘ତଦନ୍ତ କଥା ଉଠାଇବାରୁ ଫସାଇବାକୁ ଷଡ଼ଯନ୍ତ୍ର’

**ଏସିଏଫ୍ ମୃତ୍ୟୁ ମାମଲା**

**ଭୁବନେଶ୍ୱର, ୧୦।୯(ବ୍ୟୁରୋ):** ସନ୍ଦେହଜନକ ଭାବେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ୨ ମାସ ପୂରିଥିଲେ ମଧ୍ୟ ଓଡ଼ିଶା ପୋଲିସ କିମ୍ବା କ୍ରାଇମବ୍ରାଞ୍ଚ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିପାରିଲା ନାହିଁ। ସୌମ୍ୟଙ୍କ ପରିବାର ସଦସ୍ୟ ବନ ବିଭାଗ ଅଧିକାରୀ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଗୁହାରି କରିବା ସତ୍ତ୍ୱେ ଶାସକ ଦଳ ନିର୍ଦ୍ଦେଶରେ ତଦନ୍ତକୁ ବାଟବଣା କରାଯାଉଛି । ଓଡ଼ିଶାର ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ସାଧାରଣ ଲୋକଙ୍କ ବିଶ୍ୱାସଭାଜନ ହୋଇପାରୁନାହିଁ ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ କେ. ନାରାୟଣ ରାଓ କହିଛନ୍ତି, ଶାସକ ଦଳ ବିଧାୟକ ଓ ମନ୍ତ୍ରୀଙ୍କ ସ୍ୱାର୍ଥ ପାଇଁ ଡିଏଫ୍‌ଓଙ୍କୁ ଆଶ୍ୱସ୍ତ କରିଦିଆଯାଇଛି। ଡିଏଫଓଙ୍କୁ ତଦନ୍ତ ପରିସରଭୁକ୍ତ କଲେ କାଳେ ରକ୍ତ ଚନ୍ଦନ କାଠ ଚୋରାଚାଲାଣର ଗୁମର ଖୋଲିଯିବ ସେହି ଭୟ ଏବେ ଜଙ୍ଗଲ ମନ୍ତ୍ରୀଙ୍କୁ ଘାରିଛି। ସୌମ୍ୟଙ୍କ ମୃତ୍ୟୁ ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରୁଛି ଯେ, ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତି ରହିଛି। ତେଣୁ ସେମାନଙ୍କୁ ଘଣ୍ଟ ଘୋଡାଇବା ପାଇଁ ଅପଚେଷ୍ଟା ଚାଲିଛି। ବିଧାନସଭାର ଶୂନ୍ୟ କାଳରେ ଏହି ପ୍ରସଙ୍ଗ ଉଠାଇବା ପରେ ଓଲଟା ତାଙ୍କ ଉପରେ ବାଲି ମାଫିଆର ଆରୋପ ଲଗାଯାଉଛି। ଜଣେ ବିଧାୟକ ସ୍ଥାନୀୟ ସମସ୍ୟା ଉଠାଇବା ଏବଂ ଅନ୍ୟାୟ ବିରୋଧରେ ପ୍ରତିବାଦ କଲେ ସରକାରୀ ଦଳ ନାଲି ଆଖି ଦେଖାଇବା ଦୁର୍ଭାଗ୍ୟଜନକ ବୋଲି ରାଓ କହିଛନ୍ତି। ଗଜପତି ଜିଲା ଖଣିଜ ସମ୍ପଦ ରପ୍ତାନୀରେ ଏକ ନମ୍ବରରେ ରହିଛି। ଡିଏଫ୍‌ଓଙ୍କ ମାଧମରେ ରକ୍ତ ଚନ୍ଦନ କାଠ ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁକୁ ଚୋରାଚାଲାଣ କରାଯାଉଛି। ବାଲି ଚୋରାଚାଲାଣ କରି ପଡୋଶୀ ରାଜ୍ୟକୁ ବିକ୍ରି କରାଯାଉଛି। ତେବେ ବାଲି ମାଫିଆ କିଏ ସରକାର ତାହା ସ୍ପଷ୍ଟ କରନ୍ତୁ ବୋଲି ରାଓ କହିଛନ୍ତି।

### ଫଳାଫଳ ଘୋଷଣା କରିବାକୁ ନିର୍ଦ୍ଦେଶ

- ହିନ୍ଦୋଳ ଏନ୍‌ଏସି ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ମାମଲା
- ଅନ୍ତରୀଣ ରହିତାଦେଶ ଉଠାଇଲେ ହାଇକୋର୍ଟ

**ହିନ୍ଦୋଳ, ୧୦।୯ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସି ଅଧକ୍ଷାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ମାମଲାର ବିଚାର କରି ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଉଠାଇ ଦେଇଛନ୍ତି। ଏଥିସହ ଫଳାଫଳ ତୁରନ୍ତ ଘୋଷଣା କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାପରେ ଭୋଟବାକ୍ସରେ ବନ୍ଦ ଥିବା ଅନାସ୍ଥା ଫଳାଫଳ ଘୋଷଣାର ବାଟ ଖୋଲିଛି। ସୂଚନାଯୋଗ୍ୟ, ୧୬ ୱାର୍ଡକୁ ନେଇ ଗଠିତ ହିନ୍ଦୋଳ ଏନ୍‌ଏସିରେ ୨୦୧୮ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନିର୍ବାଚନରେ ବିଜେଡିର ୧୩, ଭାଜପାର ୧ ଏବଂ ସ୍ୱାଧୀନ ଭାବେ ୨ ଜଣ କାଉନସିଲର ନିର୍ବାଚିତ ହୋଇଥିଲେ। କଂଗ୍ରେସ ଆଦୌ ଖାତା ଖୋଲିପାରି ନ ଥିଲା। ସର୍ବସମ୍ମତିକ୍ରମେ ୫ନଂ. ୱାର୍ଡ କାଉନ୍‌ସିଲର ରୀନା ବେହେରା ଅଧକ୍ଷ ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ଦଳୀୟ କାଉନ୍‌ସିଲରଙ୍କୁ ଅବହେଳା କରିବା ନେଇ ତାଙ୍କ ବିରୋଧରେ ଅସନ୍ତୋଷ ଦାନା ବାନ୍ଧିଥିଲା। ୨୦୨୦ ନଭେମ୍ବରରେ ୧୧ଜଣ ବିଜେଡି କାଉନ୍‌ସିଲର, ଜଣେ ସ୍ୱାଧୀନ କାଉନ୍‌ସଲର ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଏହାକୁ ନେଇ ଅଧକ୍ଷା ରୀନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହି ସମୟରେ ହାଇକୋର୍ଟ ଏକ ଅନ୍ତରୀଣ ଆଦେଶ ଜାରି କରିଥିଲେ। ଅନାସ୍ଥା ଭୋଟ ହେବ କିନ୍ତୁ ଫଳାଫଳ ଘୋଷଣା ହେବନାହିଁ ବୋଲି କୋର୍ଟ ଆଦେଶ ଦେଇଥିଲେ। ତଦନୁଯାୟୀ ଗତବର୍ଷ ନଭେମ୍ବର ୨୦ରେ ଏନଏସି କାର୍ଯ୍ୟାଳୟରେ ଅନାସ୍ଥା ଭୋଟ ହୋଇଥିଲା। କିନ୍ତୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଫଳାଫଳ ଘୋଷଣା ହୋଇଥିଲା। ବର୍ଷେ ହେଲା ଏହି ମାମଲା ଗଡ଼ି ଆସୁଥିଲା। ତେବେ ଗତ ନଭେମ୍ବର ୮ରେ ଏହି ଅନ୍ତରୀଣ ଆଦେଶ ଉଠିଯାଇଛି। ନଭେମ୍ବର ୧୬ରେ ଥିବା ମୂଳ ମାମଲା ରିଟ୍ ପିଟିଶନ (ସି) ୩୧୩୯୦/୨୦୨୦ ବିଚାର ପରେ ପ୍ରକୃତ ଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଉପାଧକ୍ଷ ଟିମା ବେହେରା କହିଛନ୍ତି।



ଗଣେଶ ପୂଜା ଅବସରରେ ଶୁକ୍ରବାର ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ଥିବାରୁ ଶ୍ରଦ୍ଧାଳୁମାନେ ସିଂହଦ୍ୱାର ସମ୍ମୁଖରେ ଶ୍ରୀପତିତପାବନଙ୍କୁ ଦର୍ଶନ କରୁଛନ୍ତି।

# ଏନ୍‌ଜିଟିକୁ ଗଲା ମେଗା ଜଳ ପ୍ରକଳ୍ପ ବିବାଦ

- ଜୋକଡ଼ିଆ ଆନିକଟ ଖରସ୍ରୋତା ପାଇଁ ସଙ୍କଟ
- ଦଲିଲରେ ଭିତରକନିକା ପରିବେଶକୁ ଦିଆଯାଇଛି ଗୁରୁତ୍ୱ

**କେନ୍ଦ୍ରାପଡ଼ା ଅଫିସ,୧୦।୯**

ଗତ ୨ ବର୍ଷ ଧରି ଖରସ୍ରୋତାର ପାଣି ବିବାଦ ଏବେ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛି। କେନ୍ଦ୍ରାପଡ଼ା ସହରର ସାମାଜିକ କର୍ମୀ କ୍ଷିତୀଶ କୁମାର ସିଂହ ଏନେଇ ଶୁକ୍ରବାର ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ର ଦ୍ୱାରସ୍ଥ ହୋଇଛନ୍ତି। ଖରସ୍ରୋତା ନଦୀରୁ ଭଦ୍ରକର ମେଗା ପାନୀୟ ଜଳ ପ୍ରକଳ୍ପକୁ ପାଣି ଦିଆଗଲେ ଜାତୀୟ ଉଦ୍ୟାନ ଭିତରକନିକା ପରିବେଶ ନଷ୍ଟ ହେବା ସହିତ ସ୍ଥାନୀୟ ଅଞ୍ଚଳରେ ଏହାର ପ୍ରଭାବ ପଡ଼ିବ ବୋଲି ସେ ଦର୍ଶାଇଛନ୍ତି। ୪୨୯ ପୃଷ୍ଠାର ଏହି ଦଲିଲରେ ଭିତରକନିକା ଇକୋ ସେନ୍ସିଟିଭ ଜୋନ ଅଞ୍ଚଳରେ ପ୍ରକଳ୍ପ ସ୍ଥାନ ଭଦ୍ରକର ନୂଆହାଟ ଓ ପାଣି ଉଠା ସ୍ଥାନ କେନ୍ଦ୍ରାପଡ଼ାର ବରୁଣାଡିହା ରହିଛି। ପ୍ରକଳ୍ପ ପରେ ପରିବେଶ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରା ନ ଯିବା, ଖରସ୍ରୋତାର ଜଳ ପ୍ରବାହ, ପ୍ରକଳ୍ପର ପ୍ରକୃତ ହିତାଧିକାରୀ ଓ ଜଳ ଉଠାଣ ପରିମାଣ, ଭିତରକନିକାର ଜୈବ ବିବିଧତା, ପର୍ଯ୍ୟଟନ ଶିଳ୍ପ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପ୍ରଭାବକୁ ସେ ଗୁରୁତ୍ୱ ଦେଇଛନ୍ତି। ଏଥିସହିତ ଯାଜପୁର ଜିଲା ଜୋକଡ଼ିଆରେ ଦ୍ୱିତୀୟ ଆନିକଟ ନିର୍ମାଣ ହେଲେ ଖରସ୍ରୋତାର ଜଳ ସଙ୍କଟ ଅଧିକ ହେବ ବୋଲି ସେ ଉଲ୍ଲେଖ କରିଛନ୍ତି।



ଭିତରକନିକା

ଏ ସମ୍ପର୍କରେ କ୍ଷିତୀଶ କହିଛନ୍ତି, ଖରସ୍ରୋତାର ନିଜସ୍ୱ ଜଳ ଉତ୍ସ ନାହିଁ। ସେ ବ୍ରାହ୍ମଣୀରୁ ଜଳ ଗ୍ରହଣ କରୁଛି। ଏହି ଜଳ ସ୍ଥାନୀୟ ଅଞ୍ଚଳର ଜୀବନରେଖା ପାଲଟିଛି। ଜୀବନ ଓ ଜୀବିକାକୁ ପ୍ରଭାବିତ କରୁଥିବା ଏହି ନଦୀ ଜଳ ଭିତରକନିକା ଜୈବ ବିବିଧତାକୁ ପରିପୁଷ୍ଟ କରୁଛି। ତେବେ ଏହି ନଦୀ ଜଳର ପରିଚାଳନା ନାମରେ ଶୁଷ୍କ କରିଦେବାକୁ ଯୋଜନା ଚାଲିଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଯୋକଡିଆରେ ଏକ ଆନିକଟ ୧୩୦ ବର୍ଷ ଧରି ଅଛି। ସେଠାରେ ଦ୍ୱିତୀୟ ଆନିକଟ ନିର୍ମାଣ ପାଇଁ ୨୫୦ କୋଟି ଟଙ୍କାର ଅନୁଦାନ ନାବାର୍ଡରୁ ମିଳିଛି। ଏହି ଆନିକଟ ଦ୍ୱାରା ଯାଜପୁର ଜିଲାର ରସୁଲପୁର, ଧର୍ମଶାଳା ଓ କୋରେଇ ବ୍ଲକ ଅଞ୍ଚଳର କୃଷି କ୍ଷେତ୍ରରେ ଜଳସେଚନ ହେବ ବୋଲି ଯୋଜନା ରହିଛି। ସେହିପରି ଜୋକଡିଆଠାରୁ ପ୍ରକଳ୍ପ ସ୍ଥାନ ବରୁଣାଡିହା ମଧ୍ୟରେ ୧୩ଟି ମେଗା ଜଳ ପ୍ରକଳ୍ପ ସହ କ୍ଷୁଦ୍ର ପ୍ରକଳ୍ପ ଚାଲୁ ରହିଛି। ଫଳରେ ଖରସ୍ରୋତାର ସ୍ରୋତ ଖରାଦିନେ କ୍ଷୀଣ ହେଉଛି। ପର୍ଯ୍ୟାପ୍ତ ପରିମାଣରେ ମଧୁର ଜଳ ମିଳୁ ନ ଥିବାରୁ ଭିତରକନିକାର ଜୈବ ବିବିଧତା ଉପରେ ପ୍ରଭାବ ପକାଇଛି। ଏପରିକି ମଧୁର ଜଳ ସନ୍ଧାନରେ ସରୀସୃପ, ବାରହା, ହରିଣ ଆଦି ବନ୍ୟ ପ୍ରାଣୀ ଗାଁ ମୁହାଁ ହୋଇଥିବା ବେଳେ ଭିତରକନିକାକୁ ଛାଡି କୁମ୍ଭୀର, କଇଁଛ, ଶିଶୁମାର ଆଦି କେନ୍ଦ୍ରାପଡ଼ା ଜିଲାକୁ ପଶି ଆସୁଛନ୍ତି। ଏହାବ୍ୟତୀତ ଜାତୀୟ ଉଦ୍ୟାନର ସୁରକ୍ଷା ପାଇଁ ଭିତରକନିକା ଇକୋ ସେନ୍ସିଟିଭ ଜୋନ ଅଛି। ଖରସ୍ରୋତା ନଦୀରୁ ଦୈନିକ ୧୪୨ ମିଲିୟନ ଲିଟର ଜଳ ଉଠାଇବା ପରେ ଭିତରକନିକାର ଜୈବ ବିବିଧତା ପ୍ରଭାବ ସମ୍ପର୍କରେ କୌଣସି ଅନୁଧ୍ୟାନ ହୋଇନାହିଁ। ପ୍ରକଳ୍ପ ପାଇଁ ଆଇଆଇଟି ହାଇଦ୍ରବାଦର ପରିବେଶ ଓ ସାମାଜିକ ପ୍ରଭାବ ସମ୍ପର୍କରେ ରିପୋର୍ଟ ବ୍ୟବହାର କରାଯାଇଛି। ତେବେ ରିପୋର୍ଟ ପ୍ରସ୍ତୁତକର୍ତ୍ତା ଆଇଆଇଟି ହାଇଦ୍ରାବାଦର ପ୍ରଫେସର ଡ. ଶଶୀଧର ଭିତରକନିକା ଜୈବ ବିବିଧତାକୁ ନେଇ ଅନୁଧ୍ୟାନ କରି ନ ଥିବା ଦର୍ଶାଇଛନ୍ତି। ସେହିପରି ଖରସ୍ରୋତା ନଦୀକୁ ଜଣେ ଲୋକ କିଣିବା, ସେହି ସ୍ଥାନରେ ସରକାରୀ ପ୍ରକଳ୍ପ ପାଇଁ ଅର୍ଥ ବିନିଯୋଗ କରିବା ଆଦି ତଥ୍ୟ ଦଲିଲରେ ଉପସ୍ଥାପିତ କରାଯାଇଛି। ସେହିପରି ପ୍ରକୃତ ହିତାଧିକାରୀଙ୍କ ସଂଖ୍ୟାରେ ବହୁ ଅମେଳ ରହିଛି। ଆବଶ୍ୟକ ପାଣିଠାରୁ ବହୁ ଅଧିକ ପାଣି ଉଠାଇବା, ଜଳ ସଙ୍କଟ ଜିଲାରୁ ପାଣି ଉଠାଇବା ଆଦି ଦର୍ଶାଇ ଏନ୍‌ଜିଟିରେ ସେ ଦ୍ୱାରସ୍ଥ ହୋଇଥିବା କ୍ଷିତୀଶ ସୂଚନା ଦେଇଛନ୍ତି। ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତି ପକ୍ଷରୁ ୨ ବର୍ଷ ଧରି ଜନ ଆନ୍ଦୋଳନ ଚାଲିଛି। ଅପରପକ୍ଷେ ପାଣି ଉଠା ସ୍ଥାନ ବରୁଣାଡିହା ସମେତ ୩ ପଞ୍ଚାୟତରେ ସିଆରପିସି ଧାରା ୧୪୪ ଜାରି କରି ଜିଲା ପ୍ରଶାସନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ଜାରି ରଖିଛି।

## ଆଲୋଚନା ପରେ ଶିକ୍ଷକ ଆନ୍ଦୋଳନ ସ୍ଥଗିତ

**ଭୁବନେଶ୍ୱର,୧୦।୯(ବ୍ୟୁରୋ)**

ଯୋଗ୍ୟତା ଥାଇ ବାଦ୍ ପଡିଥିବା ୧୭୭ ବିଦ୍ୟାଳୟକୁ ତୁରନ୍ତ ଅନୁଦାନ ଦାବିରେ ଶିକ୍ଷକଙ୍କ ଅହୋରାତ୍ର ଗଣଧାରଣା ଶୁକ୍ରବାରଠାରୁ ସ୍ଥଗିତ ରଖାଯାଇଛି। ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆହ୍ୱାନକ୍ରମେ ଗତ ୨ରୁ ଏହି ଆନ୍ଦୋଳନ ଚାଲିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିବା ଓଷ୍ଟା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ୨୦୧୩ରେ ଯୋଗ୍ୟ ବିବେଚିତ ହୋଇଥିବା ବିଦ୍ୟାଳୟ ମଧ୍ୟରୁ ୧୭୭ ବିଦ୍ୟାଳୟକୁ ଅନୁଦାନରୁ ବଞ୍ଚିତ କରାଯାଇଥିଲା। ଫଳରେ ଏଠାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ଶିକ୍ଷକ ଓ କର୍ମଚାରୀ ଦରମାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶାରେ ଚଳୁଛନ୍ତି। ଏନେଇ ଓଷ୍ଟା ପକ୍ଷରୁ ସରକାରଙ୍କୁ ବାରମ୍ବାର ଅବଗତ କରାଯିବା ସହ ତୁରନ୍ତ ଅନୁଦାନ ପାଇଁ ଦାବି କରାଯାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ଏହି ବର୍ଗର ଶିକ୍ଷକ ଓ କର୍ମଚାରୀ ବିଧାନସଭା ସମ୍ମୁଖରେ ଅହୋରାତ୍ର ଧାରଣାରେ ବସିଥିଲେ। ଗୁରୁ ଦିବସ ଦିନ ରାଜରାସ୍ତାରେ କାନ ଧରି ଆଣ୍ଠେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷକଙ୍କ ଦାବିକୁ ସମର୍ଥନ କରି ଉଭୟ ସରକାରୀ ଓ ବିରୋଧୀ ଦଳର ବିଧାୟକମାନେ ଗୃହରେ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ କେତେଜଣ ବିଧାୟକ ଧାରଣାସ୍ଥଳରେ ପହଞ୍ଚି ଶିକ୍ଷକଙ୍କ ଦାବି ପ୍ରତି ସମର୍ଥନ ଜଣାଇଥିଲେ। ବିଧାୟକ ତଥା ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶିକ୍ଷକଙ୍କ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ। ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, କୋଷାଧକ୍ଷ ଅଶୋକ କୁମାର ମହାପାତ୍ର, ସମ୍ପାଦକ ମଧୁସୂଦନ ଦେ, ସହ ସମ୍ପାଦକ ରମାକାନ୍ତ ମହାପାତ୍ରଙ୍କ ସମେତ ୧୭୭ ବର୍ଗ ତରଫରୁ ପଙ୍କଜ କୁମାର ପରିଡ଼ା, ଲଲାଟେନ୍ଦୁ କର, ଇନ୍ଦ୍ରମଣି ବାରିକ, ଅନିଲ୍ ପାତ୍ର ପ୍ରମୁଖ ମନ୍ତ୍ରୀ ଦାଶଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ଥିଲା ଓ ଉକ୍ତ ସମସ୍ୟାକୁ ସମାଧାନ କରିବା ପାଇଁ ସରକାର ଆନ୍ତରିକତାର ସହିତ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। କରୋନା କଟକଣା ଯୋଗୁ ରାଜ୍ୟର ଅର୍ଥନୈତିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଏହି ବିଦ୍ୟାଳୟଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ପାଇଁ ସରକାର କିଛି ସମୟ ଲୋଡ଼ିଥିବା ଓଷ୍ଟାର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

# କଳାକାରଙ୍କୁ ଫିକା ନୂଆଁଖାଇ

କଳା ଓ ପରମ୍ପରା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ପରମ୍ପରା ଯେଉଁଠି, ସେଠାରେ କଳା ନିଶ୍ଚିତ। ସେହିପରି କଳା ବିନା କୌଣସି ପରମ୍ପରାର ମାଧୁର୍ଯ୍ୟ କ୍ଷୀଣ ହୋଇପଡ଼େ। ଶନିବାର ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହା ଏ ଅଞ୍ଚଳର ଏକ ପ୍ରମୁଖ ପରମ୍ପରା। ମାତ୍ର ଏଥର କରୋନା କାଳରେ ଏହି କୃଷିଭିତ୍ତିକ ତଥା ପରମ୍ପରାଭିତ୍ତିକ ଗଣପର୍ବ ନୂଆଁଖାଇ କଳାକାରଙ୍କ ପାଇଁ ଫିକା ପଡ଼ିଯାଇଛି। ଏ ନେଇ ଏକ ମତାମତଭିତ୍ତିକ ଉପସ୍ଥାପନା ।



ବରଗଡ଼ ଧନୁଯାତ୍ରା କଂସ ମହାରାଜଙ୍କ ଘରେ ନୂଆଁଖାଇ ପ୍ରସ୍ତୁତି ।

### ଅଭାବ, ଅନଟନରେ ନୂଆଁଖାଇ



“ କଳାକାରଙ୍କ ପାଖେ କିଛି ନାହିଁ। ଅଭାବ, ଅନଟନରେ ସବୁ କଳାକାର ଗତି କରୁଛନ୍ତି। ଗତବର୍ଷ ନୂଆଁଖାଇ କଳାକାର ପରିବାରରେ ଯେଭଳି ଦୁଃଖ ଆଣି ଦେଇଥିଲା। ଏଥର ମଧ୍ୟ ଅନୁରୂପ ସ୍ଥିତି । ପରମ୍ପରା ରକ୍ଷା ପାଇଁ କେବଳ ଏହି ପର୍ବ ପାଳନ କରୁଛୁ ।

**ଭୁବନେଶ୍ୱର ପ୍ରଧାନ, କଂସ ଅଭିନେତା, ବରଗଡ଼**

### କଳାକାରଙ୍କୁ ଚଡ଼କ



“ କଳାକାରଙ୍କ କିଛି ରୋଜଗାର ନାହିଁ। ଅନ୍ୟପଟେ ସବୁ ସାମଗ୍ରୀର ଦର ଆକାଶଛୁଆଁ। କଳାକାରମାନେ ବହୁତ ଝଡ଼ଝଞ୍ଜା ମଧ୍ୟରେ ଅଛନ୍ତି। କାହାରି ମନରେ ନୂଆଁଖାଇ ଉତ୍ସାହ ନାହିଁ। କଳାକାରଙ୍କୁ ଚଡ଼କ ପଡ଼ିଯାଇଛି। ପାରମ୍ପରିକ ପର୍ବ ବୋଲି ଇଷ୍ଟଦେବୀଙ୍କୁ ପୂଜା କରି ନବାନ୍ନ ଭକ୍ଷଣ କରିବୁ ।

**ସୁଶୀଲ କୁମାର ମେହେର, ମଞ୍ଚ, ଚଳଚ୍ଚିତ୍ର ଅଭିନେତା**

### ବଢ଼ିଛି କଳାକାରଙ୍କ ଦୁଃଖ



“ କରୋନାର ପ୍ରଥମ ଲହର ଆସିବା ଦିନଠାରୁ କଳାକାରଙ୍କ ଦୁଃଖ ବଢ଼ିଯାଇଛି। କଳା ପରିବେଷଣ କରି ପାରୁ ନ ଥିବାବେଳେ ଏଥିପାଇଁ ଅନୁମତି ମଧ୍ୟ ମିଳୁନାହିଁ। ସବୁ କଳାକାର ଘରେ ହାତ ବାନ୍ଧି ବସିଛନ୍ତି । କାହାରି ମନରେ ହସଖୁସି ନାହିଁ । ନୂଆଁଖାଇ ଫିକା ପଡ଼ିଛି ।

**ଗୋପବନ୍ଧୁ ପୁରୋହିତ, ସମ୍ପାଦକ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ**

### ନାହିଁ ଉତ୍ସାହ, ନାହିଁ ଉନ୍ମାଦନା

“ ନୂଆଁଖାଇ ଆସିଲେ ନୂତନ ଉତ୍ସାହ, ଉନ୍ମାଦନା ଦେଖାଯାଏ। ହେଲେ ଏଥର ତାହା ନାହିଁ ଏହା ମୋର ଅଙ୍ଗେନିଭା କଥା। ଦଣ୍ଡନୃତ୍ୟ ନିର୍ଦ୍ଦେଶନା ଦିଏ। ମୋ ଉପରେ ଅନେକ କଳାକାର ନିର୍ଭର କରନ୍ତି। ମୋ ମନରେ ଯଦି ଦୁଃଖ ଅଛି, ବାକି କଳାକାର କିଭଳି ଥିବେ ସହଜରେ ଅନୁମେୟ ।



**ବସୁଦେବ ପ୍ରଧାନ, ଦଣ୍ଡନୃତ୍ୟ ନିର୍ଦ୍ଦେଶକ**

### ପରମ୍ପରା ରକ୍ଷା ପାଇଁ ନୂଆଁଖାଇ



“ ନୂଆଁଖାଇରେ କଳାକାରଙ୍କ ପ୍ରମୁଖ ଭୂମିକା ରହିଛି। ଏହି ପର୍ବରେ କଳାକାରଙ୍କ କଳା ପରିବେଷଣ ସମ୍ପୂର୍ଣ୍ଣ ନିଆରା। କିନ୍ତୁ କଳାକାରମାନେ ଏବେ ଦୁର୍ଦ୍ଦିନରେ ଅଛନ୍ତି। ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚାଷୀର ପର୍ବ ନୂଆଁଖାଇ ବୋଲି କେବଳ ପରମ୍ପରା ରକ୍ଷା ପାଇଁ ଏହି ପର୍ବକୁ ପାଳନ କରିବେ ।

**ଚୈତନ୍ୟ ପାଇକ, ସଭାପତି, ରାଜ୍ୟ କଳାକାର ମହାସଂଘ**

(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍)

## ପୂର୍ବତନ ଅତିରିକ୍ତ ତହସିଲଦାରଙ୍କ ସମେତ ୨ ଗିରଫ

- ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ
- ସମସ୍ତ ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବ: ଜିଲାପାଳ

**ଢେଙ୍କାନାଳ ଅଫିସ, ୧୦।୯**

ଢେଙ୍କାନାଳ ସଦର ତହସିଲରେ ଜମି କିସମ ପରିବର୍ତ୍ତନ ଦୁର୍ନୀତି ମାମଲାରେ ଶୁକ୍ରବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ନିଲମ୍ବିତ ହୋଇଥିବା ପୂର୍ବତନ ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ଦଳେଇଙ୍କ ସମେତ ଆବେଦକାରୀଙ୍କ ସ୍ୱାମୀ ନରେନ୍ଦ୍ର ବେହେରାଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ଏହି ଘଟଣାରେ ତହସିଲ କାର୍ଯ୍ୟାଳୟର ୪ ଜଣ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଛି। ଜମି ଦୁର୍ନୀତି ଘଟଣାର ଖିଅ ବହୁ ଦୂରକୁ ଲମ୍ବିଥିବା ଅନୁମାନ କରାଯାଉଛି। ଏହାର ଭିଜିଲାନ୍ସ ତଦନ୍ତ କରାଯିବ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଢେଙ୍କାନାଳ ସହର ଉପକଣ୍ଠ ସାନଷାଠିଏ ବାଟିଆ ମୌଜାର ଖାତା ନଂ. ୩୮୭/୧୮୯୬ର ପ୍ଲଟ୍ ନଂ. ୫୨୨ ଅନ୍ତର୍ଗତ ୩୧୦ ଡେସିମିଲ୍ ଜଳାଶୟ-୨ କିସମ ଜମିକୁ ଚଞ୍ଚକତା କରି ସାରଦ କିସମ-୨ରେ ପରିବର୍ତ୍ତନ କରାଯାଇଥିଲା। ଏହା ଜଣାପଡ଼ିବା ପରେ ୨୦୨୦ରେ ତତ୍କାଳୀନ ତହସିଲଦାର ପୂର୍ବତନ ଜିଲାପାଳ ଓ ଉପଜିଲାପାଳଙ୍କୁ ଏହାର ତଦନ୍ତ କରିବା ପାଇଁ ଲିଖିତ ଭାବେ ଜଣାଇଥିଲେ। ପୂର୍ବତନ ଜିଲାପାଳ ମଧ୍ୟ ତତ୍କାଳୀନ ଉପଜିଲାପାଳଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ନ ହେବାରୁ ରିମାଇଣ୍ଡର ମଧ୍ୟ ଦିଆଯାଇଥିଲା। ତଥାପି ତତ୍କାଳୀନ ଉପଜିଲାପାଳ ଏହାର ତଦନ୍ତ ନ କରିବା ତାହା ଏବେ ସୁଦ୍ଧା ସନ୍ଦେହ ଘେରରେ ରହିଛି। ନୂତନ ଜିଲାପାଳ ଯୋଗଦାନ କରିବା ପରେ ଘଟଣା ସମ୍ପର୍କରେ ଜାଣି ବର୍ତ୍ତମାନର ଭାରପ୍ରାପ୍ତ ଉପଜିଲାପାଳଙ୍କୁ ତୁରନ୍ତ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭାରପ୍ରାପ୍ତ ଉପଜିଲାପାଳଙ୍କ ତଦନ୍ତ ରିପୋର୍ଟ ପ୍ରଦାନ ପରେ ସଦର ତହସିଲଦାରଙ୍କ ଅଭିଯୋଗକ୍ରମେ ତହସିଲ କାର୍ଯ୍ୟାଳୟର ୧୦ ଜଣ କର୍ମଚାରୀ ଏବଂ ଜଣେ ଆବେଦନକାରୀଙ୍କ ନାମରେ ନଂ. ୩୬୩/୨୧ରେ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସ ବିଭାଗ ଦ୍ୱାରା ଖୋଳତାଡ଼ କରାଗଲେ ପ୍ରକୃତ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ସେଠୀ କୁହନ୍ତି, ତଦନ୍ତ ରିପୋର୍ଟ ପ୍ରଦାନ ପରେ ସଦର ତହସିଲଦାରଙ୍କ ପକ୍ଷରୁ ୧୧ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଘଟଣାର ଭିଜିଲାନ୍ସ ତଦନ୍ତ କରିବାକୁ ଜଣାଯାଇଛି। ଦୋଷୀ ନିଶ୍ଚିତ ଦଣ୍ଡ ପାଇବ ବୋଲି ସେ କହିଛନ୍ତି। ସଦର ଏସ୍‌ଡିପିଓ ବିକାଶ ବେଉରା କୁହନ୍ତି, ଘଟଣାରେ ଅଭିଯୁକ୍ତ ଥିବା ତତ୍କାଳୀନ ଅତିରିକ୍ତ ତହସିଲଦାରଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ୪ଜଣଙ୍କୁ ଅଟକ ରଖି ପଚରାଉଚୁରା ଚାଲିଛି। ଘଟଣାର ଅଧିକ ତଦନ୍ତ କରାଯିବ।

# ‘ଅତାବିରାରୁ ଟୋକିଓ ଯାତ୍ରା କଷ୍ଟସାଧ୍ୟ ଥିଲା’

**ଭୁବନେଶ୍ୱର, ୧୦।୯ (କ୍ରୀଡ଼ା ପ୍ରତିନିଧି)**

ଟୋକିଓ ପାରାଲିମ୍ପିକ୍ସର ପୁରୁଷ ସିଙ୍ଗଲ୍ସ ଏସ୍ଏଲ୩ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିବା ପ୍ରମୋଦ ଭଗତ ଶୁକ୍ରବାର ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ସ୍ୱର୍ଣ୍ଣ ପଦକ ତାଙ୍କ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି ଏବଂ ଏହି ସଫଳତା ଦ୍ୱାରା ଆଗାମୀ ଦିନରେ ଅଧିକରୁ ଅଧିକ ଖେଳାଳି ପାରା ସ୍ପୋର୍ଟ୍ସକୁ କ୍ୟାରିୟର କରିବାରେ ନିଶ୍ଚିତ ଆଗେଇ ଆସିବେ ବୋଲି ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏଥରର ସ୍ୱାଗତ ସମ୍ବର୍ଦ୍ଧନା ନିଆରା ଥିଲା। ସେଥିରେ ଅଭିଭୂତ ହୋଇଛନ୍ତି ପ୍ରମୋଦ। ଏହାର କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ, ‘‘ପୂର୍ବରୁ ୫ ଥର ବିଶ୍ୱ ଚାମ୍ପିୟନ ହୋଇଥିଲି। ମୋ ନିକଟରେ ପାଖାପାଖି ୧୨୫ ପଦକ ଥିଲା। ମାତ୍ର ଏହି ଗୋଟିଏ ପଦକ ନ ଥିଲା। ତେଣୁ ଏହି ଗୋଟିଏ ସ୍ୱର୍ଣ୍ଣ ପଦକ ସେ ୧୨୫ ପଦକର ସମକକ୍ଷ। ଆଜିର ସ୍ୱାଗତ ସମ୍ବର୍ଦ୍ଧନା ଭିନ୍ନ ଧରଣର ଥିଲା। ରାତି ପାହିଲେ ପଶ୍ଚିମ ଓଡ଼ିଶାର ବଡ଼ ପର୍ବ ନୂଆଁଖାଇ। ଏହା ଆମର ପର୍ବ। ଏହି ଦିନ ସମସ୍ତେ ନୂଆ ପିନ୍ଧି ଏବଂ ନୂଆ ଖାଇ ପର୍ବ ପାଳନ କରନ୍ତି। ଏଥର କିନ୍ତୁ ଏହି ନୂଆ ସ୍ୱର୍ଣ୍ଣ ପଦକ ସହିତ ପର୍ବ ପାଳନ କରନ୍ତୁ’’ ବୋଲି ପ୍ରମୋଦ କହିଛନ୍ତି।

## ରାଜ୍ୟବାସୀଙ୍କୁ ପଦକ ଉତ୍ସର୍ଗ

ରାଜ୍ୟବାସୀଙ୍କ ଭଲ ପାଇବା ଯୋଗୁ ମୁଁ ଏହି ପଦକ ପାଇଛି। କାରଣ ସେମାନଙ୍କ ଆଶୀର୍ବାଦରୁ ମୁଁ ଟୋକିଓ ଯାଇ ଖେଳି ପାରିଲି ଏବଂ ଏହି ପଦକ ପାଇପାରିଲି। ତେଣୁ ପଦକକୁ ମୁଁ ଓଡ଼ିଶାବାସୀଙ୍କୁ ଉତ୍ସର୍ଗ କରିବାକୁ ଚାହିଁବି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋତେ ସମ୍ବର୍ଦ୍ଧିତ କରିବା ସହ ୬ କୋଟି ଟଙ୍କା ଦେଇଛନ୍ତି ଏବଂ ସରକାରୀ ଚାକିରି ଦେବାକୁ କହିଛନ୍ତି। ଏଥିରେ ମୁଁ ବହୁତ ଖୁସି। ଏହି ପ୍ରୋତ୍ସାହନ ମୋତେ ଆଗାମୀ ଦିନରେ ଆହୁରି ଭଲ ଖେଳିବାକୁ ପ୍ରେରିତ କରିବ ବୋଲି ପ୍ରମୋଦ କହିଛନ୍ତି। ଏହି ଅବସରରେ ପ୍ରମୋଦ ନିଜ ପିଲାଦିନର କଥାକୁ ମନେ ପକାଇଥିଲେ। ‘‘ଅତାବିରାରୁ ଖେଳ ଆରମ୍ଭ କରି ଟୋକିଓ ପର୍ଯ୍ୟନ୍ତ ଯାତ୍ରା ବହୁତ କଷ୍ଟସାଧ୍ୟ ଥିଲା। ମାତ୍ର ଦୃଢ଼ ଇଚ୍ଛାଶକ୍ତି ଯୋଗୁ ମୁଁ ଆଗେଇ ପାରିଲି। ଗାଁ ଲୋକଙ୍କ ସମର୍ଥନକୁ କେବେ ଭୁଲି ପାରିବିନି’’ ବୋଲି ସେ ପ୍ରକାଶ କରିଛନ୍ତି।

## ଡେପୁଟି କଲେକ୍ଟର ସ୍ୱପ୍ନ

ସେ ଛୋଟ ବେଳୁ ଖେଳରେ ରହି ଆସିଥିବାରୁ ତାଙ୍କୁ ରାଜ୍ୟ ସରକାର ଖେଳ ବିଭାଗରେ ଚାକିରି ଦେଲେ ଖୁସି ହେବେ ବୋଲି କହିଛନ୍ତି ପ୍ରମୋଦ। ଡେପୁଟି କଲେକ୍ଟର ହେବା ତାଙ୍କର ସ୍ୱପ୍ନ ଥିଲା, ତେବେ ରାଜ୍ୟ ସରକାର ତାଙ୍କୁ ଯେଉଁଠି ନିଯୁକ୍ତି ଦେବେ ସେ ଖୁସି ବୋଲି କହିଛନ୍ତି। ଗତବର୍ଷ ଏବଂ କିଛିଦିନ ପୂର୍ବରୁ ପାରା ଆଥ୍‌ଲେଟମାନେ ଚାକିରି ଦାବିକରି କ୍ରୀଡ଼ା ବିଭାଗ ପରିସରରେ ଧାରଣାରେ ବସିଥିଲେ। ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ପ୍ରମୋଦ କହିଛନ୍ତି ଯେ, ପାରାଲିମ୍ପିକ୍ସରେ ମୁଁ ସ୍ୱର୍ଣ୍ଣ ପଦକ ପାଇଥିବାରୁ ଦୃଷ୍ଟିଭଙ୍ଗୀରେ ନିଶ୍ଚିତ ପରିବର୍ତ୍ତନ ହେବ ଏବଂ ସରକାର ରାଜ୍ୟର ପାରା ଆଥ୍‌ଲେଟଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ଆଶା ରହିଛି। ଯୋଗ୍ୟ ପିଲାଙ୍କୁ ଚାକିରି ପାଇଁ ମୁଁ ମଧ୍ୟ ସରକାରଙ୍କୁ ଅନୁରୋଧ କରିବି ବୋଲି କହିଛନ୍ତି। ପାରା ଆଥ୍‌ଲେଟଙ୍କ ଅଭ୍ୟାସ ପାଇଁ ଭିତ୍ତିଭୂମି ଉପଲବ୍ଧ କରାଗଲେ ଆଗକୁ ନିଶ୍ଚିତ ଅଧିକରୁ ଅଧିକ ପ୍ରମୋଦ ଭଗତ ବାହାରି ପାରିବେ। ଯେଉଁମାନଙ୍କର ହ୍ୱିଲଚେୟାର ଆବଶ୍ୟକ ସେମାନଙ୍କୁ ଯୋଗାଇ ଦିଆଯିବା ଉଚିତ। ଏହା ହେଲେ ଆଗାମୀ ପାରାଲିମ୍ପିକ୍ସ ବେଳକୁ ଓଡ଼ିଶାରୁ ଏକାଧିକ ଖେଳାଳି ଉଚ୍ଚସ୍ତରରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଯୋଗ୍ୟ ହୋଇ ପାରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପ୍ରଥମ ପ୍ରେମ

ଟୋକିଓ ଅଲିମ୍ପିକ୍ସରେ ନିଜ ଇଭେଣ୍ଟର ଫାଇନାଲ ସମ୍ପର୍କରେ ମତଦେଇ ପ୍ରମୋଦ କହିଛନ୍ତି ଯେ, ଫାଇନାଲ ପାଇଁ ସ୍ୱତନ୍ତ୍ର ରଣନୀତି କିଛି ନ ଥିଲା। ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ଖେଳିବାର ଅଭିଜ୍ଞତା ଥିଲା। ତାକୁ ଉପଯୋଗ କରି ସେ ଖେଳିଥିଲେ। ତାଙ୍କ ଗାଁଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ଦେଶବାସୀଙ୍କ ସମର୍ଥନ ଥିଲା। ତେଣୁ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ସେ ବହୁତ ଖୁସି। ସେ ପୂର୍ବରୁ ଅନେକ ବଡ଼ ଟୁର୍ନାମେଣ୍ଟ ଖେଳିଥିଲେ ହେଁ ଏଥର ପାରାଲିମ୍ପିକ୍ସ ଯୋଗୁ ଲୋକମାନେ ତାଙ୍କ ମ୍ୟାଚ ଉପରେ ନଜର ରଖିଥିଲେ। ପ୍ରତିଯୋଗିତାର ଗୁରୁତ୍ୱ ଯୋଗୁ ଲୋକମାନଙ୍କର ମନୋଭାବ ମଧ୍ୟ ବଦଳି ଯାଇଥିଲା। ସେ ସ୍ୱର୍ଣ୍ଣ ପଦକ ଜିତି ଫେରିବେ ବୋଲି ସଂକଳ୍ପବଦ୍ଧ ଥିଲେ, ତାହା କରିପାରିଥିବାରୁ ବହୁତ ଖୁସି। ସେ ଆହୁରି କହିଛନ୍ତି ଯେ, ସେ ସବୁବେଳେ ରାଜ୍ୟର ପାରା ଆଥ୍‌ଲେଟିକ୍ସ ଏବଂ ଆଥ୍‌ଲେଟଙ୍କ କଥା ଚିନ୍ତା କରନ୍ତି। ରାଜ୍ୟ ସରକାର ଦେଇଥିବା ଅର୍ଥରୁ ସେ ଯାହା କରିପାରିବେ ନିଶ୍ଚିତ କରିବେ। ନିଜ ବିବାହ ସମ୍ପର୍କରେ ମତଦେଇ ପ୍ରମୋଦ କହିଥିଲେ ଯେ, ‘‘ଏ ସମ୍ପର୍କରେ ବର୍ତ୍ତମାନ କିଛି ଚିନ୍ତା କରିନି। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବା ମୋର ପ୍ରଥମ ପ୍ରେମ ଥିଲା। ତାହା ସଫଳ ହୋଇଛି। ଆଗାମୀ ଦିନରେ ମୁଁ ବିବାହ ସମ୍ପର୍କରେ ଚିନ୍ତା କରିବି’’। ଏହି ସ୍ୱର୍ଣ୍ଣ ପଦକ ଆଗାମୀ ଦିନରେ ଅନେକ ପ୍ରମୋଦ ଭଗତ ସୃଷ୍ଟି କରିବାରେ ସହାୟକ ହେବ ବୋଲି ତାଙ୍କର ଆଶା ରହିଛି। ତେବେ ତାଙ୍କ ଗ୍ରାମରେ ସରକାର ଏକ ଷ୍ଟାଡିୟମ ନିର୍ମାଣ କରିବା ପାଇଁ ମୁଁ ଅନୁରୋଧ କରିବି। ଏକ ଏକାଡେମୀ ନିର୍ମାଣ ତାଙ୍କର ସ୍ୱପ୍ନ ରହିଛି ବୋଲି କହିଛନ୍ତି ଏହି ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି।

### ପ୍ରମୋଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ୧୦।୯ (କ୍ରୀଡ଼ା ପ୍ରତିନିଧି):** ଟୋକିଓ ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଆ ପୁଅ ପ୍ରମୋଦ ଭଗତ ଶୁକ୍ରବାର ଭୁବନେଶ୍ୱର ଫେରିଛନ୍ତି। ବିମାନ ବନ୍ଦରରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରମୋଦଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ରାଜ୍ୟ ସଭା ସଦସ୍ୟ ଅମର ପଟ୍ଟନାୟକ, କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଏବଂ ହକି ପ୍ରମୋଶନ କାଉନ୍‌ସିଲ ଅଧ୍ୟକ୍ଷ ଦିଲୀପ ତିର୍କୀ ମଧ୍ୟ ପ୍ରମୁଖ ଉପସ୍ଥିତ ରହି ପ୍ରମୋଦଙ୍କୁ ସ୍ୱାଗତ କରିଥିଲେ। ପ୍ରମୋଦ ଅପରାହ୍ନ ୨ଟାରେ ବିମାନ ବନ୍ଦର ବାହାରକୁ ଆସିଥିଲେ ହେଁ ପୂର୍ବାହ୍ନରୁ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁ ଉତ୍କଣ୍ଠାର ସହ ତାଙ୍କ ଆଗମନକୁ ଅପେକ୍ଷା କରିଥିଲେ। ପାରା ପ୍ଲେୟର୍ସ ଫୋରମ୍‌ର ସମସ୍ତ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ତାଙ୍କ ଗ୍ରାମ ଅତାବିରାରୁ ଏକାଧିକ ଅନୁଷ୍ଠାନ ଓ ବହୁ ସଂଖ୍ୟକ ଲୋକ ବ୍ୟାନର ଧରି ବିମାନବନ୍ଦର ବାହାରେ ଅପେକ୍ଷା କରିଥିଲେ। ନୃତ୍ୟ, ଗୀତ ମାଧ୍ୟମରେ ପ୍ରମୋଦଙ୍କୁ ସ୍ୱାଗତ କରାଯାଇଥିଲା। ତା’ ପରେ ଏକ ଖୋଲା ଜିପ୍‌ରେ ପ୍ରମୋଦ ଏବଂ ତାଙ୍କ କୋଚ୍ ଶିବ ପ୍ରସାଦ ଦାସଙ୍କୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଅଣା ଯାଇଥିଲା।



ଖୋଲା ଜିପ୍‌ରେ ପ୍ରମୋଦ ଭଗତ ଏବଂ ତାଙ୍କ କୋଚ୍ ଶିବ ପ୍ରସାଦ ଦାସଙ୍କୁ ବିମାନ ବନ୍ଦରରୁ କଳିଙ୍ଗ ଷ୍ଟାଡିୟମ ପର୍ଯ୍ୟନ୍ତ ଅଣାଯାଉଛି।






ଶୁକ୍ରବାର ଭୁବନେଶ୍ୱର ବିମାନବନ୍ଦରରେ ପ୍ରମୋଦ ଭଗତଙ୍କୁ ସ୍ୱାଗତ କରିବା ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ। ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ସହଅତାବିରାରୁ ଆସିଥିବା କ୍ରୀଡ଼ାପ୍ରେମୀ।

# ସ୍ୱାସ୍ଥ୍ୟ ପ୍ରୋଟୋକଲ ମାନିନାହାନ୍ତି କୋହଲି, ଶାସ୍ତ୍ରୀ

**ନୂଆଦିଲ୍ଲୀ, ୧୦।୯**

କୋଭିଡ୍-୧୯ ମହାମାରୀ ପାଇଁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଶୁକ୍ରବାର ଖେଳାଯିବାକୁ ଥିବା ପଞ୍ଚମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ବାତିଲ ହୋଇଛି। ଏହି ପରସ୍ଥିତି ପାଇଁ ଏବେ ଭ୍ରମଣକାରୀ ଭାରତୀୟ ଦଳର ଖେଳାଳିଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଜାରି କରାଯାଇଥିବା ସ୍ୱାସ୍ଥ୍ୟଗତ କଟକଣା ବା ପ୍ରୋଟୋକଲକୁ ଅନୁସରଣ କରିବାରେ ସେତେଟା ଧ୍ୟାନ ଦେଇ ନ ଥିବା ଅଭିଯୋଗ ହୋଇଛି।

ଶାସ୍ତ୍ରୀଙ୍କର ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୋଭିଡ୍ କଟକଣାର ଉଲ୍ଲଂଘନ ହୋଇଥିଲା। ଚତୁର୍ଥ ଟେଷ୍ଟ ପୂର୍ବରୁ ଟିମ୍ ହୋଟେଲରେ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଶାସ୍ତ୍ରୀଙ୍କ ସମେତ ବୋଲିଂ କୋଚ୍ ଭରତ ଅରୁଣ, ଫିଲ୍ଡିଂ କୋଚ୍ ଆର. ଶ୍ରୀଧର ଓ ଫିଜିଓ ନୀତୀନ ପଟେଲ ଯୋଗ ଦେଇଥିଲେ। ଏବେ ଏମାନେ ପଜିଟିଭ ବୋଲି ଜଣାପଡିଛି। ଏହି ୩ଜଣଙ୍କ ଟିକାକରଣ ମଧ୍ୟ ହୋଇଥିଲା। ଆସିଷ୍ଟାଣ୍ଟ କୋଚ୍ ଯୋଗେଶ ପାରମାର ମଧ୍ୟ ପଜିଟିଭ ବୋଲି ଜଣାପଡ଼ିବା ପରେ ଘଟଣା ଭିନ୍ନ ମୋଡ଼ ନେଇଥିଲା। ଟସ୍‌ର ଦୁଇଘଣ୍ଟା ପୂର୍ବରୁ ଭରତୀୟ ଦଳ ନ ଖେଳିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ମ୍ୟାଚ୍‌କୁ ବାତିଲ କରିବାକୁ ପଡ଼ିଥିଲା।

ପୁସ୍ତକ ଉନ୍ମୋଚନ ଅବସରରେ କୋହଲି ଓ ତାଙ୍କ ସାଥୀ ଖେଳାଳିମାନେ ଉପସ୍ଥିତ ଥିଲେ ଓ ଏହି ଉତ୍ସବରେ ବାହାର ଅତିଥିମାନେ ମଧ୍ୟ ଯୋଗ ଦେଇଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ମାସ୍କ ପିନ୍ଧି ନ ଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଶାସ୍ତ୍ରୀ କିମ୍ବା କୋହଲି ବିସିସିଆଇଠାରୁ ଲିଖିତ ଅନୁମତି ପାଇ ନ ଥିଲେ। ଇଂଲଣ୍ଡରେ କଟକଣା କୋହଳ ହୋଇଥିବାରୁ ଶାସ୍ତ୍ରୀ ଓ କୋହଲି ବୋଧହୁଏ ବିସିସିଆଇର ଅନୁମତି ଲୋଡି ନ ଥିଲେ ବୋଲି ବୋର୍ଡର ଜଣେ ଅଧିକାରୀ କହିଛନ୍ତି। ଏପରି ସ୍ଥଳେ ଦଳର ଆଡ୍‌ମିନିଷ୍ଟ୍ରେଟିଭ ମ୍ୟାନେଜର ଗିରିଶ ଡୋଙ୍ଗ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଏଭଳି କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ କାଗଜପତ୍ର କାମ ଠିକ୍ କରିବା ଗିରିଶଙ୍କ ଦାୟିତ୍ୱ ରହିଥିଲା। କିନ୍ତୁ ସେ ତାଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ନ ଥିଲେ ବୋଲି ଅନୁମାନ କରାଯାଉଛି। ଶାସ୍ତ୍ରୀ ଓ କୋହଲିଙ୍କୁ ଏଥିପାଇଁ ଦଣ୍ଡିତ କରାଯିବାର ସମ୍ଭାବନା ମଧ୍ୟ କମ୍ ରହିଛି। କାରଣ ଆଗକୁ ଟି୨୦ ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି।

ଶାସ୍ତ୍ରୀଙ୍କ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଯୋଗଦେବା ବେଳେ ଭାରତୀୟ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ନିଜର ସାଧାରଣ ଜ୍ଞାନ ବ୍ୟବହାର କିପରି ନ କଲେ ବୋଲି ପ୍ରଶ୍ନ ଉଠିଛି। ଏହି ପୁସ୍ତକ ଉନ୍ମୋଚନ ଇଭେଣ୍ଟ ଏବେ ସୁପର ସ୍ପ୍ରେଡରର ଭୂମିକା ଗ୍ରହଣ କରିଛି ବୋଲି କୁହାଯାଇଛି। ଶାସ୍ତ୍ରୀଙ୍କ ସମେତ ୪ଜଣ ସପୋର୍ଟ ଷ୍ଟାଫ୍ ଏଥିରେ ପ୍ରଭାବିତ ହୋଇଛନ୍ତି।

ପୂର୍ବରୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରେ ରିଷଭ ପନ୍ତ ମଧ୍ୟ କରୋନା ପଜିଟିଭ ହୋଇଥିଲେ। ଏହି ଘଟଣାରୁ ମଧ୍ୟ ଭାରତୀୟ ଖେଳାଳିମାନେ କିଛି ଶିକ୍ଷା ପାଇଲେ ନାହିଁ। ପୂର୍ବରୁ ମଧ୍ୟ ୱିମ୍ବେଲଡନ, ୟୁରୋକପ ଭଳି ଇଭେଣ୍ଟରେ ଉପସ୍ଥିତ ନ ରହିବାକୁ ଖେଳାଳିମାନଙ୍କୁ ବିସିସିଆଇ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିବା ମନେହେଉଛି। କେତଜଣଙ୍କ ତ୍ରୁଟି ପାଇଁ ଭାରତୀୟ ଦଳକୁ ଏବେ ମୂଲ୍ୟ ଦେବାକୁ ପଡିଛି।

# କୋଭିଡ୍ ଆଶଙ୍କା: ପଞ୍ଚମ ଟେଷ୍ଟ ବାତିଲ

**ମାଞ୍ଚେଷ୍ଟର, ୧୦।୯ (ପି.ଟି.)**

ଶୁକ୍ରବାର ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ଲାଗି ଟିମ୍ ଛିଡ଼ା କରିବା ଲାଗି ଭାରତ ଅସାମର୍ଥ୍ୟ ପ୍ରକାଶ କରିବାରୁ ଏହି ମ୍ୟାଚକୁ ବାତିଲ କରିଦିଆଯାଇଛି। କୋଭିଡ୍ ଟେଷ୍ଟରେ ଜୁନିୟର ଫିଜିଓ ଯୋଗେଶ ପାରମର କରୋନା ପଜିଟିଭ ଜଣାପଡ଼ିବା ପରେ ମ୍ୟାଚ ସମୟରେ କରୋନା ସଂକ୍ରମଣ ଆଶଙ୍କା କରାଯାଇଥିଲା। ଫଳରେ ଟସ୍ ପଡ଼ିବା ସମୟର କିଛି ଘଣ୍ଟା ପୂର୍ବରୁ ମ୍ୟାଚକୁ ବାତିଲ ଘୋଷଣା କରାଯାଇଥିଲା। ଗୁରୁବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆର ଖେଳାଳିମାନେ ଆଲୋଚନା କରିଥିଲେ। ଅଧିନାୟକ ବିରାଟ କୋହଲିଙ୍କ ନେତୃତ୍ୱରେ ସେମାନେ ସେମାନଙ୍କ ମନୋଭାବ ଜଣାଇଥିଲେ। କରୋନା ସଂକ୍ରମଣ ଆଶଙ୍କା କରି ଅଧିକାଂଶ ଖେଳିବାକୁ ରାଜି ହୋଇ ନ ଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର କର୍ମକର୍ତ୍ତାମାନେ ସେମାନଙ୍କୁ ବୁଝାଇବାରେ ସମର୍ଥ ହୋଇ ନ ଥିଲେ। ଏହି ପ୍ରସଙ୍ଗରେ ବିସିସିଆଇ ପକ୍ଷରୁ ନିଜସ୍ୱ ବିବୃତି ଜାରି କରାଯାଇଥିଲା। ମ୍ୟାଚଟିକୁ କିଛି ଦିନ ପରେ ଖେଳାଯାଇପାରିବ ବୋଲି କହିଥିଲା। ବିସିସିଆଇ ଏବଂ ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମଧ୍ୟରେ ସୁସମ୍ପର୍କ ରହିଛି। ବାତିଲ ଟେଷ୍ଟ ମ୍ୟାଚର ତାରିଖ ପୁନଃନିର୍ଦ୍ଧାରଣ କରିବା ଲାଗି ବିସିସିଆଇ ଇସିବିକୁ କହିଛି। ଉଭୟ ବୋର୍ଡ ସହମତିରେ ଏହି ଟେଷ୍ଟ ପାଇଁ ସମୟ ବାହାର କରିବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। କୋଭିଡ୍ ସମ୍ପର୍କିତ କ୍ୱାରାଣ୍ଟାଇନ୍‌ରେ ରହିଲେ ସମ୍ପୃକ୍ତ ଖେଳାଳି ସେପ୍ଟେମ୍ବର ୧୯ରୁ ଖେଳାଯିବାକୁ ଥିବା ଆଇପିଏଲ୍ ମ୍ୟାଚ ଖେଳିବାରୁ ବଞ୍ଚିତ ହେବେ। ଖେଳାଳିମାନଙ୍କର ଆଉ ଏକ ପର୍ଯ୍ୟାୟ କୋଭିଡ୍ ଟେଷ୍ଟ ହୋଇଛି। ଫଳାଫଳକୁ ଅପେକ୍ଷା କରାଯାଉଛି। ମ୍ୟାଚ ବାତିଲ ହେବା ପରେ ଇସିବି ଖେଳପ୍ରେମୀ ଓ ଅଂଶୀଦାରମାନଙ୍କ ନିକଟରେ କ୍ଷମାଭିକ୍ଷା କରିଛି। ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୨-୧ରେ ଅଗ୍ରଣୀ ଲାଭ କରିଛି। ହେଲେ ବିଧିବଦ୍ଧ ଭାବେ ବିଜେତାଙ୍କ ଦଳର ନାମ ଘୋଷଣା କରାଯାଇ ନାହିଁ। ବାତିଲ ହୋଇଥିବା ୫ମ ଟେଷ୍ଟ ମ୍ୟାଚ ଆସନ୍ତାବର୍ଷ ଜୁଲାଇରେ ଖେଳାଯାଇ ପାରିବ, ଯେତେବେଳେ ଦଳ ୬ ମ୍ୟାଚ ବିଶିଷ୍ଟ ସୀମିତ ଓଭର ସିରିଜ ଖେଳିବା ଲାଗି ଆସିବ। ଗୁରୁବାର କୋଭିଡ୍ ଟେଷ୍ଟ ଫଳାଫଳ ନେଗେଟିଭ ସତ୍ତ୍ୱେ ଭାରତୀୟ ଖେଳାଳିମାନେ ମ୍ୟାଚ୍ ଖେଳିବା ଲାଗି ରାଜି ନ ହେବା ପରେ ବିସିସିଆଇ ଓ ଇସିବି ମଧ୍ୟରେ ବହୁ ପର୍ଯ୍ୟାୟ ଆଲୋଚନା ହୋଇଥିଲା। ଶେଷରେ ଭାରତୀୟ ଦଳରେ କୋଭିଡ୍ ଦେଖା ଦେବା କାରଣରୁ ମ୍ୟାଚକୁ ବାତିଲ କରିବା ଲାଗି ଉଭୟ ବୋର୍ଡ ନିଷ୍ପତ୍ତି ନେଇଥିଲେ।



କୋଚ୍ ରବି ଶାସ୍ତ୍ରୀ ଓ ଅଧିନାୟକ ବିରାଟ କୋହଲି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୧/୨୦୨୧ Bhubaneswar, Saturday, September 11/ 2021

# ରାଡୁକାନୁ-ଫର୍ନାଣ୍ଡିଜ ଫାଇନାଲ

ୟୁଏସ୍ ଓପନ ଟେନିସ୍

ନ୍ୟୁୟର୍କ,୧୦।୯

ବର୍ଷର ଚତୁର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଶନିବାର ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ବିଶ୍ୱର ୭୩ ନମ୍ବର ଖେଳାଳି କାନାଡାର ୧୯ ବର୍ଷୀୟା ଲୈଲା ଫର୍ନାଣ୍ଡିଜ୍ ଓ ୧୫୦ ନମ୍ବର ଖେଳାଳି ୟୁନାଇଟେଡ କିଙ୍ଗଡମ୍‌ର ୧୮ ବର୍ଷୀୟା ଇମ୍ମା ରାଡୁକାନୁ ପରସ୍ପରକୁ ଭେଟିବେ। ଉଭୟ ସ୍ୱଳ୍ପ ବୟସ୍କା ହୋଇଥିବାରୁ ଦୁହିଁଙ୍କ ପାଇଁ ଫାଇନାଲ ପ୍ରବେଶ କରିବା ଏକ ସ୍ୱତନ୍ତ୍ର ଅନୁଭୂତି ଆଣିଦେଇଛି। ଉଭୟ ପ୍ରଥମଥର ପାଇଁ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିବାର ନିକଟତର ହୋଇଛନ୍ତି। ପୂର୍ବରୁ ୨୨ ବର୍ଷ ତଳେ ଏଭଳି ସ୍ୱଳ୍ପ ବୟସ୍କାଙ୍କ ଲଢେଇ ଦେଖିବାକୁ ମିଳିଥିଲା। ୧୯୯୯ ୟୁଏସ୍ ଓପନ୍‌ରେ ୧୭ ବର୍ଷୀୟା ସେରେନା ୧୮ ବର୍ଷୀୟା ମାର୍ଟିନା ହିଙ୍ଗିସ୍‌ଙ୍କୁ ପରାସ୍ତ କରି ସେତେବେଳେ ଟାଇଟଲ ଜିତିଥିଲେ।

ରାଡୁକାନୁ ପ୍ରଥମ କ୍ୱାଲିଫାୟର ଭାବେ ପ୍ରଫେଶନାଲ ଏରାରେ କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲରେ ସେ ୧୭ତମ ସିଡ୍ ଗ୍ରୀସ୍‌ର ମାରିଆ ସାକାରିଙ୍କୁ ୬-୧, ୬-୪ ସେଟ୍‌ରେ ସହଜରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। କ୍ୟାରିୟର ଦ୍ୱିତୀୟ ମେଜର ଟୁର୍ନାମେଣ୍ଟରେ ସେ ଏହି ସଫଳତା ପାଇଛନ୍ତି। ୩ଟି କ୍ୱାଲିଫାଇଂ ମ୍ୟାଚ୍ ଓ ୬ଟି ମୁଖ୍ୟ ଡ୍ର ମ୍ୟାଚ୍‌ରେ ରାଡୁକାନୁ ତାଙ୍କର ସବୁ ୧୮ଟି ସେଟ୍‌ରେ ବିଜୟ ହାସଲ କରିଛନ୍ତି। ଫାଇନାଲରେ ପ୍ରବେଶ କରିଛି ବୋଲି ନିଜକୁ ବିଶ୍ୱାସ କରିପାରୁ ନାହିଁ ବୋଲି ରାଡୁକାନୁ ଖୁସିରେ ଆତ୍ମହରା ହୋଇ କହିଛନ୍ତି। ରୁଷିଆର ମାରିଆ ସାରାପୋଭାଙ୍କ ପରେ ରାଡୁକାନୁ ଏଥିସହ ସର୍ବକନିଷ୍ଠ ସ୍ଲାମ ଫାଇନାଲିଷ୍ଟର ମାନ୍ୟତା ପାଇଛନ୍ତି। ପୂର୍ବରୁ ସାରାପୋଭା ୨୦୦୪ରେ ସର୍ବକନିଷ୍ଠ ଖେଳାଳିଭାବେ ୱିମ୍ବଲଡନ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ।

ଅନ୍ୟ ଏକ ସେମିଫାଇନାଲରେ ଫର୍ନାଣ୍ଡିଜ୍ ୭-୬, ୪-୬, ୬-୪ ସେଟ୍‌ରେ ବିଶ୍ୱର ୨ ନମ୍ବର ଖେଳାଳି ବେଲାରୁଷର ଆରିଆ ସାବାଲେଙ୍କାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଫର୍ନାଣ୍ଡିଜ୍ ଏଥିସହ କ୍ରମାଗତ ଭାବେ ଚତୁର୍ଥ ୩ ସେଟ୍ ବିଶିଷ୍ଟ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି। ସେ ପ୍ରଥମେ ବିଶ୍ୱର ୩ ନମ୍ବର ଖେଳାଳି ତଥା ୨୦୧୮ ଓ ୨୦୨୦ ୟୁଏସ୍ ଚାମ୍ପିୟନ ନାଓମି ଓସାକାଙ୍କୁ ହରାଇଥିଲେ। ଏହାପରେ ସେ ବିଶ୍ୱର ୧୬ ନମ୍ବର ଖେଳାଳି ତଥା ୨୦୧୬ ଚାମ୍ପିୟନ ଆଞ୍ଜେଲିକ କର୍ବର ଓ ୫ ନମ୍ବର ଖେଳାଳି ଏଲିନା ଭିଟୋଲିନା ଓ ଶେଷରେ ସାବାଲେଙ୍କାଙ୍କୁ ହରାଇଛନ୍ତି। ୨୦୧୯ରେ ବାଇଆଙ୍କା ଆଣ୍ଡ୍ରେସ୍କୁ ୟୁଏସ୍ ଓପନ ଟାଇଟଲ ହାସଲ କରିଥିଲେ। ଏବେ ଫର୍ନାଣ୍ଡିଜ୍ ଟାଇଟଲ ହାସଲର ନିକଟବର୍ତ୍ତୀ ହୋଇଛନ୍ତି। ରାଡୁକାନୁ କାନାଡାର ଟରଣ୍ଟୋରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ତାଙ୍କୁ ୨ ବର୍ଷ ହୋଇଥିବା ବେଳେ ପୂରା ପରିବାର ଇଂଲଣ୍ଡ ଚାଲିଯାଇଥିଲେ। ତାଙ୍କ ବାପା ରୋମାନିଆର ହୋଇଥିବା ବେଳେ ମା' ଚାଇନାର। ସେହିପରି ଫର୍ନାଣ୍ଡିଜ କାନାଡାର ମଣ୍ଟ୍ରିଲରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ମା' ଫିଲିପିନୋ କାନାଡିଆନ ହୋଇଥିବା ବେଳେ ପିତା ଇକ୍ୱେଡରର। ତାଙ୍କ ପରିବାର ଫ୍ଲୋରିଡା ଚାଲିଯାଇଥିଲେ। ସେତେବେଳେ ଫର୍ନାଣ୍ଡିଜ୍‌ଙ୍କୁ ମାତ୍ର ୧୨ ବର୍ଷ ହୋଇଥିଲା।



ରିଟର୍ନ ଶଟ୍ ଖେଳିବା ଅବସରରେ ଲୈଲା ଫର୍ନାଣ୍ଡିଜ୍।

# ଏସୀୟ ଜୁ-ଜୁଟ୍‌ସୁରେ ଭାଗ ନେବେ ଅନୁପମା

ଭୁବନେଶ୍ୱର,୧୦।୯(ସ୍ପୋର୍ଟ୍ସ ବ୍ୟୁରୋ)

ଆସନ୍ତା ୧୩ତାରିଖରୁ ଆବୁଧାବିରେ ଆୟୋଜନ ହେବାକୁ ଥିବା ଏସୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତାରେ ଓଡ଼ିଶାର ଅନୁପମା ସ୍ୱାଇଁ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ଭୁବନେଶ୍ୱରରୁ ଦିଲ୍ଲୀ ଓ ଦିଲ୍ଲୀରୁ ଆବୁଧାବି ଯାତ୍ରା କରିଛନ୍ତି।

ଏହି ପ୍ରତିଯୋଗିତାରେ ଅନୁପମା ନେ ୱାଜା ଫାଇଟିଂ ସିଷ୍ଟମ ଆଣ୍ଡ କଣ୍ଟାକ୍ଟ ଜୁ-ଜୁଟ୍‌ସୁରେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତା ଆସନ୍ତା ୨୦୨୨ ଏସିଆନ ଗେମ୍ସ ଜୁ- ଜୁଟ୍‌ସୁ ପ୍ରତିଯୋଗିତା ନିମନ୍ତେ ନିର୍ଣ୍ଣାୟକ ହେବ। ଓଡ଼ିଶା ପୋଲିସରେ କାର୍ଯ୍ୟ କରୁଥିବା ଅନୁପମା ଉତ୍କଳ କରାଟେ ସ୍କୁଲ୍‌ରେ ଶିକ୍ଷା ଲାଭ କରି ବିଗତ ଦିନରେ ଏସୀୟ ପାୱାରଲିଫ୍ଟିଙ୍ଗ୍ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ, ଥାଇଲାଣ୍ଡ ଓପନରେ ଇନ୍- ଜୁଟ୍‌ସୁରେ ସ୍ୱର୍ଣ୍ଣ, ୱାର୍ଲ୍ଡ ମାର୍ଶାଲ ଆର୍ଟ ଇନ୍- ଜୁଟ୍‌ସୁରେ ବ୍ରୋଞ୍ଜ, ଜାତୀୟ ଜୁ-ଜୁଟ୍‌ସୁ ପ୍ରତିଯୋଗିତାରେ ୩ ବର୍ଷ ଧରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏସୀୟ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରିବା ପାଇଁ ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକ, ଅନ୍ତର୍ଜାତୀୟ ଖେଳାଳି ଗୌରୀ ମହାନ୍ତି, ଚିନ୍ମୟୀ ଭୂୟାଁ, ମୋନାଲି ସାହୁ, ଲଳିତ ସାହୁ, ମୀର ଅଜମତ ଅଲୀ, ହିମାଂଶୁ ଶେଖର ଦାସ, ସନ୍ଦୀପ ଦାସ ପ୍ରମୁଖ ଅନୁପମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଆବୁଧାବି ଯାତ୍ରା ପୂର୍ବରୁ କର୍ମକର୍ତ୍ତାଙ୍କ ଗହଣରେ ଅନୁପମା ସ୍ୱାଇଁ (ବାମରୁ ତୃତୀୟ)।

# ଟି୨୦ ବିଶ୍ୱକପ୍: ୱେଷ୍ଟଇଣ୍ଡିଜ ଦଳ ଘୋଷିତ

**ସେଣ୍ଟ ଜୋନ୍ସ(ଆଣ୍ଟିଗୁଆ),୧୦।୯:** ଆସନ୍ତା ମାସରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପାଇଁ ଗତଥରର ଚାମ୍ପିୟନ ୱେଷ୍ଟଇଣ୍ଡିଜ୍ ଏକ ୧୫ ଜଣିଆ ଦଳ ଘୋଷଣା କରିଛି। ଶୁକ୍ରବାର ଘୋଷିତ ଏହି ଦଳରେ ୩୬ ବର୍ଷୀୟ ରବି ରାମପଲ ପ୍ରତ୍ୟାବର୍ତ୍ତନ କରିଛନ୍ତି। **ୱେଷ୍ଟଇଣ୍ଡିଜ ଦଳ:** କରିନ ପୋଲାଣ୍ଡ (ଅଧିନାୟକ), ନିକୋଲାସ ପୁରନ, ଫାବିଆନ ଆଲେନ, ଡ୍ୱେନ ବ୍ରାଭୋ, ରୋଷ୍ଟାନ ଚେଜ, ଆନ୍ଦ୍ରେ ଫ୍ଲେଚର, କ୍ରିସ୍ ଗେଲ, ଶିମରନ ହେଟମେୟର, ଏଭିନ ଲୁଇସ୍, ଓବେଡ ମ୍ୟାକକଏ, ଲିଣ୍ଡେଲ ସିମନ୍ସ, ରବି ରାମପଲ, ଆନ୍ଦ୍ରେ ରସେଲ, ଓଶେନ ଥୋମାସ, ହେଡେନ ୱାଲ୍ସ ଜୁନିୟର।

ରିଜର୍ଭ ଖେଳାଳି: ଡାରେନ ବ୍ରାଭୋ, ଶେଲଡନ କଟ୍ରେଲ, ଜାସନ ହୋଲ୍ଡର ଓ ଅକିଲ ହୋସେଇନ।

# ପେଲେଙ୍କ ରେକର୍ଡ ଭାଙ୍ଗିଲେ ମେସି

ବୁଏନ୍ସ ଆରିଜ,୧୦।୯(ଏପି)

ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ଲିଓନେଲ ମେସି ଆଉ ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ସେ ଦକ୍ଷିଣ ଆମେରିକା ଫୁଟବଲ ଇତିହାସରେ ଟପ୍ ଗୋଲ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ଏହି କ୍ରମରେ ସେ କିମ୍ବଦନ୍ତୀ ଫୁଟବଲର ବ୍ରାଜିଲର ପେଲେଙ୍କୁ ପଛରେ ପକାଇଛନ୍ତି।

ଗୁରୁବାର ଖେଳାଯାଇଥିବା ବଲିଭିଆ ବିପକ୍ଷ ବିଶ୍ୱକପ୍ କ୍ୱାଲିଫାଇଙ୍ଗ୍ ମ୍ୟାଚ୍‌ରେ ମେସି ସବୁ ୩ଟି ଗୋଲ ସ୍କୋର କରି ଆର୍ଜେଣ୍ଟିନାକୁ ଜିତାଇଥିଲେ। ଏଥିସହ ସେ ଆର୍ଜେଣ୍ଟିନା ପାଇଁ ୭୯ତମ ଗୋଲ ସ୍କୋର କରିଛନ୍ତି। ୩୪ ବର୍ଷୀୟ ମେସି ଏପର୍ଯ୍ୟନ୍ତ ଦେଶ ପାଇଁ ୧୫୩ଟି ମ୍ୟାଚ୍ ଖେଳିଛନ୍ତି। ଅପରପକ୍ଷରେ ପେଲେ ବ୍ରାଜିଲ ତରଫରୁ ପ୍ରତିନିଧିତ୍ୱ କରି ୯୨ଟି ମ୍ୟାଚ୍ ଖେଳି ୭୭ ଗୋଲ ସ୍କୋର କରିଛନ୍ତି।

୨୦ ହଜାର ଦର୍ଶକଙ୍କ ଉପସ୍ଥିତିରେ ସ୍ଥାନୀୟ ମନୁମେଣ୍ଟାଲ ଷ୍ଟାଡିୟମରେ ମେସିଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଆର୍ଜେଣ୍ଟିନା ବିଜୟୀ ହୋଇଥିଲା। ମେସି ୬ଥର ବାଲନ ଡି'ଅର ପୁରସ୍କାର ହାସଲ କରିଛନ୍ତି। ମେସି ୧୪ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ସେହିପରି ୬୪ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ ଦେଇଥିଲେ। ଶେଷରେ ୮୮ତମ ମିନିଟ୍‌ରେ ଗୋଲ ଦେଇ ସେ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନୂଆ ରେକର୍ଡ ସୃଷ୍ଟି କରିଥିବାରୁ ମେସି ଖୁସି ପ୍ରକାଶ କରିଛନ୍ତି। ପେଲେ ବ୍ରାଜିଲ ପାଇଁ ୩ଟି ବିଶ୍ୱକପ୍ ହାସଲ କରିଥିଲେ।



ଲିଓନେଲ ମେସି


ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର




ଡା. ଅର୍ଥୋ ହିଁ କାହିଁକି କିଣିବେ?
ସମଗ୍ର ଭାରତରେ ମିଳିଛି ପରିଣାମ

Rajasthan — ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ, ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁତ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

Uttrakhand — ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ଅଣ୍ଟା ବ୍ୟଥା ଓ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା। କୁଆଡ଼େ ଯିବାର କଥା ଉଠିଲେ ହିଁ ଭୟ ଲାଗୁଥିଲା। ମୁଁ ପୂର୍ଣ୍ଣ ଆଶା ସହିତ ଡା. ଅର୍ଥୋ ତେଲ ସକାଳେ- ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ନିୟମିତ ରୂପେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି । ମାତ୍ର ଦୁଇ-ତିନି ସପ୍ତାହ ମଧ୍ୟରେ ହିଁ ୭୦ ପ୍ରତିଶତ ଆରାମ ମିଳିଲା ।

Gujarat — ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥ୍‌ଲେଟ୍ ଖେଳାଳି ଥିଲି। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

Bihar — ନନ୍ଦକିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି। ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା। ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି । ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି ।

Gujarat — ମୋ ନାମ ଲକ୍ଷ୍ମୀ ବେନ୍ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କସ କହିବାକୁ ଚାହୁଁଛି ।

Haryana — ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି । ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ ।

24x7 Helpline No.: 7876977777 • Website: www.drorthooil.com • Available at all medical & general stores

ନକଲକାରୀଙ୍କ ପ୍ରତି ସାବଧାନ
'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ, ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।



ଭଲ ଉଦ୍ଦେଶ୍ୟ ସର୍ବଦା ବିଜୟ ଦେଇଥାଏ



ଭାରତମାତା
ସମସ୍ତ ବିପତ୍ତିରୁ ସୁରକ୍ଷା ପାଇଁ ଆମର ଶକ୍ତି

ମୋର ସମ୍ମାନିତ ନିବେଶକର୍ତ୍ତା ଏବଂ କର୍ତ୍ତବ୍ୟଯୋଗୀ କାର୍ଯ୍ୟକର୍ତ୍ତା ସାଥୀଗଣ,

ବିଗତ କିଛି ଦିନରୁ କିଛି ଦାୟିତ୍ୱ-ହୀନ ତତ୍ତ୍ୱ ଦ୍ୱାରା ଏହା ପଚାରିତ ଏବଂ ପ୍ରସାରିତ କରାଯାଉଛି କି ଆମ ସଂସ୍ଥା କୌଣସି ନିବେଶକମାନଙ୍କୁ ଦେୟ ପରିଶୋଧ କରୁନାହିଁ । **ଏହି ବିଷୟରେ ମୁଁ ଜଣାଇ ଦେଉଛି କି ସଂସ୍ଥା ଦ୍ୱାରା ସମ୍ମାନିତ ନିବେଶକଗଣଙ୍କୁ ଦେୟ ପରିଶୋଧ କରାଯାଉଛି, କିନ୍ତୁ ପରିଶୋଧ କରିବାରେ କିଛି ବିଳମ୍ବ ହେଉଅଛି, ତଥାପି ବିଳମ୍ବ ହେବା ପରିଛିତିରେ ସମ୍ମାନିତ ନିବେଶକମାନଙ୍କୁ ବିଳମ୍ବ ହେବା ସମୟର ସୁଧ ମଧ୍ୟ ଦିଆଯାଉଛି ।**

**ପରିଶୋଧ କରିବାରେ ବିଳମ୍ବ କାହିଁକି**

ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟର ପ୍ରତିବନ୍ଧ କାରଣରୁ ଯଦି ସାହାରା ଗ୍ରୁପ୍‌ର କୌଣସି ପରିସଂପତ୍ତି ବିକ୍ରି ହେଉଅଛି କିମ୍ବା ବନ୍ଧା ରଖାଯାଉଅଛି ତେବେ ଏହା ଦ୍ୱାରା ପ୍ରାପ୍ତ ଧନ ସାହାରା-ସେବୀ ଖାତାକୁ ଯାଉଅଛି ଏବଂ ଏକ ଟଙ୍କା ମଧ୍ୟ ସାର୍ବଜନୀନ ପରିଶୋଧ କରାଯାଇପାରୁ ନାହିଁ ।

ଏହିପରି ସାହାରା-ସେବୀ ଖାତାରେ ଆମର ସୁଧ ସହ ମୂଳଧନ ₹24,000 କୋଟିରୁ ଅଧିକ ରାଶି ଜମା ହୋଇଅଛି, ଆଉ ପୁରାଦେଶରେ ପ୍ରାୟ 150ଟି ଖବରକାଗଜରେ 4 ଥର ବିଜ୍ଞାପନ ଦେବାପରେ ମଧ୍ୟ ବିଗତ 8 ବର୍ଷରୁ ଅଧିକ ସମୟ ହେବ ସେବୀ କେବଳ **₹150 କୋଟି** ହିଁ ପରିଶୋଧ କରି ପାରିଛି ।

ଏହା ଗୋଟିଏ ଦେୟ କୁ ଦୁଇଥର ପରିଶୋଧ କରିବାର ପ୍ରଥମ ମାମଲା ।

**ଆମର ଉଦ୍ଦେଶ୍ୟ**

ସାହାରା ଇଣ୍ଡିଆ ପରିବାର ଏପରି ଏକ ସଂସ୍ଥା ଯାହାର ପ୍ରବନ୍ଧନ ଖୋଲା ଭାବରେ ନିଜର ଅସୁବିଧା ଏବଂ ସମସ୍ୟା ଗୁଡ଼ିକୁ ସମୟ-ସମୟରେ ନିଜର ସମ୍ମାନିତ ନିବେଶକ ଏବଂ କାର୍ଯ୍ୟକର୍ତ୍ତାମାନଙ୍କ ସାମନାରେ ପରିପ୍ରକାଶ କରୁଅଛି । ଆପଣମାନଙ୍କୁ ହେଉଥିବା ପରିଛିତି ବିଷୟ ରେ ଜଣାଇବା ଆମର ଦାୟିତ୍ୱ ବୋଲି ଆମେ ଭାବୁଛୁ । ଆମର ଉଦ୍ଦେଶ୍ୟରେ କୌଣସି ପ୍ରକାର ଛଳନା ନାହିଁ । ଆମର ସ୍ଥାପନା ହେବାର 44 ବର୍ଷ ମଧ୍ୟରେ, ଗତ 8 ବର୍ଷକୁ ଛାଡି ଦେଲେ, ଯେଉଁ ସମୟରୁ ସାହାରା ସେବୀ କେସ୍ କାରଣରୁ ମାନନୀୟ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଲଗାଯାଇଥିବା ପତିବଂଧ ଯୋଗୁଁ ପରିଶୋଧ କରିବାରେ ବିଳମ୍ବ ପରିଛିତି ସୃଷ୍ଟି ହେଉଅଛି ଏବଂ ନା ଏହାର ପୂର୍ବରୁ କେବେ ବିଳମ୍ବ ହୋଇଅଛି ନା ଭବିଷ୍ୟତରେ ଏଭଳି ବିଳମ୍ବ କେବେ ହେବ । ଯଦି ଆମ ଉଦ୍ଦେଶ୍ୟରେ କୌଣସି ପ୍ରକାର ଛଳନା ଥାଆନ୍ତା ତେବେ 2014 ମସିହାରେ ଯେବେ ସଂସ୍ଥା ଉପରେ ଅଚାନକ ଏହି ବିପତ୍ତି ଆସିଥିଲା ସେତେବେଳେ ଆମେ ପଳାୟନ କରିପାରିଥାନ୍ତୁ ଏବଂ ନିଜର ସଂପତ୍ତିକୁ ଅଳ୍ପ-ବହୁତ ଦାମ୍‌ରେ ବିକ୍ରି କରି ତଥା ସେବୀରେ ଜମା କରି ନିଜର ସମସ୍ତ ପ୍ରକାର ଝାମେଲାରୁ ମୁକ୍ତ ହୋଇ ପାରିଥାନ୍ତୁ ।କିନ୍ତୁ ଆମେ ନିଜର ସଂସ୍ଥା, ନିଜର ସମ୍ମାନିତ ନିବେଶକର୍ତ୍ତା ଏବଂ ନିଜର କାର୍ଯ୍ୟକର୍ତ୍ତାମାନଙ୍କର ଉପକାରଗୁଡିକୁ ଆଖି ଆଗରେ ରଖି ଏପରି କଲୁ ନାହିଁ । ଏଥିପାଇଁ କଲୁ ନାହିଁ କି ପୂର୍ବରୁ ଏପରି ଦେଖାଯାଇଛି କି ଅନେକ କଂପାନୀଗୁଡିକର ସଂପତ୍ତି ସରକାରୀ ନିୟନ୍ତ୍ରଣରେ ଗଲା କିନ୍ତୁ ଏହା ପରେ ମଧ୍ୟ ସମ୍ମାନିତ ନିବେଶକ-ମାନଙ୍କୁ କୋଡିଏ ବର୍ଷରେ ଗୋଟିଏ ଟଙ୍କା ମଧ୍ୟ ଫେରସ୍ତ ମିଳି ପାରିଲା ନାହିଁ । ତାତ୍ପର୍ଯ୍ୟ ଏହା ଯେ, ସମସ୍ତ ପରିଶୋଧ ସାହାରା ଇଣ୍ଡିଆ ହିଁ କରିବ ।

**ବିଦେଶ-ବାୟୁ ସେବା**

ମୁଁ ଗତଥର ସମ୍ବୋଧନରେ ଆପଣ ସମସ୍ତଙ୍କୁ ବିସ୍ତାର ଭାବରେ କହିଥିଲି ଯେ, ବିଗତ ଦେଢ ବର୍ଷରୁ କରୋନା ମହାମାରୀ କାରଣରୁ ଆମର ବ୍ୟାବସାୟିକ କାର୍ଯ୍ୟକଳାପ କିଭଳି ଭାବରେ ପ୍ରଭାବିତ ହୋଇଛି, ଏବଂ କିଭଳି ଭାବରେ ଆମେ ନିଜର ଯୋଜନାଗୁଡିକୁ ପୁରା କରିପାରି ନାହୁଁ, ଯାହା ଦ୍ୱାରା ଧନପ୍ରାପ୍ତ କରି ଆମେ ଆମର ନିବେଶକର୍ତ୍ତା ସାଥୀମାନଙ୍କୁ ସେମାନଙ୍କର ଦେୟ ପରିଶୋଧ କରିଥାନ୍ତୁ । ମୁଁ ଏହା ମଧ୍ୟ କହିଥିଲି ଯେ, ଯଦି ପରିଛିତି ସାଧାରଣ ଅବସ୍ଥାକୁ ଆସିବ, ତେବେ, ଆମେ ଜୁଲାଇ, ଅଗଷ୍ଟ, ସେପ୍‌ଟେମ୍ବର 2021 ମାସରେ ପରିଶୋଧ କରିବାର ସ୍ଥିତିରେ ଆସିଯିବୁ । ସେହି ସମୟରେ ଆମର ବିଶ୍ୱାସ ଥିଲା କି ବିଦେଶ ଯିବାଆସିବା ଆରମ୍ଭ ହୋଇଯିବ ମାତ୍ର ସେପରି ହେଲା ନାହିଁ ଏବଂ ସେହି ଦିନଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ବାୟୁ-ସେବା ଆରମ୍ଭ ହୋଇପାରିନାହିଁ ତଥା ଏବେ ଭାରତ ସରକାରଙ୍କ ଦ୍ୱାରା ଅନ୍ତରାଷ୍ଟ୍ରୀୟ ବାୟୁ-ସେବା ଉପରେ ଲାଗିଥିବା କଟକଣାକୁ 30 ସେପ୍‌ଟେମ୍ବର ପର୍ଯ୍ୟନ୍ତ ଆଗକୁ ବଢାଇ ଦିଆଗଲା ।

ମୁଁ ଆପଣମାନଙ୍କୁ କହିଥିଲି ଯେ ଆମର ଅଧିକତର କିଣାବିକା ବିଦେଶରେ ହୋଇଛି ଯେଉଁଠାରୁ କି ଆମକୁ ପର୍ଯ୍ୟାପ୍ତ ପରିମାଣରେ ଧନପ୍ରାପ୍ତ ହେବାର ଥିଲା । କିନ୍ତୁ କରୋନା କାରଣରୁ ଆମର ଏବଂ ବିଦେଶୀ ପ୍ରତିନିଧିମାନଙ୍କର ପରସ୍ପର ଏଠାକୁ ଯିବା-ଆସିବା ହୋଇପାରୁନାହିଁ ଏଥିପାଇଁ ହିସାବକିତାବ ଶେଷ ହୋଇପାରୁ ନାହିଁ ଏବଂ ଯଥେଷ୍ଟ ଧନରାଶି ମଧ୍ୟ ପ୍ରାପ୍ତ ହୋଇପାରୁ ନାହିଁ ।

**₹24,000 କୋଟି**

ମୁଁ ଆପଣମାନଙ୍କୁ ଏହା ମଧ୍ୟ କହିଥିଲି ଯେ, କେଉଁ-କେଉଁ ସ୍ଥାନରେ, ଯେଉଁଠାରେ ସାହାରା-ସେବୀ ଖାତା ମଧ୍ୟ ସାମିଲ୍ ଅଛି **(24,000 କୋଟି ଟଙ୍କାରୁ ମଧ୍ୟ ଅଧିକ)** ଆମର ଧନ ଅଟକି ଯାଇ ଅଛି । ଆମେ ମାନୁଥିଲୁ କି ଅତିଶୀଘ୍ର ଏହି ଦିଗରେ ପ୍ରଗତି ହେବ ଏବଂ ଯାହାର ଉପଯୋଗ ଆମେ ଆମର ନିବେଶକର୍ତ୍ତା ସାଥୀମାନଙ୍କୁ ପରିଶୋଧ କରିବୁ, କିନ୍ତୁ ପରିଛିତିର ପ୍ରତିକୂଳ ଅବସ୍ଥା ଲାଗି ରହୁଛି ।କରୋନା କାରଣରୁ ବିଗତ 14 ମାସରେ ମାନନୀୟ ସୁପ୍ରିମ୍ କୋର୍ଟ୍‌ରୁ ତାରିଖ ମିଳି ନାହିଁ, ଏହା ସତ୍ତ୍ୱେ ମଧ୍ୟ ଆମେ ଆମର ଚେଷ୍ଟା ଜାରି ରଖିଛୁ ।

ଆମେ ଆଶା କରୁଛୁ କି ଅତିଶୀଘ୍ର ଅବସ୍ଥା ସାଧାରଣ ହେବ ଏବଂ ବ୍ୟାବସାୟିକ କାର୍ଯ୍ୟକଳାପ ପୁଣି ଆରମ୍ଭ ହେବ ଯାହା ଦ୍ୱାରା ଆମର କାରବାର ଆଗକୁ ବଢିବ ଏବଂ ଆମକୁ ଧନପ୍ରାପ୍ତ ହେବ ତଥା ଆମେ ସମସ୍ତଙ୍କୁ ଆଶ୍ୱସ୍ତି ପ୍ରଦାନ କରିପାରିବୁ ।

ଆଜିର ପରିଛିତି ଅନୁସାରେ ଆମେ ଏହା କହିପାରିବାର ଅବସ୍ଥାରେ ନାହୁଁ କି ଏହା କେଉଁ ପର୍ଯ୍ୟନ୍ତ ଲାଗି ରହିବ କିନ୍ତୁ ଆମେ ଆପଣ ସଂପୂର୍ଣ୍ଣ ଭାବରେ ବିଶ୍ୱାସ ଦେଉଛୁ କି ଆପଣଙ୍କର ପରିଶୋଧ ଆମର ଦାୟିତ୍ୱ ଯାହାକୁ କି ଆମେ ଯେ କୌଣସି ପ୍ରକାରରେ ମଧ୍ୟ ପୁରା କରିବୁ ଏବଂ **ଅତିଶୀଘ୍ର ଆପଣଙ୍କ ଆଗରେ ଖୁସି ଖବର ନେଇ ପ୍ରସ୍ତୁତ ହେବୁ ।**

**ଆପଣ ସମସ୍ତ ଗୁରୁଜନମାନଙ୍କୁ ମୋର ପ୍ରଣାମ ଏବଂ ସାନମାନଙ୍କୁ ମୋର ସପ୍ରେମ ଆଶୀର୍ବାଦ!**

**ସର୍ବଦା ଆପଣଙ୍କର**

ସୁବ୍ରତ ରାୟ ସାହାରା

सहारा इंडिया परिवार

CHHABI2021-09-41/CORP-Or


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଗୟଳ ଦେହରେ କ୍ଷତ

**ନୂଆଗାଁ,୧୦।୯(ଡି.ଏନ.ଏ.):** ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ମହିତମା ସେକ୍ସନ ଅଧୀନ ଜଙ୍ଗଲରେ ଗୋଟିଏ ଗୟଳ ଦେହରେ ଗଭୀର କ୍ଷତ ରହିଛି। ସେଥିପାଇଁ ସେ ଆକ୍ରମଣ କରୁଥିବା ଅଭିଯୋଗ ହେଉଛି । ଗୟଳ ଦେହରେ ହୋଇଥିବା କ୍ଷତକୁ ଭଲ କରିବା ବଦଳରେ ବନ ବିଭାଗ ଚୁପ୍ ହୋଇ ବସିଥିବାରୁ ସେ ଦିନକୁ ଦିନ ହିଂସ ହେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ମଙ୍ଗଳବାର ଗୟଳ ଆକ୍ରମଣରେ ଗହଳମଡ଼ା ଗ୍ରାମର ୪ ଛେଳିଙ୍କ ମୃତ୍ୟୁ ଘଟିଥିଲା । ସେହି ଗୟଳ ଆକ୍ରମଣରେ ଗୁରବାର ନୂଆଗାଁ ଗ୍ରାମର ନିତ୍ୟାନନ୍ଦ ସ୍ୱାଇଁ ଗୁରୁତର ହୋଇଛନ୍ତି। ନିତ୍ୟାନନ୍ଦଙ୍କ ପେଟରେ ଗଭୀର ଆଘାତ ଲାଗିବା ସହ ବେକ ହାଡ ଭାଙ୍ଗି ଯାଇଛି । ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ଗୟଳ ଶରୀରରେ ସୃଷ୍ଟି ହେଇଥିବା କ୍ଷତରୁ ରକ୍ତସ୍ରାବ ହେଉଥିବା ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ଏଥିପାଇଁ ସେ କଷ୍ଟ ଅନୁଭବ କରି ଇତଃସ୍ତତ ହୋଇ ଆକ୍ରମଣ କରୁଛି ବୋଲି ସେ କହିଛନ୍ତି। ହେଲେ ଫରେଷ୍ଟର ତଥା ମହିପୁର ରେଞ୍ଜ ଦାୟିତ୍ୱରେ ଥିବା ଅଧିକାରୀ ଏହାକୁ ଅସ୍ୱୀକାର କରିଛନ୍ତି ।

### ବଜ୍ରପାତ ଯୋଗୁ ବିଦ୍ୟୁତ୍ ଉପକରଣ ନଷ୍ଟ

**ନୟାଗଡ଼ ଅଫିସ,୧୦।୯:** ବଜ୍ରପାତ କାରଣରୁ ନୟାଗଡ଼ ସହରର ବାରମାସୀ ଦଣ୍ଡା ଓ ହାଉସିଂ ବୋର୍ଡରେ କେତେଜଣ ଲୋକଙ୍କ ଘରର ୱାରିଂ ଜଳି ଯାଇଛି। ଅନ୍ୟ କେତେଜଣ ଲୋକଙ୍କ ଟିଭି, କମ୍ପ୍ୟୁଟର ଓ ୱାସିଂ ମେଶିନ ଅଚଳ ହୋଇଛି । ସେହିପରି ହାଉସିଂ ବୋର୍ଡରେ ପାଣି ଟାଙ୍କି ଓ ଝରକା ଭାଙ୍ଗି ଯାଇଛି ।

### ଶ୍ରୀ ଗଣେଶ ସଙ୍ଗୀତ ଭିଡିଓ ଉନ୍ମୋଚିତ

**ନୟାଗଡ଼ ଅଫିସ,୧୦।୯:** ସଙ୍ଗୀତ ଅନୁଷ୍ଠାନ କଳା-ସାହିତ୍ୟ-ସଂସ୍କୃତିର ଭାବମୟ ଉତ୍ତରଣ 'ଶ୍ରୀ ସୃଜନ' ପ୍ରଚେଷ୍ଟାରେ ଶୁକ୍ରବାର ପବିତ୍ର ଶ୍ରୀ ଗଣେଶ ପୂଜା ଅବସରରେ ମା' ଦକ୍ଷିଣକାଳୀଙ୍କ ପୀଠରେ ଥିବା ଗଜାନନଙ୍କ ସମ୍ମୁଖରେ ସଙ୍ଗୀତ ଭିଡିଓ 'ଓଁ ନମୋ ନମୋ ଶ୍ରୀ ଗଣେଶ' ଉନ୍ମୋଚିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରମୋଦ ପଟ୍ଟନାୟକ, ସଭାପତି ନାଟ୍ୟଭୂଷଣ ଡକ୍ଟର ବିଜୟ କୁମାର ଚୌଧୁରୀ ଓ ସୃଜନର ସମ୍ପାଦିକା ଅଧାପିକା ଜୟଶ୍ରୀ ଦେବୀ ଓ ଅନ୍ୟମାନେ ଯୋଗଦେଇ ଏହି ଭିଡିଓକୁ ଉନ୍ମୋଚନ କରିଛନ୍ତି ।

# ବିପଦସଙ୍କୁଳ ହୋଇଛି ମାଳବନ୍ଧ ରାସ୍ତା

- ଅବଧି ସରିବା ପୂର୍ବରୁ ମରାମତି ଦାବି
- ବାଲି ବୋଝେଇ ହାଇୱା ଯାତାୟାତକୁ ନେଇ ଚିନ୍ତା

**ଖଣ୍ଡପଡ଼ା,୧୦।୯(ସ୍ୱ.ପ୍ର.)**

ଧାନଚେଙ୍ଗଡା ମାଳବନ୍ଧ ରାସ୍ତା ଦିନକୁ ଦିନ ଦୁର୍ବଳ ହୋଇପଡୁଛି । ଏହି ଅଣଓସାରିଆ ରାସ୍ତା ମରାମତି ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ହେଉ ନ ଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ଉକ୍ତ ରାସ୍ତାରେ ପ୍ରତିଦିନ ଶତାଧିକ ବାଲି ବୋଝେଇ ହାଇୱା ଯାତାୟତ କରୁଛି । ସେଥିପାଇଁ ଉକ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହେଉଛି। ଜଳ ସମ୍ପଦ ବିଭାଗର ଏଗ୍ରିମେଣ୍ଟ ଅନୁଯାୟୀ ରାସ୍ତା କାମ ସରିବାର ୫ବର୍ଷ ପର୍ଯ୍ୟନ୍ତ ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାର ନେବେ । ଏହି ଅବଧି ଶେଷ ହେବାର ଆଉ ମାତ୍ର ବର୍ଷେ ବାକି ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ଠିକାଦାରଙ୍କ ଉପରେ ଚାପ ପକାଉ ନ ଥିବାରୁ ଉକ୍ତ ରାସ୍ତା ଦିନକୁ ଦିନ ବିପଦସଙ୍କୁଳ ହୋଇଛି ବୋଲି ଅଭିଯୋଗ ହୋଇଛି । ସମୂହ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ଯନ୍ତ୍ରୀମାନେ ଠିକାଦାରଙ୍କ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଛନ୍ତି ।



ମାଳବନ୍ଧ ରାସ୍ତାରେ ଖାଲ ହୋଇ ପାଣି ଜମିଛି।

ସୂଚନା ଅନୁଯାୟୀ, ନୟାଗଡ଼ ଜଳସମ୍ପଦ ଡିଭିଜନର କଣ୍ଟିଲୋ ଜଳସେଚନ ସେକ୍ସନ ଅଧୀନ ମାଧପୁର, ବାଣପୁର ଓ କମେଇ ନଦୀ ଦକ୍ଷିଣ ପାର୍ଶ୍ୱ ଧାନଚେଙ୍ଗଡ଼ା ୨୯୫୦ ମିଟର ମାଳବନ୍ଧର ଉନ୍ନତୀକରଣ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଓସ୍‌ଡମା(ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜ୍‌ମେଣ୍ଟ ଅଥରିଟି) ପକ୍ଷରୁ ଗୋଟିଏ ପ୍ୟାକେଜରେ ୭୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ୨୦୦୬ରେ ଜଣେ ଠିକାଦାରଙ୍କ ଦ୍ୱାରା ଏହି ରାସ୍ତାର ନିର୍ମାଣ ଶେଷ ହୋଇଥିଲା। ଉକ୍ତ ମାଳବନ୍ଧଟି ନଦୀ ଗର୍ଭରୁ ପ୍ରାୟ ୧୮ ଫୁଟ ଉଚ୍ଚରେ ରହିଥିବା ବେଳେ ଭୂମି ପତନଠାରୁ ମାଳବନ୍ଧର ଉପରି ଭାଗ ଚଉଡା ନିର୍ଦ୍ଧାରଣ କରିବାରେ ବ୍ୟତିକ୍ରମ ରହିଥିଲା । ୨୦୧୬ରେ ୧.୧୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସେହି ଅର୍ଥରେ ମାଳବନ୍ଧର ଉପରି ଭାଗକୁ ପ୍ରାୟ୧୮ଫୁଟ ଓସାର କରାଯିବା ସହିତ ମେଟାଲିଂ କରାଯିବା ପରେ ପିଚୁ କରାଯାଇଥିଲା । ହେଲେ ସେତେବେଳେ ନିମ୍ନମାନର କାମ ହେଉଛି ଦର୍ଶାଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ହେଲେ ସେଥିପ୍ରତି ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱାରୋପ କରି ନ ଥିଲେ । ଫଳରେ କାମ ସମ୍ପନ୍ନ ହେବାର ଅଳ୍ପ କେତେ ମାସ ପରେ ମାଳବନ୍ଧ ଉପରି ଭାଗରେ ଫାଟ ସୃଷ୍ଟି ହୋଇଥିଲା। ବିଭାଗୀୟ ଯନ୍ତ୍ରୀଙ୍କ ତାଗିଦ ପରେ ଠିକାଦାର ଆବଶ୍ୟକୀୟ ରକ୍ଷଣାବେକ୍ଷଣ ସହ ମରାମତି କରିଥିଲେ । ପରବର୍ତ୍ତୀ ସମୟରେ ମାଳବନ୍ଧର ଉପରି ଭାଗର ବିଭିନ୍ନ ସ୍ଥାନ ଦବି ଯିବା ସହ ଉଭୟ ପାର୍ଶ୍ୱ ବୁଦୁବୁଦିଆ ଜଙ୍ଗଲ ସୃଷ୍ଟି ହୋଇଛି । ଏହି ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ଧାନଚେଙ୍ଗଡା ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ କହିଛନ୍ତି । ଏ ସମ୍ପର୍କରେ କଣ୍ଟିଲୋ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ରାମମୋହନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ବିଧି ବ୍ୟବସ୍ଥା କ୍ରମେ କାର୍ଯ୍ୟ ସମ୍ପନ୍ନ ହେବାର ୫ ବର୍ଷ ମଧ୍ୟରେ ଯାହା ଆବଶ୍ୟକୀୟ କ୍ଷୟକ୍ଷତି ତଥା ମରାମତି କାର୍ଯ୍ୟ ସଂପୃକ୍ତ ଠିକାଦାର କରିବାର ସର୍ତ୍ତ ରହିଛି । ସେହି କାମ ସମ୍ପାଦନ କରିବାକୁ ସଂପୃକ୍ତ ଠିକାଦାରଙ୍କୁ ଜଣାଇ ଦିଆଯାଇଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଉକ୍ତ ରାସ୍ତା ଉପରେ ଧାନଚେଙ୍ଗଡା, ଲକ୍ଷ୍ମୀପ୍ରସାଦ, ଭୋଗଡା, ମହୁଲବେରେଣା, କଳପଙ୍ଗୀ, କଳଟାଙ୍ଗୀ, କାଳିଆପଲ୍ଲୀ, ରାଣୀଛେଲ୍ଲୀ, ମଙ୍ଗଳପୁର, ବାରବାଟୀ, ବାହାଡା, ବନମାଳିପୁର ଆଦି ଅଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି । ଏଥିସହିତ ଧାନଚେଙ୍ଗଡା, ବନମାଳୀପୁର, ରାଣୀଛେଲି, ବାହାଡା ଓ ବାଇଗୁଣିଆ ଆଦିକୁ ଯାତାୟତର ମୁଖ୍ୟ ରାସ୍ତା ଏହି ମାଳବନ୍ଧ ସାଜିଛି । ହେଲେ କମେଇ ଦକ୍ଷିଣ ପାର୍ଶ୍ୱ ପୂର୍ତ୍ତ ବିଭାଗ ରାସ୍ତାରୁ ଧାନଚେଙ୍ଗଡା ପ୍ରାୟ ୩ କିମି ମାଳବନ୍ଧ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି।

## ବ୍ୟବସାୟୀଙ୍କଠୁ ଟଙ୍କା ଲୁଟ୍, ଜଣେ ଅଟକ

**ବ୍ରହ୍ମପୁର ଅଫିସ,୧୦।୯**

ଜଣେ ବ୍ୟବସାୟୀଙ୍କଠୁ ଟଙ୍କା ଲୁଟ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଜଣଙ୍କୁ କାବୁ କରିଛି। ସେ ହେଲେ ଲାଞ୍ଜିପଲ୍ଲୀର ମନୋଜ ପାଣିଗ୍ରାହୀ। ତାଙ୍କ ନିକଟରୁ ୩ଟି ମୋବାଇଲ ଫୋନ୍ ଓ ଗୋଟିଏ ସାଇକେଲ ଜବତ ହୋଇଛି। ମନୋଜ କିଛିଦିନ ତଳେ ଜେଲରୁ ଜାମିନରେ ଆସିଥିବା ବେଳେ ପୁଣିଥରେ ଅପରାଧିକ କାର୍ଯ୍ୟକଳାପ ଆରମ୍ଭ କରିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ଲାଞ୍ଜିପଲ୍ଲୀର ଭୀମସେନ ପାତ୍ର କମାପଲ୍ଲୀ ଛକରେ ଏକ ମୋବାଇଲ ଦୋକାନ କରିଛନ୍ତି। ଗତ ୮ ତାରିଖ ରାତିରେ ଦୋକାନ ବନ୍ଦ କରି ଭୀମସେନ ଘରକୁ ଫେରୁଥିଲେ। ରାସ୍ତାରେ ଜଣେ ଯୁବକ ତାଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରିବା ସହ ୧୮ ହଜାର ଟଙ୍କା, ୩ଟି ମୋବାଇଲ ଫୋନ ଓ ତାଙ୍କ ସାଇକେଲ ଛଡାଇ ନେଇଥିଲା। ଏ ନେଇ ଥାନାରେ ଭୀମସେନଙ୍କ ଅଭିଯୋଗପ୍ରକାରେ ନଂ.୨୩୬/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଶୁକ୍ରବାର ଅଭିଯୁକ୍ତ ମନୋଜଙ୍କୁ କାବୁ କରାଯାଇଛି।

# କୁରାଳ ଇତିହାସ ଲୋକାର୍ପଣ



ଅତିଥିମାନେ କୁରାଳ ଇତିହାସ ପୁସ୍ତକର ଲୋକାର୍ପଣ କରୁଛନ୍ତି।

**ନୟାଗଡ଼ ଅଫିସ/ଓଡ଼ଗାଁ,୧୦।୯(ସ୍ୱ.ପ୍ର.)**

ଓଡ଼ଗାଁ ବ୍ଲକ କୁରାଳ ଗାଁରେ ଶୁକ୍ରବାର କୁରାଳ ଇତିହାସ ପୁସ୍ତକର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୁରାଳ ପଞ୍ଚତୁଳସୀ ପାଠାଗାର ତଥା ସଂଗ୍ରହାଳୟର ପ୍ରତିଷ୍ଠାତା ଅବସରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ରାସବିହାରୀ ଖଟେଇଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଦିବସରେ ତାଙ୍କର ସ୍ୱରଚିତ କୁରାଳ ଇତିହାସ ଲୋକାର୍ପଣ ଉତ୍ସବ ଓଡ଼ଗାଁ ସାମ୍ବାଦିକ ସଂଘର ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ରଘୁନାଥ ସମବାୟ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଅଧିବାସ ପଣ୍ଡା ମୁଖ୍ୟ ଅତିଥି, କୁରାଳ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଗୌରଚନ୍ଦ୍ର ସାହୁ, ଉତ୍କଳ ସାମ୍ବାଦିକ ସଂଘ ନୟାଗଡ ଜିଲ୍ଲା ସଭାପତି ଶ୍ରୀକାନ୍ତ ଖଟେଇ ଏବଂ ସରପଞ୍ଚ ଝିଲି ପ୍ରଧାନ, ଗିରିଡ଼ିପଲ୍ଲୀ ସମିତିସଭ୍ୟ ବିଜନ ପାଇକରାୟ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ ଉତ୍ସବରେ ଓଡ଼ଗାଁ ସାମ୍ବାଦିକ ସଂଘର ସମସ୍ତ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବପ୍ରସାଦ ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଗଣେଶ୍ୱର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଆସିକା,୧୦।୯(ଡି.ଏନ୍.ଏ.)**

ଆସିକା ଥାନା ପଢାଳ ଗ୍ରାମ ନିକଟରେ ଶୁକ୍ରବାର ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ମଣ୍ଡାପଡା ଗ୍ରାମର ନାରାୟଣ ଖଟାଇ। ନାରାୟଣ ବାଇକ୍‌ରେ ମଣ୍ଡାପଡାରୁ ଆସିକା ଆସୁଥିବା ବେଳେ ପଢାଳ ଗ୍ରାମ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଭାଇ ଶିବପ୍ରସାଦ ଖଟାଇ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ସମ୍ମୁଖରୁ ଆସୁଥିବା ମଣ୍ଡାପଡାର ଜଣେ ବାଇକ ଆରୋହୀ ବେପରୁଆ ଗାଡିଚାଳନା କରି ନାରାୟଣଙ୍କ ବାଇକକୁ ଧକ୍କା ଦେଇଥିବା ଅଭିଯୋଗରେ ସେ ଦର୍ଶାଇଛନ୍ତି। ନଂ. ୫୮୦/୨୧ରେ ଏକ ମାମଲା ରୁଜୁ କରାଯାଇଛି । ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଅଟକ ରଖାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

# ଅଟୋରିକ୍ସାରୁ ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ





ଗିରଫ ଦୁଇ ଅଭିଯୁକ୍ତ ଓ ଜବତ ହୋଇଥିବା ଗଞ୍ଜେଇ ।

**ନୂଆଗାଁ,୧୦।୯(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଥାନା ପୋଲିସ ୨୦ କେଜି ଗଞ୍ଜେଇ ସହ ଏକ ଅଟୋରିକ୍ସା ଜବତ କରିଛି । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତିଦ୍ୱୟ ହେଲେ କନ୍ଧମାଳ ଜିଲା ପାଜିଗାଡୁ ଗ୍ରାମର ବାପି ଦିଗାଲ (୪୦) ଓ ଆଦିଗରା ଗ୍ରାମର ତାରିଣୀ ପ୍ରଧାନ (୫୯) । ମିଳିଥିବା ସୂଚନା ମୁତାବକ ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଅଟୋ ରିକ୍ସା(ନଂ.ଓଡି ୧୨-୪୭୬୮)କୁ ନୂଆଗାଁ ଥାନା ପୋଲିସ ପଞ୍ଚୁପାଣ୍ଡବଠାରେ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୨୦ କେଜି ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ଅଟୋ ଚାଳକ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା(ନଂ. ୧୧୯/୨୧) ରୁଜୁ ହୋଇଛି । ଶୁକ୍ରବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ନୂଆଗାଁ ଥାନାଧିକାରୀ ରମେଶ କୁମାର ଦେବତା ସୂଚନା ଦେଇଛନ୍ତି ।

# କଟକଣାରେ ଶ୍ରୀଗଣେଶଙ୍କ ପୂଜା

**ଖଣ୍ଡପଡ଼ା/ଦଶପଲ୍ଲା, ୧୦।୯ (ସ୍ୱ.ପ୍ର./ଡି.ଏନ.ଏ.)**

ଗତବର୍ଷ ପରି ଚଳିତ ବର୍ଷ କରୋନା କଟକଣା ମଧ୍ୟରେ ଶ୍ରୀଗଣେଶଙ୍କ ପୂଜା ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାନୁଷ୍ଠାନଗୁଡିକର ତୋରଣ, ଆଲୋକ ସଜ୍ଜା ଆକର୍ଷଣୀୟ ହୋଇଥିଲା । ଖଣ୍ଡପଡ଼ା ଓ କଣ୍ଟିଲୋ ଅଞ୍ଚଳର ରାମଚନ୍ଦ୍ର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ନୋଡ଼ାଲ ହାଇସ୍କୁଲ, କୁଞ୍ଜ ବିହାରୀ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ, ନୀଳମାଧବ ମହାବିଦ୍ୟାଳୟ, ଖଣ୍ଡପଡ଼ା ମହିଳା ମହାବିଦ୍ୟାଳୟ ଓ କୋଚିଂ ସେଣ୍ଟରରେ ଏହି ପୂଜା ପାଳିତ ହୋଇଯାଇଛି ।

ସେହିପରି ଦଶପଲ୍ଲା ଅଞ୍ଚଳରେ ବି ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଗଣେଶ ବଜାର ଓ ଗଜାନନ ବଜାରରେ ବିନା ସାଜସଜ୍ଜାରେ ଶ୍ରୀବିନାୟକଙ୍କ ପୂଜା କରାଯାଇଥିଲା । ପୂଜା କମିଟିର କେତେ ଜଣ ସଦସ୍ୟଙ୍କ ଉପସ୍ଥିତିରେ ପୂଜା ସରିଥିଲା ।





ଖଣ୍ଡପଡ଼ା ଓ ଦଶପଲ୍ଲାରେ ପୂଜା ପାଇଥିବା ଗଣେଶ ପ୍ରତିମା।

## ଯୁବକଙ୍କ ଆତ୍ମହତ୍ୟା

**ଗୋପାଳପୁର,୧୦।୯(ଡି.ଏନ.ଏ.)**

ଗୋଳନ୍ଥରା ଥାନା କୋଳଥି ଗାଁରେ ଶୁକ୍ରବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ କୋଳଥି ଗାଁର କାଳିଆ ମହାନ୍ତି (୨୪)। କାଳିଆ କୌଣସି କଥାକୁ ନେଇ ବିଭିନ୍ନ ସମୟରେ ମାନସିକ ଦୁଃଶ୍ଚିନ୍ତାରେ ରହୁଥିଲେ। ଶୁକ୍ରବାର ପରିବାର ଲୋକେ ବାହାରକୁ ଯାଇଥିବା ବେଳେ କାଳିଆ ଘରର କବାଟ ବନ୍ଦ କରି ଫ୍ୟାନରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ।

# ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ପାଳିତ

**ନୟାଗଡ଼ ଅଫିସ,୧୦।୯**

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ତଥାସ୍ତୁ ଆନୁକୂଲ୍ୟରେ ପଣ୍ଡିତ ବିନାୟକ ମିଶ୍ରଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ସ୍ଥାନୀୟ ଇନ୍ସପାୟାର କଲେଜ ପ୍ରାଙ୍ଗଣରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ତଥାସ୍ତୁ ସଭାପତି ବସିରନ ବିବିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଧ୍ୟାପକ ଓମାର ମଲ୍ଲିକ, କବି ଓ ସମ୍ପାଦକ ଏମ. ଦୀନବନ୍ଧୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିନାୟକ ମିଶ୍ରଙ୍କ ପରି ସାହିତ୍ୟ ପ୍ରାଣ ବ୍ୟକ୍ତିତ୍ୱ ପୁଣି ଥରେ ନୟାଗଡ଼ ମାଟିରେ ଜନ୍ମ ନେବା ଉଚିତ୍ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟଙ୍ଗକବି, କାର୍ଟୁନିଷ୍ଟ ଏବଂ ତୁମ୍ପା ସଙ୍ଗୀତ ବିଷାରଦ କିଶୋର ରଥଙ୍କୁ ପଣ୍ଡିତ ବିନାୟକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ତଥାସ୍ତୁର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସହସମ୍ପାଦକ ଗୋକୁଳ କୁମାର ଷଡ଼ଙ୍ଗୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କବି ଦିଲ୍ଲୀପ ସାହୁ ସଂଯୋଜନା କରିଥିଲେ ।



ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

# ରୋଗୀ ଫେରୁଛନ୍ତି, ମିଳୁନି ସ୍ୱାସ୍ଥ୍ୟସେବା

- ମରାମତି ଅଭାବରୁ କ୍ୱାର୍ଟର୍ସ ଭାଙ୍ଗିଲା
- ଡାକ୍ତର ନ ଥାଇ କାୟାକଳ୍ପ ପୁରସ୍କାର
- ସ୍ୱାସ୍ଥ୍ୟକେନ୍ଦ୍ରରେ ପାର୍କର ମଜା ଉଠାଉଛନ୍ତି ଲୋକେ

**ନୟାଗଡ଼ ଅଫିସ,୧୦।୯**

ନୟାଗଡ଼ ଜିଲା ରଣପୁର ବ୍ଲକ ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଛି। ୨୦୨୦ରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବା ଡାକ୍ତର କାର୍ଯ୍ୟରେ ଯୋଗ ଦେଇ ଉଚ୍ଚ ଶିକ୍ଷା ପାଇଁ ଚାଲିଯିବା ପରେ ଆଉ କାହାକୁ ନିଯୁକ୍ତି ଦିଆଯାଇନାହିଁ। ଫଳରେ ସ୍ୱାସ୍ଥ୍ୟସେବା ନ ପାଇ ରୋଗୀ ଫେରୁଛନ୍ତି । ଡାକ୍ତର ନ ଥାଇ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର କାୟାକଳ୍ପ ପୁରସ୍କାର ପାଇଛି । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ପାର୍କର ମଜା ନେବାକୁ ପ୍ରତ୍ୟହ ସକାଳ ସନ୍ଧ୍ୟାରେ ଭିଡ଼ ଜମୁଛି । ଅନ୍ୟପକ୍ଷେ ମରାମତି ଅଭାବରୁ ଡାକ୍ତର, ଫାର୍ମାସିଷ୍ଟଙ୍କ କ୍ୱାର୍ଟର୍ସ ଭାଙ୍ଗିଯାଇଛି। ନୂଆ କ୍ୱାର୍ଟର୍ସ ନିର୍ମାଣ ହେଉନାହିଁ । କ୍ୱାର୍ଟର୍ସ ନ ଥିବାରୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ କୌଣସି ଡାକ୍ତର ଆସିବାକୁ ରାଜି ହେଉନଥିବା ସୂଚନା ମିଳିଛି। ଅପରପକ୍ଷେ ଡମସାହି ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ସପ୍ତାହର ସୋମବାର ଓ ଗୁରୁବାର ଦର୍ପନାରାୟଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କାମଚଳା ନିଯୁକ୍ତି ଦିଆଯାଇଛି । ଏହି ଦୁଇ ବାରରେ ଡାକ୍ତର ଆସୁଥିବାରୁ କେତେଜଣ ରୋଗୀ ଉପକୃତ ହେଉଛନ୍ତି ।

ସୂଚନା ଅନୁଯାୟୀ, ଜଣେ ଆୟୁଷ ଡାକ୍ତର ଦର୍ପନାରାୟଣପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଛନ୍ତି । ସେ ପ୍ରସୂତୀଙ୍କ ଚିକିତ୍ସା କରିବା ସହ ପ୍ରସବକାଳୀନ ସେବା ଯୋଗାଇ ଦେଉଥିବାରୁ ଲୋକେ ତାଙ୍କ ଉପରେ ନିର୍ଭର କରୁଛନ୍ତି । ପୁଣି ଫାର୍ମାସିଷ୍ଟ ରୋଗୀ ଦେଖୁଛନ୍ତି । ହେଲେ ଡାକ୍ତର ନ ଥିବାରୁ ଦର୍ପନାରାୟଣପୁର ଓ ଆଖପାଖ ଅଞ୍ଚଳର ଲୋକେ ଉପଯୁକ୍ତ ସ୍ୱାସ୍ଥ୍ୟସେବା ପାଇ ପାରୁନାହାନ୍ତି । ଅଧିକାଂଶ ସମୟରେ ସନ୍ଧ୍ୟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ରୋଗୀ ଥିଲେ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ରୁହେ, ହେଲେ ସେବା ଦେବା ପାଇଁ କେହି ନ ଥାନ୍ତି । କ୍ୱାର୍ଟର୍ସ ନ ଥିବାରୁ ଫାର୍ମାସିଷ୍ଟ, ଆୟୁଷ ଡାକ୍ତର ଘରକୁ ଚାଲି ଯାଆନ୍ତି । ସ୍ଥାନୀୟ ଲୋକଙ୍କ ଯୁକ୍ତି ସ୍ୱାସ୍ଥ୍ୟକେନ୍ଦ୍ର କରିଦେଲେ ଲାଭ କଣ । ଡାକ୍ତର ନ ଥିଲେ ସ୍ୱାସ୍ଥ୍ୟକେନ୍ଦ୍ରର ସୁଫଳ ନାହିଁ । କ୍ୱାର୍ଟର୍ସ ନିର୍ମାଣ ସହ ଡାକ୍ତର ନିଯୁକ୍ତ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଏଥିରେ ବିଳମ୍ବ ହେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ସେହିପରି ଗଣିଆ ବ୍ଲକର ରାସଙ୍ଗ ଓ ଛାମୁଣ୍ଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୟାଗଡ଼ ବ୍ଲକର କାଳିକାପ୍ରସାଦ, ନୂଆଗାଁ ବ୍ଲକର ବାହାଡାଖୋଲା ଓ ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି। ୨୦୨୧ ଜୁଲାଇରେ ଉପରୋକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ପାଇଥିଲେ । ଡାକ୍ତରଙ୍କ ନିଯୁକ୍ତି ପରେ ସ୍ଥାନୀୟ ଲୋକେ ଖୁସି ହୋଇଥିଲେ। ତେବେ ସେହି ଖୁସି ବେଶି ଦିନ ରହିଲା ନାହିଁ । ଡାକ୍ତର ଉଚ୍ଚ ଶିକ୍ଷା ପାଇଁ ଚାଲି ଯିବାରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଛି ।

ଦଶପଲ୍ଲା ବ୍ଲକର କୁଜାମେଣ୍ଢି ଓ ଭାପୁର ବ୍ଲକର ବିଜିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଛି। ୨୦୨୧ରେ ୨ ଡାକ୍ତର ପୋଷ୍ଟିଂ ହୋଇଥିଲେ। ହେଲେ କାର୍ଯ୍ୟରେ ଯୋଗ ନ ଦେବାରୁ ଆଜି ପର୍ଯ୍ୟନ୍ତ ସେହି ପଦବୀ ଖାଲି ପଡ଼ିଛି । ଡାକ୍ତର ନ ଥିବାରୁ ଆଦିବାସୀ ଅଧ୍ୟୁଷିତ କୁଜାମେଣ୍ଢିର ବାସିନ୍ଦା ନାନା ହଇରାଣ ହେଉଛନ୍ତି। ଏନେଇ ସରକାର ପ୍ରାଧାନ୍ୟ ଦେବାକୁ ଦାବି ହେଉଛି ।

# ଛୁରା ମାଡ଼ରେ ହୋଟେଲ କର୍ମଚାରୀ ଆହତ

**ଛତ୍ରପୁର ୧୦।୯(ଡି.ଏନ.ଏ.):** ଛୁରା ମାଡ଼ରେ ଛତ୍ରପୁର ସହରର ଏକ ହୋଟେଲ କର୍ମଚାରୀ ଶୁକ୍ରବାର ଗୁରତର ଆହତ ହୋଇଛନ୍ତି। ସେ ହେଲେ ବେଲଗୁଣ୍ଠା ଗ୍ରାମର ପଞ୍ଚାନନ ବେହେରା ( ୫୨)। ପଞ୍ଚାନନ କହିବା ଅନୁସାରେ, ସେ ଦୀର୍ଘ ଦିନ ହେଲା ଛତ୍ରପୁରର ଏକ ହୋଟେଲରେ କାମ କରୁଥିଲେ। ହୋଟେଲ ମାଲିକ କର୍ମଚାରୀଙ୍କୁ ରହିବା ପାଇଁ ଏକ ଘର ଦେଇଛନ୍ତି। ସେହି ଘରେ ଅନ୍ୟ କର୍ମଚାରୀମାନଙ୍କ ସହ ପଞ୍ଚାନନ ରହୁଛନ୍ତି। ଶୁକ୍ରବାର ସକାଳେ ପଞ୍ଚାନନଙ୍କ ସାର୍ଟ ପକେଟରୁ ଅନ୍ୟ ଜଣେ କର୍ମଚାରୀ କିଛି ଟଙ୍କା ଚୋରାଇବା ବେଳେ ସେ ତାଙ୍କୁ ତାଗିଦ୍ କରିଥିଲେ। ଏ ନେଇ ଉକ୍ତ କର୍ମଚାରୀ ଜଣକ ରାଗିଯାଇ ଏକ ଛୁରିରେ ପଞ୍ଚାନନଙ୍କୁ ଆକ୍ରମଣ କରିଥିଲେ। ଗୁରତର ଅବସ୍ଥାରେ ତାଙ୍କୁ ଛତ୍ରପୁର ମେଡିକାଲରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେଲା ସୁଦ୍ଧା ଛତ୍ରପୁର ଥାନାରେ ଏ ସମ୍ପର୍କରେ କୌଣସି ମାମଲା ରୁଜୁ ହୋଇନାହିଁ।

# ପ୍ରାଥମିକ ଶିକ୍ଷକ ସଂଘ ବୈଠକ

**ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଗଜପତି ଜିଲା ସିଟି ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ନିଖିଳ ଉତ୍କଳ ସିଟି ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସଭାପତି ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଜିଲା ସଭାପତି ଏମ. ରବିକୁମାର ଏବଂ ଜିଲା ସମ୍ପାଦକ ଦେବରାଜ ଜେନା ସଭା ପରିଚାଳନା କରିଥିଲେ। ବୈଠକରେ ପ୍ରାଥମିକ ଶିକ୍ଷକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷତଃ ବର୍ତ୍ତମାନ ପ୍ରଦାନ କରାଯାଉଥିବା ପଦନ୍ନୋତିର କୌଣସି ସ୍ତରରେ ଗ୍ରେଡପେ କି ଇକ୍ରିମେଣ୍ଟ ପ୍ରଦାନ କରାଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ନିକଟରେ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦ ମାଧମିକ ଶିକ୍ଷକଙ୍କୁ ପ୍ରଦାନ ନିମନ୍ତେ ସରକାର ସ୍ଥିର କରିଛନ୍ତି । ସମାନ ଶିକ୍ଷାଗତ ଯୋଗ୍ୟତା, ସମାନ ଶିକ୍ଷାଦାନ କଲେ ମଧ ପ୍ରାଥମିକ ଶିକ୍ଷକଙ୍କୁ ଦରମା ଏବଂ ପଦନ୍ନୋତିରେ ବହୁ ପାତରଅନ୍ତର ନୀତି ଆପଣାଯାଉଛି । ତେବେ ଉନ୍ନିତ ଉଚ୍ଚ ବିଦ୍ୟାଳୟର ସମସ୍ତ ପ୍ରଧାନଶିକ୍ଷକ ପଦ କେବଳ ମାଧମିକ ଶିକ୍ଷକଙ୍କୁ ମଞ୍ଜୁର ନିମନ୍ତେ ଆଦେଶ କରାଯାଇଛି । ଯାହାକି ଦୁଃଖ ଓ ପରିତାପର ବିଷୟ। ରାଜ୍ୟ ସରକାର ଏସବୁ ପାତର ଅନ୍ତର ପ୍ରତି ଦୃଷ୍ଟ ଦେଇ ସମାଧାନ ନ କଲେ ଆଗାମୀ ଦିନରେ ଏହାର ପ୍ରତିବାଦ କରାଯିବ ବୋଲି ରାଜ୍ୟ ସଭାପତି ସାହୁ କହିଥିଲେ । ବୈଠକରେ ଅନ୍ୟମାନଙ୍କ ମଧରେ ସନ୍ତୋଷ କୁମାର ପଣ୍ଡା, ଦୁର୍ଗା ପ୍ରସାଦ ପଟ୍ଟନାୟକ, ସୁଦର୍ଶନ ଜେନା, ବିମଳ ଲିମା, ଗିଦିଏନ ଶବର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଏସ୍ଏନ୍ଏଲ୍ ସେବା ଯୋଗାଇବାକୁ ଦାବି

**ସୋରଡ଼ା,୮।୯(ଡି.ଏନ୍.ଏ.):** ସୋରଡ଼ାରେ ବିଏସ୍ଏନ୍ଏଲ୍ ଇଣ୍ଟରନେଟ ସେବା ଓ ମୋବାଇଲ ସେବାରେ ବାଧାପ୍ରାପ୍ତ ହେବାରୁ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ଗ୍ରାହକମାନେ ବିଏସ୍ଏନ୍ଏଲ୍ ଅଫିସକୁ ଯାଇ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି । ସୋରଡ଼ା ବ୍ଲକରେ ୨୬ ପଞ୍ଚାୟତରେ ସେବା ଯୋଗାଉଥିବା ଏହି ବିଭାଗର ଏଠାକାର ମୁଖ୍ୟ ଯାନ୍ତ୍ରିକ ପରିଚାଳନା ପରିସରରେ ବିଦ୍ୟୁତ୍ କାଟ୍ ସମୟରେ ସବୁ ବନ୍ଦ ହୋଇଯାଉଛି। ୨୦୦୪ରୁ ପୁରୁଣା ବ୍ୟାଟେରିକୁ କାମଚଳା ଭାବେ ବ୍ୟବହାର କରାଯାଉଛି। ଏହି ବ୍ୟାଟେରି ମାତ୍ର ୫ ମିନିଟରୁ ଅଧିକ ବ୍ୟାକ ଅପ ନେଇପାରୁନାହିଁ। ଫଳରେ ବିଦ୍ୟୁତ୍ କାଟ ହେଲାକ୍ଷଣି ସମସ୍ତ ମୋବାଇଲ ସେବା, ଇଣ୍ଟରନେଟ ସେବା ଠପ ହୋଇଯାଉଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ କହୁଛନ୍ତି ନୂତନ ବ୍ୟାଟରୀ ପାଇଁ ଉପରକୁ କୁହାଯାଇଛି। ଥାନାଧିକାରୀ ରମେଶ କୁମାର ପ୍ରଧାନ ଏହି ସମସ୍ୟା ସମାଧାନ ପାଇଁ ବିଭାଗୀୟ ଏସ୍ଡିପିଓଙ୍କୁ ମଧ କହିଛନ୍ତି। ଗ୍ରାହକମାନେ ଗଞ୍ଜାମ ଜିଲପାଳ, କେନ୍ଦ୍ର ସରକାରଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ସମସ୍ୟାର ସମାଧାନ ପାଇଁ ଇ ଅଭିଯୋଗ ମଧ କଲେଣି। ଅନ୍ୟପଟେ ବିଏସ୍ଏନ୍ଏଲରୁ ଫ୍ରାଞ୍ଚାଇଜ ନେଇଥିବା ୨ ଘରୋଇ ସଂସ୍ଥାର ମାଲିକ ଜିତେନ୍ଦ୍ର ପାଣ୍ଡେ, ସୁବ୍ରତ ମିଶ୍ର ୩୦ରୁ ଅଧିକ ଜନସାଧାରଣ, ଗ୍ରାହକ ସେବା କେନ୍ଦ୍ର, ବ୍ୟବସାୟୀ ସଂସ୍ଥା ଥାନା, ଶିକ୍ଷା ଅନୁଷ୍ଠାନଙ୍କୁ ଇଣ୍ଟରନେଟ ସଂଯୋଗ ଦେଇଥିବା ବେଳେ ସେବା ବନ୍ଦ ଯୋଗୁ ଗ୍ରାହକଙ୍କୁ କିଛି ସମାଧାନ ଉତ୍ତର ଦେଇପାରୁନାହାନ୍ତି।

# ଖୋଲୁନି ମଠ ମନ୍ଦିର, ବଢୁଛି ଅସନ୍ତୋଷ

**ଧରାକୋଟ,୧୦।୯(ଡି.ଏନ୍.ଏ.)**



କରୋନା କଟକଣା ପାଇଁ ସମସ୍ତ ଅଞ୍ଚଳରେ ମଠ ମନ୍ଦିର ଗୁଡିକ ବନ୍ଦ ରହିଛି। ସାମ୍ପ୍ରତିକ ପରିସ୍ଥିତିରେ ସରକାର କଟକଣାକୁ କୋହଳ କରିବା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଠ ମନ୍ଦିର ଗୁଡ଼ିକ ଭକ୍ତଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁଣି ଖୋଲାଯାଇଛି। ହେଲେ ଧରାକୋଟ ତାଲୁକା ଅଞ୍ଚଳରେ ରହିଥିବା ସମସ୍ତ ମଠ ମନ୍ଦିରରେ ଏ ପର୍ଯ୍ୟନ୍ତ ତାଲା ପଡ଼ି ରହିଛି। ଭଗବାନଙ୍କ ଦର୍ଶନରୁ ଭକ୍ତ ବଞ୍ଚିତ ଥିବାରୁ ଲୋକଙ୍କ ମଧରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେବଳ ପଣ୍ଡା ଓ ମୁନି, ସେବାୟତମାନେ କାର୍ଯ୍ୟ ସମାପନ କରୁଛନ୍ତି। ସେବାୟତମାନଙ୍କ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇପଡିଲାଣି। ବନ୍ଦରହିଥିବା ମନ୍ଦିର ଗୁଡ଼ିକ ହେଲା ଧରାକୋଟ ଗଡର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ସମେତ ଏକାଧିକ ମଠ ମନ୍ଦିର ମଥୁରାର ଶନିମନ୍ଦିର, ପୁଟୁର ମୁକ୍ତେଶର ମନ୍ଦିର, ଚନ୍ଦ୍ରକଳପେଶ୍ୱର ମନ୍ଦିର ସିଦ୍ଧିପୀଠ ଘୋଡାଦେଇ ମନ୍ଦିର, ଗଙ୍ଗାଧରେଶ୍ୱର ମନ୍ଦିର ସମେତ ପ୍ରତିଗ୍ରାମର ଶତାଧିକ ମଠ ମନ୍ଦିର ତାଲା ପଡ଼ି ରହିଛି। ଦାୟିତ୍ୱରେ ରହିଥିବା ଦେବୋତ୍ତର ଗୁମସ୍ତା ଏ ନେଇ ବାରମ୍ବାର ଧରାକୋଟ ତହସିଲଦାରଙ୍କୁ ଚିଠି ଲେଖିଥିଲେ ମଧ ସରକାରୀ ସ୍ତରରେ କୌଣସି ମଠ ମନ୍ଦିର ଖୋଲିବା ନେଇ ସରକାରୀ ସ୍ୱୀକୃତି ମିଳିନାହିଁ। ଏ ସମ୍ପର୍କରେ ଧରାକୋଟ ତହସିଲଦାରଙ୍କୁ ପଚାରିବାରୁ ଉପଜିଲାପାଳ ଭଞ୍ଜନଗର ଏବଂ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ନିର୍ଦ୍ଦେଶ ମିଳିଲେ ତୁରନ୍ତ ପଦକ୍ଷେପ ନିଆଯିବା ବୋଲି ସେ କହିଥିଲେ। ତେବେ ତୁରନ୍ତ ମଠ ମନ୍ଦିର ଗୁଡ଼ିକୁ ଖୋଲିବା ନେଇ ସର୍ବସାଧାରଣ ଓ ଭକ୍ତର ମହଲରେ ଦାବି ହେଉଛି।



ଜଣେ ରୋଗୀଙ୍କ ଚିକତ୍ସା ଚାଲିଛି ।

# ଭଞ୍ଜନଗରରେ ଡାୟାଲିସିସ୍ ସୁବିଧା

## ଉପକୃତ ହେଉଛନ୍ତି ରୋଗୀ

**ଭଞ୍ଜନଗର,୧୦।୯(ଡି.ଏନ.ଏ)**

ରାଜ୍ୟ ସରକାରଙ୍କ ପକ୍ଷରୁ ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲରେ ରୋଗୀଙ୍କ ପାଇଁ ନିଶୁଳ୍କ ଡରୟାଲିସିସ୍ ସେଣ୍ଟର ଗତ ଜୁନ୍ ୨୪ ତାରିଖରୁ ଖୋଲିଛି। ଏହାଫଳରେ ଅଞ୍ଚଳର ରୋଗୀ ମାଗଣାରେ ଏହି ସେବା ପାଇପାରୁଛନ୍ତି। ସେମାନଙ୍କ ଖର୍ଚ୍ଚ ବହୁ ପରିମାଣର କମିଯାଇଛି। ନୟାଗଡ଼, କନ୍ଧମାଳ ଜିଲା ସୀମାବର୍ତ୍ତୀ ଅଞ୍ଚଳ ସମେତ ଭଞ୍ଜନଗର, ବେଲଗୁଣ୍ଠା, ସୋରଡ଼ା, ଜଗନ୍ନାଥପ୍ରସାଦ ଏବଂ ବୁଗୁଡ଼ା ବ୍ଲକର ରୋଗୀମାନେ ଉପକୃତ ହୋଇପାରୁଛନ୍ତି। ପୂର୍ବରୁ ରୋଗୀମାନେ ବାହାରକୁ ଡ଼ାୟାଲିସିସ୍ ପାଇଁ ଯାଇ ଖର୍ଚ୍ଚାନ୍ତ ହେଉଥିଲେ। ବର୍ତ୍ତମାନ ଏହି ସମସ୍ୟା ନାହିଁ । ଭଞ୍ଜନଗର ମେଡିକାଲରେ ୩ଟି ଡାୟାଲିସିସ୍ ମେଶିନ୍ ଥିବା ବେଳେ ପ୍ରତି ମେଶିନରେ ୪ଘଣ୍ଟାକୁ ଥରେ ଜଣେ ଡାୟାଲିସିସ୍ ହୋଇପାରିବେ । ଉନ୍ନତମାନର ସେବା ମିଳୁଥିବା ଯୋଗୁ ଏଠରକୁ ଦିନକୁ ଦିନ ଅଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି। ଏ ନେଇ ମେଡିକାଲ ଅଧିକ୍ଷକ ଡ. ସିତାଂଶୁ ଶେଖର ଶତପଥୀ କହିଛନ୍ତି, ଡାୟାଲିସିସ୍ ସେବା ଆରମ୍ଭ ପରେ ଅଞ୍ଚଳର ରୋଗୀମାନେ ସୁଫଳ ପାଇପାରୁଛନ୍ତି । ରାଜ୍ୟ ସରକାରଙ୍କ ଉଚିତ୍ ପଦକ୍ଷେପ ଯୋଗୁ ଅଞ୍ଚଳବାସୀ ତାହାର ସୁଫଳ ପାଇପାରୁଛନ୍ତି ।

# ଶେରଗଡ଼ରେ ଶିକ୍ଷା ସମୀକ୍ଷା ଆରମ୍ଭ



ଶିକ୍ଷା ସମୀକ୍ଷାର ପ୍ରତିନିଧିମାନେ।

**ଶେରଗଡ଼,୧୦।୯(ଡି.ଏନ.ଏ.)**

ଶେରଗଡ ବ୍ଲକ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଗୁରୁବାରଠାରୁ ଶିକ୍ଷା ସମୀକ୍ଷା ଆରମ୍ଭ କରାଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କାଙ୍କ ସଂଯୋଜନା କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୌରୀଶଙ୍କର ବେହେରା, ଅନ୍ୟତମ ଗୋଷ୍ଠୀ ଶିକ୍ଷାଧିକାରୀ ଶିରନ୍ଧ୍ରୀ ଦଳେଇ ଓ ବଂଶୀଧର ସେଠୀ, ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାଶ, ସିଆରସିସି ଶ୍ରୀକାନ୍ତ ସାହୁ, ସୁଦର୍ଶନ ବେହେରା, ବିଷ୍ଣୁଚରଣ ମିଶ୍ର, ହିସାବ ରକ୍ଷକ ସୀମାଞ୍ଚଳ ଦୋରାଙ୍କ ଆଠ ଜଣିଆ ପ୍ରତିନିଧି ଦଳ ଗଠନ କରାଯାଇଛି। ଏହି ପ୍ରତିନଧିଦଳ ଶୋଭାଚନ୍ଦ୍ରପୁର, ଭୁଷୁଣ୍ଡା, ସାଗରପଲ୍ଲି, ଚିକିଲି, ତାକରଡା, ଗୋବିନ୍ଦପୁର, ଧବଳପୁର, ଛତ୍ରଢେପାରେ ଥିବା ସରକାରୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ବିଦ୍ୟାଳୟର କାର୍ଯ୍ୟ ତଦାରଖ କରାଯାଇଥିଲା।

# ବିଦେଶୀ ମଦ ଜବତ, ଜଣେ ଗିରଫ

**ଛତ୍ରପୁର,୧୦।୯(ଡି.ଏନ.ଏ.)**

ବେଆଇନ ବିଦେଶୀ ମଦ ବିକ୍ରି ଅଭିଯୋଗରେ ଛତ୍ରପୁର ପୋଲିସ ଶୁକ୍ରବାର ଜଣକୁ ଗିରଫ ହୋଇଛି। ସେ ହେଲେ ବଡମାଧପୁର ଗ୍ରାମର ଦୁର୍ଯ୍ୟୋଧନ ସାହୁ। ତାଙ୍କ ନିକଟରୁ ପୋଲିସ ୧୯.୫ ଲିଟର ବିଦେଶୀ ମଦ ଜବତ କରିଛି। ଛତ୍ରପୁର ପୋଲିସ ସନ୍ଧ୍ୟାରେ ସିଲୁ ଧଳଙ୍କ ନେତୃତ୍ୱରେ ବଡମାଧପୁର ଗ୍ରାମରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ଦୁର୍ଯ୍ୟୋଧନ ନିଜ ଘର ପାର୍ଶ୍ୱରେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା । ଏ ନେଇ ନଂ. ୪୬୬/୨୧ ମାମଲା ରୁଜୁ କରାଯାଇଥିବା ଏସ୍ଆଇ ସିଲୁ ଧଳ କହିଛନ୍ତି ।

# ବିଜେଡି ଯୁବ ସଂଗଠନ ବୈଠକ



ବୈଠକରେ ବିଜେଡି ଜିଲା ସଭାପତି ଓ ଅନ୍ୟମାନେ।

**ଗଞ୍ଜାମ,୧୦।୯(ଡି.ଏନ.ଏ.)**

## ପଦାରେ ପଡ଼ିଲା ଗୋଷ୍ଠୀ କନ୍ଦଳ

ଗତ ଦୁଇ ଦିନ ତଳେ ଗଞ୍ଜାମ ସହର ସ୍ଥିତ ଏଲମା ମନ୍ଦିରଠାରେ ବିଜେଡି ଯୁବ ସଂଗଠନ ପକ୍ଷରୁ ଏକ ବୈଠକ ହୋଇଥିଲା। ଏଥିରେ ବିଜେଡି ଜିଲା ଯୁବ ସଭାପତି ଭବାନୀ କାନ୍ତ ସାହୁ ଉପସ୍ଥିତ ଥିଲେ। ଗଞ୍ଜାମ ଏନ୍ଏସି ଅଞ୍ଚଳରେ ଅନୁଷ୍ଠିତ ବୈଠକରେ ଜିଲା ଯୁବ ସଭାପତି ଉପସ୍ଥିତ ରହିଥିବା ବେଳେ ଏନ୍ଏସି ଯୁବ ସଭାପତି ଉକ୍ତ ବୈଠକ ସମ୍ପର୍କରେ ନ ଜାଣିବା ଘଟଣା ଏବେ ଯୁବ ସଂଗଠନର ଆଭ୍ୟନ୍ତରୀଣ କନ୍ଦଳ ରହିଥିବା ନେଇ ରାଜନୈତିକ ସମୀକ୍ଷକମାନେ ଆଲୋଚନା କରୁଛନ୍ତି। ଉଭୟ ଯୁବ ଓ ଛାତ୍ର ସଭାପତି ବୈଠକରେ ଅନୁପସ୍ଥିତ ନେଇ ଚର୍ଚ୍ଚା ଜୋର ଧରିଛି। ଏହାକୁ ନେଇ ଦଳରେ ଗୋଷ୍ଠୀ କନ୍ଦଳ ଥିବା ସ୍ପଷ୍ଟ ବାରି ହୋଇପଡୁଛି। ଏନେଇ ଏନଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ କହିଛନ୍ତି ବୈଠକ ସମ୍ପର୍କରେ ତାଙ୍କୁ କୌଣସି ସୂଚନା ମିଳିନଥିଲା। ଅନ୍ୟପଟେ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ ମଧ ବୈଠକ ବିଷୟରେ ଆଗରୁ କିଛି ଜାଣିନଥିବା କହିଛନ୍ତି। ଏହାଦ୍ୱାରା ଦଳର ଯୁବ ସଂଗଠନ ବିଭାଜନ ହେବା ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି। ଏନେଇ ବିଧାୟକଙ୍କୁ ଅବଗତ କରାଯାଇଛି ବୋଲି ସେ କହିଛନ୍ତି। ବୈଠକ ସମ୍ପର୍କରେ ବିଜେଡି ଜିଲା ଯୁବ ସଭାପତି ଭବାନୀ କାନ୍ତ ସାହୁଙ୍କୁ ପଚାରିବାରେ ବୈଠକରେ କୌଣସି ରାଜନୀତି ବିଷୟରେ ଆଲୋଚନା ହୋଇନି, ଗୋଟେ ଗେଟ ଟୁଗେଦର ହୋଇଥିଲା। ସେଠାରେ ମୋ ଅତି ଘନିଷ୍ଠ ବନ୍ଧୁମାନେ ଅଛନ୍ତି। ସେଥିଲାଗି ସେ ସେଠାକୁ ଯାଇଥିଲେ ବୋଲି ସୂଚନା ଦେଇଛନ୍ତି। ଆମ ଦଳରେ କେବେ ଗୋଷ୍ଠୀ କନ୍ଦଳ ନ ଥିଲା କି କେବେ ହେବ ନାହିଁ। ଆଗାମୀ ଦିନରେ ସମସ୍ତ ଯୁବକମାନଙ୍କୁ ନେଇ ଗଞ୍ଜାମରେ ଏକ ବିରାଟ ସଭା ହେବା ନେଇ ସେ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି।

# ପଣାଖିଆ ପାହାଡ଼ ଗଣେଶ ମନ୍ଦିରର ଉନ୍ନତି ଦାବି



ପଣାଖିଆ ପର୍ବତରେ ଥିବା ଗଣେଶ ମନ୍ଦିରରେ ଶ୍ରଦ୍ଧାଳୁମାନେ।

**ପାତ୍ରପୁର,୧୦।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜରଡ଼ା ସାରଥିଧାମ ନିକଟସ୍ଥ ପଣାଖିଆ ପର୍ବତରେ ଏକ ଗଣେଶ ମନ୍ଦିର ଅଛି। ଶୁକ୍ରବାର ଗଣେଶ ଚତୁର୍ଥୀରେ ସେଠାରେ ପୂଜାର୍ଚ୍ଚନା ହୋଇଛି। ଦୁର୍ଗମ ପାହାଡ଼ ଚଢି ଭକ୍ତମାନେ ମନ୍ଦିରକୁ ଯାଇ ଗଜାନନଙ୍କ ଦର୍ଶନ କରିବା ସହ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଛନ୍ତି। ବିଶେଷକରି ବହୁ ଯୁବଗୋଷ୍ଠୀଙ୍କ ସେଠାରେ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । ପୂର୍ବରୁ କିଛି ସ୍ୱେଚ୍ଛାସେବୀ ମନ୍ଦିରକୁ ଯାଇ ଲୋକଙ୍କ ସୁବିଧା ପାଇଁ ପଥ ପରିଷ୍କାର ସହ ପ୍ରସାଦ ପ୍ରସ୍ତୁତି କରିଥିଲେ । ଏଭଳି ଏକ ସୌନ୍ଦର୍ଯ୍ୟ ପୂର୍ଣ୍ଣ ମନ୍ଦିର ପାଇଁ ବହୁ ଦିନ ପରେ ସୋଲାର ଲାଇଟ ବ୍ୟବସ୍ଥା ହୋଇଥିବା ବେଳେ ଅନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରିନାହିଁ। କେବଳ ଗଣେଶ ଚତୁର୍ଥୀରେ ମନ୍ଦିର ଉନ୍ନତି ପାଇଁ ଆଲୋଚନା ହେଉଥିବା ବେଳେ କୌଣସି ପଦକ୍ଷେପ ନିଆଯାଉନି। ପ୍ରଶାସନ ଓ ଜନପ୍ରତିନିଧି ଏହି ମନ୍ଦିରର ଉନ୍ନତି ପାଇଁ ଉଦ୍ୟମ କରିବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।


NATION TAX MARKET GST

COMMISSIONERATE OF CT & GST
(Under Finance Department;
GOVERNMENT OF ODISHA)

No. S-18

**ଜିଏସ୍‌ଟି ଟିକସଦାତା, ଦୟାକରି ଧ୍ୟାନ ଦିଅନ୍ତୁ!**

**ବିଳମ୍ବିତ GSTR-3B ଦାଖଲ କରିବା ନିମିତ୍ତ ସର୍ବକ୍ଷମା ଯୋଜନାର ଶେଷ ତାରିଖ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି**

- ବିଜ୍ଞପ୍ତି ସଂଖ୍ୟା ୧୯/୨୦୨୧, ତାରିଖ ୧ ଜୁନ ୨୦୨୧ ଅନୁଯାୟୀ ଜୁଲାଇ ୨୦୧୭ରୁ ଏପ୍ରିଲ ୨୦୨୧ ମଧ୍ୟରେ ବକେୟା ଥିବା ସମସ୍ତ GSTR-3B ରିଟର୍ଣ୍ଣଗୁଡ଼ିକୁ ୧ ଜୁନ ୨୦୨୧ରୁ ୩୧ ଅଗଷ୍ଟ ୨୦୨୧ ମଧ୍ୟରେ ଦାଖଲ କଲେ ବିଳମ୍ବ ଶୁଳ୍କ ହ୍ରାସ କରିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।
- ବର୍ତ୍ତମାନ ସରକାର ଉପରୋକ୍ତ ରିଟର୍ଣ୍ଣଗୁଡ଼ିକୁ ଦାଖଲ କରିବାର ଶେଷ ତାରିଖକୁ ୩୦ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି (ବିଜ୍ଞପ୍ତି ସଂଖ୍ୟା ୩୩/୨୦୨୧, ତାରିଖ ୨୯ ଅଗଷ୍ଟ ୨୦୨୧ ଦ୍ରଷ୍ଟବ୍ୟ) ।
- ଉପରୋକ୍ତ Tax period ମାନଙ୍କ ପାଇଁ ଯେଉଁ ଟିକସଦାତାମାନେ ସେମାନଙ୍କ GSTR-3B ଦାଖଲ କରିନାହାନ୍ତି, ସେମାନେ ନିଜର ବକେୟା ରିଟର୍ଣ୍ଣଗୁଡ଼ିକୁ ୩୦ ନଭେମ୍ବର ୨୦୨୧ ପୂର୍ବରୁ ଦାଖଲ କରି ଏହି ଏକକାଳୀନ ସର୍ବକ୍ଷମା ଯୋଜନାର ଲାଭ ଉଠାଇପାରିବେ ।

**Help Desk**: 1800-345-6753 (Toll Free)
**email:** ctdho@odishatax.gov.in

**ବାଣିଜ୍ୟକର ଓ ଜିଏସ୍‌ଟି ଆୟୁକ୍ତ
ଓଡ଼ିଶା ସରକାର, କଟକ**

OIPR-05006/11/0005/2122



**CHIEF DISTRICT MEDICAL & PUBLIC HEALTH OFFICER, KEONJHAR**

Advt. No. 2805/CDM&PHO, Keonjhar Date 07.09.2021

**TENDER CALL NOTICE**

**No. E-419:-** Sealed tenders are hereby invited from the intending manufacturers or their authorised stockiest/ Distributors for supply of Hospital Equipments (EIF) to (DHH, Keonjhar, SDH, Anandapur, SDH, Champua & Barbil CHC) for 2021-22 to Keonjhar District.

The eligible bidders may submit their tender papers on or before 07.10.2021 by 5.00 P.M. through Registered Post / Speed Post / Courier only to the undersigned. The Technical Bid documents will be opened on 08.10.2021 at 11.30 A.M. Those who will qualify in the Technical Bid, their Financial Bids will be opened on the same day. The details in this connection are available in the district NIC website: **www.kendujhar.nic.in**.

The authority will not be responsible for any postal delay. The undersigned has reserves the right to reject or cancelled any or all the tender without assigning any reason thereof.

**Sd./- Chief District Medical & Public Health Officer, Keonjhar**

OIPR-10033/11/0019/2122



**GOVT. OF ODISHA** No. O-666

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**

Ph.: 06670-235504, E-mail: serwbpt@yahoo.com
Bld Identification No. BPT/Online-08/2021-22 Date: 08.09.2021

**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Improvement of road works under BIJU KBK Plan for the year 2021-22 in the district of Kalahandi.
2. No. of Works : 01 No.
3. Location Details : Kalahandi District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other detials :

| Availability of tender for Online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 16.09.2021 11.00 A.M. | 29.09.2021 5.00P.M. | 28.09.2021 | 30.09.2021 at 11.00 A.M. |

Further details can be seen from the website "**www.tendersorissa.gov.in**".

**Sd./- Chief Construction Engineer
Rural Works Circle, Bhawanipatna**

**OIPR-25102/11/0008/2122**



**OFFICE OF THE CHIEF ENGINEER & BASIN MANAGER, TEL BASIN, BHAWANIPATNA, DIST.- KALAHANDI**

Tel No.06670230209, e-mail: cetelbasinbhp@gmail.com

**Government of Odisha**
**"e" Procurement Notice- CE&BM,TEL-06/2021-22**
**Bid Identification No. CETEL-ODD-06/2021-22**

No. A-443: Online tenders are invited for EPC Contract for Construction of In-stream Storage Structure (Barrage) near village Mahulpali (Deoli) in the District Bargarh across river Ong including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commissioning of the project from perspective bidders.

| | | |
|---|---|---|
| 1. | Name of Work | Construction of In-stream Storage Structure (Barrage) near village Mahulpali (Deoli) in the District Bargarh across river Ong including Hydro-Mechanical Works, Power Connectivity Works, Road Connectivity, Staff Quarters including Design and estimate of all Components with Operation and Maintenance of the project for a Period of five years or five Flood Seasons whichever is more after successful commissioning of the project |
| 2. | Period of Completion | 30 (Thirty) calendar months including rainy season. |
| 3. | Date & time of availability of bid document in the portal | **Date 13.09.2021 from 10.00 A.M. to Date 18.10.2021 up to 5.00 P.M.** |
| 4. | Last date/Time for receipt of bids in the portal | **Date 18.10.2021 up to 5 P.M.** |
| 5. | Name & address of the officer inviting Bid | Chief Engineer & Basin Manager, Tel Basin, Bhawanipatna, Dist.- Kalahandi - 766001, Odisha Telephone - 06670-230209 Email- **cetelbasinbhp@gmail.com** |

Further details can be seen from the e-procurement portal **https://tendersodisha.gov.in**.

**Chief Engineer & Basin Manager,
Tel Basin, Bhawanipatna**

**OIPR-32317/11/0007/2122**



OPHWC

**OFFICE OF THE PROJECT MANAGER
THE ODISHA STATE POLICE HOUSING AND WELFARE CORPORATIN LTD.
(A Govt. of Odisha Undertaking)
BERHAMPUR DIVISION**

PLOT NO. 80/81, AT-MEDICAL BANK COLONY, 1ST LANE,
PO.- BERHAMPUR, DIST.- GANJAM, PIN-760004
Ph.No.: 0680-2282800, Fax No.: 0680-2282900,
E-mail: jmberhampur@yahoo.com

**PRE-QUALIFICATION NOTICE**

**EMPANELMENT OF AGENCY FOR PREPARATION OF ESTIMATE & LINE PLAN FOR REPAIR & MAINTENANCE WORK UNDER OSPH & WC, BERHAMPUR DIVISION**

**(Firms empaneled with a State or Central Government agency with track record of three years of work can apply).**

No.CAD-1155:- The Odisha State Police Housing & Welfare Corporation Ltd. (OSPH&WC), Berhampur Division invites application for empanelment of "Agency for Preparation of Estimate & Line Plan for Repair & Maintenance Work". These applications will be received & evaluated by The Odisha State Police Housing & Welfare Corporation Ltd., Berhampur Division for enlistment after successful evaluation of pre-qualification documents, the agency will be registered in OSPH&WC, Berhampur Division from the date of issue of enlistment letter.

The pre-qualification documents & application completed in all respect will be submitted along with non-refundable application fees for an amount of Rs.590/- (Five Hundred Ninety) only (incl. GST) in Demand Draft or Pay Order drawn onany Nationalized Bank payable at Berhampur in favour of "The Odisha State Police Housing & Welfare Corporation Ltd., Berhampur Division". The pre-qualification documents will also available from the website **www.ophwc.nic.in** and the same can be downloaded.

Application for empnanelment shall be submitted in a sealed cover superscribing **"Application for Pre-qualification of Agency for Preparation of Estimate & Line Plan for Repair & Maintenance work in OSPH&WC, Berhampur Division"** addressed to the Project Manager, Berhampur Division, Plot No. 80/81, medical Bank Colony, 1st Lane, P.O.-Berhampur, Dist.- Ganjam, Pin- 760004.

The pre-qualification document not submitted in prescribed format or otherwise than in the manner prescribed in the document shall be rejected.

**Last date for issue of pre-qualification document upto: 05.00 P.M., Dt.20.09.2021.**
**Last date for receipt upto : 02.00 P.M., Dt.21.09.2021**
**Date of opening at : 04.00 P.M., Dt.21.09.2021**

**Sd./- Project Manager, Engg.(Civil)
OPHWC, Berhampur Division**

OIPR-12082/11/0001/2122

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ସୋରଡ଼ା,୧୦।୯(ଡି.ଏନ୍.ଏ.) ବଡଗଡ଼ ମୋହନା ଡାଲଖାଇ ରାସ୍ତାରେ ଗୁରୁବାର ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗଜପତି ଜିଲା ଆର ଉଦୟଗିରିରୁ କୋଦଳା ଅଭିମୁଖେ ଯାଉଥିବା ଏକ ପିକଅପ ଭ୍ୟାନ ଅଟକାଇ ଥିଲା । ଯାଞ୍ଚ କରିବାରୁ ଗାଡ଼ିରେ ୧୨ ବସ୍ତାରେ ୩୨୦ କେଜି ୧୧୦ ଗ୍ରାମ ଗଞ୍ଜେଇ ସମେତ ୨ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ଶୁକ୍ରବାର ଆରଉଦୟଗିରି ପେଡିଆପଦର ଗ୍ରାମର ଥୋମାସ ପୂଜାରୀକୁ ଗିରଫ କରାଯାଇଛି। ଏ ନେଇ ନଂ.୨୬୧/୨୧ରେ ଏକ ମାମଲା ରୁଜୁ ହୋଇଛି।

### ଓଲଟିଲା ଟ୍ରକ୍, ବିଦ୍ୟୁତ୍ ସରବରାହ ବନ୍ଦ

ଗଞ୍ଜାମ,୧୦।୯(ଡି.ଏନ.ଏ.):୧୬ ନଂ ଜାତୀୟ ରାଜପଥ ଶନି ମନ୍ଦିର ଛକଠାରେ ଏକ ପାର୍ସଲ ବୋଝେଇ ଟ୍ରକ ରୋଡ଼ ପାର୍ଶ୍ୱରେ ଥିବା ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଟ୍ରକ୍ ଚାଳକ ଆହତ ହୋଇଥିବା ବେଳେ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଛି। ଶହଶହ ଗାଡି ଉଭୟ ରାସ୍ତା ପାର୍ଶ୍ୱରେ ଅଟକି ରହିଥିଲା। ଗଞ୍ଜାମ ଥାନା ପୋଲିସ ପହଞ୍ଚିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଉକ୍ତ ସ୍ଥାନରେ ବାରମ୍ବାର ଏହିଭଳି ଦୁର୍ଘଟଣା ହେଉଥିବା ଯୋଗୁ ସେଠାରେ ଓଭରବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### କୂଅରୁ ଷଣ୍ଢ ଉଦ୍ଧାର

ବୁଗୁଡ଼ା,୧୦।୯(ଡି.ଏନ.ଏ.):ବୁଗୁଡା ବ୍ଲକ ଅନ୍ତର୍ଗତ ପଙ୍କଲସାହି ଗ୍ରାମର ଏକ କୂଅରୁ ଗୁରୁବାର ରାତିରେ ଏକ ବୁଲା ଷଣ୍ଢକୁ ସ୍ଥାନୀୟ ଅଗ୍ନିଶମ ବାହିନୀ କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ଷଣ୍ଢଟି ପଙ୍କଲସାହି ଗ୍ରାମରେ ଗତ ରାତିରେ ବୁଲୁଥିବା ବେଳେ କୌଣସି କାରଣରୁ ମଝି ଦାଣ୍ଡରେ ଥିବା ଏକ କୂଅରେ ଖସି ପଡିଯାଇଥିଲା। ଗାଁର ଲୋକେ ଏହାକୁ ଦେଖି ବୁଗୁଡା ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ବିଭାଗୀୟ କର୍ମଚାରୀମାନେ ପହଞ୍ଚି କୌଶଳର ସହ ଷଣ୍ଢଟିକୁ ଉଦ୍ଧାର କରିଥିଲେ।

# ସାରଙ୍ଗଗଡ଼ କଲୋନୀସାହିରେ ପାନୀୟ ଜଳ ଅଭାବ

**ଫୁଲବାଣୀ ଅଫିସ/ସାରଙ୍ଗଗଡ, ୧୦।୯**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ସାରଙ୍ଗଗଡ ପଞ୍ଚାୟତ କଲୋନୀସାହିରେ ପାନୀୟ ଜଳ ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବସୁଧା ଯୋଜନାରେ ଗାଁ ଗହଳିକୁ ପାନୀୟ ଜଳ ଯୋଗାଇ ଦିଆଯାଉଥିବା ବେଳେ ଏହି କଲୋନୀ ବାସିନ୍ଦା ଏଥିରୁ ବାଦ୍ ପଡଛନ୍ତି।

କଲୋନୀ ସାହିରେ ଶହେରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ଲୋକ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ । ଏତେ ସଂଖ୍ୟକ ଲୋକଙ୍କ ପାଇଁ ରହିଛି ମାତ୍ର ଗୋଟିଏ ନଳକୂପ । ପାଣି ପାଇଁ ସକାଳୁ ରାତି ଯାଏ ସେଠାରେ ଲୋକଙ୍କ ଲମ୍ବା ଲାଇନ ଲାଗୁଛି। ୧୦/୧୫ ଜଣ ପାଣି ନେଲା ପରେ ଅଧ ଘଣ୍ଟା ଅପେକ୍ଷା କଲେ ପୁଣି ପାଣି ମିଳୁଛି। ପାଣି ପାଇଁ ଲୋକେ କାମକୁ ବି ଯାଇ ପାରୁନାହାନ୍ତି। ଫଳରେ ସେମାନଙ୍କ ଜୀବନ ଜୀବିକାରେ ପ୍ରଭାବ ପଡୁଛି । କୌଣସି ଦିନ ନଳକୂପ ଖରାପ ହେଲେ ଲୋକେ ନାଳ, କୂଅ ପାଣି ପିଇବାକୁ ବାଧ ହେଉଛନ୍ତି। ପଞ୍ଚାୟତ ପକ୍ଷରୁ ହୋଇଥିବା ପାନୀୟ ଜଳ ପ୍ରକଳ୍ପର ପାଇପ ଲାଇନ ସାହିକୁ ଯାଇନାହିଁ। ସାହିବାସିନ୍ଦା ସରପଞ୍ଚ, ସମିତି ସଭ୍ୟ, ବ୍ଲକ ପ୍ରଶାସନକୁ ବାରମ୍ବାର ସମସ୍ୟା ଅବଗତ କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ସେହିପରି ସାହିକୁ ଯିବାକୁ ଭଲ ରାସ୍ତା ବି ନାହିଁ । ଷ୍ଟ୍ରିଟ ଲାଇଟ ନାହିଁ । ଆଗାମୀ ଦିନରେ ସମସ୍ୟାର ସମାଧାନ ନ ହେଲେ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ ସହ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି କଲୋନୀସାହିର ମଞ୍ଜୁଶ୍ରୀ ପ୍ରଧାନ, ପ୍ରତିମା ସାହୁଙ୍କ ସମେତ ଅନ୍ୟମାନେ କହିଛନ୍ତି।



ମହିଳାମାନେ ପାଣି ପାଇଁ ଭିଡ ଜମାଇଛନ୍ତି।

# ରେଗିଡି ଜଙ୍କଶନଠାରେ ପୋଲିସ ଫାଣ୍ଡି ପ୍ରତିଷ୍ଠା ଦାବି

## ଏସ୍‌ପିଙ୍କୁ ଜଣାଇଲା ବରିଷ୍ଠ ନାଗରିକ ମଞ୍ଚ

**ଛତ୍ରପୁର,୧୦।୯(ଡି.ଏନ.ଏ.)**

ରେଗିଡି ଜଙ୍କଶନ ଚମାଖଣ୍ଡି, ପୁରୁଷୋତ୍ତମପୁର ଓ ବ୍ରହ୍ମପୁର ସଦର ଥାନା ଅଞ୍ଚଳର କେନ୍ଦ୍ରସ୍ଥଳ। ପୁଣି ଛତ୍ରପୁର, ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର ଓ କୁକୁଡ଼ାଖଣ୍ଡି ବ୍ଲକ ସୀମାହଦର ଏକ ଜନବହୁଳ ଛକ। ଦୈନିକ ଶହ ଶହ ଲୋକ ଏହି ବ୍ୟବସାୟିକ ସ୍ଥାନକୁ ଆସିଥାନ୍ତି। ଏହି ଛକରେ ପ୍ରତିଦିନ କିଛି ନା କିଛି ଘଟଣା ଘଟୁଥିଲେ ମଧ୍ୟ ୩ ଥାନା ଅଞ୍ଚଳର ସୀମାରେ ଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ କେଉଁ ଥାନାକୁ ଖବର ଦିଆଯିବ ସେ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡନ୍ତି । ଏଥିପାଇଁ ସେଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଛି। କେରାଣ୍ଡିତୋଳା ନାରାୟଣପୁରର ବରିଷ୍ଠ ନାଗରିକ ମଞ୍ଚ ତରଫରୁ ରେଗିଡି ଛକଠାରେ ଏକ ଫାଣ୍ଡି ପ୍ରତିଷ୍ଠା ପାଇଁ ଗଞ୍ଜାମ ଏସ୍‌ପିଙ୍କୁ ଜଣାଯାଇଛି। ଅଞ୍ଚଳର ଜନସାଧାରଣଙ୍କୁ ଏବଂ ଅନ୍ୟାନ୍ୟ ଅଞ୍ଚଳରୁ ଆସୁଥିବା ସର୍ବ ସାଧାରଣଙ୍କୁ ସୁରକ୍ଷା ଦେବା ପାଇଁ ରେଗିଡି ଜଙ୍କଶନଠାରେ ଏକ ପୋଲିସ ଫାଣ୍ଡି ପ୍ରତିଷ୍ଠା ପାଇଁ ମଞ୍ଚ ସଭାପତି ନରହରି ପ୍ରଧାନ, ସମ୍ପାଦକ ବାଉରିବନ୍ଧୁ ସାହୁ ଓ ସଂଯୋଜକ ରୋଟାରୀଆନ କାମରାଜୁ ମହାରଣା ପ୍ରମୁଖ ରାଜ୍ୟ ସରକାରଙ୍କଠାରେ ଦାବି କରିଛନ୍ତି ।

# ନାବାଳିକାଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଉତ୍ତେଜନା

**ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଡାକ୍ତରଖାନାରେ ଗୁରୁବାର ଜଣେ ୧୦ ବର୍ଷୀୟ ନାବାଳିକାଙ୍କ ମୃତ୍ୟୁ ନେଇ ଉତ୍ତେଜନା ଦେଖାଦେଇଛି। ଗୁରୁବାର ଗୁରାଣ୍ଡି ଥାନା ଅନ୍ତର୍ଗତ ଖରଷଣ୍ଢା ଗ୍ରାମର ନାବାଳିକା ଜଣକ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ନାବାଳିକାଙ୍କୁ ମୃତ ଘୋଷଣା କରିବା ସହ ଘରକୁ ନେଇ ଯିବାକୁ କହିଥିଲେ। ପରିବାର ଓ ଗ୍ରାମବାସୀ ମୃତଦେହକୁ ଫେରାଇ ନେଉଥିବା ବେଳେ କାର୍ଯ୍ୟରତ ସିକ୍ୟୁରିଟିଗାର୍ଡମାନେ ଅଟକାଇ ବ୍ୟବଚ୍ଛେଦ ପାଇଁ ନେବାକୁ କହିଥିଲେ। ଏ ନେଇ ପରିବାର ଓ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ପାଟିତୁଣ୍ଡ କରିଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପୋଲିସ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।



ମେଡିକାଲ ପରିସରରେ ମୃତକଙ୍କ ପରିବାର ଲୋକେ ପାଟିତୁଣ୍ଡ କରୁଛନ୍ତି ।

# ଭାଜପା ଆକ୍ରମଣ ବିରୋଧରେ ସିପିଆଇ(ଏମ)ର ବିକ୍ଷୋଭ

**ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.)**

ତ୍ରିପୁରାରେ ବାମପନ୍ଥୀ ସରକାର କ୍ଷମତାଚ୍ୟୁତ ହେବା ପରେ ଭାଜପା କ୍ଷମତା ହାସଲ କରିଛି। କିନ୍ତୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ଏହାର ପ୍ରତିବାଦ କରିବାରୁ ସିପିଆଇ (ଏମ) ଅଫିସକୁ ପୋଡାଜଳା କରିବା ସହ ନେତା ଓ କର୍ମୀଙ୍କୁ ହତ୍ୟା କରାଯାଇଛି। ଏହାକୁ ବିରୋଧ କରି ଗଜପତି ଜିଲା ସିପିଆଇ(ଏମ)କମିଟି ତରଫରୁ ଶୁକ୍ରବାର କଲେଜ ଛକ ନିକଟରେ ଶତାଧିକ କର୍ମୀଙ୍କ ଉପସ୍ଥିତରେ ବିକ୍ଷୋଭ କରାଯାଇଛି। କେନ୍ଦ୍ର ସରକାର କ୍ଷମତାକୁ ଆସିବାରୁ ଦଳିତ ସଂଖ୍ୟାଲଘୁ, ଖ୍ରୀଷ୍ଟିୟାନ, ମୁସଲମାନମାନଙ୍କ ସମେତ କମ୍ୟୁନିଷ୍ଟମାନଙ୍କ ଉପରେ ଦିନକୁ ଦିନ ଆକ୍ରମଣ ବଢ଼ିବାରେ ଲାଗିଛି। ଏପଟେ କୋରନାକୁ ମୁକାବିଲା କରିବାରେ କେନ୍ଦ୍ର ସରକାର ବିଫଳ, ଏହି ବିପଦ ସମୟରେ ଲୋକଙ୍କୁ ସହାୟତା ଦେବାପାଇଁ ସିପିଆଇ(ଏମ) ଦେଶ ବ୍ୟାପୀ ଆନ୍ଦୋଳନ ଜାରି ରଖିଛି। ପ୍ରତ୍ୟେକ ପରିବାରକୁ ୬ ମାସ ପର୍ଯ୍ୟନ୍ତ ୩୫୦୦ ଟଙ୍କା, ମୁଣ୍ଡପିଛା ୫୦ କେଜି ଖାଦ୍ୟଶସ୍ୟ, ଅହେତୁକ ମୂଲ୍ୟ ବୃଦ୍ଧି ରୋକିବା ସହ ପେଟ୍ରୋଲ ଓ ଡିଜେଲର ଦର ହ୍ରାସ କରିବାକୁ ଦାବି କରିଛନ୍ତି। ବିକ୍ଷୋଭରେ ପାର୍ଟିର ରାଜ୍ୟ କମିଟି ସଭ୍ୟ ଯତୀନ ମହାନ୍ତି, ଜିଲା କମିଟି ସଭ୍ୟ କେ ମିନାରାଓ, କାର୍ତ୍ତିକ ଶବର, ମୋହିତ ସବର, ପ୍ରମୁଖ ଉପସ୍ଥିତ ଥିଲେ।



ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ଘରୋଇ ବସ୍ ମାଲିକଙ୍କ ବୈଠକ

**ପାରଳାଖେମୁଣ୍ଡି,୧୦।୯(ଡି.ଏନ୍.ଏ.)**

ପାରଳାଖେମୁଣ୍ଡି ନୂଆବଷ୍ଟାଣ୍ଡଠାରେ ଗଜପତିରେ ଯାତାୟାତ କରୁଥିବା ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ ଘରୋଇ ବସମାଲିକମାନଙ୍କ ଏକ ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବରୁ ଚାଲିଥିବା ୩ ବେସରକାରୀ ବସମାଲିକମାନେ ସେମାନଙ୍କ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଏକତ୍ରିତ ହୋଇ ଏକ ନୂତନ ସଂଘ ଗଠନ କରିଥିଲେ। ଜିଲା ବେସରକାରୀ ବସ ସଂଘର ସଭାପତି ଭାବେ ସିଏଚ୍.ସିମାଦ୍ରୀ ଓ ସମ୍ପାଦକ ଆଇ.ଭେଙ୍କଟରାବଣାଙ୍କୁ ସମସ୍ତେ ମିଳିମିଶି ଚୟନ କରିଥିଲେ। ଜିଲାରେ ୩ ବେସରକାରୀ ବସ ସଂଘ ପୂର୍ବରୁ ଗଢି ଉଠିଥିଲା। ଏଥି ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ବ୍ୟତିକ୍ରମ ଘଟୁଥିଲା। ବିଭିନ୍ନ ବସ ସଂଘ ଭିନ୍ନ ଭିନ୍ନ ନିଷ୍ପତ୍ତି ନେଉଥିବାରୁ ଠିକ ଭାବେ ନିଷ୍ପତ୍ତି ନିଆଯାଇ ପାରୁନଥିଲା। ଏହାକୁ ନେଇ ବିଭିନ୍ନ ସମୟରେ ମତଭେଦ ରହୁଥିଲା।


**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1156 OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.3966/OSIC/MKT** **Dt.09.09.2021**

The Managing Director, OSIC Ltd., Cuttack invites tender from experienced registered MSMEs / Distributors/ Dealers/ Authorised Vendors empanelled with OSIC with valid GST Registration and PAN for supply of furniture and utensils of MDM items for Odisha Adarsha Vidyalayas (OAVs) under Nayagarh District, Odisha. The detail specification and quantity of the items along with terms and conditions of supply is available in the website of OSIC i.e. **www.osicltd.in** and can be downloaded. Any corrigendum/ changes/modifications will appear in OSIC Ltd. website **www.osicltd.in** only.
Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

OIPR-14073/11/0038/2122 Sd/-MANAGER(MARKETING)

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in
cebuildings@rediffmail.com, Tel.: (0674) 2391523, Fax: (0674) 2395245

**INVITATIONS FOR BIDS (IFB)**

File No. B-IV-H-(H&D)-39/2021 Lr. No. 34596 Bhubaneswar, the 8th Sept. 2021
No. B-386

**Invitation for Bids**
**Bid Identification No. CE(B) - 15/2021-22**

| | | | |
|---|---|---|---|
| 1. | The Engineer-in-Chief (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in Double Cover System in ONLINE MODE only, for construction of Building works as detailed below. | | |
| 2. | Nature of Work | : | Building works |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (each) |
| 5. | Class of Contractor | : | Special / Super Class |
| 6. | Availability of Bid documents in the website | : | From Dt.15.09.2021 to 17.00 hours of Dt.05.10.2021 |
| 7. | Date of opening of Bid | : | Dt.07.10.2021 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Chief Engineer (Buildings),
Odisha, Bhubaneswar
OIPR-34117/11/0043/2122

No. C-941
WATCO
**OFFICE OF THE CHIEF EXECUTIVE OFFICER, WATCO**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2391444; E-mail- mail@watcoodisha.in; md@watcoodisha.in

**INVITATION FOR BID (IFB)**
**BID Identification No. WATCO (W) - 13/2021-22 Dtd. 04.09.2021**
**WATCO No. 5997/ Dt.04.09.2021**

1. Name of the work :- "SUPPLY OF DRESS FOR SANITATION WORKERS FROM REGISTERED MANUFACTURERS/ SUPPLIERS/ DEALER OF GARMENTS."
2. Estimated Cost :- Rs.250.00 Lakh
3. Period of completion :- 3 (Three) Months.
4. Date & time of availability of bid document in the portal :- From 11.00 AM of Dt.13.09.2021 to 5.00 PM of 27.09.2021
5. Last date/time of receipt of bids in the portal :- 5.00 PM of 27.09.2021
6. Date & time of opening of technical bids :- 12.30 PM of 04.10.2021
7. Name and address of the Officer Inviting Bid :- Managing Director, WATCO Telefax:- 0674-2391444 E-mail: mail@watcoodisha.in md@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
Sd./- (CEO), WATCO
OIPR-13083/11/0024/2122

**BOARD OF REVENUE, ODISHA, CUTTACK**
**(ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ)**
E-mail: exam2.bor@gmail.com
File No. V-01/2021-916/Exam Dated: 08.09.2021

**NOTIFICATION**

No. D-132: It is hereby notified for General Information that the 1st Half yearly Dpeartmental Examination of Officers, 2021 conducted by the Board of Revenue for all Departments of Govt. of Odisha will be held from **26.10.2021 to 30.10.2021 (WRITTEN EXAMINATION) & 08.11.2021 TO 25.11.2021 (VIVA-VOCE)** at the venues as per the programme enclosed. The details of examination schedule (Both written & viva-voce) can be downloaded from the website of Board of Revenue, Odisha, Cuttack **"boardodisha.nic.in"**.
The Viva-voce Examination will be held de-centrally as well as virtually through Video Conferencing from **08.11.2021 to 25.11.2021** at the respective District Headquarters according to the Rules of Departmental Examination of the respective services as per the programme enclosed.
The Forenoon and Afternoon sittings of the written examination will begin at 10.00 A.M. & 2.00 P.M. respectively.The officers must remain present at the examination hall 15 minutes before the commencement of the examination.
**For answering the written papers "with books", the officers will be allowed to use only Bare Acts and Rules brought by them. No other reference material shall be allowed inside the Examination Hall.**
Any candidate found indulging in any kind of malpractice during examination shall be debarred from appearing in the Departmental Examination for the next three years. Besides she/he shall also be recommended for Departmental action.
- **The 2nd Half yearly Departmental Examination of Officer, 2021 is cancelled.**
- **No candidate shall be allowed into the Examination Hall without ADMIT CARD, MASK & SANITIZER.**
- **Mobile phones & other electronic gadgets are strictly prohibited inside the Examination Hall.**
- **Candidates can download their Admit Cards by logging into Board's website "boardodisha.nic.in" 1 week before the Scheduled date of the Examination.**

By orders of Board of Examiners
Sd./- Secretary, Board of Revenue, Odisha, Cuttack
OIPR-24002/11/0005/2122

**GOVERNMENT OF ODISHA**
**OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR**
(E-Mail address - cerw_bbsr@yahoo.com) Lr. No. 25127 // Dt.6.09.2021
**"e" Procurement Notice for bridge works in Odisha**
**(Online-04 (Bridge)/2021-22 dt. 06.09.2021)**
No. O-668
1. Name of the work : Construction of bridge work
2. Total No. of works : 01 (One) No.
3. Estimated cost : Rs.1455.00 lakh
4. Class of contractor : Super Class and Special Class as applicable
5. Period of completion : 18 (Eighteen) calendar months as applicable.
6. Other details

| Procurement Officer | Bid Identification No. | No. of bridge works | Availability of tender online for bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | Online-04(Bridge) /2021-22 | 01 (One) No. | 20.09.2021 at 11.00 A.M. | 05.10.2021 upto 5.00 P.M. |

Other details can be seen in the bidding documents, which is available in website **www.tendersorissa.gov.in**
Sd./- Chief Engineer (Buildings & Bridges)
OIPR-25123/11/0009/2122 Rural Works, Odisha, Bhubaneswar

**ZILLA SWASTHYA SAMITI, DHENKANAL**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL**

**WALK-IN-INTERVIEW**

Advt. No.3077 Date: 06.09.2021
No. E-428: Walk-in-Interview will be conducted as per scheduled date below for filling up the following posts under National Health Mission, Dhenkanal on part time basis with remuenration as per Ama Clinic & Geriatric Clinic guidelines noted against each as per OSH&FW Society terms & conditions.

| Sl. No. | Name of the Post | No. of Vacancy | Remuneration (in Rs.) | Venue | Date of Registration/ Interview |
|---|---|---|---|---|---|
| 01 | O&G Specialist (Part Time) | 1 | 1500/- per session (Max. 2 Sessions in a day) | Conference Hall, New DHH, Dhenkanal | 21.09.2021 |
| 02 | Pediatric Specialit (Part Time) | 1 | | | |
| 03 | Medicine Specialit (Part Time) | 1 | | | |
| 04 | skin & VD Specialist (Part Time) | 1 | | | |
| 05 | ENT Specialist (Part Time) | 1 | | | |
| 06 | Eye Specialist (Part Time) | 1 | | | |
| 07 | Psychiatric Specialist (Part Time) | 1 | | | |
| 08 | Nutritionist (Part Time) | 1 | 500/- per session (Max. 2 sessions in a day) | | |

Interested candidates can log on to **www.dhenkanal.nic.in** for details of vacancy, eligibility criteria, age, application form etc. Candidates fulfilling the eligibility criteria may appear for registration on the date as mentioned against each post with duly filled application form. Registration timing will be from 10.00 A.M. to 11.00 A.M. only on Walk-in-Interview dates. No application will be entertained after scheduled timing of registration. The undersiged reserves the right to cancel the above posts without assigning any reason thereof.
Sd./- CDM & PHO cum DMD, Dhenkanal
OIPR-10059/11/0010/2122

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6305/P.S.C., 1E-02-2021/22 (DR-III),** **Dt. 9.9.21**
**No. D-125:-** In continuation to Notice No. 5864 /PSC dt.21.08.2021, it is for information of all concerned that, the physical verification of original certificates and Viva Voce test in respect of **20 (Twenty)** candidates for recruitment to the post of Assistant Conservator of Forest, Group-A(JB) & Forest Ranger, Group-B, pursuant to Advt. No.22 of 2018-19, scheduled to be held on 13.09.2021 has been postponed to **15.09.2021** due to Cuttack Bandh, as per the programme detailed below.

**PROGRAMME OF DOCUMENT VERIFICATION & VIVA VOCE TEST**

| Sl. No. | Date | Time of verification | Time of Viva Voce test | Roll numbers of candidates | Boards |
|---|---|---|---|---|---|
| 1. | 15.09.2021 | 9.00 A.M. | 11.00 A.M. | 306047, 306068, 306104, 306195, 306214 & 306223 = **06 candidates** | Board-I |
| | | | | 400013, 400116, 400144, 400156, 400316 & 400373 = **06 candidates** | Board-II |
| | | 2.00 P.M. | 3.30 P.M. | 400374, 400395, 400396 & 400471 = **04 candidates** | Board-I |
| | | | | 400591, 400826, 400835 & 400848 = **04 candidates** | Board-II |

OIPR-12002/11/0085/2122 Sd./- Secretary

**ODISHA PUBLIC SERVICE COMMISSION**
**CUTTACK**
**NOTICE**

**No. 6357/PSC, (1R-26-21-22) (DR-V),** **Dt. 9.9.21**
**No. D-129:-** It is for information of all concerned that, pursuant to the advertisement No. 08 of 2020-2021, **46 (Forty Six)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Journalism & Mass Communication**.
The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **21.09.2021 & 22.09.2021** as per the programme mentioned below.

**PROGRAMME OF DOCUMENT VERIFICATION**

| Date | Time of Verification | PPSAN |
|---|---|---|
| 21.09.2021 | 10.30 AM | 00089634, 00086209, 00089096, 00092522, 00098883, 00091908, 00060842, 00100525, 00092122, 00092604, 00091363, 00094865 & 00096300 = **13 Candidates** |
| | 02.30 PM | 00090705, 00086165, 00087325, 00091364, 00088968, 00087846, 00078208, 00092679, 00092624 & 00097420 = **10 Candidates** |
| 22.09.2021 | 10.30 AM | 00080123, 00089768, 00076942, 00077077, 00089533, 00097088, 00099423, 00094286, 00096369, 00095191, 00092709, 00095214 & 00077410 = **13 Candidates** |
| | 02.30 PM | 00086783, 00095477, 00096611, 00091245, 00076700, 00095394, 00081117, 00091291, 00094183 & 00085789 = **10 Candidates** |

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. with original as per Para-9 of the advertisement.
4. Duly filled in "**Attestation Form**" & "**Bio-data Form**", (to be downloaded from the website of the Commission) in person on the day of verification.
5. **04 sets** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.
It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.
The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.
OIPR-12002/11/0089/2122 **Sd./- Secretary**

## ସଂକ୍ଷେପରେ

### ରେଳଧାରଣାରୁ ଜବତ ମୃତଦେହ ପରିଚୟ ମିଳିଲା

ବ୍ରହ୍ମପୁର ଅଫିସ,୧୦।୯: ଗୋପାଳପୁର ଜଙ୍କଶନ୍ ରେଳଧାରଣାରୁ ଗତ ୮ ତାରିଖ ରାତିରେ ରେଳବାଇ ଜବତ କରିଥିବା ମୃତଦେହର ପରିଚୟ ମିଳିଛି। ଶୁକ୍ରବାର ଜିଆର୍‌ପି ପୋଲିସ ସହାୟତାରେ ମୃତକଙ୍କ ବାପା ଶେରଗଡ ଥାନା ଅନ୍ତର୍ଗତ ମହୁପଦର ଗ୍ରାମର ବୃନ୍ଦାବନ ବେହେରା ଏମ୍‌କେସିଜିରେ ପହଞ୍ଚି ପୁଅ ବରୁଣ(୧୯)ଙ୍କ ମୃତଦେହ ଚିହ୍ନଟ କରିଛନ୍ତି। ଘଟଣା ଦିନଠାରୁ ମୃତଦେହ ବ୍ୟବଚ୍ଛେଦ ପରେ ଶବ ସଂରକ୍ଷଣ ଗୃହରେ ରଖାଯାଇଥିଲା। ଚିହ୍ନଟ ପରେ ମୃତଦେହକୁ ପୋଲିସ ବୃନ୍ଦାବନଙ୍କୁ ହସ୍ତାନ୍ତର କରିଛି। ବୟସ୍କ ମା, ବାପା ମହୁପଦରରେ ରହୁଥିବା ବେଳେ ବରୁଣ ବ୍ରହ୍ମପୁରର ଏକ ମିଠା ଦୋକାନରେ କାମ କରି ରହୁଥିଲେ। ଚଳିବା ପାଇଁ ଟଙ୍କା ଦେଉଥିବାରୁ ବରୁଣଙ୍କୁ କିଛିଦିନ ତଳେ ବୃନ୍ଦାବନ ତାଗିଦ କରିଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ରେଳଧାରଣାରେ ଆତ୍ମହତ୍ୟା କରିଥିବା ଘର ଲୋକେ ସନ୍ଦେହ କରୁଛନ୍ତି ବୋଲି ପୋଲିସ କହିଛି। ସେପଟେ ଏକମାତ୍ର ରୋଜଗାରିଆ ପୁଅର ମୃତ୍ୟୁ ପରେ ଘରର ଆର୍ଥିକ ଅବସ୍ଥା ଭୁଶୁଡ଼ି ପଡିଛି ବୋଲି ବୃନ୍ଦାବନ କହିଛନ୍ତି। ସୂଚନାଯୋଗ୍ୟ, ବରୁଣ ଆଙ୍କୁଲିରେ ଥିବା ଏକ ମିଠା ଦୋକାନରେ କାମ କରୁଥିଲେ। ଗତ ୭ ତାରିଖରେ ସେ ଦୋକାନ ମାଲିକଙ୍କୁ କିଛି ନ କହି କେଉଁଆଡେ ଚାଲିଯାଇଥିଲେ। ଏ ନେଇ ମାଲିକ ଗୌରାଙ୍ଗ ସାହୁ ବରୁଣଙ୍କ ବାପାଙ୍କୁ ଖବର ଦେବା ସହ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ବୋଲି ରେଳବାଇ ପୋଲିସ କହିଛି। ଏ ନେଇ ନଂ. ୫୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା।

### ବଟି ଆଦାୟ ଅଭିଯୋଗ, ଯୁବକ ଗିରଫ



ଫୁଲବାଣୀ ଅଫିସ, ୧୦।୯: ଫୁଲବାଣୀ ସଦର ଥାନା ପଟାବାଲି ସାହି ନିକଟରେ ଏକ ଅଟୋ ଅଟକାଇ ବଟି ମାଗିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ପଟାବାଲି ସାହିର ବିଜୟ ମଲ୍ଲିକ । ଫୁଲବାଣୀସାହିର ମନୋରଞ୍ଜନ ସାହୁ ଅଟୋ ନେଇ ଫୁଲବାଣୀରୁ ସାର୍ତାଗୁଡା ଯାଉଥିଲେ। ଅଟୋରେ ଆଉ ଦୁଇ ଜଣ ମଧ୍ୟ ଥିଲେ । ପଟାବାଲି ସାହି ନିକଟରେ ବିଜୟ ଅଟୋକୁ ଅଟକାଇ ଟଙ୍କା ମାଗିବା ସହ ଛୁରି ଦେଖାଇ ଭୟଭୀତ କରାଇଥିଲେ । ମନୋରଞ୍ଜନ ପାଖରେ ଥିବା ୧୮୦୦ ଟଙ୍କା ଦେଇଥିଲେ । ପରେ ସେ ଏ ନେଇ ସଦର ଥାନାରେ ଏତଲା ଦେବାରୁ ପୋଲିସ ନଂ.୧୦୫/୨୧ରେ ମାମଲା ରୁଜୁ କରି ବିଜୟଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି ।

### କାର୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବୈଶିଙ୍ଗା,୧୦।୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ନଂ. ଜାତୀୟ ରାଜପଥର ବୈଶିଙ୍ଗା ଟୋଲ୍ ପ୍ଲାଜା ନିକଟରେ ଶୁକ୍ରବାର ସକାଳେ କାର୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ବାଳିଆପିଟା ଗ୍ରାମର କଟ ସିଂ (୬୫)। ଆହତ ସେହି ଗ୍ରାମର ରାମ ଟୁଡୁଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉଭୟ ସାଇକେଲ ଯୋଗେ ବୈଶିଙ୍ଗା ବଜାରକୁ ଯାଉଥିବା ବେଳେ ଏକ ଦୃତଗାମୀ କାର୍ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଉଭୟଙ୍କୁ ସଂଗେସଂଗେ ବୈଶିଙ୍ଗା ଡାକ୍ତରଖାନା ନିଆ ଯାଇଥିଲେ ହେଁ ସେଠାରେ ଡାକ୍ତର କଟ ସିଂଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ଲାନେଟାରିୟମ ଜମି ସୀମା ନିର୍ଦ୍ଧାରଣ

**୧୦ ଏକର ବଦଳରେ ୮.୪୮ ଏକରର ହୋଇଛି ଡିମାରକେସନ**

ଛତ୍ରପୁର,୧୦।୯(ଡି.ଏନ୍.ଏ)

ବହୁ ବାଦବିବାଦ ପରେ ଗୋପାଳପୁର ନିକଟ ବିକ୍ରମପୁର ଠାରେ ପ୍ରସ୍ତାବିତ ପ୍ଲାନେଟାରିୟମ କମ୍ ସାଇନ୍ସ ପାର୍କ ପାଇଁ ଜମିର ସୀମା ନିର୍ଦ୍ଧାରଣ ହୋଇଛି। ତେବେପ୍ଲାନେଟାରିୟମ ପାଇଁ ଆବଶ୍ୟକ ୧୦ ଏକର ଜମି ବଦଳରେ ବର୍ତ୍ତମାନ ୮.୪୮ ଏକର ଜମିର ଡିମାରକେସନ ହୋଇପାରିଛି। ବ୍ରହ୍ମପୁର ଉପଜିଲାପାଳଙ୍କ ଉଦ୍ୟମକ୍ରମେ କନିଷ୍ଠ ତହସିଲଦାର ଓ ଗୋପାଳପୁର ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଜମି ସୀମା ନିର୍ଦ୍ଧାରଣ ହୋଇଥିବା ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ଚିଠି (ନଂ.୧୦୮୨) ଲେଖି ବ୍ରହ୍ମପୁର ଇଡକୋ ଡିଭିଜନର ଡିଭିଜନାଲ ହେଡ୍ ଜଣାଇଛନ୍ତି।

ଚିଠିରୁ ମିଳିଥିବା ସୂଚନା ଅନୁସାରେ, ନିର୍ମାଣ ହେବାକୁ ଥିବା ପ୍ଲାନେଟାରିୟମର ଆଗପଟ ୧୦୦ ଫୁଟ ଆପ୍ରୋଚ ରୋଡ୍ ରହିବ । ତେବେ ଉକ୍ତ ୧୦୦ଫୁଟ୍ ମଧ୍ୟରୁ ବସଷ୍ଟପ୍ ୩୦ ଫୁଟ୍ ରହିଛି । ତେଣୁ ଉକ୍ତ ୩୦ ଫୁଟ୍‌ରୁ ବସଷ୍ଟପ୍ ଉଚ୍ଛେଦ କରିବର ଆବଶ୍ୟକ ପଡୁଛି। ଏ ସମ୍ପର୍କରେ ଇଡକୋ ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିକ୍ରମପୁର ପଞ୍ଚାୟତରେ ଆଉ ଏକ ବସଷ୍ଟପ ନିର୍ମାଣ ହେଲାପରେ ଉକ୍ତ ବସଷ୍ଟପ୍‌କୁ ଉଚ୍ଛେଦ କରାଯିବ ବୋଲି କୁହାଯାଇଛି। ପ୍ରସ୍ତାବିତ ପ୍ଲାନେଟାରିୟମର ଆପ୍ରୋଚ ରୋଡ୍ ଉପରେ ଏକ ଏଲ୍‌ଟି ଲାଇନ୍ ଯାଇଛି। ଏହାକୁ ସ୍ଥାନାନ୍ତର କରିବା ଆବଶ୍ୟକ ଅଛି ବୋଲି ଜିଲାପାଳଙ୍କୁ ଇଡକୋର ଡିଭିଜନାଲ ହେଡ୍ ଜଣାଇଛନ୍ତି। ପ୍ଲାନେଟାରିୟମ ନିର୍ମାଣ ପାଇଁ ଠିକା ସଂସ୍ଥା ସହ ଇଡକୋର ଏଗ୍ରୀମେଣ୍ଟ ହୋଇସାରିଛି । ଜମି ଡିମାରକେସନ ବିଳମ୍ବ ଯୋଗୁ ଏହାର ନିର୍ମାଣ କାମ ଆରମ୍ଭ ହୋଇପାରୁ ନ ଥିଲା । ଜମିକୁ ନେଇ ସମସ୍ୟା ଲାଗି ରହିଥିଲା। ସୀମା ନିର୍ଦ୍ଧାରଣ ହୋଇଥିବାରୁ ପ୍ରଥମ ପର୍ଯ୍ୟାୟରେ ଏହାର ପାଚେରି ନିର୍ମାଣ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଅଞ୍ଚଳକୁ ଆସି ଅନୁଧ୍ୟାନ କରି ଆବଶ୍ୟକ ପରାମର୍ଶ ଦେବାକୁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକଙ୍କୁ ଅନୁରୋଧ କରି ଇଡକୋ ଡିଭିଜନାଲ ହେଡ୍ ଚିଠି ଲେଖିଛନ୍ତି।

## ବିନାଭକ୍ତରେ ପୂଜା ପାଇଲେ ସିଦ୍ଧ ବିନାୟକ



ପଞ୍ଚମା ସିଦ୍ଧ ବିନାୟକ ପୀଠ।



ଅସ୍ଥାୟୀ ଗେଟ ନିକଟରେ ଭକ୍ତଙ୍କ ପୂଜାର୍ଚ୍ଚନା

ଗୋପାଳପୁର,୧୦।୯(ଡି.ଏନ.ଏ.)

ରଙ୍ଗେଇଲୁଣ୍ଡା ବ୍ଲକ ପଞ୍ଚମା ଗ୍ରାମସ୍ଥିତ ପ୍ରସିଦ୍ଧ ସିଦ୍ଧ ବିନାୟକ ପୀଠ ଶୁକ୍ରବାର ଗଣେଶ ଚତୁର୍ଥୀରେ ଖାଁ ଖାଁ ରହିଥିଲା। ପ୍ରତିବର୍ଷ ଏଠାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବା ବେଳେ ଚଳିତଥର କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମନ୍ଦିର ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୋଲିସ ପ୍ରଶାସନ ପକ୍ଷରୁ ପଞ୍ଚମା ଗ୍ରାମ ହାଇସ୍କୁଲ, ରେଳ ଫାଟକ, ଚନ୍ଦନପୁର ଗାଁ ପ୍ରବେଶପଥରେ ଅସ୍ଥାୟୀ ବ୍ୟାରିକେଡ ନିର୍ମାଣ କରାଯାଇ ମନ୍ଦିର ଯିବାକୁ ଭକ୍ତଙ୍କ ବାରଣ କରାଯାଇଥିଲା। ପ୍ରଶାସନର ନିର୍ଦ୍ଦେଶପ୍ରକାରେ ଭୋର ୩ଟାରୁ ମନ୍ଦିର ଖୋଲାଯାଇ ପୂଜକଙ୍କ ଦ୍ୱାରା ନୀତି ସମ୍ପନ୍ନ ହୋଇଥିଲା। ଆନ୍ଧ୍ର ଓ ସ୍ଥାନୀୟ ଅଞ୍ଚଳରୁ ଆସିଥିବା ବହୁ ଭକ୍ତ ଗଣେଶଙ୍କ ଦର୍ଶନ କରି ନ ପାରି ବ୍ୟାରିକେଡଠାରେ ପୂଜାର୍ଚ୍ଚନା କରି ନିରାଶରେ ଫେରିଥିଲେ। କନିଷ୍ଠ ଅତିରିକ୍ତ ତହସିଲଦାର ଦେବେନ୍ଦ୍ର ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ତହସିଲର ଅନ୍ୟ କର୍ମଚାରୀ ନିୟୋଜିତ ଥିଲେ। ଗୋଳନ୍ଥରା ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

## ଭଞ୍ଜନଗରରେ ବିଜେଡି କାର୍ଯ୍ୟକାରିଣୀ ବୈଠକ ୧୫ରେ

**ପଞ୍ଚାୟତ-ପୌର ନିର୍ବାଚନ ରଣନୀତି ପ୍ରସ୍ତୁତ ହେବ**

ବ୍ରହ୍ମପୁର ଅଫିସ,୧୦।୯

ଗଞ୍ଜାମ ଜିଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୧୫ ତାରିଖରେ ଭଞ୍ଜନଗରରେ ଅନୁଷ୍ଠିତ ହେବ। ମୁଖ୍ୟତଃ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ନେଇ ବିସ୍ତୃତ ଆଲୋଚନା କରାଯିବ। ତୃଣମୂଳ ସ୍ତରରେ ସଙ୍ଗଠନ ବିସ୍ତାର ଏବଂ ନବୀନ ପଟ୍ଟନାୟକ ସରକାରଙ୍କ ବହୁମୁଖୀ ବିକାଶ ଯୋଜନା କିଭଳି ସମସ୍ତଙ୍କ ନିକଟରେ ପହଞ୍ଚିବ ତାହାକୁ ଗୁରୁତ୍ୱ ଦିଆଯିବ। ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ବୈଠକରେ ସବୁ ବିଧାୟିକା, ବିଧାୟକ, ଏମ୍‌ପି ଏବଂ ଛାମୁଆ ସଙ୍ଗଠନର ନେତ୍ରୀ ଓ ନେତାମାନେ ଯୋଗଦେବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ପୂର୍ବତନ ସଭାପତି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ୨୦୨୦ ଫେବୃଆରୀରେ ବ୍ରହ୍ମପୁର ପୂର୍ବତନ ବିଧାୟକ ଚ୍ୟାଉ ପଟ୍ଟନାୟକଙ୍କୁ ସଭାପତି କରାଯାଇଛି। କରୋନା ମହାମାରୀ ଯୋଗୁ ସାଙ୍ଗଠନିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ଏବଂ ଜିଲା କମିଟି ମଧ୍ୟ ପୁନର୍ଗଠିତ ହୋଇପାରି ନ ଥିଲା। ବହୁ ବିଳମ୍ବରେ ନୂଆ କମିଟି ଏବଂ କର୍ମକର୍ତ୍ତା ଘୋଷଣା ହୋଇଥିଲା। ଚଳିତ ମାସରେ ହେବ ପ୍ରଥମ ଓ ପୂର୍ଣ୍ଣାଙ୍ଗ କାର୍ଯ୍ୟକାରିଣୀ ବୈଠକ। ସେଥିପାଇଁ ବ୍ରହ୍ମପୁରସ୍ଥ ଜିଲା କାର୍ଯ୍ୟାଳୟରେ ପ୍ରସ୍ତୁତି ଚାଲିଥିବା କୁହାଯାଇଛି।

ବିଜେଡିର ଜିଲାସ୍ତରୀୟ ଛାମୁଆ ସଙ୍ଗଠନର ନେତ୍ରୀ ଓ ନେତାଙ୍କୁ ଖୁବ କମ ସମୟରେ ପରିବର୍ତ୍ତନ କରାଯାଇଛି। ଯୁବ ବିଜେଡି ସଭାପତିଙ୍କୁ ୮ରୁ ୧୦ ମାସରେ ବଦଳାଯାଇ ନୂଆ ଚେହେରାଙ୍କୁ ନିଯୁକ୍ତି କରାଯାଇଛି। ସେହିପରି ମହିଳା ସଂଗଠନର ସଭାନେତ୍ରୀଙ୍କୁ ମାତ୍ର ଅଢ଼େଇ ମାସରେ ଅନ୍ତର କରାଯାଇ ପୂର୍ବତନ ସଭାନେତ୍ରୀଙ୍କୁ ପୁନର୍ବାର ଅବସ୍ଥାପିତ କରାଯାଇଛି। ଇତିମଧ୍ୟରେ ଛାତ୍ର ବିଜେଡି ସଂଗଠନ ମଧ୍ୟ ପୁନର୍ଗଠିତ ହୋଇଛି। ତେବେ ସଭାପତି ବଦଳି ନାହାନ୍ତି। ଛାମୁଆ ସଂଗଠନଗୁଡ଼ିକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ପଦକ୍ଷେପ ନିଆଯାଇଥିବା କର୍ମୀ ମହଲରେ ଚର୍ଚ୍ଚା ହେଉଛି।

## ଛତ୍ରପୁରରୁ ବ୍ରାଉନ ସୁଗାର ଜବତ, ଅଭିଯୁକ୍ତ ଅଟକ

ଛତ୍ରପୁର,୧୦।୯(ଡି.ଏନ.ଏ.)

ଛତ୍ରପୁର ସହରର ଏକ ସ୍ଥାନରୁ ଶୁକ୍ରବାର ପୋଲିସ ବ୍ରାଉନ୍ ସୁଗାର ଜବତ କରାଯାଇଛି। ବ୍ରାଉନ୍ ସୁଗାର କାରବାରରେ ସମ୍ପୃକ୍ତ ଥିବା କେତେଜଣ ଯୁବକଙ୍କୁ ପୋଲିସ ଥାନାରେ ଅଟକ ରଖିଛି। ଏ ସମ୍ପର୍କରେ ପୋଲିସ ମୁହଁ ଖୋଲୁ ନ ଥିବା ବେଳେ ଅଭିଯୁକ୍ତମାନଠାରୁ କିଛି ପରିମାଣର ବ୍ରାଉନ ସୁଗାର ଜବତ କରାଯାଇଥିବା ଜଣାପଡ଼ିଛି। ସହରରେ ଚାଲିଥିବା ବ୍ରାଉନ ସୁଗାର କରବାର ସମ୍ପର୍କରେ ସ୍ଥାନୀୟ ପୋଲିସ ଖବର ପାଇ ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଧରିଥିଲା। ସୂଚନାଯୋଗ୍ୟ, ଅଗଷ୍ଟ ୧୯ରେ ପୁରୀଠାରେ ବ୍ରାଉନସୁଗାର ସହ ୩ ଜଣଙ୍କୁ କୁମ୍ଭାରପଡ଼ା ପୋଲିସ ଗିରଫ କରିଥିଲା। ଗିରଫଙ୍କ ମଧ୍ୟରେ ଛତ୍ରପୁର ଥାନା ଅଞ୍ଚଳର ୨ ଜଣ ରହିଥିଲେ। ଶୁକ୍ରବାର ଛତ୍ରପୁରରେ ଠାବ ହୋଇଥିବା ବ୍ରାଉନ ସୁଗାର କାରବାର ସହ ପୁରୀ ବ୍ରାଉନ ସୁଗାର କାରବାର ଲିଙ୍କ ରହିଥିବା ଅନୁମାନ କରାଯାଉଛି। ତେବେ ପୋଲିସର ସୂଚନା ପରେ ସମ୍ପୂର୍ଣ୍ଣ ବିବରଣୀ ଜଣାପଡିବ।

### ଛାତ୍ରୀଛାତ୍ରଙ୍କୁ ପିଛା କରି ୨ ଯୁବକ ଅଟକ

କୁଳିଅଣା,୧୦।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକର ଚାନ୍ଦୁଆସ୍ଥିତ ଆଦର୍ଶ ବିଦ୍ୟାଳୟକୁ ଟେମ୍ପୋରେ ବସି ପଢ଼ିବାକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ପିଛା କରୁଥିବା ୨ଯୁବକଙ୍କୁ ପୋଲିସ ଅଟକ ରଖିଛି। ଛାତ୍ରୀଛାତ୍ରଙ୍କ ପ୍ରତି ବିପଦ ଥିବା ଦର୍ଶାଇ ଅଭିଭାବକମାନେ କୁଳିଅଣା ଥାନାରେ ଏତଲା ଦେଇଛନ୍ତି। ଅନ୍ୟ ୩ ଯୁବକ ଘଟଣାସ୍ଥଳରୁ ପଳାଇ ଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଦଶମ ଶ୍ରେଣୀର ୧୦ ଛାତ୍ରୀଛାତ୍ର ଟେମ୍ପୋରେ ଆଦର୍ଶ ବିଦ୍ୟାଳୟକୁ ପଢ଼ିବାକୁ ଯାଇଥାନ୍ତି। ୧୫ଦିନ ତଳେ ୨ ଯୁବକ ବାଇକ୍‌ରେ ଆସି ସେମାନଙ୍କ ପିଛା କରିଥିଲେ। ଟେମ୍ପୋ ଡ୍ରାଇଭର ଜାଣିପାରି ଏକ ଗାଁ ରାସ୍ତା ଦେଇ ପଳାଇ ଆସିଥିଲେ। ଶୁକ୍ରବାର ପୁଣି ୨ଟି ବାଇକ୍‌ରେ ୫ ଯୁବକ ପିଛା କରିଥିଲେ। ଟେମ୍ପୋ ଡ୍ରାଇଭର ଫୋନ ଯୋଗେ ଜଣାଇବା ପରେ ଅଭିଭାବକମାନେ ଶୁକୁଆପଡ଼ା ନିକଟରେ ଜଗି ରହି ଗୋଟିଏ ବାଇକ୍ ଅଟକାଇବା ସହ ସେଥିରେ ଥିବା ଦୁଇ ଯୁବକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ଅନ୍ୟ ଏକ ବାଇକ୍‌ରେ ଆସିଥିବା ୩ ଯୁବକ ଖସି ପଳାଇଥିଲେ। ଅଟକ ଯୁବକଦ୍ୱୟଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ଚାଲିଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଯାନୀ କହିଛନ୍ତି।

### କଲେଜ ଅଧକ୍ଷଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପାଟଣା,୧୦।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ଗୁରୁମୁଙ୍ଗା ପଞ୍ଚାୟତ ଝାରବେଡ଼ା ଗ୍ରାମର ଗଜେନ୍ଦ୍ର ନାରାୟଣ ସାହୁଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ପଛ ପାର୍ଶ୍ୱ ଝରକା ଗ୍ରୀଲ ତାଡ଼ି ଘରେ ପଶି ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ୫ ହଜାର ଟଙ୍କା ଲୁଟି ନେଇ ଥିବା ଗୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଚମ୍ପୁଆ ବ୍ଲକ ସଡ଼ଙ୍ଗୀ ସ୍ଥିତ ଏମ୍‌କେ ଗାନ୍ଧୀ କଲେଜରେ ଅଧକ୍ଷ ଥିବା ଗଜେନ୍ଦ୍ର ଉକ୍ତ ଘରେ ତାଲା ପକାଇ ପାର୍ଶ୍ୱ ଘରେ ଶୋଇଥିବା ବେଳେ ଦୁର୍ବୃତ୍ତମାନେ କଳା କନା ବୁଲାଇ ପଳାଇଯାଇଛନ୍ତି। ଚୋରି ହୋଇଥିବା ଅଳଙ୍କାର ମଧ୍ୟରେ ୨ଟି ସୁନା ଚେନ, ଦୁଇ ହଳ କାନ ଫୁଲ, ୩ଟି ମୁଦି, ୨ଟି ଲକେଟ ରହିଛି। ଥାନାଧିକାରୀ ବୈଦ୍ୟନାଥ ସାହୁମାମଲା(ନଂ. ୯୯/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।



ହିଲ୍‌ପାଟଣାରେ ସିଦ୍ଧି ବିନାୟକଙ୍କୁ ଫୁଲରେ ସଜ୍ଜିତ କରାଯାଇଛି।

## ସିଦ୍ଧି ବିନାୟକଙ୍କୁ ୧୦୦୮ ଲଡୁ ଅର୍ପଣ

ବ୍ରହ୍ମପୁର ଅଫିସ,୧୦।୯

କୋଭିଡ୍ କଟକଣା ମଧ୍ୟରେ ଶୁକ୍ରବାର ବ୍ରହ୍ମପୁର ସହରରେ ଗଣେଶ ଚତୁର୍ଥୀ ପାଳନ କରାଯାଇଛି। ଏଥିପାଇଁ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, କର୍ମକ୍ଷେତ୍ର ଓ ଘରେ ଘରେ ପୂଜା ପାଇଛନ୍ତି ଗଜାନନ। ମଣ୍ଡପ ଗୁଡିକରେ ମାତ୍ର ୪ ଫୁଟ ଏବଂ ତାଠାରୁ କମ ଉଚ୍ଚତା ବିଶିଷ୍ଟ ମୂର୍ତ୍ତି ପୂଜା ପାଇଛନ୍ତି। ହିଲପାଟଣାସ୍ଥିତ ସିଦ୍ଧି ବିନାୟକ ମନ୍ଦିର ସମେତ ଅନ୍ୟ ସମସ୍ତ ମନ୍ଦିର ବନ୍ଦ ରହିଥିଲା। ସିଦ୍ଧି ବିନାୟକ ମନ୍ଦିର ବାହାରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିରରେ କେବଳ ନୀତିକାନ୍ତି ଅନୁଯାୟୀ ପୂଜା ହୋଇଥିଲା। ଗୁରୁବାର ରାତି ପ୍ରାୟ ୨ଟାରୁ ଗଜାନନଙ୍କ ମହାସ୍ନାନ ହୋଇଥିଲା। ଶୁକ୍ରବାର ସକାଳ ୫.୩୦ରେ ମଙ୍ଗଳ ଆଳତୀ, ୬ଟାରେ ସିଦ୍ଧ ବିନାୟକ ଯଜ୍ଞସ୍ଥଳରେ ଉପସ୍ଥିତ ହୋଇଥିଲେ। ୮ଟାରେ ମଙ୍ଗଳାର୍ପଣ, ସୂର୍ଯ୍ୟପୂଜା, ସିଦ୍ଧି ବିନାୟକଙ୍କ ସମେତ ପାର୍ଶ୍ୱଦେବତାଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏଥିସହ ସିଦ୍ଧି ବିନାୟକଙ୍କୁ ୧୦୦୦ ପଦ୍ମ, ୧୦୦୮ ଲଡୁ ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ୧୦୦୮ ଆଳତୀ କରାଯାଇଥବା ମନ୍ଦିର ମୁଖ୍ୟ ପୂଜକ ହିମାଂଶୁ ଶେଖର ପାଢ଼ୀ ଓ ଉନ୍ନୟନ କମିଟି ସମ୍ପାଦକ ସମରେନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

## ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ସହାୟତା

ପଦ୍ମପୁର, ୧୦।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପ୍ରଶାସନ ପକ୍ଷରୁ ମା' ଆଙ୍କୁଡ଼େଶ୍ୱରୀ ଆଞ୍ଚଳିକ ମହାସଂଘକୁ ପ୍ରଧାନମନ୍ତ୍ରୀ କ୍ଷୁଦ୍ର ଖାଦ୍ୟ ଔପଚାରିକତା ପ୍ରକ୍ରିୟାକରଣ (ପିଏମ୍‌ଏଫ୍‌ଏମ୍‌ଇ) ଯୋଜନାରେ ସହାୟତା ରାଶି ପ୍ରଦାନ କରାଯାଇଛି। ମହାସଂଘ ଅଧୀନ ବିନାୟକପୁର ବନଦୁର୍ଗା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା କବିତା ବାରିକଙ୍କୁ ବିଡିଓ ପ୍ରଣବ କୁମାର ବେହେରା ୪୦ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜିଲାରେ ପ୍ରଥମ ଏହି ବ୍ଲକରେ ଯୋଜନାର ଶୁଭାରମ୍ଭ କରାଯାଇଛି। ଓଡ଼ିଶା ଜୀବିକା ମିଶନର ବିପିଏମ୍ ବୀଣାପାଣି ପଣ୍ଡା, ବିଏଲ୍‌ସି ଅମିୟ ମହାପାତ୍ର ଓ ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ତ୍ରିପୁରାରେ ସିପିଏମ୍ କର୍ମୀଙ୍କୁ ଆକ୍ରମଣ ପ୍ରତିବାଦରେ ସଭା




ପ୍ରତିବାଦ କାର୍ଯ୍ୟକ୍ରମରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ବ୍ରହ୍ମପୁର ଅଫିସ,୧୦।୯

ତ୍ରିପୁରାରେ ଭାଜପା ସରକାରୀ କଳ ସହାୟତାରେ ସିପିଏମ୍ କାର୍ଯ୍ୟାଳୟ ଭଙ୍ଗାରୁଜା, ନେତା ଓ କର୍ମୀମାନଙ୍କୁ ଆକ୍ରମଣ କରୁଛି। ଏହାକୁ ବିରୋଧ କରି ଶୁକ୍ରବାର ସିପିଏମ୍ ପକ୍ଷରୁ କମାପଲ୍ଲୀ ଛକଠାରେ ପ୍ରତିବାଦ ସଭା କରାଯାଇଛି। ବିଗତ ୫ ବର୍ଷ ମଧ୍ୟରେ ଭାଜପା ତ୍ରିପୁରାକୁ ତଳିତଳାନ୍ତ କରିଛି। ଆଦିବାସୀଙ୍କ ଅଧିକାର, ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ନିଯୁକ୍ତି, ଦରବୃଦ୍ଧି ଓ ସରକାରୀ ସମ୍ପତ୍ତି ବିକ୍ରି ବିରୋଧରେ ସିପିଏମ ନେତୃତ୍ୱରେ ଲକ୍ଷ ଲକ୍ଷ ଲୋକ ଆନ୍ଦୋଳନ କରୁଛନ୍ତି। ଆସନ୍ତା ନିର୍ବାଚନରେ ପରାସ୍ତ ହେବା ଭୟରେ ଭଜପା ଲୋକଙ୍କୁ ଭୟଭୀତ କରିବା ପାଇଁ ଆକ୍ରମଣ କରୁଛି। ତ୍ରିପୁରା ସରକାର ଦୋଷୀଙ୍କୁ ଦଣ୍ଡଦେବା ପରିବର୍ତ୍ତେ ସହଯୋଗ କରୁଛି। ଏହା ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ବିରାଟ ଚାଲେଞ୍ଜ ସୃଷ୍ଟି କରିଛି। କ୍ଷମତା ହାସଲ ପାଇଁ ଭାଜପାର ଏହି ନୂଆ କୌଶଳ ବିରୋଧରେ ସମସ୍ତ ଦେଶପ୍ରେମୀ, ଗଣତାନ୍ତ୍ରିକ ଓ ଶାନ୍ତିକାମି ଜନସାଧାରଣ ଏକ ହେବା ପାଇଁ ସିପିଏମ୍ ଆହ୍ୱାନ ଦେଇଛି। ପ୍ରତିବାଦ କାର୍ଯ୍ୟକ୍ରମରେ ଯୁଧିଷ୍ଠିର ବେହେରା, ବସନ୍ତ ନନ୍ଦ, ପ୍ରତାପ ଚୌଧୁରୀ, ବାବୁଲି ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବ୍ରହ୍ମପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ଦାବି

**ହୀରାଖଣ୍ଡ ଏକ୍ସପ୍ରେସ ଶୁଭାରମ୍ଭ**

ବ୍ରହ୍ମପୁର ଅଫିସ,୧୦।୯



ଏମ୍‌ପି ଚନ୍ଦ୍ରଶେଖର ସାହୁ ଉଦ୍‌ବୋଧନ ଦେଉଛନ୍ତି।

ଆଧୁନିକ ଏଲ୍‌ଏଚ୍‌ବି କୋଚ୍ ସଂଯୁକ୍ତ ହୋଇଥିବା ଭୁବନେଶ୍ୱର-ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସ ଶୁଭାରମ୍ଭ ଅବସରରେ ବ୍ରହ୍ମପୁର ରେଳଷ୍ଟେଶନଠାରେ ମଧ୍ୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନିୟର ଡିଭିଜନ୍ ଇଞ୍ଜିନିୟର ପଙ୍କଜ ଚୌହାନ ସଭାପତିତ୍ୱ କରିଥିଲେ। ଅତିଥି ରୂପେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଓ ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ।

ବ୍ରହ୍ମପୁର ବିଧାୟକ ବ୍ରହ୍ମପୁର-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ପାଇଁ ଦାବି କରିଥିଲେ। ବ୍ରହ୍ମପୁର ଏମ୍‌ପି ବ୍ରହ୍ମପୁର ରେଳ ଷ୍ଟେସନର ଉନ୍ନତୀକରଣ ନେଇ କେନ୍ଦ୍ର ରେଳ ମନ୍ତ୍ରାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ଗଜପତି ଜିଲାର ବହୁ ପୁରାତନ ପାରଳାଖେମୁଣ୍ଡି ରେଳଷ୍ଟେଶନର ପୁନରୁଦ୍ଧାର ଓ ଉନ୍ନତୀକରଣ ପାଇଁ ଦାବି କରିଥିଲେ। ବ୍ରହ୍ମପୁର- ଦିଲ୍ଲୀ ସ୍ୱତନ୍ତ୍ର ଟ୍ରେନ୍ ପାଇଁ ମଧ୍ୟ ସେ ଦାବି କରିଥିଲେ। ବର୍ତ୍ତମାନ ବନ୍ଦ ଥିବା ପଲାସା-ଭୁବନେଶ୍ୱର ପାସେଞ୍ଜର ଟ୍ରେନ୍ ପୁରୀ ଯାଏ ଚଳାଚଳ ପାଇଁ ଏମ୍‌ପି ଦାବି ରଖିଥିଲେ। ବ୍ରହ୍ମପୁର-ସମ୍ବଲପୁର ଓ ଗୋପାଳପୁର-ରାୟଗଡା ପାଇଁ ନୂତନ ରେଳବାଇ ପ୍ରୋଜେକ୍ଟ ପାଇଁ ରେଳମନ୍ତ୍ରୀଙ୍କ ନିକଟରେ ବାରମ୍ବାର ଦାବି ରଖିଛି। ଏଥିନିମନ୍ତେ ଯାଞ୍ଚ ଚାଲିଥିବା ଏମ୍‌ପି କହିଥିଲେ। ଏହି ଏଲ୍‌ଏଚ୍‌ବି କୋଚ୍ ଅତ୍ୟନ୍ତ ଆଧୁନିକୀକରଣ ଓ ଅନ୍ୟ କୋଚ ତୁଳନାରେ ସୁରକ୍ଷିତ ବୋଲି ବ୍ରହ୍ମପୁର ରେଳ ଷ୍ଟେଶନ ଚିଫ ଟିକେଟ୍ ଇନ୍ସପେକ୍ଟର ବସନ୍ତ କୁମାର ଶତପଥୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସିଷ୍ଟାଣ୍ଟ କର୍ମସିଆଲ ଇଞ୍ଜିନିୟର ଦୀନବନ୍ଧୁ ସାହୁ, ଆସିଷ୍ଟାଣ୍ଟ ଇଞ୍ଜିନିୟର ବି.ଭି.ମୂର୍ତ୍ତି ଓ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା ଉପସ୍ଥିତ ଥିଲେ।

# କରୋନା ଟିକା ନେବାକୁ ଶିକ୍ଷକଙ୍କ ଭୟ

- ଅସୁରକ୍ଷିତ ସ୍କୁଲ, କଲେଜ
- ପିଲା କ'ଣ ଶିଖିବେ ଅଭିଭାବକଙ୍କ ପ୍ରଶ୍ନ

ଛତ୍ରପୁର,୧୦।୯(ଡି.ଏନ.ଏ.)

କରୋନା ସଂକ୍ରମଣର ତୃତୀୟ ଲହର ଦେଖିବାକୁ ମିଳି ନ ଥିଲେ ହେଁ ରାଜ୍ୟରେ ପିଲାମାନେ ସଂକ୍ରମିତ ହେବାରେ ଲାଗିଛନ୍ତି। କେତେକ ଜିଲାର ସ୍କୁଲଗୁଡିକରେ ମଧ୍ୟ ପଜିଟିଭ୍ ଚିହ୍ନଟ ହେଲେଣି। ସ୍କୁଲଗୁଡିକରେ କୋଭିଡ୍ ସଚେତନତା ଓ ସତର୍କତା ଅବଲମ୍ବନ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀ ଓ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଆସିଛି । ଏଥିସହ ସ୍କୁଲ ଓ କଲେଜର ସମସ୍ତ ଶିକ୍ଷକ ଏବଂ ସେଠାର ଷ୍ଟାଫ୍‌ମାନେ ଯେଭଳି କରୋନା ଟିକା ନେବେ ସେ ଉପରେ ଧ୍ୟାନ ଦେବାକୁ ମଧ୍ୟ ନିର୍ଦ୍ଦେଶନାମା ଆସିଥିଲା । କିନ୍ତୁ ଛତ୍ରପୁର ବ୍ଲକରେ ସ୍କୁଲ ଓ ଦ୍ୱାଦଶ ପର୍ଯ୍ୟନ୍ତ ଥିବା କଲେଜର ବହୁ ଶିକ୍ଷକ ଓ ଷ୍ଟାଫ୍ ଏ ପର୍ଯ୍ୟନ୍ତ ଟିକା ନେଇନାହାନ୍ତି। ସମସ୍ତେ ଟିକା ନେବା ଉପରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବହୁବାର ଗୁରୁତ୍ୱାରୋପ କରିବା ସହ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ମାତ୍ର ତାଙ୍କ ନିର୍ଦ୍ଦେଶକୁ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ସ୍କୁଲ ଓ କଲେଜର ଷ୍ଟାଫ୍‌ମାନେ ଅମାନ୍ୟ କରି ଚାଲିଥିବା ଦେଖିବାକୁ ମିଳିଛି। ଛତ୍ରପୁର ବ୍ଲକ ଓ ଏନ୍‌ଏସିରେ ଥିବା ସରକାରୀ ସ୍କୁଲରେ କାର୍ଯ୍ୟରତ ୬୭୯ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ୧୮୨ ଜଣ ଟିକା ନେଇନାହାନ୍ତି। ସରକାରୀ ସ୍କୁଲର ୪୯୭ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଥମ ଡୋଜ୍ ନେଇଥିବା ବେଳେ ୪୬୬ ଦ୍ୱିତୀୟ ଡୋଜ୍ ନେଇଛନ୍ତି । ସେହିପରି ସରକାରୀ ସ୍କୁଲରେ କାର୍ଯ୍ୟରତ ୨୨୧ ନନ୍‌ଟିଚିଂ ଷ୍ଟାଫ୍‌ଙ୍କ ମଧ୍ୟରୁ ୬୧ ଟିକା ନେଇ ନ ଥିବା ବେଳେ ୧୬୦ ପ୍ରଥମ ଡୋଜ୍ ଓ ୧୪୪ ଦ୍ୱିତୀୟ ଡୋଜ୍ ନେଇଥିବା ସୂଚନା ଦିଆଯାଇଛି । ଘରୋଇ ଶିକ୍ଷାନୁଷ୍ଠାନ ତୁଳନାରେ ସରକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ କରୋନା ଟିକା ନେବାକୁ ଭୟ କରୁଥିବା ଜଣାପଡିଛି । ଉଭୟ ଘରୋଇ ଓ ସରକାରୀ ସ୍କୁଲ ଓ କଲେଜର ଟିଚିଂ ଓ ନନ୍ ଟିଚିଂ ଷ୍ଟାଫ୍ ଟିକା ନେବା ବାଧ୍ୟତାମୂଳକ ରହିଛି । ଏହାର ଦୈନିକ ରିପୋର୍ଟ ପଠାଇବାକୁ ବ୍ଲକ ଶିକ୍ଷା ଅଧିକାରୀମାନଙ୍କୁ କୁହାଯାଇଛି । ଆହୁରି ଜଣାଯାଇଛି, ଛତ୍ରପୁର ବ୍ଲକର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନରେ ଥିବା ୨୪୮ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମଧ୍ୟରୁ ୨୪ ଟିକା ନେଇନାହାନ୍ତି । ସେହିପରି ୪୪ ନନ୍ ଟିଚିଂ ଷ୍ଟାଫଙ୍କ ମଧ୍ୟରୁ ୬ ଟିକା ନେଇନଥିବା ରିପୋର୍ଟରେ କୁହାଯାଇଛି । ଟିକାକରଣ ଆରମ୍ଭ ହେବାର ଏତେମାସ ବିତିଯାଇଥିଲେ ହେଁ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଟିକା ନେଉନଥିବା ବେଳେ ପିଲାମାନେ କ'ଣ ଏମାନଙ୍କଠାରୁ ଶିଖିବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ।